

 କ୍ରିତିଙ୍କ ମିଷ୍ଟ୍ରି ମ୍ୟାନ୍
▶ପୃଷ୍ଠା ୨୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-280 ♦BHUBANESWAR ♦SATURDAY ♦6 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୦ ♦ଭୁବନେଶ୍ୱର ♦ଶନିବାର ♦୬ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ୪୩.୫°

# ଅଗ୍ନିବର୍ଷା

## ଭୁବନେଶ୍ୱର ଦେଶର ଦ୍ୱିତୀୟ ଉତ୍ତପ୍ତ ସହର

■ **ଭୁବନେଶ୍ୱର, ୫ା୪ (ସମିସ):** ଆକାଶରୁ ବର୍ଷୁଛି ନିଆଁ, ଝାଞ୍ଜିରେ ଜଳି ଯାଉଛି ଦେହ । ବାହାରୁ ଘର ପର୍ଯ୍ୟନ୍ତ ସବୁଠୁ ପ୍ରଚଣ୍ଡ ତାତି । ଛାତ ଉପରେ ଟାଙ୍କି ପାଣି ଟକ୍‌ଟକ୍ ଫୁଟୁଛି । ଝାମୁ ଯାତ୍ରା ନିଆଁ ପରି ତାତି ଯାଉଛି ମାଟି । ଗୋଟିଏ ଦିନରେ ରାଜଧାନୀର ତାପମାତ୍ର ୬ ଡିଗ୍ରୀ ବୃଦ୍ଧି ପାଇଛି । ମଝି ଚୈତ୍ରରେ ରାଜଧାନୀ ଭୁବନେଶ୍ୱରରେ ପାରଦ ୪୩.୫ ଡ଼ିଗ୍ରୀ ସେଲସିୟସ ରେକଡର୍ କରି ସାରା ଦେଶରେ ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଛି ।

ନିଆଁ ବର୍ଷା ଖରା ସାଙ୍ଗକୁ ପ୍ରଚଣ୍ଡ ତାତିରେ ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି। ଭୁବନେଶ୍ୱରରେ ସ୍ଥିତି ସବୁଠୁ ଅସମ୍ଭାଳ। ଚଳିତ ବର୍ଷର ସବୁ ରେକଡର୍ ଭାଙ୍ଗିଛି ଭୁବନେଶ୍ୱରର ତାତି। ଦେଶରେ ଦ୍ୱିତୀୟ, ମହାଦେଶରେ ଷଷ୍ଠ ଓ ବିଶ୍ୱରେ ୧୦ ଉତ୍ତପ୍ତ ସହରରେ ପରିଣତ ହୋଇଛି ଭୁବନେଶ୍ୱର। ଗୁରୁବାର ଭୁବନେଶ୍ୱରରେ ତାପମାତ୍ରା ୩୭.୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା। ମାତ୍ର ଶକ୍ରବାର ରାଜ୍ୟକୁ ଉତ୍ତର ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁର ପ୍ରବେଶ ବଢ଼ିବା ହେତୁ ହଠାତ୍ ଭୁବନେଶ୍ୱରରେ ତାପମାତ୍ରା ବୃଦ୍ଧି ପାଇଥିଲା। ସକାଳ ସାଢ଼େ ୮ଟାରେ ଭୁବନେଶ୍ୱରର ତାପମାତ୍ରା ୩୧.୨ ଡିଗ୍ରୀ ଥିବାବେଳେ ଦିନ ସାଢ଼େ ୧୧ ଟାରେ ୩୯.୮ ଡିଗ୍ରୀ, ଅପରାହ୍ନ ୨ଟାରେ ୪୩.୨ରେ ପହଞ୍ଚିଥିଲା। ଦିନର ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିଲା। ଗୁରୁବାର ଓ ଶୁକ୍ରବାର ମଧ୍ୟରେ ଭୁବନେଶ୍ୱରରେ ତାପମାତ୍ରା ୬ ଡିଗ୍ରୀ ବୃଦ୍ଧି ହେବା ସହ ଆଜି ଏଠାରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୭ ଡିଗ୍ରୀ ଅଧିକ ରହିଛି। ଶୁକ୍ରବାର ଦେଶରେ ରାୟଲସୀମାର ନନ୍ଦ୍ୟାଲ ୪୩.୭ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଥିବାବେଳେ ରାଜଧାନୀ ଭୁବନେଶ୍ୱର ୪୩.୫ ଡିଗ୍ରୀ ସହ ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

**ଦିନକରେ ତାପମାତ୍ରା ବଢ଼ିଲା ୬ ଡିଗ୍ରୀ**

**୧୦ ସହରରେ ୪୨ ଡିଗ୍ରୀ ଡେଇଁଲା ତାତି**

**୪୦ ଡିଗ୍ରୀ ଉପରେ ୨୫ ସହର ତାପମାତ୍ରା**

**ଗ୍ରୀଷ୍ମ ଲହରୀ ଆଶଙ୍କା, ୧୪ ଜିଲ୍ଲାକୁ ଆଲର୍ଟ**

କେବଳ ଭୁବନେଶ୍ୱର ନୁହେଁ ଶୁକ୍ରବାର ସାରା ରାଜ୍ୟରେ ତାତିର ପ୍ରଭାବ ଦେଖିବାକୁ ମିଳିଛି । ୧୦ ସହରର ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଥିବାବେଳ ୪୦ ଉପରେ ରହିଥିବା ସହରର ସଂଖ୍ୟା ୨୫। ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ପଶ୍ଚିମା ଗରମ ପବନ ଉତ୍ତର ମୋଡ଼ ସହିତ ପବନର ଗତି କମ୍ ରହିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ହୋଇଛି। ଶୁକ୍ରବାର ଭଳି ଶନିବାର ମଧ୍ୟ ସାରା ରାଜ୍ୟରେ ଏଭଳି ଗରମ ଜାରି ରହିବ। ଏହା ସହ ଭୁବନେଶ୍ୱର, କଟକ, ପାରାଦ୍ୱୀପ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀରେ ତାପମାତ୍ରା କିଛି ପରିମାଣରେ ବୃଦ୍ଧି ପାଇବ। ଅନୁରୂପ ଭାବରେ ବୌଦ୍ଧ, ଅନୁଗୁଳ ଓ ତାଳଚେରରେ ମଧ୍ୟ ▶ପୃଷ୍ଠା-୯

# ଲୋକଙ୍କ ମୁଖ୍ୟମନ୍ତ୍ରୀ, ଲୋକଙ୍କ ସରକାର

## ଫୋନ୍ କରି ବିକାଶ କାର୍ଯ୍ୟ ସମ୍ପର୍କରେ ମତାମତ ନେଲେ ନବୀନ



■ **ଭୁବନେଶ୍ୱର, ୫ା୪ (ସମିସ):** ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିବାର। ଏତେ ବୟସରେ ବି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଅବିଶ୍ରାନ୍ତ ପରିଶ୍ରମ କରୁଛନ୍ତି। କେବଳ ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ ନେଉନାହାନ୍ତି; ବରଂ ବିକାଶମୂଳକ କାର୍ଯ୍ୟ, ସାଧାରଣ ଲୋକଙ୍କ କଲ୍ୟାଣମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ହିସାବ ନିଜେ ନେଉଛନ୍ତି। ସରକାର ଗ୍ରହଣ କରୁଥିବା ପଦକ୍ଷେପର କାର୍ଯ୍ୟକାରିତା ସମ୍ପର୍କରେ ବ୍ୟକ୍ତିଗତ ଭାବରେ ଅନୁଧ୍ୟାନ କରୁଛନ୍ତି। ସରକାରୀ ଯୋଜନାରୁ ସାଧାରଣ ଲୋକ ଓ ହିତାଧିକାରୀ ବାସ୍ତବରେ ଉପକୃତ ହେଉଛନ୍ତି କି ନାହିଁ ତାହାକୁ ପଚାରି ବୁଝୁଛନ୍ତି। '୫-ଟି' ଉପକ୍ରମରେ ରହିଥିବା ୫ ଉପାଦାନ ମଧ୍ୟରୁ ସ୍ୱଚ୍ଛତା ଓ ସମୟବଦ୍ଧ କାର୍ଯ୍ୟକୁ ମନ୍ତ୍ର କରିବାକୁ ସର୍ବଦା ପରାମର୍ଶ ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ ଏହାର ବାସ୍ତବିକ କାର୍ଯ୍ୟକାରିତାକୁ ମଧ୍ୟ ତନ୍ନତନ୍ନ କରି ବୁଝୁଛନ୍ତି। 'ମୋ ସରକାର'ରେ ଆରମ୍ଭ ହୋଇଥିବା ସାଧାରଣ ଲୋକଙ୍କଠାରୁ ତଥ୍ୟ ବା 'ଫିଡ୍ ବ୍ୟାକ୍' ସଂଗ୍ରହ ବ୍ୟବସ୍ଥା ସରକାରୀ ଅଧିକାରୀଙ୍କ ଉପରେ ନ୍ୟସ୍ତ ହୋଇଥିଲେ ହେଁ ମୁଖ୍ୟମନ୍ତ୍ରୀ ନିଜେ ଏ ସମ୍ପର୍କରେ ବ୍ୟକ୍ତିଗତ ଭାବରେ ଫୋନ୍ କରି ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କ ଠାରୁ ମତାମତ ସଂଗ୍ରହ କରିଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକଙ୍କ ସହ ସିଧାସଳଖ ଫୋନ୍ ଯୋଗେ କଥା ହୋଇଛନ୍ତି। ▶ପୃଷ୍ଠା-୯

**ଅନ୍ୟ ରାଜ୍ୟ ଓ ଦେଶ ପାଇଁ ନିଆରା ପରମ୍ପରା ସୃଷ୍ଟି କଲେ ମୁଖ୍ୟମନ୍ତ୍ରୀ**

**'୫-ଟି' ରୂପାନ୍ତରଣକୁ ନେଇ କୃତଜ୍ଞତା ଜ୍ଞାପନ କଲେ ସାଧାରଣ ଜନତା**

# ସଞ୍ଜୟ କୌଶଲ କେନ୍ଦ୍ରାଞ୍ଚଳ ଆଇଜି

**ଅରିନ୍ଦମ କଟକ, ଅନୁପମ ଜଗତ୍‌ସିଂହପୁର ଜିଲ୍ଲାପାଳ**

**ପ୍ରକାଶ ଆର୍ କଟକ ଡିସିପି, ଉମାଶଙ୍କର ଅନୁଗୋଳ ଏସ୍‌ପି**

**ବ୍ରିଜେଶ ରାୟଙ୍କୁ ରାଉରକେଲା ଏସ୍‌ପି ଦାୟିତ୍ୱ**

■ **ଭୁବନେଶ୍ୱର, ୫ା୪ (ସମିସ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାଞ୍ଚଳ ଆଇଜି ରୂପେ ସଞ୍ଜୟ କୌଶଲଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ସେହିପରି କଟକ ଓ ଜଗତସିଂପୁରରେ ନୂଆ ଜିଲ୍ଲାପାଳ, କଟକ ଡ଼ିସିପି ଓ ରାଉରକେଲା, ଅନୁଗୋଳରେ ନୂଆ ଏସ୍‌ପିଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅଧିକାରୀମାନଙ୍କୁ ତୁରନ୍ତ ନୂତନ କାର୍ଯ୍ୟସ୍ଥଳରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ▶ପୃଷ୍ଠା-୯

**ବିଜେଡିର ତୃତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା**

# ୯ ଆସନରେ ୬ ନୂଆ

■ **ଭୁବନେଶ୍ୱର, ୫ା୪ (ସମିସ):** ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ବିଧାନସଭା ନିର୍ବାଚନ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ଘୋଷିତ ୯ ଆସନ ମଧ୍ୟରୁ ୩ଟିରେ ଦଳ ଗତ ନିର୍ବାଚନରେ ବିଜୟୀ ହୋଇଥିବା ବିଧାୟକମାନଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ୬ଟି ଆସନରେ ଦଳ ନୂଆ ପ୍ରାର୍ଥୀଙ୍କୁ ଅବତୀର୍ଣ୍ଣ କରିଛି। ଆଜି ଘୋଷିତ ୯ ପ୍ରାର୍ଥୀଙ୍କୁ ମିଶାଇ ବିଜେଡି ଏଯାବତ୍ ମୋଟ ୧୦୮ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ରାଉରକେଲାରୁ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ବାଲେଶ୍ୱରରୁ ବିଧାୟକ ସ୍ୱରୂପ ଦାସ, ସାଲେପୁରରୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ଆସ୍ଥା ସ୍ଥାପନ କରିଛନ୍ତି। ଏହି ତିନିଜଣ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବରେ ନିଜ ପୂର୍ବ ▶ପୃଷ୍ଠା-୯

**୧୦୮ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା**

**ସାରଦା, ପ୍ରଶାନ୍ତ ଓ ସ୍ୱରୂପଙ୍କ ଉପରେ ପୁନର୍ବାର ଆସ୍ଥା**

**ଜର୍ଜଙ୍କ ପୁଅ ରୋହିତଙ୍କୁ ବୀରମିତ୍ରପୁର ଟିକଟ**

**୨୦ରେ ପହଞ୍ଚିଲା ବିଜେଡିର ମହିଳା ପ୍ରାର୍ଥୀଙ୍କ ସଂଖ୍ୟା**


Reliance Growth is Life

ପୂର୍ବରୁ କେବେ ମିଳି ନାହିଁ ଏପରି ଡିଲ୍ସ ।

Reliance digital
PERSONALISING TECHNOLOGY

ଡିଜିଟାଲ ରିହାତି ଦିବସ
6–15 ଏପ୍ରିଲ
#AddToHeart
#TechnologySeRishtaJodo

10% ପର୍ଯ୍ୟନ୍ତ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ*
AMERICAN EXPRESS | AU SMALL FINANCE BANK | ICICI Bank | IDFC FIRST Bank | kotak Kotak Mahindra Bank | onecard
CREDIT CARDS
କିମ୍ବା
₹15 000 ପର୍ଯ୍ୟନ୍ତ କ୍ୟାସବ୍ୟାକ୍*
HDB FINANCIAL SERVICES REIMAGINING OPPORTUNITIES | IDFC FIRST Bank | kotak Kotak Mahindra Bank
CONSUMER DURABLE LOAN



TCL Google TV, 2 Year Warranty*. *Price after cashback. 146CM (58) ₹35990* | 165CM (65) ₹47490* | 189CM (75) ₹66990*
SAMSUNG Neo QLED, 2 Year Warranty*. Starting from ₹79990*. BENEFITS: GET UPTO 60% OFF ON SELECT SOUNDBAR
OLED TV, 2 Year Warranty*. LG SAMSUNG SONY. Starting from ₹89990*. BENEFITS: GET MAX CASHBACK OF ₹15000/- ON LEADING BANK CARDS
LG NanoCell ULTRA BRIGHT PANEL 65NANO83, 2 Year Warranty*. 165CM (65) ₹89990*. EMIs of ₹2999*. BENEFITS: GET CASHBACK OF ₹7000/- ON LEADING BANK CARDS
EVERDAY LAPTOP: Intel® Core™ i3 Starting from ₹29999*; AMD R3 Starting from ₹32999*
GAMING LAPTOP: Intel® Core™ i5 2050 Starting from ₹48999*, EMIs of ₹4083*; AMD R5 3050 Starting from ₹56999*, EMIs of ₹4750*
MULTI TASKING LAPTOP: Intel® Core™ i5 Starting from ₹45999*, EMIs of ₹3899*; AMD R5 Starting from ₹35999*, EMIs of ₹3999*
GET FREE* TROLLEY BAG WORTH ₹7500 ON LAPTOP PURCHASE

iPhone 13 128GB EMIs OF ₹999* | SAMSUNG GALAXY A35 5G EMIs OF ₹2583* | OnePlus Nord CE4 5G EMIs OF ₹4167*
SIDE BY SIDE: HAIER 630L ₹64990*, EMIs of ₹5416*; LG 650L ₹88690*, EMIs of ₹7391*; SAMSUNG 653L ₹91490*, EMIs of ₹7624*
TOP LOAD: SAMSUNG 8Kg ₹19990*, EMIs of ₹1666*; LG 8kg ₹20990*, EMIs of ₹1749*; IFB 7kg HEATER ₹21490*, EMIs of ₹1791*
*PRICES AFTER BANK CASHBACK
INVERTER AC 1.5T, 3 STAR. Starting from ₹25990*
SAMSUNG INVERTER AC 1.5T AR18CY5ZAWK, 5 STAR, 5 YEARS PCB WARRANTY. PER DAY EMI STARTING FROM ₹119*. BENEFITS: INSTALLATION AT ₹699 + GST*
LG INVERTER AC 1.5T TS-Q19CNZE, 5 STAR, 5 YEARS PCB WARRANTY. PER DAY EMI STARTING FROM ₹129*
₹1000 ADDITIONAL DISCOUNT* | GET ODU STAND ONLY AT ₹599* ON ACs
UNLIMITED DISCOUNT ON SMALL APPLIANCES. BUY 1 GET 5% OFF* | 2 GET 10% OFF* | 3 GET 15% OFF*

NOW OPEN AT TALCHER ROAD, SHARMA CHOWK
VISIT US AT ODISHA: BHUBANESWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD • BALASORE, CINEMA COMPLEX • BERHAMPUR, BHAPUR BAZAAR AVENUE • ROURKELA • PANPOSH ROAD • FORUM MALL CIVIL TOWN SHIP • SAMBALPUR, BUDHARAJA MAIN ROAD• ANGUL SANKAR CINEMA ROAD • BALANGIR, RADHARANI PARA • JAJPUR ROAD CHORDA BY PASS • JHARSUGUDA, SARBAHAL ROAD, MARWADIPADA • SUNDERGARH, SBI SQUARE MEDICAL CHOWK • TALCHER ROAD, SHARMA CHOWK | TO LOCATE YOUR NEAREST MY JIO STORE SMS LOCATE <PINCODE> TO 561611
ଆଜି ହିଁ ଭିଜିଟ୍ କରନ୍ତୁ: reliancedigital.in
SHOP ANY ELECTRONICS AT MY JIO STORE | Jio DIGITAL LIFE

Unless specified, the retail prices shown are for 1 unit of the product.
Terms & Conditions Apply: General: General: Offers are on select brands & models only. Product visuals are for representational purpose only. Offers valid till stocks last. MRP of all products is inclusive of all taxes. Up to 10% Instant Discount- American Express – 10% Instant discount up to Rs 2,500 on Credit Card EMI transactions on purchase of Rs 15,000 & above. Offer is applicable at Reliance Digital & My Jio Stores only. AU Bank – 5% Instant Discount up to Rs 1,750 on Credit Card Full-swipe transactions on purchase of Rs 10,000 & above. ICICI Bank – 5% Instant Discount up to Rs 1,750 on Credit Card Full-swipe transactions, Flat Rs 1,000 Instant Discount on Debit Card Full-swipe transactions and 10% Instant discount up to Rs 2,500 on Credit/Debit Card EMI transactions on purchase of Rs 25,000 & above. IDFC First Bank - 5% Instant Discount up to Rs 1,750 on Credit Card Full-swipe transactions and 10% Instant discount up to Rs 2,500 on Credit Card EMI transactions on purchase of Rs 10,000 & above. Kotak Mahindra Bank – 7.5% Instant discount up to Rs 2,500 on Credit/Debit Card EMI transactions on purchase of Rs 10,000 & above. OneCard- 5% Instant Discount up to Rs 1,750 on Credit Card Full-swipe transactions and 10% Instant discount up to Rs 2,500 on Credit Card EMI transactions on purchase of Rs 10,000 & above. Offer is applicable at Reliance Digital, My Jio Stores and reliancedigital.in from 6th April 2024 to 15th April 2024. Up to Rs 15,000 Cashback – HDB Financial Services – Up to Rs 2,500 Cashback with Consumer Durable loans on Net loan of Rs 18,000 & above. IDFC First Bank - Up to Rs 15,000 Cashback with Consumer Durable loans on purchase of Rs 20,000 & above. Kotak Mahindra Bank - Up to Rs 4,000 Cashback with Consumer Durable loans on Gross loan of Rs 25,000 & above. Offer applicable at Reliance Digital & My Jio Stores from 6th April 2024 to 15th April 2024. Offers valid on select products only. For detailed offer terms, please visit your nearest store and read the detailed T&Cs. Please visit the website/store and read the detailed T&Cs. Reliance Retail reserves its right to amend, withdraw/modify the offers at any point of time without any notice. All disputes are subject to jurisdiction of Courts in Mumbai only.







ସକାଳ THE SAKALA
www.sakalaepaper.com

ୟୁପି ମଦ୍ରାସା ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ହାଇକୋର୍ଟଙ୍କ ରାୟ ଉପରେ ଲାଗିଲା ରୋକ୍

ନୂଆଦିଲ୍ଲୀ,୫।୪(ଏଜେନ୍ସି)

ଉତ୍ତରପ୍ରଦେଶର ମଦ୍ରାସା ଶିକ୍ଷା ନୀତିକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମଦ୍ରାସା ଶିକ୍ଷା ବୋର୍ଡ ଆଇନ-୨୦୦୪କୁ ନେଇ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଅସାମ୍ବିଧାନିକ ବୋଲି କହିବା ସହିତ ଏହା ଉପରେ ରୋକ୍ ଲଗାଇଛନ୍ତି। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମଦ୍ରାସା ବୋର୍ଡ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଆବେଦନର ଶୁଣାଣି କରି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ମଦ୍ରାସା ଶିକ୍ଷା ବୋର୍ଡ ଆଇନରେ ରହିଥିବା ବ୍ୟବସ୍ଥା ସମ୍ପର୍କରେ ହାଇକୋର୍ଟ କିଛି ବୁଝିବାରେ ଭୁଲ୍ କରିଛନ୍ତି।

- ହାଇକୋର୍ଟ ଦେଇଥିବା ରାୟ ଅସାମ୍ବିଧାନିକ
- ୧୭ ଲକ୍ଷ ପିଲାଙ୍କ ଭବିଷ୍ୟତ ପ୍ରଭାବିତ ହେବ

ଏହି ଆଇନରେ ରହିଥିବା ବ୍ୟବସ୍ଥା ସପକ୍ଷରେ ମଦ୍ରାସା ବୋର୍ଡ ପକ୍ଷରୁ ଦିଆଯାଇଥିବା ପିଟିସନରେ ଯାହାକିଛି ଉଲ୍ଲେଖ କରାଯାଇଛି ସେଥିରେ କିଛି ସତ୍ୟତା ଥିବା ଆମେ ଅନୁଭବ କରୁଛୁ ବୋଲି କହି ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଉତ୍ତରପ୍ରଦେଶର ୨୫ହଜାର ମଦ୍ରାସାର ୧୭ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଉପହାର ହୋଇଛି। ସୁପ୍ରିମକୋର୍ଟ ଏହି ମାମଲାରେ ପକ୍ଷ ଥିବା ମଦ୍ରାସା ବୋର୍ଡ, ୟୁପି ସରକାର ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ପଠାଇ ଆସନ୍ତା ଜୁନ୍ ୩୦ ସୁଦ୍ଧା ଜବାବ ରଖିବାକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶ ମଦ୍ରାସା ବୋର୍ଡ ଶିକ୍ଷା ଆଇନ-୨୦୦୪କୁ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ ଅସାମ୍ବିଧାନିକ ଘୋଷଣା କରିଥିଲେ। ମଦ୍ରାସା ଆଇନ ଅସାମ୍ବିଧାନିକ ବୋଲି ହାଇକୋର୍ଟ ରାୟ ଦେବା ସହିତ ମଦ୍ରାସାରେ ପଢୁଥିବା ଛାତ୍ର ଓ ଶିକ୍ଷକ ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ସାମିଲ ହେବେ ବୋଲି କହିଥିଲେ।



● ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିବାଦୀୟ ମନ୍ତବ୍ୟ

## ବିଶ୍ୱବିଦ୍ୟାଳୟ ପରିସର ପାଲଟିଛି ମିନି ସନ୍ଦେଶଖାଲି

କୋଲକାତା,୫।୪(ଏଜେନ୍ସି)



ନିଜ ମନ୍ତବ୍ୟକୁ ନେଇ ସବୁବେଳେ ଚର୍ଚ୍ଚିତ ରହି ଆସିଥିବା ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଏବେ ଏକ ବଡ଼ ବୟାନ ଦେଇ ପୁଣିଥରେ ଚର୍ଚ୍ଚା ପରିସରକୁ ଆସିଛନ୍ତି। ପଶ୍ଚିମବଙ୍ଗର ବିଶ୍ୱବିଦ୍ୟାଳୟ କ୍ୟାମ୍ପସଗୁଡ଼ିକ ଏବେ 'ମିନି ସନ୍ଦେଶଖାଲି' ହୋଇଗଲାଣି ବୋଲି ସେ ଶୁକ୍ରବାର ମନ୍ତବ୍ୟ ଦେବାପରେ ଏହାକୁ ନେଇ ଏବେ ବିଭିନ୍ନ ମହଲରେ ବିବାଦ ତେଜିଛି। ରାଜନୈତିକ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ହିଂସା, ଦୁର୍ନୀତିର ବାତାବରଣ ସୃଷ୍ଟି ହେଉଛି। ଏଥିପାଇଁ ରାଜ୍ୟପାଳ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଜଭବନର ଜଣେ ଅଧିକାରୀ ସୂଚନା ଦେବା ପରେ ସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କା ବଢ଼ିଛି। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ 'ମିନି ମେସେଞ୍ଜର' ରେ ପରିଣତ ହୋଇଛି ବୋଲି ରାଜ୍ୟପାଳ ଅନୁଭବ କରିବା ପରେ ଏସବୁର ଅନୁଧ୍ୟାନ ପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିସନ ଗଠନ କରିବାକୁ ପ୍ରସ୍ତାବ ଦେଇଥିବା କୁହାଯାଇଛି।

କଂଗ୍ରେସର ନିର୍ବାଚନୀ ଇସ୍ତାହାର

## 'ନ୍ୟାୟ ପତ୍ର'ରେ ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି



ନୂଆଦିଲ୍ଲୀ,୫।୪(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଉ ମାତ୍ର ହାତ ଗଣତି ସମୟ ରହିଥିବା ବେଳେ ଗୁରୁବାର କଂଗ୍ରେସ 'ନ୍ୟାୟ ପତ୍ର' ନାଁରେ ଏହାର ନିର୍ବାଚନୀ ଇସ୍ତାହାର ଜାରି କରିଛି। ଏହି ନ୍ୟାୟ ପତ୍ରରେ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେବା ସ୍ୱରୂପ ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି ରଖିଛି। କଂଗ୍ରେସ ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ସମେତ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଏହି ଘୋଷଣା ପତ୍ର ଜାରି କରାଯାଇଛି। କଂଗ୍ରେସ ଦେଶବାସୀଙ୍କୁ ୨୫ଟି ଗ୍ୟାରେଣ୍ଟି ଦେଇଥିଲା ବେଳେ ଗରିବ ପରିବାରର ମହିଳାମାନଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହାବ୍ୟତୀତ ୨୦୨୫ ସୁଦ୍ଧା ସରକାରୀ ଚାକିରିରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବାକୁ କଂଗ୍ରେସ ନିଜ ନ୍ୟାୟ ପତ୍ରରେ କହିଛି।କେବଳ ସେତିକି ନୁହେଁ ସଂରକ୍ଷଣ ସୀମା ବୃଦ୍ଧି, ଜାତିଗତ ଜନଗଣନା, ଋଣ ଛାଡ କମିଶନ ଗଠନ ଓ ନିଯୁକ୍ତ ଗ୍ୟାରେଣ୍ଟି, ସର୍ବନିମ୍ନ ମଜୁରୀ ୪୦୦, ୪୦ ଲକ୍ଷ ସରକାରୀ ଚାକିରୀ, ଗରିବ ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା, ତାଲିମ ପାଇଁ ୧ଲକ୍ଷ ଟଙ୍କା, ସହରୀ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଏସସି, ଏସଟି ଓ ଓବିସି ପାଇଁ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ରହିବ। ଘର ନିର୍ମାଣ , ବ୍ୟବସାୟ କରିବାକୁ ଏସସି, ଏସଟି ବର୍ଗଙ୍କ ପାଇଁ ସଂସ୍ଥାଗତ ଋଣ ରାଶି ବୃଦ୍ଧି କରାଯିବ। ଓବିସି, ଏସସି, ଏସଟି ଛାତ୍ର ଛାତ୍ରୀଙ୍କ ପାଇଁ ସ୍କଲାରସିପ ରାଶିକୁ ୨ ଗୁଣ ବୃଦ୍ଧି କରାଯିବ ବୋଲି କୁହାଯାଇଛି।

ସେହିପରି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡିକର ଅପବ୍ୟବହାର ରୋକିବା ଏବଂ ପିଏମଏଲଏ ଆଇନରେ ପରିବର୍ତ୍ତନ ପାଇଁ ଘୋଷଣା କରାଯାଇଛି। କଂଗ୍ରେସ ଇସ୍ତାହାର କମିଟି ଦଳର ପାଞ୍ଚ ଜଣ ପ୍ରମୁଖଙ୍କ ବ୍ୟକ୍ତି ବିଶେଷଙ୍କୁ ନେଇ ଏହା ପ୍ରସ୍ତୁତ କରାଯାଇଛି ବୋଲି ଖଡ଼ଗେ କହିଛନ୍ତି।

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

## କବିତାଙ୍କୁ ଜେରା କରିବ ସିବିଆଇ

ନୂଆଦିଲ୍ଲୀ,୫।୪(ଏଜେନ୍ସି)



ଦିଲ୍ଲୀ ଅବକାରୀ ଘୋଟାଲା ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ଏବେ ବିଚାର ବିଭାଗୀୟ ହାଜତରେ ଥିବା ବିଆରଏସ୍ ନେତ୍ରୀ କେ କବିତାଙ୍କୁ ସିବିଆଇ ଜେରା କରିବ । ଏଥିପାଇଁ ଗୁରୁବାର ସିବିଆଇକୁ ଦିଲ୍ଲୀ କୋର୍ଟ ଅନୁମତି ଦେଇଛନ୍ତି। ଇଡି ଓ ସିବିଆଇ ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା କବିତାଙ୍କୁ ଜେଲ ଭିତରେ ଜେରା କରିବାକୁ ସିବିଆଇକୁ ସବୁଜ ସଙ୍କେତ ଦେବା ପରେ ପୁଣି ଏହି ପ୍ରସଙ୍ଗକୁ ନେଇ ଆପ୍ ଦଳର ଚିନ୍ତା ବଢ଼ିଛି। ଉଲ୍ଲେଖଯୋଗ୍ୟ ଯେ, କବିତା ହେଉଛନ୍ତି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସାଉଥ୍ ଲବି ବିରୋଧରେ ବଡ଼ ଅଭିଯୋଗ ଆସିଥିଲା ବେଳେ କବିତା ଏହାର ମୁଖ୍ୟ ପୁରୋଧା ଥିଲେ। ଇଡି ଦ୍ୱାରା ଗିରଫ ହୋଇଥିବା କବିତା ଏବେ ତିହାର ଜେଲରେ ରହିଛନ୍ତି। କବିତାଙ୍କ ଦ୍ୱାରା ଆପ୍‌କୁ ସାଉଥ ଗ୍ରୁପ ପକ୍ଷରୁ ଅଧିକ ମଦ ଲାଇସେନ୍ସ ପାଇଁ ୧୦୦ କୋଟି ଟଙ୍କା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଅଧିକ ଖୋଳତାଡ଼ ସହ ଏହାର ଅପରାଧିକ ଦିଗରେ ଉପରେ ସିବିଆଇ କବିତାଙ୍କୁ ପଚରାଉଚରା କରିପାରେ ବୋଲି କୁହାଯାଉଛି।

### ଦିଲ୍ଲୀ ମନ୍ତ୍ରୀ ଆତିଶୀଙ୍କୁ ଇସି ନୋଟିସ୍



ଦିଲ୍ଲୀ ମନ୍ତ୍ରୀ ଆତିଶୀଙ୍କୁ ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଛି। ଆତିଶୀ ଏକ ମିଡିଆ ମିଟିଂରେ କହିଥିଲେ ଯେ ତାଙ୍କୁ ବିଜେପିରେ ଯୋଗ ଦେବାକୁ କୁହାଯାଉଛି ଓ ତାହା ନକଲେ ଜେଲ ଯିବାକୁ ପ୍ରସ୍ତୁତ ରହ ବୋଲି ଭୟ ଦେଖାଯାଉଛି। ବିଜେପିରେ ଥିବା ତାଙ୍କର ଜଣେ ବନ୍ଧୁ କୁଆଡ଼େ ତାଙ୍କୁ କହିଛନ୍ତି, ଆଗକୁ ୪ ଆପ୍ ନେତାଙ୍କୁ ଗିରଫ କରାଯିବ। ଆତିଶୀ ବିଜେପିକୁ ନିନ୍ଦିତ କରିବା ପାଇଁ ଓ ଜନତାଙ୍କ ମନରେ ବିଜେପି ପ୍ରତି ସନ୍ଦେହ ସୃଷ୍ଟି କରାଇ ନିର୍ବାଚନକୁ ପ୍ରଭାବିତ କରିବା ନିମନ୍ତେ ଏଭଳି ମନଗଢ଼ା ଅଭିଯୋଗ ଆଣିଛନ୍ତି। ଏହା ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବାରୁ ନିର୍ବାଚନ କମିଶନ ଆତିଶୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିଜେପି ଇସିଙ୍କ ନିକଟରେ ଦାବି କରିଛି। ତେଣୁ ଇସି ଆତିଶୀଙ୍କୁ ନୋଟିସ ଜାରି କରି ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ଯାହା ସର୍ବସାଧାରଣରେ କହିଛନ୍ତି ତାହାର ପ୍ରମାଣ ଉପସ୍ଥାପନ କରନ୍ତୁ।

ସାମ୍ନାକୁ ଆସିଲେ ସାଂସଦ ସଞ୍ଜୟ ସିଂ

### ଚକ୍ରାନ୍ତ କରି କେଜ୍ରିୱାଲଙ୍କୁ ଗିରଫ କରାଯାଇଛି

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ପ୍ରାୟ ୬ ମାସ ଜେଲରେ ରହିବା ପରେ ଆପ୍ ସାଂସଦ ସଞ୍ଜୟ ସିଂ ନିକଟରେ ଜାମିନ ପାଇଛନ୍ତି। ଏହାପରେ ସଞ୍ଜୟ ସାମ୍ନାକୁ ଆସିବା ସହିତ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିକୁ ସିଧାସଳଖ ନିଶାଣ କରି ବର୍ଷିଛନ୍ତି।



ସଞ୍ଜୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରି ଜେଲରେ ପୁରାଇବା ଘଟଣା ହେଉଛି ବିଜେପିର ବଡ ଦୁର୍ନୀତି। କେଜ୍ରିୱାଲଙ୍କୁ ଫାଶରେ ପକାଇବା ପାଇଁ ବିଜେପି ରାଜନୈତିକ ଷଡଯନ୍ତ୍ର କରି ଏଭଳି କରିଛି। ୨ କୋଟି ଲୋକଙ୍କ ପାଇଁ କାମ କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଜେଲରେ ରଖିବା ପାଇଁ ବିଜେପି କୁଚକ୍ର ଓ ଷଡଯନ୍ତ୍ର ରଚିବା ସହିତ ରାଜନୈତିକ ଅଭିସନ୍ଧି ରଖି ଏଭଳି ଜଘନ୍ୟ କାର୍ଯ୍ୟ କରିଛି ବୋଲି ସେ କହିଛନ୍ତି।

ମୋସାଦ୍ ଶୈଳୀରେ ଭାରତ ଶତ୍ରୁ ନିପାତ କରୁଥିବା ପ୍ରସଙ୍ଗରେ ରାଜନାଥଙ୍କ ଦୃଢ଼ୋକ୍ତି

## ପାକିସ୍ତାନରେ ବି ଆତଙ୍କବାଦୀଙ୍କୁ ମିଳିବନି ନିସ୍ତାର

ନୂଆଦିଲ୍ଲୀ,୫।୪(ଏଜେନ୍ସି)

ଇସ୍ରାଏଲର ଗୁଇନ୍ଦା ଏଜେନ୍ସି ମୋସାଦ ଶୈଳୀରେ ଭାରତ ଦେଶବିରୋଧୀ ଶତ୍ରୁକୁ ପାକିସ୍ତାନରେ ନିପାତ କରୁଛି ବୋଲି 'ଦି ଗାର୍ଡିୟାନ'ରେ ପ୍ରକାଶିତ ଏକ ଖବର ପ୍ରସଙ୍ଗରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମୁହଁ ଖୋଲିଛନ୍ତି। ଭାରତ ନିଜର ଗୁଇନ୍ଦା ଏଜେନ୍ସି ଦ୍ୱାରା ପାକିସ୍ତାନରେ ରହିଥିବା ଭାରତ ବିରୋଧୀ ଆତଙ୍କବାଦୀଙ୍କୁ ହତ୍ୟା କରିଚାଲିଛି ବୋଲି ପ୍ରଶ୍ନରେ ରାଜନାଥ କହିଛନ୍ତି ଯେ, ଯଦି କୌଣସି ଭାରତ ବିରୋଧୀ ଶକ୍ତି ପାକିସ୍ତାନ ପଳାଇଯାଏ ତେବେ ସେଠାରେ ମଧ୍ୟ ତାକୁ ନିପାତ କରିବାର କ୍ଷମତା ଭାରତ ନିକଟରେ ରହିଛି। ଏହାକୁ ପାକିସ୍ତାନ ମଧ୍ୟ ଭଲ ଭାବେ ବୁଝିସାରିଛି ବୋଲି ସେ କହିଛନ୍ତି। ଦେଶର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରି ଅରାଜକତା ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ କଦାଚିତ ରକ୍ଷା ମିଳିବ ନାହିଁ। ଯଦି କେହି ବି ଭାରତରେ ଆତଙ୍କବାଦ କାର୍ଯ୍ୟ ଚଳାଇ ପାକିସ୍ତାନ ପଳାଏ ତେବେ ତାହାକୁ ଦେଖି ଭାରତ ଚୁପ୍ ବସିବ ନାହିଁ। ସେଭଳି ଦେଶ ବିରୋଧୀ ଶକ୍ତିଙ୍କୁ ମୃତ୍ୟୁର ଦ୍ୱାର ଦେଖାଇ ଦିଆଯିବ ବୋଲି ରାଜନାଥ ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଭାରତ ସବୁବେଳେ ଆତଙ୍କବାଦ ବିରୋଧରେ ସମର୍ଥନ କରିଆସିଛି। ଏଥିପାଇଁ ବିଶ୍ୱସ୍ତରରେ ବିଭିନ୍ନ ମଞ୍ଚରେ ପ୍ରଶ୍ନ ଉତ୍‌ଥାପନ କରିଛି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଆସୁଥିବା ଦେଶ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରିଆସିଛି ବୋଲି ସେ କହିଛନ୍ତି।ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନରେ ଲଗାତର ଭାବେ ଭାରତ ବିରୋଧୀ ଆତଙ୍କବାଦୀ ଗୋଟିଏ ପରେ ଗୋଟିଏ ନିପାତ ହେବା ପରେ ଏଭଳି ଘଟଣା ପଛରେ ଭାରତୀୟ ଗୁଇନ୍ଦା ସଂସ୍ଥାର ହାତ ରହିଛି ବୋଲି ପାକିସ୍ତାନୀ ସେନା ଓ ଏହାର ଗୁଇନ୍ଦା ଏଜେନ୍ସି ବାରମ୍ବାର ଅଭିଯୋଗ କରିସାରିଛି। ତେବେ ସେମାନଙ୍କ ରିପୋର୍ଟକୁ ଭିତ୍ତି କରି ବ୍ରିଟିଶ ଖବର କାଗଜ ଏହି ରିପୋର୍ଟ ପ୍ରକାଶ କରିଥିଲା ବେଳେ ଏହି ପ୍ରସଙ୍ଗରେ ରାଜନାଥଙ୍କ ପ୍ରଶ୍ନ କରାଯାଇଥିଲା। ରାଜନନାଥ ତାଙ୍କ ଉତ୍ତରରେ ଏଭଳି ଦୃଢ଼ୋକ୍ତି କରିଛନ୍ତି।



### ରାୟ ପୂର୍ବରୁ ନିର୍ଦ୍ଦୋଷର ଆତ୍ମହତ୍ୟା

ସୋନିପତ,୫।୪(ଏଜେନ୍ସି): ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଏପ୍ରିଲ ୨ରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ଜଜ୍ କହିଥିଲେ ଏପ୍ରିଲ ୪ରେ ଦଣ୍ଡାଦେଶ ଶୁଣାଇବେ। ହରିୟାଣାର ସୋନିପତ ଜେଲରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଜଣକ ତାକୁ ଦଣ୍ଡାଦେଶ ମିଳିବାର କିଛି ଘଣ୍ଟା ଆଗରୁ ଗତକାଲି ଆତ୍ମହତ୍ୟା କରିଛି। ତା' ପାଖରୁ ମିଳିଥିବା ସୁଇସାଇଡ୍ ନୋଟରେ ସେ ଲେଖିଛି ଯେ ସେ ନିର୍ଦ୍ଦୋଷ। ଘଟଣା ଏହିପରି। ୨୦୨୨ ଫେବୃଆରୀ ୧୨ ତାରିଖରେ ଜଣେ ମହିଳା ତାଙ୍କ ନାବାଳିକା କନ୍ୟାକୁ ଅମୁକ ବ୍ୟକ୍ତି ଦୁଷ୍କର୍ମ କରିଛି ବୋଲି ପୁଲିସରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୁଲିସ ଏକ କେସ୍ ପଞ୍ଜିକୃତ କରି ଅଭିଯୁକ୍ତକୁ ଖୋଜୁଥିଲା। ବର୍ଷକ ପରେ ୨୦୨୩ ଜାନୁଆରୀ ୮ ତାରିଖରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାରେ ସୋନିପତର ଏକ ଅଦାଲତରେ ଅଭିଯୁକ୍ତ ଗତ ୨ ତାରିଖରେ ଦୋଷୀସାବ୍ୟସ୍ତ ହେଲା ଓ ଦଣ୍ଡାଦେଶ ୪ ତାରିଖରେ ଶୁଣାଇ ଦିଆଯିବା ଘୋଷଣା କରାଗଲା। ଦଣ୍ଡାଦେଶ ମିଳିବା ପୂର୍ବରୁ ଦୋଷୀଘୋଷିତ ବ୍ୟକ୍ତି ସେ ନିର୍ଦ୍ଦୋଷ ବୋଲି ଏକ କାଗଜରେ ଲେଖି ଆତ୍ମହତ୍ୟା କଲା। ଏବେ ପୁଲିସ୍ ତଦନ୍ତ କରୁଛି।

■ ଭୀମା କୋରେଗାଓଁ ମାମଲା

### ସୋମା ସେନ୍‌ଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, ୫।୪(ଏଜେନ୍ସି)



ଭୀମା- କୋରେଗାଓଁ ହିଂସା ମାମଲାରେ ଅଭିଯୁକ୍ତ ସାମାଜିକ କର୍ମୀ ସୋମା କାନ୍ତି ସେନଙ୍କୁ ଆଜି ସୁପ୍ରିମକୋର୍ଟରୁ ଜାମିନ ମିଳିଛି। ସୋମାଙ୍କୁ ଜାମିନ ମଞ୍ଜୁର କରି ବିଚାରପତି ଅନିରୁଦ୍ଧ ବୋଷ ଓ ବିଚାରପତି ଏଜି ମାସିହଙ୍କ ସୁପ୍ରିମକୋର୍ଟ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ ସୋମାଙ୍କ ବୃଦ୍ଧାବସ୍ଥା, ଖରାପ ସ୍ୱାସ୍ଥ୍ୟାବସ୍ଥା, ଜେଲରେ ଦିର୍ଘ ୫ବର୍ଷର ବନ୍ଦୀ ଜୀବନ, ଏଯାଏ ଆରୋପପତ୍ର(ଚାର୍ଜସିଟ୍) ଅଦାଲତରେ ଦାଖଲ ନହେବା କାରଣରୁ ଜାମିନ ମଞ୍ଜୁର କରାଗଲା। ସୋମା ହେଉଛନ୍ତି ନାଗପୁର ବିଶ୍ୱବିଦ୍ୟାଳୟର ଜଣେ ପୂର୍ବତନ ପ୍ରଫେସର। ଭୀମା କୋରେଗାଓଁ ହିଂସା ମାମଲାରେ ବେଆଇନ ଘୋଷିତ ମାଓବାଦୀ ସଂଗଠନ ସିପିଆଇ(ମାଓଇଷ୍ଟ) ସହ ସମ୍ପର୍କ ରଖିଥିବା ଅଭିଯୋଗରେ ତାଙ୍କୁ ଜୁନ୍ ୨୦୧୮ ରେ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ)ର ବିଭିନ୍ନ ଧାରାରେ ଗିରଫ କରାଯାଇଥିଲା। ୬୪ ବର୍ଷ ବୟସ୍କା ସୋମା ଏବେ ମୁମ୍ବାଇର ବୈକୁଲ୍ଲା ଜେଲରେ ଅଛନ୍ତି। ସମ୍ଭବତଃ ଆସନ୍ତା କାଲି ସେ ଜେଲରୁ ଛାଡ଼ ପାଇବେ। ଜାମିନ ସର୍ତ୍ତ ଅନୁଯାୟୀ ସୋମା ନିଜ ପାସପୋର୍ଟ ସରେଣ୍ଡର କରିବେ ଓ ଟ୍ରାଏଲ କୋର୍ଟଙ୍କ ଅନୁମତି ବିନା ମହାରାଷ୍ଟ୍ର ଛାଡ଼ି ବାହାରକୁ ଯାଇପାରିବେ ନାହିଁ। ନିଜ ମୋବାଇଲ ଡିଭାଇସ୍ ଆକ୍ଟିଭ ରଖିବେ ଓ ଜାତୀୟ ତଦନ୍ତକାରୀ ଏଜେନ୍ସି(ଏନଆଇଏ)ର ତଦନ୍ତକାରୀ ଅଫିସରଙ୍କ ଡିଭାଇସ ସହ ପେୟାର କରିବେ ଯେପରିକି ତଦନ୍ତକାରୀ ଅଫିସର ୨୪ଘଣ୍ଟା ତାଙ୍କ ଗତିବିଧି ଉପରେ ନଜର ରଖିବାକୁ ସକ୍ଷମ ହେଉଥିବେ। ଭୀମା କୋରେଗାଓଁ ହିଂସା ମାମଲାରେ ଆଗରୁ ଦୁଇଜଣ ଅଭିଯୁକ୍ତ ଭେରନନ ଗନସାଲଭେଜ ଓ ଅରୁନ ଫେରିରାଙ୍କୁ ଅନୁରୂପ ସର୍ତ୍ତ ସହ ଜାମିନ ମିଳିସାରିଛି।

## କୋଭିଡ୍‌ଠାରୁ ୧୦୦ଗୁଣ ମାରାତ୍ମକ ଏଚ୍‌୫ଏନ୍‌୧ ବାର୍ଡ ଫ୍ଲୁ ଭୂତାଣୁ

ଲଣ୍ଡନ,୫।୪(ଏଜେନ୍ସି)

କୋଭିଡ-୧୯ ଭୂତାଣୁଠାରୁ ୧୦୦ଗୁଣ ମାରାତ୍ମକ ହେଉଛି ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ଯାହା ଏବେ ବ୍ୟାପୀବାରେ ଲାଗିଛି ବୋଲି ଗବେଷକ ଓ ମହାମାରୀ ବିଶେଷଜ୍ଞମାନେ ଚେତାଇଥିବା ବିଷୟକ ଏକ ରିପୋର୍ଟ ଇଂଲଣ୍ଡର ଟାବଲଏଡ ଦି ଡେଲି ମେଲରେ ପ୍ରକାଶିତ ହୋଇଛି। ବୈଜ୍ଞାନିକମାନଙ୍କ ମତ ହେଲା, ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ଏବେ ସକ୍ରିୟତାର ଏପରି ବିଷମ ମୋଡ଼ ବା କ୍ରିଟିକାଲ ଥ୍ରେସହୋଲଡରେ ପହଞ୍ଚିଛି ଯାହା ଆଗାମୀ ଦିନରେ ବୈଶ୍ୱିକ ମହାମାରୀ ଘଟାଇବାକୁ ସକ୍ଷମ ହେବା ସମ୍ଭବ। ବାର୍ଡ ଫ୍ଲୁ ଗବେଷକ ଭାବେ ତଥ୍ୟାଭିଜ୍ଞ ମହଲରେ ବେଶ୍ ଜଣାଶୁଣା ଡାକ୍ତର ସୁରେଶ କୁଚିପୁଡ଼ି ଇଂଲଣ୍ଡର ପିଟସବର୍ଗରେ ଗବେଷଣାରତ ଅଛନ୍ତି। ସେ ସତର୍କ କରାଇଦେଇଛନ୍ତି ଯେ ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ବୈଶ୍ୱିକ ବ୍ୟାପକତାରେ ମହାମାରୀ ଘଟାଇବାକୁ ସକ୍ଷମ କାରଣ ଏହି ଭୂତାଣୁ ମନୁଷ୍ୟ ସମେତ ଅନେକ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ଶରୀରରେ ସଂକ୍ରମଣ ଘଟାଇପାରିବ। ଏବେ ଏହି ସମ୍ଭାବ୍ୟ ବିପଦ ଆମର ଅତି ନିକଟରେ ପହଞ୍ଚିଗଲାଣି। ଭବିଷ୍ୟତରେ ଏପରି ଏକ ବ୍ୟାପକ ମାରକଶକ୍ତିଧାରୀ ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ଆସିବ, ଏହା ନୁହେଁ, ଏହି ଭୂତାଣୁ ଏବେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଉପସ୍ଥିତ ଅଛି ଓ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ସଂକ୍ରମିତ କରିଚାଲିଛି। ଏକ ବଡ଼ ଫାର୍ମା କମ୍ପାନୀର ପରାମର୍ଶଦାତା ଭାବେ କାର୍ଯ୍ୟରତ ଫ୍ଲୁ ବିଶେଷଜ୍ଞ ଜନ୍ ଫୁଲଟନ କହିଛନ୍ତି, ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ଯଦି ମ୍ୟୁଟେଟ ହୁଏ ବା ରୂପଗୁଣ ପରିବର୍ତ୍ତନ କରି ତାହାର ଉଚ୍ଚ ମାରକ-କ୍ଷମତାକୁ ବଜାୟ ରଖେ ତେବେ ତାହା ହେବ କୋଭିଡ-୧୯ ଭୂତାଣୁ ତୁଳନାରେ ୧୦୦ ଗୁଣ ମାରାତ୍ମକ। ଥରେ ଏହି ଭୂତାଣୁ ମ୍ୟୁଟେଟ୍ ହୋଇ ମନୁଷ୍ୟକୁ ସଂକ୍ରମିତ କରିବା ଶକ୍ତି ପାଇଲେ, କେବଳ ତାହାର ମାରକକ୍ଷମତା କମିବ ଏହା ଆଶା କରିବା ବ୍ୟତୀତ ଆଉ କିଛି ପ୍ରତିରକ୍ଷଣର ବ୍ୟବସ୍ଥା ବର୍ତ୍ତମାନ ପାଇଁ ଆମ ପାଖରେ ଉପଲବ୍ଧ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବଲ୍ୟୁଏଚଓ)ର ଡାଟାରୁ ଜଣାଯାଏ ଯେ ୨୦୦୩ରୁ ଏଯାଏ ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ଦ୍ୱାରା ସଂକ୍ରମିତ ପ୍ରତି ୧୦୦ ରୋଗୀଙ୍କ ମଧ୍ୟରୁ ୫୨ଜଣ ଆରୋଗ୍ୟ ହୋଇନପାରି ପ୍ରାଣ ହରାଇଛନ୍ତି। ଅର୍ଥାତ ଏହି ଭୂତାଣୁର ମାରକ ହାର ୫୦%ରୁ ଅଧିକ ରହୁଛି। ଅନ୍ୟପକ୍ଷରେ କୋଭିଡ-୧୯ ଭୂତାଣୁର ମାରକ ହାର ପ୍ରଥମେ ୨୦% ଥିଲା ଯାହା ସମୟକ୍ରମେ ଭୂତାଣୁର ମ୍ୟୁଟେସନ୍ କାରଣରୁ ୦.୧%କୁ ଖସିଆସିଥିଲା। ଡବଲ୍ୟୁଏଚଓ ଡାଟା ଅନୁଯାୟୀ ଏଯାଏଁ ୮୮୭ଟି ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମଣ ରିପୋର୍ଟ ହୋଇଛି ଯେଉଁଥିରେ ମୃତ୍ୟୁ ସଂଖ୍ୟା ୪୬୨ ରେକର୍ଡ କରାଯାଇଛି। ମିଚିଗନର ଏକ କୁକ୍କୁଟ ପାଳନ ଫାସିଲିଟିରେ ଓ ଟେକ୍ସାସର ଏକ ଅଣ୍ଡା ଉତ୍ପାଦନ ଫାର୍ମରେ ବାର୍ଡ ଫ୍ଲୁ ସଂକ୍ରମଣର ଖବର ମିଳିବା ପରେ ଦି ଡେଲି ମେଲରେ ଏଚ୫ଏନ୧ ଷ୍ଟ୍ରେନର ବାର୍ଡ ଫ୍ଲୁ ଭୂତାଣୁର ଆସନ୍ନ ବିପଦ ନେଇ ରିପୋର୍ଟ ପ୍ରକାଶିତ ହୋଇଛି।




ସଂକ୍ରମଣ ବୃଦ୍ଧିକୁ ନେଇ ଆନ୍ତର୍ଜାତିକ ସ୍ତରରେ ଉଦ୍‌ବେଗ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-280 ♦BHUBANESWAR ♦SATURDAY ♦6 APRIL 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୮୦ ♦ଭୁବନେଶ୍ୱର ♦ଶନିବାର ♦୬ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

**ଆରବିଆଇ ମୁଦ୍ରାନୀତି ବୈଠକ**

# ସୁଧ ହାର ଅପରିବର୍ତ୍ତିତ

■ **ମୁମ୍ବଇ, ୫।୪(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କ୍ରମାଗତ ଭାବେ ସପ୍ତମ ଥର ପାଇଁ ଏହାର ସୁଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ। ଆରବିଆଇ ପ୍ରମୁଖ ସୁଧ ହାର ବା ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାର ଅର୍ଥ ହେଉଛି ଋଣ ମହଙ୍ଗା ହେବ ନାହିଁ ଏବଂ ଗ୍ରାହକଙ୍କ ଇଏମ୍ଆଇ ମଧ୍ୟ ବୃଦ୍ଧି ପାଇବ ନାହିଁ। ଶେଷ ଥର ପାଇଁ ଫେବୃଆରୀ ୨୦୨୩ରେ ଆରବିଆଇ ସୁଧହାରରେ ୦.୨୫ ପ୍ରତିଶତ ବୃଦ୍ଧି କରି ୬.୫ ପ୍ରତିଶତକୁ ବୃଦ୍ଧି କରିଥିଲା। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମପିସି) ବୈଠକର ଶେଷ ଦିନରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ବୈଠକର ନିଷ୍ପତ୍ତି ବିଷୟରେ ସୂଚନା ଦେଇ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ୨୦୨୪-୨୫ ଆର୍ଥିକବର୍ଷରେ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ପ୍ରକୃତ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ଆକଳନ କରାଯାଉଛି। ଦରଦାମ୍ ସ୍ଥିତି ଉପରେ ମତ ରଖି ସେ କହିଛନ୍ତି ଯେ, 'ହାତୀ (ମୁଦ୍ରାସ୍ଫୀତି) ବର୍ତ୍ତମାନ ବୁଲିବାକୁ ଜଙ୍ଗଲକୁ ଯାଉଛି' ଅର୍ଥାତ୍ ମୁଦ୍ରାସ୍ଫୀତିରେ ବୃଦ୍ଧି ସମ୍ପ୍ରତି ବନ୍ଦ ହୋଇଯାଇଛି।

**'ଜୁଏଲ୍ସ ଅଫ୍ ଓଡ଼ିଶା' ରିପୋର୍ଟରେ ରାଜ୍ୟ ସରକାରଙ୍କ ପ୍ରଦର୍ଶନ**

# ୭୨.୭% ସନ୍ତୁଷ୍ଟ

■ **ଭୁବନେଶ୍ୱର, ୫।୪ (ସମିସ):** ରାଜ୍ୟ ସରକାରଙ୍କ ପ୍ରଦର୍ଶନରେ ଓଡ଼ିଶାର ୭୨.୭% ଲୋକ ସନ୍ତୁଷ୍ଟ। ସ୍ୱାସ୍ଥ୍ୟ, କ୍ରୀଡ଼ା, ଶିକ୍ଷା, କୃଷି, ଭିତ୍ତିଭୂମି କ୍ଷେତ୍ରରେ ଅଗ୍ରଗତି ଉଲ୍ଲେଖନୀୟ। ରାଜ୍ୟର ବିଭିନ୍ନ ଅଞ୍ଚଳର ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କ ନାଗରିକ ଭାବନାକୁ ନେଇ ଏପରି ରିପୋର୍ଟ ପ୍ରସ୍ତୁତ କରିଛି 'ଜୁଏଲ୍ସ ଅଫ୍ ଓଡ଼ିଶା'। ଏହି ସଂସ୍ଥା ପକ୍ଷରୁ କରାଯାଇଥିବା 'ଗଭର୍ଣ୍ଣାନ୍ସ ଡାଇନାମିକ୍ସ ଅଫ୍ ଓଡ଼ିଶା' ଶୀର୍ଷକ ନାଗରିକ ଭାବନା ଅନୁଧ୍ୟାନ ଅନୁଯାୟୀ ଓଡ଼ିଶା ସରକାରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ଉପରେ ରାଜ୍ୟର ୭୨.୭ ପ୍ରତିଶତ ଜନସାଧାରଣ ସନ୍ତୁଷ୍ଟ ଥିବା ମତ ଦେଇଛନ୍ତି। ଏଥିରୁ ୪୫.୫ ପ୍ରତିଶତ ଲୋକେ ସରକାରୀ ବ୍ୟବସ୍ଥାରେ ଅତ୍ୟନ୍ତ ସନ୍ତୁଷ୍ଟ ଓ ୨୭.୨ ପ୍ରତିଶତ ଲୋକେ ସନ୍ତୁଷ୍ଟ ଥିବା କହିଛନ୍ତି। କ୍ରମାଗତ ୨୫ ବର୍ଷର ଶାସନରେ ରହିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରଦର୍ଶନ ଉପରେ ରାଜ୍ୟର ସିଂହଭାଗ ଲୋକ ସନ୍ତୋଷ ପ୍ରକାଶ କରିବା ଅନେକ ମହତ୍ତ୍ୱବହନ କରୁଛି।

**ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, କୃଷି, ଭିତ୍ତିଭୂମିରେ ଅଗ୍ରଗତି ଉଲ୍ଲେଖନୀୟ**

'ଜୁଏଲ୍ସ ଅଫ୍ ଓଡ଼ିଶା'ର ରିପୋର୍ଟ ଅନୁଯାୟୀ ରାଜ୍ୟସରକାରଙ୍କ ନାଗରିକ କୈନ୍ଦ୍ରୀକ ସେବାକୁ ୭୨.୧ ପ୍ରତିଶତ ଲୋକ ସନ୍ତୋଷଜନକ କହିଛନ୍ତି। ତନ୍ମଧ୍ୟରୁ ୪୨.୫ ପ୍ରତିଶତ ଲୋକେ ଅତ୍ୟନ୍ତ ସନ୍ତୁଷ୍ଟ ଥିବା ମତ ଦେଇଥିବାବେଳେ ୨୯.୬ ପ୍ରତିଶତ କେବଳ ସନ୍ତୁଷ୍ଟ ବୋଲି କହିଛନ୍ତି। ଅପରପକ୍ଷେ ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସର୍ବାଧିକ ୬୯ ପ୍ରତିଶତ ଲୋକେ ଏକ ଉନ୍ନତିମୂଳକ ବିକାଶ/ଅଗ୍ରଗତି ଏବଂ ୬୦.୯ ପ୍ରତିଶତ ଲୋକେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ହୋଇଥିବା ନେଇ ଅନୁଭବ କରୁଛନ୍ତି। ଏହି ରିପୋର୍ଟରେ ଭିତ୍ତିଭୂମି କ୍ଷେତ୍ରରେ ୫୯.୮ ପ୍ରତିଶତ ଆଖିଦୃଶିଆ ଅଗ୍ରଗତି ହୋଇଥିବା ଲୋକେ ମତ ରଖିଛନ୍ତି। ସଡ଼କ ଓ ପରିବହନ କ୍ଷେତ୍ରରେ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟ ବିଶେଷ ଅଗ୍ରଗତି କରିଥିବା ନେଇ ୬୫.୪ ପ୍ରତିଶତ ଲୋକେ ମତଦାନ କରିଥିବା ବେଳେ କୃଷିକ୍ଷେତ୍ରରେ ୬୧ ପ୍ରତିଶତ ଲୋକେ ଅଗ୍ରଗତି ହୋଇଥିବା ସ୍ୱୀକାର କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଅନେକ ବିକାଶ ହୋଇଥିବା ନେଇ ପ୍ରାୟ ୬୬.୭ ପ୍ରତିଶତ ଲୋକେ ନିଜର ମତ ରଖିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ସର୍ଭେକ୍ଷଣରେ ପ୍ରାୟ ୧୦୪୦୦ ଉତ୍ତରଦାତା ଭାଗ ନେଇଥିଲେ। ସର୍ଭେ ସମ୍ପର୍କରେ ମତ ରଖି ଜୁଏଲ୍ସ ଅଫ୍ ଓଡ଼ିଶାର କନ୍ସଲଟିଂ ଏଡିଟର ଜ୍ଞାନ ସ୍ୱାଇଁ କହିଛନ୍ତି ଯେ ଏହି ଫଳାଫଳ ଓଡ଼ିଶାବାସୀଙ୍କ ସାମୂହିକ ସ୍ୱରର ଏକ ପ୍ରମାଣ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମର୍ଥନ ଏବଂ ସରକାରୀ ସେବାରେ ଅତ୍ୟଧିକ ସନ୍ତୁଷ୍ଟତା ଶାସନର ପଥ ଗଠନରେ ନାଗରିକଙ୍କ ଯୋଗଦାନର ଶକ୍ତିକୁ ଏହି ସର୍ଭେ ଦର୍ଶାଉଛି ବୋଲି ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

**ଟିକଟ ବଣ୍ଟନକୁ ନେଇ କର୍ମୀ ଖପ୍ପା**

# ଥମୁନି ଅସନ୍ତୋଷ ନିଆଁ

■ **ଭୁବନେଶ୍ୱର, ୫।୪ (ସମିସ):** ବିଧାନସଭା ନିର୍ବାଚନ ପାଇଁ ରାଜ୍ୟ ବିଜେପିର ପ୍ରାର୍ଥୀ ଘୋଷଣା ପରେ ଦଳୀୟ ଅସନ୍ତୋଷ ଥମିବାର ନାଁ ଧରୁନି। ନେତା ଓ କର୍ମୀଙ୍କ ବଢୁଥିବା ଆକ୍ରୋଶ ଏବେ ଅସନ୍ତୋଷର ବାରୁଦଗଦାରେ ପରିଣତ ହୋଇଛି। ଗତ ୩ ଦିନ ଧରି ଏହାର ବିସ୍ଫୋରକ ପ୍ରତିଫଳନ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଟିକଟରୁ ବଞ୍ଚିତ ଅସନ୍ତୁଷ୍ଟ ନେତା ଏବଂ କର୍ମୀ ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ଦଳୀୟ ଆନୁଗତ୍ୟ ଓ ପ୍ରଦର୍ଶନକୁ ଉପେକ୍ଷା କରି ଅନ୍ୟ ଦଳରୁ ଆମଦାନୀ ନେତାଙ୍କୁ ଅଯାଚିତ ଅନୁଗ୍ରହ ପ୍ରଦର୍ଶନ ନେଇ ଅଭିଯୋଗ କରୁଛନ୍ତି। ଦଳ ପାଇଁ ବର୍ଷ ବର୍ଷ ଧରି ସଂଗଠନ କରିଥିବା କର୍ମୀଙ୍କୁ ବାଦ୍ ଦେଇ ରାତିଅଧିଆ ଡିଲ୍ କରି ଦଳ ବାହାରୁ ଆସୁଥିବା ନେତାଙ୍କୁ ପ୍ରାର୍ଥୀ କରୁଛନ୍ତି ରାଜ୍ୟ ନେତୃତ୍ୱ। ଉପକୂଳରୁ ଉପାନ୍ତ ଯାଏଁ ସବୁଠି ବିଜେପି ରାଜ୍ୟ ନେତୃତ୍ୱଙ୍କ ବିରୋଧରେ କର୍ମୀ ମହଲରେ ଏପରି ଅଭିଯୋଗ ସଂଗଠନରେ ଅସନ୍ତୋଷକୁ ଇନ୍ଧନ ଯୋଗାଉଛି। ଏହିକ୍ରମରେ ଶୁକ୍ରବାର ନୂଆପଡ଼ା ଓ କବିସୂର୍ଯ୍ୟନଗର ଅନେକ କର୍ମୀ ସମାନ ଢଙ୍ଗରେ ଟିକଟ ବଦଳ ଦାବିରେ ବିରୋଧ ପ୍ରଦର୍ଶନ କରିଛନ୍ତି। ସମାନ ସମୟରେ ଆଜି ଦଳ ଛାଡ଼ିଛନ୍ତି କେତେକ ପୁରୁଖା ନେତା। ଦଳରେ ବଢୁଥିବା ବିରୋଧ, ଅସନ୍ତୋଷକୁ ପ୍ରଶମିତ କରିବାରେ ବିଜେପି ରାଜ୍ୟ ନେତୃତ୍ୱ ଏକପ୍ରକାର ବିଫଳ ହୋଇଥିବା କୁହାଯାଉଛି।

**ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିକ୍ଷୋଭ ଜାରି**



**ଦଳ ଛାଡ଼ିଲେ ଅନେକ ଛାମୁଆ ନେତା**

**ଆଗକୁ ବଡ଼ଧରଣର ବିରୋଧ ଆଶଙ୍କା**

ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପୂର୍ବବତ୍ କର୍ମୀଙ୍କ ମେଳି ଦେଖିବାକୁ ମିଳିଥିଲା। ନୂଆପଡ଼ାରେ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିବା ପରେ ସେଠାକାର ଅନ୍ୟତମ ଆଶାୟୀ ଯଦୁମଣୀ ପାଣିଗ୍ରାହୀଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ଖୁବ ହଟ୍ଟଗୋଳ କରିବା ସହ ଧାରଣାରେ ବସିଥିଲେ। ଦଳରେ ପରିବାରବାଦକୁ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଅଭିନନ୍ଦନଙ୍କୁ ଟିକଟ ଦିଆଯାଇଛି। ରାଜ୍ୟ ନେତୃତ୍ୱ ତୁରନ୍ତ ପ୍ରାର୍ଥୀ ନବଦଳାଇଲେ ଦଳ ପରିଣାମ ଭୋଗିବାକୁ ପ୍ରସ୍ତୁତ ରହୁ ବୋଲି ଯଦୁମଣୀଙ୍କ ସମର୍ଥକମାନେ ଚେତାବନୀ ଦେଇଛନ୍ତି। ସମାନ ଭାବେ କବିସୂର୍ଯ୍ୟନଗର ଅନେକ ବିଜେପି କର୍ମୀ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ମେଳି ହୋଇଛନ୍ତି। ଅପରପକ୍ଷେ ଆଜି ଅନେକ ନେତା ଦଳ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିଛନ୍ତି। ପାଲଲହଡ଼ା ତଥା ଅନୁଗୋଳର ଅନୁଭବୀ ନେତା, ପୂର୍ବତନ ସରକାରୀ ଦଳ ମୁଖ୍ୟ ସଚେତକ ରବି ନାରାୟଣ ପାଣି ଆଜି ଦଳ ଛାଡ଼ିଛନ୍ତି। ଦଳରେ ନୀତି ନୈତିକତା ନଥିବା ସେ ନିଜ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ସେହିପରି ମୟୂରଭଞ୍ଜର ଦଳର ଆଗଧାଡ଼ିର ସଂଗଠକ ଛୋଟେଲାଲ ମହନ୍ତ ମଧ୍ୟ ଆଜି ଦଳ ଛାଡ଼ିବା ସହ ରାଜ୍ୟ ନେତୃତ୍ୱ ମନଇଚ୍ଛା ପ୍ରାର୍ଥୀ ଚୟନ କରିଥିବା ନେଇ ଅଭିଯୋଗ କରିଛନ୍ତି। ଦଳର ଅନ୍ୟତମ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅନୁଗୋଳ ଜିଲ୍ଲା ବିଜେପିର ପୂର୍ବ ସଭାପତି ଭାଗିରଥି ପ୍ରଧାନ ମଧ୍ୟ ଦଳ ପରିତ୍ୟାଗ କରିଛନ୍ତି। ଉପରୋକ୍ତ ୩ ନେତା ନୁହନ୍ତି, ତୃଣମୂଳ ସ୍ତରରେ ଦଳର ଅନେକ ସକ୍ରିୟ କର୍ମୀ ଏବଂ କାର୍ଯ୍ୟକର୍ତ୍ତା ଦଳର ୧୧୨ ଜଣିଆ ବିଧାନସଭା ଏବଂ ୨୧ ଜଣିଆ ଲୋକସଭା ପ୍ରାର୍ଥୀଙ୍କୁ ବିରୋଧ କରି ଦଳରୁ ଇସ୍ତଫା ପ୍ରଦାନ କଲେଣି। ତେବେ ରାଜ୍ୟବ୍ୟାପୀ ବିଜେପିରେ ପ୍ରବଳ ଅସନ୍ତୋଷକୁ ପ୍ରଶମନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ରାଜ୍ୟ ବିଜେପି ସଭାପତିଙ୍କ ପକ୍ଷରୁ ସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ▶ପୃଷ୍ଠା-୯



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି ହିଞ୍ଜିଳି ଓ ଆସ୍କା ନିର୍ବାଚନମଣ୍ଡଳୀର ଜନସାଧାରଣ ଓ ନେତୃବୃନ୍ଦ

**'ନନ୍ଦିଘୋଷ ଟିଭି' ସାମ୍ବାଦିକଙ୍କୁ ଆକ୍ରମଣ ପ୍ରସଙ୍ଗରେ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର**

# ସୁନିଶ୍ଚିତ ହେଉ ସାମ୍ବାଦିକଙ୍କ ସୁରକ୍ଷା

**ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ 'ନନ୍ଦିଘୋଷ ଟିଭି' ଓ 'ସକାଳ' କର୍ମକର୍ତ୍ତା**

**ବିଜେପି ନେତା ଯତୀଶ ମହାନ୍ତି ଓ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**



■ **ଭୁବନେଶ୍ୱର, ୫।୪ (ସମିସ):** 'ନନ୍ଦିଘୋଷ ଟିଭି' ସାମ୍ବାଦିକଙ୍କୁ ବିଜେପି କାର୍ଯ୍ୟାଳୟ ପରିସରରେ ଆକ୍ରମଣ ପ୍ରତିବାଦରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛନ୍ତି 'ନନ୍ଦିଘୋଷ ଟିଭି' ଓ 'ସକାଳ' କର୍ମକର୍ତ୍ତା। ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ବିଜେପି ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଆଗକୁ ନିର୍ବାଚନ ଖବର ସଂଗ୍ରହ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଗୁରୁବାର ଦିନ ଖବର ସଂଗ୍ରହ ପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇଥିବା 'ନନ୍ଦିଘୋଷ ଟିଭି' ସାମ୍ବାଦିକ ଓ କ୍ୟାମେରା ମ୍ୟାନ୍‌ଙ୍କୁ ବିଜେପି ନେତା ଯତୀନ ମହାନ୍ତି ଏବଂ ତାଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗଣମାଧ୍ୟମ ଉପରେ ଆକ୍ରୋଶମୂଳକ ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର କହିଛନ୍ତି ଯେ ଗଣମାଧ୍ୟମର କର୍ତ୍ତବ୍ୟ ହେଉଛି ଖବର ସଂଗ୍ରହ କରି ଜନତାଙ୍କ ନିକଟରେ ପହଞ୍ଚାଇବା। ଗତକାଲି ମଧ୍ୟ ଆମର ପ୍ରତିନିଧି ନିଜ କର୍ତ୍ତବ୍ୟ ସମ୍ପାଦନ ସ୍ୱରୂପ ବିଜେପି କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ଏକ ଜାତୀୟ ରାଜନୈତିକ ଦଳ ହୋଇ ସୁଦ୍ଧା ରାଜ୍ୟରେ ବିଜେପି ନେତାମାନେ ଉଦ୍ଦେଶ୍ୟମୂଳକ ଭାବେ ଗଣମାଧ୍ୟମର କଣ୍ଠରୋଧ ପାଇଁ ହୀନ ଉଦ୍ୟମ କରୁଛନ୍ତି। ଏଥିରେ ସଂପୃକ୍ତ ବିଜେପି ନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହିତ ଭବିଷ୍ୟତରେ ଯେପରି ଗଣମାଧ୍ୟମକୁ ସୁରକ୍ଷା ପ୍ରଦାନ କରାଯିବ ସେଥିପାଇଁ ପଦକ୍ଷେପ ନେବା ଲାଗି ଆଜି ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ ବୋଲି ଶ୍ରୀ ଭଟ୍ଟମିଶ୍ର କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ଭଟ୍ଟମିଶ୍ରଙ୍କ ସମେତ 'ନନ୍ଦିଘୋଷ ଟିଭି' ସିଓଓ ଜବର୍ ସିଂ ପନୱାର, 'ସକାଳ' ସିଇଓ ସୁବ୍ରତ ଦାସ, ନନ୍ଦିଘୋଷ ଟିଭି ଇନ୍‌ପୁଟ ହେଡ୍ ଅଜିତ ଦାଶ, ଆଉଟ୍‌ପୁଟ୍ ହେଡ୍ ରଙ୍ଗାଧର ପଣ୍ଡା, ଇନ୍‌ପୁଟ୍ କୋଅର୍ଡିନେଟର୍ ପାର୍ଥ ସାରଥୀ ରାଉତ, ପ୍ରୋଗ୍ରାମିଂ ହେଡ୍ ଶରତ ମହାପାତ୍ର, ଭିଜୁଆଲ ଏଡିଟିଂ ହେଡ୍ ଗୁରୁ ପ୍ରସନ୍ନ, ସାମ୍ବାଦିକ ମାନସ ମହାପାତ୍ର, କ୍ୟାମେରା ହେଡ୍ ଭବାନୀ ମଲ୍ଲିକ୍, କ୍ୟାମେରା ମ୍ୟାନ୍ ପଦ୍ମନାଭ, ଦିନରଞ୍ଜନ ପ୍ରମୁଖ ସାମିଲ ହୋଇଥିଲେ।

## ଲୋକକଥା



ଦଳ ଡେଇଁ ଯେତେ ଫୁଲ ଶୁଙ୍ଘିଥିଲେ
ଟିକଟ ପାଇଲେ ନାହିଁ,
ପ୍ରାର୍ଥୀ ହେବା ଆଶା ମଉଳିଯିବାରୁ
ବିରୋଧୀ ଗଲେଣି ହୋଇ !
ଅନ୍ତର୍ଘାତୀ କାର୍ଯ୍ୟ ପାଇଁ,
ଚେଲା-ଚାମଚା ଧରି ସଜ ହୋଇଲେଣି
ଔକାତ ଦେବେ ଦେଖେଇ !!

# ବିଏସ୍‌ଏବିଟି ନିକଟରେ ମେଟ୍ରୋ ଷ୍ଟେସନ

**ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣ ନକ୍ସା ଚୂଡ଼ାନ୍ତ**

■ **ଭୁବନେଶ୍ୱର, ୫।୪ (ସମିସ):** ବରମୁଣ୍ଡା ସ୍ଥିତ ବାବା ସାହେବ ଭୀମ ରାଓ ଆମ୍ବେଦକର ବସ ଟର୍ମିନାଲ (ବିଏସ୍‌ଏବିଟି) ଏବେ ବିଶ୍ୱସ୍ତରୀୟ ବସଷ୍ଟାଣ୍ଡର ପରିଚୟ ହାସଲ କରିଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ଏୟାରପୋର୍ଟ ଭଳି ସମସ୍ତ ସେବା ଉପଲବ୍ଧ ରହିଛି। ଏହାସହ ରଙ୍ଗିନ ଆଲୋକମାଳରେ ସୁସଜ୍ଜିତ ଏହି ବସ ଟର୍ମିନାଲ ପ୍ରତ୍ୟେକ ଦିନ ୨୦ହଜାର ଯାତ୍ରୀଙ୍କୁ ସ୍ୱାଗତ କରୁଛି। ନିୟମିତ ୧୫୦୦ରୁ ଊର୍ଦ୍ଧ୍ୱ ବସ ଚଳାଚଳ ବିଏସ୍‌ଏବିଟିକୁ ରାଜ୍ୟ ଗମନାଗମନର ଏକ ପ୍ରାଣକେନ୍ଦ୍ର କେନ୍ଦ୍ର ଭାବେ ଗଢି ତୋଳିଛି। ଅନ୍ୟପକ୍ଷରେ ଗମନାଗମନ ଦୃଷ୍ଟିରୁ ବିଏସ୍‌ଏବିଟିକୁ




ଆଗକୁ ଆହୁରି ମଜଭୂତ କରାଯିବ। ଏହାର ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣ କରାଯିବ। ଏହାକୁ ମେଟ୍ରୋ କରିଡର ଭିତରେ ସ୍ଥାନୀତ କରାଯିବ। ଯାହା ଗମନାଗମନ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ। ଏଠାରେ ଏକ ମେଟ୍ରୋ ଷ୍ଟେସନ ନିର୍ମାଣ କରାଯିବ। ଯାହା ଉଭୟ ଏୟାରପୋର୍ଟ ଏବଂ ରେଳ ଷ୍ଟେସନ, ଇନ୍‌ଫୋ ସିଟି, ତ୍ରିଶୁଳିଆକୁ ସଂଯୋଗ କରିବ। ଜଣେ ଯାତ୍ରୀ ବରମୁଣ୍ଡାରୁ ବାହାରି ଏହିସ୍ଥାନକୁ ମେଟ୍ରୋ ଯୋଗେ ଯାତାୟତ କରିପାରିବେ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

୧୫.୫ ଏକର ଜାଗାରେ ନିର୍ମିତ ଏହି ବସ ଟର୍ମିନାଲକୁ ସ୍ୱତନ୍ତ୍ର ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି। ଏଠାରେ ପ୍ରାରମ୍ଭରୁ ଯାତ୍ରୀଙ୍କୁ ସ୍ୱାଗତ କରାଯାଉଛି ପୁରାତନ ଭାସ୍କର୍ଯ୍ୟର ଅଭୁଲା ସ୍ମୃତିରେ। ଏହାସହ ଯାତ୍ରୀଙ୍କ ପ୍ରତୀକ୍ଷା ସ୍ଥଳ ଠାରୁ ଆରମ୍ଭ କରି ଲଗେଜ ରଖିବା କୋଠରୀ, ଶିଶୁଙ୍କୁ ସ୍ତନ୍ୟପାନ ଗୃହ ଠାରୁ ଆରମ୍ଭ କରି ଚିକିତ୍ସାଳୟ ଏବଂ ଭୋଜନାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ଦିଗପ୍ରତି ଟିକନିକ୍ ଭାବେ ଧ୍ୟାନ ଦିଆଯାଇଛି। ଯେଉଁଥିପାଇଁ ବିଏସ୍‌ଏବିଟି ଖୁବ୍‌ଶୀଘ୍ର ଲୋକପ୍ରିୟତା ▶ପୃଷ୍ଠା-୯

# ୬ ଆଇପିଏସ୍, ୪ ଆଇଏଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

■ **ଭୁବନେଶ୍ୱର, ୫।୪ (ସମିସ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ବଦଳି ହୋଇଥିବା ୬ ଜଣ ଆଇପିଏସ୍‌ଙ୍କୁ ରାଜ୍ୟ ସରକାର ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ୨୦୦୪ ବ୍ୟାଚ୍‌ର ଆଇପିଏସ୍ ତଥା ପୂର୍ବତନ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂଙ୍କୁ କଟକ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିରାପତ୍ତା ଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ୨୦୧୦ ବ୍ୟାଚ୍‌ର ଆଇପିଏସ୍ ମିତ୍ରଭାନୁ ମହାପାତ୍ରଙ୍କୁ ଅତିରିକ୍ତ ଏସ୍‌ଆରସି ନିଯୁକ୍ତି ପ୍ରଦାନ କରାଯାଇଛି । ୨୦୧୦ ବ୍ୟାଚ୍‌ର ଆଇପିଏସ୍ ତଥା କଟକ ଗ୍ରାମାଞ୍ଚଳ ଡ଼ିସିପି ଡ. କନ୍‌ୱର ବିଶାଲ ସିଂଙ୍କୁ ଏସ୍‌ଆଇଡବ୍ଲ୍ୟୁର ଡିଆଇଜି ଭାବେ ନିଯୁକ୍ତି ମିଳିଛି। ଅନୁଗୋଳର ପୂର୍ବତନ ଏସ୍‌ପି ତଥା ୨୦୧୨ ବ୍ୟାଚ୍‌ର ଆଇପିଏସ୍ ଶୁଧାଂଶୁ ଶେଖର ମିଶ୍ରଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି । ବର୍ତ୍ତମାନର ଖୋର୍ଦ୍ଧା ଏସ୍‌ପି ତଥା ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଯୁଗଳ କିଶୋର କୁମାର ବୋନଥିଙ୍କୁ ପୁଲିସ ମୁଖ୍ୟାଳୟରେ ଏଆଇଜି ଓ ୨୦୧୫ ବ୍ୟାଚ୍‌ର ଆଇପିଏସ୍ ତଥା ବ୍ରହ୍ମପୁରର ଏସ୍‌ପି ସର୍ଭଣା ବିବେକ ▶ପୃଷ୍ଠା-୯

**ସମର୍ଥ ବର୍ମା ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ**

# ଆଉ ୯ ବିଧାନସଭା କ୍ଷେତ୍ରରେ ବିଜେଡି ଯୋଦ୍ଧା


ସୁଦର୍ଶନ ହରିପାଲ
ରେଙ୍ଗାଲି


ସାରଦା ପ୍ରସାଦ ନାୟକ
ରାଉରକେଲା


ରୋହିତ ଜୋସେଫ୍ ତିର୍କୀ
ବୀରମିତ୍ରପୁର


ମୀନା ମାଝି
କେନ୍ଦୁଝର


ରାଇସେନ୍ ମୁର୍ମୁ
ରାଇରଙ୍ଗପୁର


ସ୍ୱରୂପ ଦାସ
ବାଲେଶ୍ୱର


ପ୍ରକାଶ ବେହେରା
ବାରବାଟୀ-କଟକ


ପ୍ରଶାନ୍ତ ବେହେରା
ସାଲେପୁର


ନବ କିଶୋର ମଲ୍ଲିକ
ଜୟଦେବ

**ନୟାଗଡ଼ ନିର୍ବାଚନ ମଣ୍ଡଳୀ**

## ଲଢ଼େଇ ପୂର୍ବରୁ ବିରୋଧୀ ଶିବିରରେ ଛନକା

# ବିଜେଡିର ଅଭେଦ୍ୟଗଡ଼ରେ ଇରାନୀ ନୂଆ ସେନାପତି

**ନୟାଗଡ଼, ୫।୪ (ସମିସ):** ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ବିରୋଧୀ ବିଜେପି ଏବେ ଚିନ୍ତାରେ। ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ ଜଣେ ଦୃଢ଼ ସଂଗଠକ ଭାବେ ରାଜ୍ୟରେ ପରିଚିତ ହୋଇଥିବା ବେଳେ ତାଙ୍କୁ ଆଜି ପର୍ଯ୍ୟନ୍ତ ପରାଜିତ କରିବାର ସୁଯୋଗ କେହି ପାଇନାହାନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀ ବିଜେଡିର ଏକ ଅଭେଦ୍ୟଗଡ଼ ଭାବେ ରହିଆସିଛି। ଏବେ ଅରୁଣଙ୍କ ଏହି ଗଡ଼ରେ ବିଜେପି ଛାଡ଼ି ବିଜେଡିକୁ ଆସିଥିବା ନେତ୍ରୀ ଇରାନୀ ରାୟ ନୂଆ ସେନାପତି ଭାବେ ଯୋଗ ଦେଇଛନ୍ତି। ଇରାନୀ କଂଗ୍ରେସ ସମୟରୁ ଜଣେ ଦୃଢ଼ ସଂଗଠକ ଭାବେ ନୟାଗଡ଼ରେ ପରିଚିତ ଥିଲେ। ତାଙ୍କର ସଂଗଠନ ମଧ୍ୟ ବେଶ୍ ମଜଭୁତ। ବିଜେପି ତାଙ୍କୁ ଅଣଦେଖା କରି ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଗୁରୁତ୍ୱ ଦେବାରୁ ସେ ନିକଟ ଅତୀତରେ ଦଳ ଛାଡ଼ିଛନ୍ତି। ଇରାନୀ ଏବେ ନୟାଗଡ଼ ଓ ରଣପୁର ନିର୍ବାଚନମଣ୍ଡଳୀରେ ଗାଁକୁ ଗାଁ ବୁଲି ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁଙ୍କ ପାଇଁ ସଂଗଠନ କରୁଛନ୍ତି। ଇରାନୀ ଏବଂ ଅରୁଣଙ୍କ ଯୋଡ଼ି ଆଗାମୀ ନିର୍ବାଚନରେ ବିରୋଧୀଙ୍କ ଉପରେ ଭାରୀ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ଏବେଠୁ ଆକଳନ କଲେଣି। ଅପରପକ୍ଷେ, ଇରାନୀଙ୍କ ସହ ତାଙ୍କର ହଜାର ହଜାର ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି।




ନୟାଗଡ଼ ରାଜନୀତିରେ ପ୍ରଥମଥର ପାଇଁ ବିଜେଡି ସହ ଏକ ବଡ଼ ଗୋଷ୍ଠୀ ସାମିଲ ହୋଇଥିବା ଦେଖାଯାଇଛି। ଏହାର ପ୍ରତିଫଳନ ସିଧାସଳଖ ବିଜେପି ଉପରେ ପଡ଼ିଛି। ଏହାକୁ ନେଇ ବିଜେପି ସାଂସଦ ପ୍ରାର୍ଥୀ ଏବେ ଚିନ୍ତାରେ ବୋଲି ଆଲୋଚନା ହେଉଛି।

ଏହି ନିର୍ବାଚନମଣ୍ଡଳୀରେ ନୟାଗଡ଼ ବ୍ଲକ୍‌ର ୨୯ ପଞ୍ଚାୟତ ଏବଂ ଓଡ଼ଗାଁ ବ୍ଲକ୍‌ର ୧୮ ପଞ୍ଚାୟତ ରହିଛି। ଗତ ସାଧାରଣ ନିର୍ବାଚନରେ ଇରାନୀ ବିଜେପିରୁ ପ୍ରାର୍ଥୀ ହୋଇ ୬୬ ହଜାର ୬ଶହ ଭୋଟ ପାଇଥିଲେ। ବିଜେଡିରୁ ଡଃ ଅରୁଣ କୁମାର ସାହୁ ପ୍ରାର୍ଥୀ ହୋଇ ୮୧ ହଜାର ୫୪୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ଏହି ବିଧାନସଭା କ୍ଷେତ୍ରରୁ ଉଭୟ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଆଗୁଆ କରିବାକୁ ଲକ୍ଷ୍ୟ ରଖିଛି। ନୟାଗଡ଼ ଜିଲ୍ଲାରେ ବିରୋଧୀ ଭୋଟ ମଧ୍ୟ ଏଥର ଦୁଇଭାଗ ହେବାର ସମ୍ଭାବନା ରହିଛି।

ଏଠାରେ କଂଗ୍ରେସ ଏଥର ନିର୍ବାଚନରେ ନିଜର ସ୍ଥିତିକୁ ଅଭିବୃଦ୍ଧି କରିବା ପାଇଁ ଯୋଜନା ଚଳାଇଛି। ଅସନ୍ତୁଷ୍ଟ ଏବଂ ବିରୋଧୀ ଭୋଟ ମଧ୍ୟରୁ ଯଦି ୩୦ ପ୍ରତିଶତ କଂଗ୍ରେସ ଖାତାକୁ ଯାଏ, ତେବେ ଭୋଟ ବ୍ୟବଧାନରେ ଆହୁରି ଅନେକ ବୃଦ୍ଧି ଘଟିବା ଆଶା କରାଯାଉଛି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୬ଟି ଜିଲ୍ଲା ପରିଷଦ ଆସନରେ ନିଜର ପ୍ରାର୍ଥୀଙ୍କୁ ବିଜୟୀ କରିଥିବା ବେଳେ ୪୨ରୁ ଊର୍ଦ୍ଧ୍ୱ ପଞ୍ଚାୟତର ସରପଞ୍ଚ ଏବଂ ସମିତି ବିଜେଡି ସମର୍ଥନରେ ବିଜୟୀ ହୋଇଥିଲେ। ପୌର ନିର୍ବାଚନରେ ବିଜେପି ଖାତା ଖୋଲି ପାରିନଥିବା ବେଳେ ପୌର ପରିଷଦ ଅଧ୍ୟକ୍ଷା ୬ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ଯଦି ପଞ୍ଚାୟତ ନିର୍ବାଚନ ସ୍ଥିତିକୁ ଅନୁମାନ କରାଯାଏ, ତେବେ ବିଜେଡି ବହୁ ଆଗରେ ରହିବ ବୋଲି ଆଶା କରାଯାଉଛି। ନୟାଗଡ଼ର ରାଜନୈତିକ ପାଣିପାଗରେ ଏହି ସବୁ ନିୟାମକ ଯୋଗୁଁ ଅସଲ ଲଢ଼େଇ ପୂର୍ବରୁ ବିରୋଧୀ ଶିବିରରେ ଛନକା ପଶିଲାଣି।

# ଜଗତସିଂହପୁରରୁ ନିଶ୍ଚିହ୍ନ ହୋଇଯିବ କଂଗ୍ରେସ !

## ଦୁଇ ବାପି ଦଳ ଛାଡ଼ିବା ପରେ ଘାରିଛି ପ୍ରାର୍ଥୀ ଚିନ୍ତା

**ଜଗତସିଂହପୁର, ୫।୪ (ସମିସ):** ଜଗତସିଂହପୁର ଜିଲ୍ଲା ପାଇଁ ଉଭୟ ବିଜେଡି ଓ ବିଜେପି ଦୁଇଟି ବିଧାନସଭା ଓ ଗୋଟିଏ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ପ୍ରାର୍ଥୀ ଚୟନରେ ଉଭୟ ଦଳର ଗଣିତ ଜିଲ୍ଲାରେ ସମାନ ରହିଥିବା ବେଳେ କଂଗ୍ରେସ ବହୁ ପଛରେ ପଡ଼ିଛି। ଜିଲ୍ଲାରେ କେଉଁମାନଙ୍କୁ ପ୍ରାର୍ଥୀ କରାଇବ, ସେନେଇ ଚାଲିଥିବା ମାନସ ମନ୍ଥନ ଏଯାବତ୍ ସରିନି। ଶେଷ ମୁହୂର୍ତ୍ତରେ ଦୁଇ ଦୁଇଜଣ ହେଭିୱେଟ୍ ନେତା ଦଳ ଛାଡ଼ିବା ଯୋଗୁଁ କଂଗ୍ରେସକୁ ଏବେ ପ୍ରାର୍ଥୀ ସଂକଟ ଘାରିଛି।

ଜଗତସିଂହପୁର କଂଗ୍ରେସର ଦୁଇ ହେଭିୱେଟ୍ ନେତା ଚିରଞ୍ଜୀବ ବିଶ୍ୱାଳ ଓରଫ୍ ବାପି ଓ ଅରିନ୍ଦମ ସର୍ଖେଲ ଓରଫ୍ ବାପି ଦଳରୁ ଇସ୍ତଫା ଦେବା ପରେ ଜିଲ୍ଲାରେ କଂଗ୍ରେସ ଏକପ୍ରକାର ଅସ୍ତିତ୍ୱ ହରାଇବାକୁ ବସିଛି। ଗତ ମାସ ମୋନିଦୀପା ସର୍ଖେଲ ବିଜେଡିରେ ସାମିଲ ହେବା ପରେ ଅରିନ୍ଦମ୍ କଂଗ୍ରେସ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ଗୁରୁବାର ସେ ଚର୍ଚ୍ଚା ସତ ହେଲା। ସେହିପରି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ପୁଅ ଚିରଞ୍ଜୀବ ବିଶ୍ୱାଳ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି।




ଜିଲ୍ଲାରେ କଂଗ୍ରେସର ମଙ୍ଗ ସମ୍ଭାଳିଥିବା ଦୁଇ ବାପି ଆଗପଛ ହୋଇ ଦଳ ଛାଡ଼ି ଦେବାରୁ ଜିଲ୍ଲାରେ କଂଗ୍ରେସ ଏକପ୍ରକାର ନାବିକ ବିହୀନ ନାଆ ପାଲଟିଛି। ଏବେ ପାରାଦୀପ ଓ ଜଗତସିଂହପୁର ନିର୍ବାଚନମଣ୍ଡଳୀରୁ ଦକ୍ଷ ପ୍ରାର୍ଥୀ ଖୋଜିବା ଦଳ ପାଇଁ ଏକ ପ୍ରକାର କଷ୍ଟକର ହୋଇପଡ଼ିଛି।

୨୦୧୪ ଓ ୨୦୧୯ ନିର୍ବାଚନରେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସର ଅରିନ୍ଦମ ସର୍ଖେଲ ପ୍ରାର୍ଥୀ ହୋଇଥିଲେ। ୨୦୧୪ରେ ବିଜେଡିର ଡଃ ଦାମୋଦର ରାଉତଙ୍କ ସହ ନିର୍ବାଚନ ଲଢ଼ି ୩୮, ୬୦୦ ଭୋଟରେ ପରାଜିତ ହୋଇଥିଲେ ମଧ୍ୟ ଦଳକୁ ଦ୍ୱିତୀୟ ସ୍ଥାନରେ ରଖିଥିଲେ। ସେହିପରି ୨୦୧୯ରେ ସେ ଏହି ଆସନରୁ ପୁଣିଥରେ କଂଗ୍ରେସରୁ ପ୍ରାର୍ଥୀ ହେବା ସହିତ ସମ୍ବିତ ରାଉତରାୟଙ୍କ ସହିତ ନିର୍ବାଚନ ଲଢ଼ି ୨୦, ୯୯୨ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ ମଧ୍ୟ ବିଜେପିଠାରୁ ଭୋଟ ବ୍ୟବଧାନରେ ଯଥେଷ୍ଟ ଆଗରେ ରହିଥିଲେ। ଅରିନ୍ଦମ କଂଗ୍ରେସରୁ ଇସ୍ତଫା ଦେବା ପରେ ପାରାଦୀପ କଂଗ୍ରେସ ଏକ ପ୍ରକାର ଦିଗହରା ହୋଇପଡ଼ିଥିବା କୁହାଯାଉଛି।

ସେହିପରି ଦଳର ପୁରୁଖା ଓ ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜୀବଙ୍କ ଉପରେ ଦଳ ଓ ସଂଗଠନ ସଜାଡ଼ିବା ଦାୟିତ୍ୱ ନ୍ୟସ୍ତ ଥିଲା। ୨୦୦୪ରେ କଂଗ୍ରେସରୁ ଚିରଞ୍ଜୀବ ବିଶ୍ୱାଳ ତିର୍ତ୍ତୋଲରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ପରାସ୍ତ କରି ଜଗତସିଂହପୁରରୁ ବିଧାୟକ ହୋଇଥିଲେ। ଗତ ପୌର ପରିଷଦ ନିର୍ବାଚନରେ ଚିରଞ୍ଜୀବଙ୍କ ଗୋଟି ଚାଳନାରେ କଂଗ୍ରେସ ଜଗତସିଂହପୁର ପୌରାଧ୍ୟକ୍ଷ ଆସନ ହାତେଇଥିଲା। ପଞ୍ଚାୟତ ନିର୍ବାଚନ ସମୟରେ ମଧ୍ୟ ଚିରଞ୍ଜୀବ ପ୍ରତି ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ମନୋନୟନ କରିଥିଲେ। ଜଗତସିଂହପୁର ବ୍ଲକର ୩୦ ପଞ୍ଚାୟତରୁ ୧୩ ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଜିତିଥିଲେ। ଏହାପରେ କିଛିଦିନ ଧରି ଚିରଞ୍ଜୀବ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲେ। ତାଙ୍କର ଏହି ନିରବତା ଜଗତସିଂହପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ସେ ଦଳ ଛାଡ଼ି ବିଜେଡିରେ ମିଶିବା ପରେ ତାଙ୍କ ସହିତ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ବହୁ କଂଗ୍ରେସ କର୍ମୀ ଓ ନେତା ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ପରେ ଜଗତସିଂହପୁରରୁ କଂଗ୍ରେସ ପାଇଁ ପ୍ରାର୍ଥୀ ଖୋଜିବା ଦଳ ଲାଗି କଷ୍ଟକର ହୋଇପଡ଼ିଛି।

ଚଳିତ ନିର୍ବାଚନରେ କଂଗ୍ରେସରୁ ସର୍ବାଧିକ ନୂଆ ମୁହଁ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି। ଜଗତସିଂହପୁର ବିଧାନସଭା ଆସନ ପାଇଁ ପୂର୍ବତନ ରାଜ୍ୟ ଓବିସି ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ବାରିକଙ୍କ ନାମ ଆଗରେ ରହିଛି। ସେହିପରି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଓ ପୂର୍ବତନ ପୌରାଧ୍ୟକ୍ଷ ତଥା ପିସିସି ସାଧାରଣ ସମ୍ପାଦକ ବିପ୍ଳବ ଚୌଧୁରୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ପାରାଦୀପରୁ ପିସିସି ସାଧାରଣ ସମ୍ପାଦକ ଥିବା ନିରଞ୍ଜନ ନାୟକଙ୍କ ନାମ ଚର୍ଚ୍ଚାରେ ରହିଛି। ବାଲିକୁଦା-ଏରସମାରୁ ଇଂ ନଳିନୀ ସ୍ୱାଇଁଙ୍କ ନାମ ଶୁଣିବାକୁ ମିଳୁଥିବା ସମୟରେ ତିର୍ତ୍ତୋଲରୁ ପୁରୁଖା କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ନାମ ଟିକଟ ଚର୍ଚ୍ଚାରେ ରହିଛି। ହିମାଂଶୁ ୨୦୨୦ ତିର୍ତ୍ତୋଲ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇ ୨୮, ୭୭୮ ଖଣ୍ଡ ଭୋଟ ପାଇଥିଲେ। ଗତ ୨୦୧୯ ଜଗତସିଂହପୁର ସଂସଦୀୟ କ୍ଷେତ୍ର ପାଇଁ କଂଗ୍ରେସ ପ୍ରାର୍ଥୀ ଥିବା ପ୍ରତିମା ମଲ୍ଲିକଙ୍କ ନାମ ଚର୍ଚ୍ଚାରେ ରହିଥିଲେ ମଧ୍ୟ ସେ ପୁଣିଥରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି କିମ୍ବା ନାହିଁ ଜଣାପଡ଼ିନାହିଁ।

# ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତଙ୍କ ଚକ୍ରାନ୍ତକୁ କର୍ମୀଙ୍କ ଶକ୍ତ ଚାପୁଡ଼ା

## ରଣପୁରରେ ସୁରମା ସମର୍ଥକଙ୍କ ମହାମେଳି



**ନୟାଗଡ଼/ରଣପୁର, ୫।୪ (ସମିସ):** ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେପି ଟିକଟ ଘୋଷଣା ହେବା ପରେ ଦୀର୍ଘ ଦିନ ଧରି କୁହୁଳୁଥିବା ଅସନ୍ତୋଷ ଏବେ ଦାଉଦାଉ ହୋଇ ଜଳୁଛି। ଅସନ୍ତୋଷର ଏହି ନିଆଁରେ ରଣପୁର ବିଜେପି ସଂଗଠନ ଏବେ ଦୁଇଫାଳ ହୋଇଛି। ବିଜେପି ଏଠାରୁ ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କୁ ପ୍ରାର୍ଥୀ କରିଥିବାରୁ ଗତଥରର ବିଧାୟକ ପ୍ରାର୍ଥିନୀ ସୁରମା ପାଢ଼ୀଙ୍କ ସମର୍ଥକ ଓ କର୍ମୀମାନେ ଏହାକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ସୁରମାଙ୍କ ଟିକଟ କଟିବା ପଛରେ ସେମାନେ ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଚକ୍ରାନ୍ତ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଟିକଟ ଘୋଷଣା ପରେ ପରେ କର୍ମୀମାନେ ଦଳୀୟ କାର୍ଯ୍ୟାଳୟଠାରେ ବିରୋଧ ପ୍ରଦର୍ଶନ କରିବା ସହ ସମ୍ବିତ ପାତ୍ର ଗୋ-ବ୍ୟାକ୍ ନାରା ଦେଇଥିଲେ। ଆଜି ବି ସମାନ ଧରଣର ଏକ ଘଟଣା ଘଟିଛି। ଶହଶହ ସଂଖ୍ୟାରେ କର୍ମୀ ମେଳି ବାନ୍ଧି ଆଜି ସମ୍ବିତଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି।

**ତାପସଙ୍କ ପ୍ରାର୍ଥିତ୍ୱକୁ ବିରୋଧ, ସୁରମାଙ୍କୁ ଟିକଟ ଦାବି**

**ସଂଗଠନ ଦୁଇଫାଳ, ସୁରମା ଦେବେ ସ୍ୱାଧୀନ ପ୍ରାର୍ଥୀ!**

ମିଳିଥିବା ସୂଚନାନୁଯାୟୀ, ରଣପୁର ବ୍ଲକ୍ କେରେଣ୍ଡାଟାଙ୍ଗି ବରକନ୍ୟାଠାରେ ୫ଶହରୁ ଊର୍ଦ୍ଧ୍ୱ କର୍ମୀ ଏକାଠି ହୋଇ ସୁରମାଙ୍କ ପାଇଁ ଟିକଟ ଦାବି କରିଥିଲେ। ରାଜ୍ୟ ନେତୃତ୍ୱ ରଣପୁର ଆସନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ ନ କଲେ, ରଣପୁରରେ ସମ୍ବିତ ପାତ୍ରଙ୍କୁ ପୂରାଇ ଦିଆଯିବନାହିଁ ବୋଲି ସିଧାସଳଖ ଚେତାବନୀ ଦେଇଛନ୍ତି। ଏପରି କରାନଗଲେ, ସେମାନେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି କହିଛନ୍ତି। ଏହାସହ କେଉଁ ଆଧାରରେ ତାପସଙ୍କୁ ଟିକଟ ଦିଆଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଥିଲେ ଯେ ବିଜେପିରେ ଦୀର୍ଘ ଦିନ ହେଲା କାମ କରୁଥିବା ଅଭିଜ୍ଞ, ଦକ୍ଷତାସଂପନ୍ନ ନେତ୍ରୀଙ୍କୁ ସାଙ୍ଗଠନିକ କାର୍ଯ୍ୟରୁ ଦୂରେଇ ରଖି ସମ୍ବିତ ନିଜ ମନମାନି ଚଳାଇଛନ୍ତି। ପତିଆରା ବଢ଼ାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। କିଛି କୁଚକ୍ରୀଙ୍କୁ ଧରି ବିଜେପିକୁ ବୁଡ଼ାଇବା ପାଇଁ ଯୋଜନା ଚାଲିଛି ବୋଲି କର୍ମୀମାନେ ଅଭିଯୋଗ କରିଥିଲେ।

ବୈଠକରେ ରବୀନ୍ଦ୍ରନାଥ ସାମନ୍ତ, ଗୋପାଳପୁର ଜୋନ୍ ମଣ୍ଡଳ ସଭାପତି ନିର୍ମଳ କୁମାର ମଉଗଜସିଂହ, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସୁନାଖଳା ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ ଭୋଭନୀ ସାହୁ, ଜଙ୍କିଆ ସଭାପତି ଭରତ ଚନ୍ଦ୍ର ପରିଡ଼ା, ମହିଳା ଯୁବମୋର୍ଚ୍ଚା ସଭାପତି ଅନସୂୟା ସାହୁ, ରଣପୁର ମଣ୍ଡଳ ସଭାପତି ଶ୍ୟାମସୁନ୍ଦର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀ ଓ ସୁରମାପ୍ରେମୀ ଉପସ୍ଥିତ ଥିଲେ।

**ଘସିପୁରା ନିର୍ବାଚନମଣ୍ଡଳୀ**

# ଭୋଟର ଦେଖନ୍ତି ଭେଟେରାନ୍‌ଙ୍କ ଲଢ଼େଇ

**କେନ୍ଦୁଝର/ଆନନ୍ଦପୁର, ୫।୪ (ସମିସ):** କେନ୍ଦୁଝର ଜିଲ୍ଲାର ୬ ବିଧାନସଭା ଆସନ ମଧ୍ୟରୁ ଅଣସଂରକ୍ଷିତ ଘସିପୁରା ଆସନଟି ଭେଟେରାନ୍‌ମାନଙ୍କ ମଧ୍ୟରେ ଲଢ଼େଇ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଅତୀତରେ ଏହି ଆସନ ବିଜେଡିର ଭେଟେରାନ୍ ବଦ୍ରିନାରାୟଣ ପାତ୍ର ଓ କଂଗ୍ରେସରୁ ହେଭିୱେଟ୍ ନିରଞ୍ଜନ ପଟ୍ଟନାୟକଙ୍କ ଲଢ଼େଇ ଦେଖିଆସିଛି। ଗତ କେତୋଟି ନିର୍ବାଚନରେ କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ଅଦଳବଦଳ ହେଉଥିଲେ ମଧ୍ୟ ବିଜେଡିରୁ ଭେଟେରାନ୍ ବଦ୍ରିନାରାୟଣ ହିଁ ମଇଦାନରେ ଟକ୍କର୍ ଦେଇ ବିଜୟ ତିଳକ ପିନ୍ଧିଛନ୍ତି। ନୂଆ ଓ ପୁରୁଣା ଆସନକୁ ମିଶାଇ ବଦ୍ରି ଏଠାରୁ ୫ଥର ବିଧାୟକ ହୋଇସାରିଲେଣି।

ଘସିପୁରାର ୨୫ ପଞ୍ଚାୟତ, ଘଟଗାଁ ବ୍ଲକର ୨୭ ପଞ୍ଚାୟତ, ଆନନ୍ଦପୁରର ୨ଟି ପଞ୍ଚାୟତ ଧକୋଠା ଓ କୋଳିମାଟି ସମେତ ମୋଟ ୫୪ଟି ପଞ୍ଚାୟତକୁ ନେଇ ଘସିପୁରା ନିର୍ବାଚନମଣ୍ଡଳୀ ଗଠିତ। ପୂର୍ବରୁ ରାମଚନ୍ଦ୍ରପୁର ନାମରେ ଥିବା ଏହି ନିର୍ବାଚନମଣ୍ଡଳୀ ୨୦୦୯ ପୁନର୍ଗଠନରେ ଘସିପୁରା ନାଁରେ ହୋଇଛି। ଅତୀତରୁ ଏଠାରେ ବଦ୍ରି-ନିରଞ୍ଜନ ଲଢ଼େଇ ଦେଖି ଆସିଛନ୍ତି ଭୋଟର। ୧୯୭୧ ଓ ୭୪ରେ ମୁରଲୀଧର କୁଅଁର, ୧୯୭୭ରେ କ୍ଷୀରୋଦ ପ୍ରସାଦ ସ୍ୱାଇଁ ଏଠାରେ ଜିତିଥିବା ବେଳେ ତା' ପରଠାରୁ ବଦ୍ରି-ନିରଞ୍ଜନଙ୍କ ମଧ୍ୟରେ ଲାଗିଛି ଛକାପଞ୍ଝା। ୧୯୮୦, ୧୯୮୫, ୧୯୯୫ ଓ ୨୦୦୪ରେ ନିରଞ୍ଜନ ବାଜି ଜିତିଥିବା ବେଳେ ୧୯୯୦ରେ ଜନତା ଦଳ ଓ ୨୦୦୦ରେ ସ୍ୱାଧୀନ ଭାବେ ବଦ୍ରି ପାତ୍ର କବ୍‌ଜା କରିଥିଲେ ପୁରୁଣା ରାମଚନ୍ଦ୍ରପୁର ଆସନ। ତେବେ ୨୦୦୯ରେ ଘସିପୁରା ଆସନ ହେବା ପରେ ବଦ୍ରି ହିଁ ଏହି ଆସନରେ ରହିଆସିଛନ୍ତି ସିକନ୍ଦର। ତେବେ ବଦ୍ରିଙ୍କୁ ଟକ୍କର ଦେବାରେ ନିରଞ୍ଜନ ଯଦିଓ ଏହି ଆସନରେ ଅଛନ୍ତି, କିନ୍ତୁ ଥରେ ରେସ୍‌ରୁ ବାହାରି ଯାଇଥିଲେ।

୨୦୦୯ରେ ନୂଆ ଘସିପୁରାରେ ଭୋଟର ଦେଖିଥିଲେ ପୁରୁଣା ବଦ୍ରି-ନିରଞ୍ଜନଙ୍କ ଲଢ଼େଇ। ଏଥର ନିରଞ୍ଜନଙ୍କଠାରୁ ୨୫, ୫୫୪ ଅଧିକ ଭୋଟ ପାଇ ବଦ୍ରି ଛଡ଼ାଇ ଆଣିଥିଲେ ଆସନ।




ସେଥର ବଦ୍ରି ୫୨.୮୫ ପ୍ରତିଶତ ଅର୍ଥାତ୍ ୭୭, ୮୯୦ ଭୋଟ ପାଇଥିବା ବେଳେ ନିରଞ୍ଜନ ପାଇଥିଲେ ୩୫.୫୧ ପ୍ରତିଶତ, ଅର୍ଥାତ୍ ୫୨, ୩୩୬ ଭୋଟ। ବିଜେପିରୁ ସନ୍ତୋଷ କୁମାର ରାଉତ ପାଇଥିଲେ ମାତ୍ର ୬.୫୭ ପ୍ରତିଶତ, ଅର୍ଥାତ୍ ୯୬୮୯ ଖଣ୍ଡ ଭୋଟ। ୨୦୧୪ରେ କିନ୍ତୁ ନିରଞ୍ଜନ ରେସ୍‌ରୁ ବାହାରି ଯାଇ କଂଗ୍ରେସରୁ ପୃଥ୍ୱୀରାଜ କୁଅଁରଙ୍କୁ ସୁଯୋଗ ଦେଇଥିଲେ। ପୃଥ୍ୱୀରାଜ ୭.୨୯ ପ୍ରତିଶତ ଅର୍ଥାତ୍, ୧୨, ୦୧୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନକୁ କଂଗ୍ରେସକୁ ନେଇଆସିଥିଲେ। ସେଥର ଲଢ଼େଇ ହୋଇଥିଲା ବିଜେଡିରୁ ବଦ୍ରି ଓ ବିଜେପିରୁ ସତ୍ୟବ୍ରତ ପଣ୍ଡାଙ୍କ ମଧ୍ୟରେ। ୬୬.୦୩ ପ୍ରତିଶତ ଭୋଟ ସହିତ ମୋଟ ୧, ୦୮, ୯୦୦ ଖଣ୍ଡ ଭୋଟ ପାଇ ବିଜେଡିରୁ ବଦ୍ରିନାରାୟଣ ପାତ୍ର, ବିଜେପିର ସତ୍ୟବ୍ରତ ପଣ୍ଡାଙ୍କୁ ୮୮, ୬୦୨ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ସତ୍ୟବ୍ରତ ପଣ୍ଡା ମାତ୍ର ୨୦, ୨୯୮ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ପୁଣି ହୋଇଥିବା ବଦ୍ରି-ନିରଞ୍ଜନ ଲଢ଼େଇ ଦେଖିବାକୁ ମିଳିଥିଲା। କଂଗ୍ରେସର ନିରଞ୍ଜନ ପଟ୍ଟନାୟକ ୫୪, ୧୨୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିରୁ ବଦ୍ରି ୮୬, ୮୧୬ ଖଣ୍ଡ ଭୋଟ ପାଇ ୩୨, ୬୮୮ ଭୋଟ ବ୍ୟବଧାନରେ ହରାଇ କ୍ରମାଗତ ତୃତୀୟଥର ଘଷିପୁରାରୁ ବିଜୟୀ ହୋଇଥିଲେ। କଂଗ୍ରେସ ଛାଡ଼ି ବିଜେପିରୁ ପ୍ରାର୍ଥୀ ହୋଇଥିବା ପୃଥ୍ୱୀରାଜ କୁଅଁର ୨୭, ୫୭୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

୨୦୨୪ ନିର୍ବାଚନ ପାଇଁ ମଇଦାନରେ ବିଜେଡିରୁ ବଦ୍ରି ଥିବା ବେଳେ କଂଗ୍ରେସ ଓ ବିଜେପିରୁ ପ୍ରାର୍ଥୀ କିଏ ଘୋଷଣା ହୋଇନାହିଁ।

# ୧୧ କ' ପଣିକିଆରେ ଭୋଟର୍ ସଚେତନତା

**ମାଲକାନଗିରି, ୫।୪ (ସମିସ):** ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ୧୧କ ପଣିକିଆ ମାଧ୍ୟମରେ ଭୋଟର ସଚେତନତା ଗୀତ ମୁକ୍ତିଲାଭ ହୋଇଛି। ଓଡ଼ିଆରେ ୨କ' ରୁ ୧୦ କ' ପଣିକିଆ ଗାଇ ସମସ୍ତଙ୍କ ମନ ଜିଣିଥିବା ପ୍ରୀତିସୁଲଗ୍ନା ଓ ଶ୍ରୁତି ସୁଲଗ୍ନାଙ୍କ ଦ୍ୱାରା ବର୍ତ୍ତମାନ ୧୧କ ପଣିକିଆ ମାଧ୍ୟମରେ ଭୋଟର୍ ସଚେତନତା ଗୀତରେ ଅଭିନୟ କରିଛନ୍ତି। ଏହି ଗୀତକୁ ଗତକାଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାରେ ମୁକ୍ତିଲାଭ କରାଯାଇଛି। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡଃ ସନାତନ ପଣ୍ଡା ଏହି ସଚେତନତାଧର୍ମୀ ଗୀତର ଛନ୍ଦ ରଚନା କରିଥିବା ବେଳେ ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ ନିର୍ଦ୍ଦେଶନା ଦେଇଛନ୍ତି।

ଗୀତର କଣ୍ଠଶିଳ୍ପୀ ଶ୍ରୁତି ସୁଲଗ୍ନା ମାଲକାନଗିରି ଜିଲ୍ଲାର କାଙ୍ଗୁରୁକୋଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ବେଳେ ତାଙ୍କ ସାନ ଭଉଣୀ ପ୍ରୀତି ସୁଲଗ୍ନା ନୟାଗଡ଼ ଜିଲ୍ଲାର ଦଶପଲ୍ଲାସ୍ଥିତ ରାଧାମୋହନଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ। ପିତା କୁରେଶ ଚନ୍ଦ୍ର ସାହୁ କାଙ୍ଗୁରୁକୋଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟରତ। ମାତା ଶୁଭଶ୍ରୀ ସନମ୍ ଦାଶ ନୟାଗଡ଼ର ଦଶପଲ୍ଲାସ୍ଥିତ ରାଧାମୋହନଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ। ପଣିକିଆ ଗର୍ଲ ଭାବେ ଭାଇରାଲ ଏହି ଦୁଇ ଭଉଣୀ ନିଜର ପ୍ରତିଟି ପଣିକିଆ ଗୀତରେ ସବୁବେଳେ ସମାଜକୁ ଦେଇଥାନ୍ତି ଅନେକ ସଚେତନତା ବାର୍ତ୍ତା। ଏହି ଗୀତ ଦ୍ୱାରା ଚଳିତ ୨୦୨୪ ନିର୍ବାଚନରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି କରାଇବା, ଉଚିତ୍ ପ୍ରାର୍ଥୀ ଚୟନ, ଭୋଟର ମୂଲ୍ୟ ଅମୂଲ ଇତ୍ୟାଦି ସମସ୍ତ କଥାକୁ ୧୧କ ପଣିକିଆ ମାଧ୍ୟମରେ ବଣ୍ଡା ଆଦିବାସୀ ଅଞ୍ଚଳର ବରିଷ୍ଠ ନାଗରିକ, ମହିଳା ଓ ଯୁବ ଭୋଟରଙ୍କୁ ପ୍ରୀତି ଏବଂ ଶ୍ରୁତି ବୁଝାଉଛନ୍ତି। ମାଲକାନଗିରିର ପାରମ୍ପରିକ ବେଶ ପୋଷାକରେ ସଜେଇ ହୋଇ ପଣିକିଆ ମାଧ୍ୟମରେ ଭୋଟରମାନଙ୍କୁ ସଚେତନ କରୁଛନ୍ତି। ଏହି ଗୀତର ମୁକ୍ତିଲାଭ ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସଚିନ୍ ପାୱାର, ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ପଣିକିଆ ଭାଇରାଲ ଗାର୍ଲ ପ୍ରୀତି ଓ ଶ୍ରୁତିଙ୍କ କମାଲ୍

ନିଆଳି ବିଧାନସଭା କ୍ଷେତ୍ର

# ପୁଣି ମଇଦାନରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ

କଟକ, ୫ ।୪ (ସମିସ):

କଟକ ଜିଲ୍ଲାର ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ବିଧାନସଭା ଆସନ ନିଆଳିରେ ଏଥର ପୁଣି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଲଢ଼େଇରେ ଅବତୀର୍ଣ୍ଣ ହେବେ। ବିଜେଡିର ଡାଃ ପ୍ରମୋଦ ମଲ୍ଲିକ ଓ ବିଜେପିର ଛବି ମଲ୍ଲିକଙ୍କ ମଧ୍ୟରେ ଲଢ଼େଇ ହେଉଥିବା ବେଳେ ଏପର୍ଯ୍ୟନ୍ତ କଂଗ୍ରେସ କିନ୍ତୁ ପ୍ରାର୍ଥୀ ଚୟନ କରିପାରିନାହିଁ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ଗୋବିନ୍ଦପୁର ନିର୍ବାଚନମଣ୍ଡଳୀ ବିଲୁପ୍ତ ହୋଇ ନିଆଳି ବିଧାନସଭା କ୍ଷେତ୍ର ସୃଷ୍ଟି ହୋଇଥିଲା।

୧୯୮୫ରୁ ୨୦୦୪ ପର୍ଯ୍ୟନ୍ତ ଗୋବିନ୍ଦପୁର ବିଧାନସଭା କ୍ଷେତ୍ର ଅସଂରକ୍ଷିତ ରହିଥିଲା। ଏହି ସମୟ ପର୍ଯ୍ୟନ୍ତ ତ୍ରିଲୋଚନ-ପଞ୍ଚାନନ କାନୁନଗୋଙ୍କ ସହ ରବୀନ୍ଦ୍ର ମଲ୍ଲିକଙ୍କ ଲଢ଼େଇ ହୋଇଆସିଥିବାର ନଜିର ରହିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭୟ ଲଢ଼ି ଆସିଥିଲେ। ୧୯୮୫ରେ ସ୍ୱାଧୀନ ପ୍ରାର୍ଥୀ ହୋଇ ତ୍ରିଲୋଚନ କାନୁନଗୋ କଂଗ୍ରେସର ରବୀନ୍ଦ୍ର ମଲ୍ଲିକଙ୍କୁ ପରାଜିତ କରିଥିଲେ। ୧୯୯୦ରେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ମଲ୍ଲିକ ଜନତା ଦଳ ପ୍ରାର୍ଥୀ ତ୍ରିଲୋଚନ କାନୁନଗୋଙ୍କୁ ପରାସ୍ତ କରିଥିଲେ। ପୁଣି ୧୯୯୫ ଓ ୨୦୦୦ରେ ତ୍ରିଲୋଚନଙ୍କ ଭାଇ ପଞ୍ଚାନନ କାନୁନଗୋ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ରଙ୍କୁ ହରାଇଥିଲେ। ୨୦୦୪ରେ ପୁଣି କଂଗ୍ରେସ ପ୍ରାର୍ଥୀ ହୋଇ ରବୀନ୍ଦ୍ର ମଲ୍ଲିକ ବିଜେଡି ପ୍ରାର୍ଥୀ ପଞ୍ଚାନନଙ୍କୁ ହରାଇ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ଆସନଟି ସଂରକ୍ଷିତ ହୋଇଯିବା ପରେ କାନୁନଗୋ ଭ୍ରାତା ଓ ରବୀନ୍ଦ୍ରଙ୍କ ପାଇଁ ନିର୍ବାଚନ ଲଢ଼ିବା ବାଟ ବନ୍ଦ ହୋଇଯାଇଥିଲା।




୨୦୦୯ରେ ବିଜେଡି ପ୍ରାର୍ଥୀ ଡାଃ ପ୍ରମୋଦ କୁମାର ମଲ୍ଲିକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଆର୍ତ୍ତତ୍ରାଣ ମଲ୍ଲିକଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ପ୍ରମୋଦ କଂଗ୍ରେସ ପ୍ରାର୍ଥୀ ଛବି ମଲ୍ଲିକଙ୍କୁ ପ୍ରାୟ ୨ ୬ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ତେବେ ୨୦୧୯ରେ ଛବି କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ସେ ବିଜେପି ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ପ୍ରମୋଦ ମଲ୍ଲିକଙ୍କଠାରୁ ପ୍ରାୟ ୨୬ହଜାର ଭୋଟ ବ୍ୟବଧାନରେ ହାରିଯାଇଥିଲେ। ଏଥର ବି ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ତୃତୀୟଥର ପାଇଁ ଲଢ଼େଇ ହେବାକୁ ଯାଉଛି। ୩ଥର ଲଗାତାର ଜିତି ହାଟ୍ରିକ କରିଥିବା ପ୍ରମୋଦଙ୍କୁ ଟକ୍କର ଦେବା ଏଠାରେ ବିଜେପି ଓ କଂଗ୍ରେସ ପାଇଁ ଚାଲେଞ୍ଜ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଯେ ୧୯୮୫ରୁ ୨୦୦୪ ପର୍ଯ୍ୟନ୍ତ ପୂର୍ବର ଗୋବିନ୍ଦପୁର(ବର୍ତ୍ତମାନର ନିଆଳି) ବିଧାନସଭା କ୍ଷେତ୍ରରେ ହୋଇଥିବା ନିର୍ବାଚନରେ ବିଜୟ ବ୍ୟବଧାନ ଢେର୍ କମ ରହୁଥିଲା। ୧୯୮୫ରେ ବିଜୟ ବ୍ୟବଧାନ ୧୩୮୩ ଖଣ୍ଡ ଭୋଟ ଥିବା ବେଳେ ୧୯୯୦ରେ ୨୨୮୫, ୧୯୯୫ରେ ମାତ୍ର ୮୫ଖଣ୍ଡ, ୨୦୦୦ରେ ୧୨୩୫ ଓ ୨୦୦୪ରେ ଥିଲା ୪୨୯୦ଖଣ୍ଡ ଭୋଟ। କିନ୍ତୁ ୨୦୦୯ ପରଠାରୁ ଏହି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନ ଅଧିକ ମଜଭୁତ ହେବାରୁ ବିଜୟ ଭୋଟ ବ୍ୟବଧାନ ବୃଦ୍ଧି ପାଇଥିବା କୁହାଯାଉଛି।

**୨୦୨୪ରେ ମତ ସାବ୍ୟସ୍ତ କରିବେ**

ପୁରୁଷ
୧, ୨୬, ୧୩୧
ମହିଳା
୧, ୨୦୩୪୦
୨୭ (ଅନ୍ୟାନ୍ୟ)
ମୋଟ ଭୋଟର
୨, ୪୬, ୪୯୮

**୨୦୧୯ର ଫଳାଫଳ**

ଡା.ପ୍ରମୋଦ କୁମାର ମଲ୍ଲିକ(ବିଜେଡି)
୯୪, ୦୧୩ ଖଣ୍ଡ ଭୋଟ(୫୩.୬୫ପ୍ରତିଶତ)
ଛବି ମଲ୍ଲିକ(ବିଜେପି)
୬୬, ୩୧୦ଖଣ୍ଡ ଭୋଟ(୩୭.୮୪ପ୍ରତିଶତ)
ମମତା ଭୋଇ(କଂଗ୍ରେସ)
୧୨, ୬୫୯ଖଣ୍ଡ ଭୋଟ(୭.୨୨ପ୍ରତିଶତ)

ବିଜୁଙ୍କ ପରାମର୍ଶ ଭୁଲିଗଲେ ଭକ୍ତ

# ତରଳିଗଲା ମହମ ପ୍ରତିମା

ନର୍ଲା, ୫ ।୪ (ସମିସ):

କଳାହାଣ୍ଡି ଜିଲ୍ଲା ତଥା ରାଜ୍ୟ ଓ ଜାତୀୟସ୍ତରରେ ଜଣେ ଟାଣୁଆ ନେତା ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଜଣେ ପରିଚିତ ବ୍ୟକ୍ତିତ୍ୱ। ତାଙ୍କର ନେତୃତ୍ୱ ଓ ରାଜନୈତିକ ଦକ୍ଷତା ଯୋଗୁଁ ଆଜି କଂଗ୍ରେସ ଦଳରେ ଜାତୀୟ ସ୍ତରରେ ବଳିଷ୍ଠ କ୍ଷମତା ରହିଛି। ଦଳୀୟ ନିଷ୍ପତ୍ତି ଓ ରାଜନୈତିକ ରଣନୀତି ନିର୍ଦ୍ଧାରଣ ପାଇଁ ଦଳରେ ତାଙ୍କର ପରାମର୍ଶ ଓ ଆବଶ୍ୟକତା କଂଗ୍ରେସ ପାଇଁ ଅପରିହାର୍ଯ୍ୟ ଜଣାପଡୁଛି। ହେଲେ ତାଙ୍କର ଦକ୍ଷତା, କ୍ଷମତା ଓ ପାରିବାପଣିଆ ଆଜି ସାଧାରଣରେ ବିଶ୍ୱାସଯୋଗ୍ୟ ହେଉ ନାହିଁ। ଦୀର୍ଘ ବର୍ଷ ଧରି ବାରମ୍ବାର କଳାହାଣ୍ଡି ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଆସୁଥିଲେ ହେଁ ତାଙ୍କ ପାଇଁ ହାରଜିତ୍ ତାଙ୍କର ବ୍ୟକ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଆସିଛି। ତାଙ୍କର ରାଜନୈତିକ ଜୀବନରେ ସଫଳତା ଅପେକ୍ଷା ବିଫଳତାର ତାଲିକା ଲମ୍ବା ରହିଛି।



ରାଜନୈତିକ ଜୀବନ ଆରମ୍ଭରେ ଭକ୍ତ ଜଣେ ଉଦୀୟମାନ ଓ ପ୍ରଭାବଶାଳୀ ନେତା ଭାବରେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରିୟଭାଜନ ଥିଲେ। ହେଲେ ନବେ ଦଶକର ଶେଷ ଭାଗରେ ଜନତା ଦଳର ସାଂସଦ ଥାଇ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚନ୍ଦ୍ରଶେଖରଙ୍କ ସମାଜବାଦୀ ଜନତା ପାର୍ଟି ସରକାରରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ଗଠନର ସଫଳତା ପାଇ ଜିଲ୍ଲାରେ ପ୍ରଥମ ଜିଲ୍ଲା ପରିଷଦ ଗଠନରେ ଭକ୍ତ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସେହି ସମୟରେ ଭକ୍ତ ବାବୁ ସ୍ୱର୍ଗତ ବିଜୁ ବାବୁଙ୍କ ଆଶୀର୍ବାଦ ଲୋଡ଼ି ୧୯୯୭ ଫେବୃୟାରୀ ୨ରେ ନୂଆଦିଲ୍ଲୀସ୍ଥିତ ବିଜୁ ବାବୁଙ୍କ ବାସଭବନରେ ସାକ୍ଷାତ କରିଥିଲେ। ସାଥୀରେ ତତ୍କାଳୀନ ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତ ମଦନ ମୋହନ ମାଝି, ସଭ୍ୟା କମଳିନୀ ଜାନୀ ତଥା ତାଙ୍କ ସ୍ୱାମୀ ସ୍ୱର୍ଗତ ମେଦିନୀଧର ଜାନୀ ଉପସ୍ଥିତ ଥିଲେ। ଭକ୍ତ ବାବୁଙ୍କ ଟାଣୁଆ ନେତୃତ୍ୱ ଯୋଗୁଁ ବିଜୁ ବାବୁଙ୍କ ପ୍ରିୟଭାଜନ ଥିଲେ। ସେ ସମୟରେ ଭକ୍ତ ବାବୁ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଯାଇ ଜିଲ୍ଲା ପରିଷଦ ଗଠନ କରିଥିଲେ ହେଁ ତାଙ୍କର ପ୍ରିୟପାତ୍ର ଅନୁଗତ ଥିବା ହେତୁ ବିଜୁ ବାବୁ ତାଙ୍କୁ ଏକ ଦୂରଦର୍ଶୀ ପରାମର୍ଶ ଦେଇଥିଲେ। ବିଜୁ କହିଥିଲେ ଯେ 'ଆଦିବାସୀ ଓ ଦଳିତଙ୍କ ତୁ ପ୍ରତିନିଧି, ରାଜନୈତିକ ଜୀବନ ଏକ ମହମର ପ୍ରତିମୂର୍ତ୍ତି ସଦୃଶ। ଏହି ଆଦିବାସୀ ଓ ଦଳିତ ହିଁ ତୋ ରାଜନୈତିକ ଜୀବନର ଛାୟା ପ୍ରଦାନକାରୀ। ଏମାନଙ୍କୁ କେବେ ବି ଅଣଦେଖା କରିବୁନି। ଅନ୍ୟଥା ଏହି ଛାୟା ହଟିଲେ ତୋର ମହମ ପ୍ରତିମା ତରଳିଯିବ। ଅଣଦେଖା କଲେ ତୋ ରାଜନୈତିକ ଜୀବନର ସମାପ୍ତ ହେବ। ଜଣେ ଅଭିଜ୍ଞ ଓ ଯୁଗ ପୁରୁଷଙ୍କ ବାକ୍ୟକୁ ଭକ୍ତ ଅଣଦେଖା କଲେ। ସେହିଦିନଠାରୁ ଭକ୍ତ ବାରମ୍ବାର ପରାଜୟ ଦେଖିଲେ। ୨୦୦୯ ପୂର୍ବରୁ ନିୟମଗିରି ଆନ୍ଦୋଳନ ବାହାନାରେ କିଛି ମାତ୍ରାରେ ପୁଣି ଥରେ ଆଦିବାସୀ ଓ ଦଳିତଙ୍କ ପସନ୍ଦ ହେଲେ ଓ ସାଂସଦ ହେଲେ। ହେଲେ ପରବର୍ତ୍ତୀ ସମୟରେ ସେହି ଅଭ୍ୟାସ ଓ ସେହି ଅଭିମାନ ତାଙ୍କୁ ଗ୍ରାସ କରିଚାଲିଛି। ଏବେ ଲୋକସଭାରେ ହାରିବାର ଭୟରେ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନର୍ଲା ଆସନକୁ ବାଛିଛନ୍ତି ବୋଲି ଆଲୋଚନା ହେଉଛି। ଭିଡିଓ ମାଧ୍ୟମରେ ନିର୍ବାଚନମଣ୍ଡଳୀର ସବୁ ଦଳର କର୍ମୀଙ୍କୁ ସେ ହିଁ ତିଆରି କରିଛନ୍ତି ବୋଲି ବାହାସ୍ଫୋଟ ମାରୁଛନ୍ତି। ହେଲେ ଏବେ କଂଗ୍ରେସ ପକ୍ଷରୁ ଆଶାୟୀ ପ୍ରାର୍ଥୀମାନେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ଦେବା ପାଇଁ ଘୋଷଣା କଲେଣି। ମୁଖ୍ୟମନ୍ତ୍ରୀଙ୍କୁ ଭକ୍ତ ମୁହଁଫୁଟାଣିରେ ଚ୍ୟାଲେଞ୍ଜ କରୁଥିବା ବେଳେ ନିଜ ଦଳର କର୍ମୀଙ୍କୁ ନିୟନ୍ତ୍ରଣରେ ରଖିବା ଏବେ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

# ଏସ୍ଏଚ୍ଜି ସଦସ୍ୟାରୁ ବିଧାୟିକା ପ୍ରାର୍ଥିନୀ: ଅନସୂୟା

ବଡ଼ସାହି, ୫ ।୪ (ସମିସ):

ବଡ଼ସାହି ନିର୍ବାଚନମଣ୍ଡଳୀରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ଧର୍ମପତ୍ନୀ ଅନସୂୟା ପାତ୍ରଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଗଣେଶ୍ୱରଙ୍କ ସାଂଗଠନିକ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତାକୁ ନେଇ ତାଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରାଯାଇଛି। ଅନସୂୟା ଜଣେ ସୁଗୃହିଣୀ ହୋଇଥିବା ବେଳେ ସେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ମଧ୍ୟ। ତେଣୁ ତାଙ୍କ ବାସଭବନକୁ ଶହଶହ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଆସି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ତାଙ୍କୁ ଆର୍ଶୀବାଦ ପ୍ରଦାନ କରୁଛନ୍ତି। ବଡ଼ସାହି ବ୍ଲକ ଯୁବ ଜନତା ଦଳର ସଭାପତି ନୀହାର ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଶହଶହ ଯୁବକ ତାଙ୍କ ବାସଭବନରେ ପହଞ୍ଚି ଅନୁସୂୟାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।



ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଏହି ଆସନରୁ ବିଧାୟକ ଥିଲେ। ମାତ୍ର ୨୦୧୯ରେ ଦଳ ତାଙ୍କ ବଦଳରେ ବୃନ୍ଦାବନ ଦାସଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ବୃନ୍ଦାବନ ବିଜେପି ପ୍ରାର୍ଥୀ ସନାତନ ବିଜୁଳିଙ୍କଠାରୁ ପରାଜିତ ହୋଇଥିଲେ। ହେବାକୁ ଯାଉଥିବା ଚଳିତ ନିର୍ବାଚନରେ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ତା'ର ପ୍ରାର୍ଥୀ ଘୋଷଣା କରି ନଥିବା ବେଳେ ବିଜେପି ପୁଣି ସନାତନ ବିଜୁଳିଙ୍କୁ ପ୍ରାର୍ଥୀ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟରେ ବିଜୟ ହୋଇଥିବା ବେଳେ ବଡ଼ସାହି ଓ ବେତନଟୀ ୨ଟି ବ୍ଲକରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ମଧ୍ୟ ବିଜେଡି ଅକ୍ତିଆରରେ ରହିଛି। ସେହିପରି ନିର୍ବାଚନମଣ୍ଡଳୀ ଅଧୀନ ୫ଟି ଜୋନ୍‌ରେ ବିଜେଡିର ଜିଲ୍ଲା ପରିଷଦମାନେ ବିଜୟ ଲାଭ କରିଛନ୍ତି। ତେଣୁ ଚଳିତଥର ବଡ଼ସାହି ବିଜେଡି ଫେରି ପାଇବା ପାଇଁ କର୍ମୀମାନେ ଉଦ୍ୟମ ଆରମ୍ଭ କରିଦେଇଥିବା ଜଣାପଡ଼ିଛି।

ଜୟପୁର ବିଧାନସଭା ଆସନ

# ଉତ୍କଣ୍ଠା ବଢ଼ାଉଛି ସାମାଜିକ ଗଣମାଧ୍ୟମ

ଜୟପୁର, ୫ ।୪ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଏକମାତ୍ର ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଣସଂରକ୍ଷିତ ଆସନ। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରି ଜିଲ୍ଲାରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ଅଧିକ ରହିଛି। ମଙ୍ଗଳବାର ଜୟପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପୁଣି ତାରାପ୍ରସାଦ ବାହିନୀପତିଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ନାମ ଘୋଷଣା କରିଛି। ଏହାପରେ ଏବେ ବିଜେଡି, ବିଜେପି ପ୍ରାର୍ଥୀଙ୍କ ନାମ ଘୋଷଣାକୁ ଅପେକ୍ଷା ରହିଛି। ଅନ୍ୟପଟରେ ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଓ ବିଜେପିର ପ୍ରାର୍ଥୀଙ୍କ ନାମକୁ ନେଇ ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ବିଭିନ୍ନ ସୂଚନା ଏବେ ଜୟପୁର ଭୋଟରଙ୍କ ଉତ୍କଣ୍ଠାକୁ ବଢ଼ାଉଥିବା ଦେଖିବାକୁ ମିଳୁଛି। ଏହି ବିଧାନସଭା ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟର ଏକ ମୁଖ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ପରିଗଣିତ ହୋଇଥାଏ। ରାଜ୍ୟରେ ବିଜେଡି ପକ୍ଷରୁ ଏପର୍ଯ୍ୟନ୍ତ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା ହୋଇନାହିଁ। ସେହିପରି ବିଜେପି ମଧ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ବିଳମ୍ବ କରିଛି। ଆଶାୟୀ ପ୍ରାର୍ଥୀମାନେ ଗ୍ରାମକୁ ଗ୍ରାମ ବୁଲିବା ସହିତ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଉଥିବା ନେଇ ସୋସିଆଲ ମିଡିଆ ପ୍ରଚାର ପ୍ରସାର କରୁଛନ୍ତି। ଏହା ଏବେ ଜୟପୁରବାସୀଙ୍କ ଉତ୍କଣ୍ଠାକୁ ବଢ଼ାଉଥିବା ଚର୍ଚ୍ଚା ହେଉଛି।

**କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ବିଜେଡି, ବିଜେପିକୁ ଅପେକ୍ଷା**




ପ୍ରକାଶ ଯେ, ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ସମୁଦାୟ ୨ ଲକ୍ଷ ୧୧ ହଜାର ୯୦୮ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ୧ ଲକ୍ଷ ୩ ହଜାର ୬୦୯ଏବଂ ୧ ଲକ୍ଷ ୧୦ ହଜାର ୧୮୧ ମହିଳା, ୩୪ କିନ୍ନର ରହିଛନ୍ତି। ସେହିପରି ନୂତନ ଭୋଟଦାତା ଭାବେ ୧୮ରୁ ୧୯ ବର୍ଷ ବୟସର ୨୬୮୩ ଯୁବକ ଏବଂ ୨୧୮୩ ଯୁବତୀ ରହିଛନ୍ତି। ବରିଷ୍ଠ ନାଗରିକ ଭାବେ ୮୫ ବର୍ଷରୁ ଊର୍ଦ୍ଧ୍ୱ ୯୪୦ ଜଣ ମତଦାତା ରହିଛନ୍ତି। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୟପୁର ବ୍ଲକର ସମସ୍ତ ୨୨ ଟି ଗ୍ରାମପଞ୍ଚାୟତ ଏବଂ ବୋରିଗୁମ୍ମା ବ୍ଲକର ୧୯ଟି ଗ୍ରାମପଞ୍ଚାୟତରେ ସମୁଦାୟ ୨୩୮ଟି ବୁଥରେ ଭୋଟରମାନେ ମତଦାନ କରିବେ।

● ବିଜେପିରେ ପ୍ରବଳ ଝଡ଼

# ବସନ୍ତଙ୍କ ପୁଅଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ରାଜଧାନୀରେ ବିଜେପି ନେତା

ନୂଆପଡ଼ା, ୫ ।୪ (ସମିସ):

ନୂଆପଡ଼ା ବିଧାନସଭା ଆସନ ପାଇଁ ବିଜେପି ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଟିକଟ ଦେବା ପରଠାରୁ ଆଶାୟୀ ଓ କର୍ମୀମହଲରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଅଭିନନ୍ଦନଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ସେମାନେ ରାଜଧାନୀ ଗସ୍ତ କରିଛନ୍ତି। ଅପରପକ୍ଷେ, ଅଭିନନ୍ଦନ ସୁନାବେଡ଼ା ଗସ୍ତ କରି ମାଁ ସୁନାଦେଇଙ୍କ ପୀଠରେ ବୋଦା ବଳି ଦେଇ ଶୁଭ ମନାସିଛନ୍ତି।




ସୂଚନାଯୋଗ୍ୟ, ବିଜେପି ତରଫରୁ ଦୁଇଜଣ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ବହୁ ପୁରୁଣା ନେତାମାନେ ଟିକଟ ପାଇଁ ଦାବିଦାର ରହିଥିଲେ। ହେଲେ ଗତଥରର ସାଂସଦ ବସନ୍ତ ପଣ୍ଡାଙ୍କୁ କଳାହାଣ୍ଡି ସାଂସଦ ଟିକଟରୁ ବାଦ୍ ଦିଆଯାଇଥିବାରୁ ତାହାର ଭରଣା କରିବା ପାଇଁ ବସନ୍ତ ଶୀର୍ଷ ନେତୃତ୍ୱଙ୍କ ପାଖରେ ନିଜ ପୁଅ ପାଇଁ ଲବି କରିଥିଲେ ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ଫଳସ୍ୱରୂପ ତାଙ୍କ ପୁଅ ଅଭିନନ୍ଦନଙ୍କୁ ନୂଆପଡ଼ା ଆସନରୁ ଟିକଟ ମିଳିଛି। କିନ୍ତୁ ବସନ୍ତଙ୍କ ଏହି କାର୍ଯ୍ୟ ପାଇଁ ଏବେ ଦଳୀୟ କର୍ମୀମାନେ ବିଦ୍ରୋହ କରିଛନ୍ତି। ଅଭିନନ୍ଦନଙ୍କ ପ୍ରାର୍ଥିତ୍ୱକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଏ ସଂପର୍କରେ ସେମାନେ ରାଜ୍ୟ ନେତୃତ୍ୱଙ୍କୁ ଅଭିଯୋଗ କରିବା ପାଇଁ ଗତ ୩ ତାରିଖ ଦିନ ସ୍ଥାନୀୟ ଘାଟିପଡ଼ାଠାରେ ବୈଠକ କରି ୪ତାରିଖ ରାତିରେ ରାଜ୍ୟ ରାଜଧାନୀ ଅଭିମୁଖେ ବାହାରିଥିଲେ। ୩ଟି ବସ ଏବଂ ୮ଟି କାର ଯୋଗେ ସେମାନେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେବା ସହ ଦୁଇ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଅଭିନନ୍ଦନଙ୍କ କୌଣସି ସାଂଗଠନିକ ଦକ୍ଷତା ନାହିଁ, ସେ କେବଳ ବସନ୍ତ ପଣ୍ଡାଙ୍କ ପୁଅ ବୋଲି ତାଙ୍କୁ ଟିକଟ ଦିଆଯାଇଛି। ଏପରି ହେଲେ ଆମେ ଦଳ ଛାଡ଼ିବୁ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

**ବୋଦା ବଳିଦେଇ ଶୁଭ ମନାସିଲେ ଅଭିନନ୍ଦନ**

ଅସନ୍ତୁଷ୍ଟଙ୍କ ଏହି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣୀ ପାଣିଗ୍ରାହୀ, ମନିର ଆର୍ଯ୍ୟ, ଦୃଷ୍ଟି ମାଝୀ, ଚତୁର୍ଭୁଜ ଶର୍ମା, ରାକେଶ ଜୈନ, ମୂଳଚାନ୍ଦ ସୁନାନୀଙ୍କ ସମେତ ସମସ୍ତ ପଦାଧିକାରୀ ସାମିଲ ରହିଥିଲେ। ଅନ୍ୟପଟେ ଅଭିନନ୍ଦନ ୩ଟି କାର ଯୋଗେ ଶୁକ୍ରବାର ସୁନାବେଡ଼ା ଗସ୍ତ କରି ସେଠାରେ ମାଁଙ୍କୁ ବୋଦା ବଳି ଦେବା ସହ ସ୍ଥାନୀୟ ଲୋକଙ୍କ ସହ ପ୍ରସାଦ ସେବନ କରିଥିଲେ। ଏହା ସାରା ଜିଲ୍ଲା ତଥା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଦଳ ମଧ୍ୟରେ ଏଭଳି ଗମ୍ଭୀର ସ୍ଥିତିକୁ ନେଇ ଜିଲ୍ଲାରେ ଗଡ଼ କରି ରହିଥିବା ଦଳର ବିପର୍ଯ୍ୟୟର ବେଳ ସନ୍ନିକଟ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ପାରଳା ବିଧାନସଭା ଆସନ

# ତିନି ଉଚ୍ଚଶିକ୍ଷିତଙ୍କ ମଧ୍ୟରେ ହେବ ଟକ୍କର

ପାରଳାଖେମୁଣ୍ଡି, ୫ ।୪(ସମିସ):

ଗଜପତି ଜିଲ୍ଲା ପାରଳଖେମୁଣ୍ଡି ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। ବିଜେଡି ପକ୍ଷରୁ ଇଂ. ରୂପେଶ କୁମାର ପାଣିଗ୍ରାହୀ, ବିଜେପିରୁ କେ.ନାରାୟଣ ରାଓ ଓ ବିଜୟ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ନିର୍ବାଚନ ମଇଦାନରେ ମୁଖ୍ୟତଃ ଏହି ତିନି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସରଗରମ ହୋଇଛି ମାହୋଲ। ପ୍ରାର୍ଥୀ ଘୋଷଣା ପରେ ୩ ଦଳ ନିଜ ନିଜର ରଣକୌଶଳ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ରାଜନୈତିକ ଚର୍ଚ୍ଚା, ଆଲୋଚନା ତଥା ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସ୍ଥିତିକୁ ନେଇ ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି।




ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ବିଜେଡି ନୂଆ ଚେହେରାକୁ ପ୍ରାର୍ଥୀ କରିଛି। ରାଜନୀତିରେ ନୂତନ ଭାବେ ପାଦ ଥାପିଥିବା ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ବିଜେଡି ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି। ତାଙ୍କ ବାପା ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଜଣେ ସଫଳ ବ୍ୟବସାୟୀ ଓ ଜଣାଶୁଣା ରାଜନେତା। ନବାଗତ ରୂପେଶ ଇଂଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ତଥା ପାରଳା ବିଧାୟକ କେ. ନାରାୟଣ ରାଓ ଜଣେ ଉଚ୍ଚଶିକ୍ଷିତ। ସେ ସ୍ନାତକ ସହ ଆଇନରେ ଡିଗ୍ରୀ ହାସଲ କରି ଜଣେ ଆଇନଜୀବୀ। ସେ ରାଜନୀତିରେ ଜଣେ ପୁରୁଖା ନେତା। କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ପୂର୍ବତନ ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଥିଲେ। ଏଭଳି ୩ଜଣ ଉଚ୍ଚଶିକ୍ଷିତଙ୍କୁ ୩ ପ୍ରମୁଖ ଦଳ ପ୍ରାର୍ଥୀ କରିଥିବାରୁ ଏମାନଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ରାଜନୀତି ସମୀକ୍ଷକମାନେ ଆକଳନ କରିଛନ୍ତି। ଅବଶ୍ୟ ପାରଳାଖେମୁଣ୍ଡି ବିଧାନସଭା ଆସନରେ ବିଜେଡିର ସାଂଗଠନିକ ସ୍ଥିତି ସୁଦୃଢ଼ ରହିଛି। ଗତ ପଞ୍ଚାୟତ ନିର୍ବାଚନ ୨୦୨୨ ପରଠାରୁ ବିଜେପି ଏବଂ କଂଗ୍ରେସଠାରୁ ବିଜେଡି ବହୁ ଆଗରେ ରହିଛି। ଏହା ରାଜନୀତିରେ ନବାଗତ ରୂପେଶଙ୍କୁ ସହାୟ ହେବ ବୋଲି କୁହାଯାଉଛି।

ଏକଦା କଂଗ୍ରେସ ଗଡ଼ ଥିବା ପାରଳାଖେମୁଣ୍ଡିରେ ଏବେ ଅଣକଂଗ୍ରେସ ଦଳଙ୍କ ପତିଆରା ବୃଦ୍ଧି ପାଇଛି। ୧୯୯୦ ରେ ଜନତା ଦଳ ପ୍ରାର୍ଥୀ ଏଠାରେ ବିଜୟୀ ହୋଇଥିବା ବେଳେ ୧୯୯୫ରେ ସ୍ୱାଧୀନ, ୨୦୦୦ ଏବଂ ୨୦୦୪ରେ କଂଗ୍ରେସ, ୨୦୦୯ରେ ବିଜେଡି, ୨୦୧୪ରେ କଂଗ୍ରେସ ୨୦୧୯ରେ ବିଜେପି ଏହି ଆସନରେ ବିଜୟୀ ହୋଇଥିଲେ। ତେବେ ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ବେଶ୍ ସଫଳତା ମିଳିଥିଲା। ଏହା ପରଠାରୁ ବିଜେଡିର ପ୍ରଭାବ ବୃଦ୍ଧି ପାଇଛି। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨ଲକ୍ଷ ୧୫ହଜାର ୭୦୬ ରହିଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୬ହଜାର ୨୧୨ ଓ ମହିଳା ଭୋଟର ସଂଖ୍ୟା ୧ ଲକ୍ଷ ୯ହଜାର ୪୭୭। ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନ ପାଇଁ ମୋଟ ୨୭୬ଟି ବୁଥ ଗଠନ କରାଯାଇଛି। ପାରଳାଖେମୁଣ୍ଡି ବିଧାନସଭା ଆସନ ଗୋଷାଣି, ଗୁମ୍ମା ଏବଂ କାଶୀନଗର ବ୍ଲକ ସମେତ ପାରଳାଖେମୁଣ୍ଡି ପୌର ପରିଷଦ ଏବଂ କାଶୀନଗର ଏନ୍ଏସିକୁ ନେଇ ଗଠିତ।

## ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ

# ନଳିନୀ ଓ ସଂଜୀବଙ୍କ ମଧ୍ୟରେ ହେବ ଜୋରଦାର ଲଢ଼େଇ

**ଅନୁଗୋଳ, ୫।୪(ସମିସ)**

ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା କ୍ଷେତ୍ରର ୬୩ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଇଂ. ନଳିନୀକାନ୍ତ ପ୍ରଧାନ ଓ ଭାରତୀୟ ଜନତା ପାର୍ଟି ପକ୍ଷରୁ ସଂଜୀବ କୁମାର ସାହୁ ପ୍ରାର୍ଥୀ ହୋଇଥିବା ବେଳେ ମୁଖ୍ୟତଃ ଏହି ୨ ଜଣଙ୍କ ମଧ୍ୟରେ ଲଢ଼େଇ ଜୋରଦାର ହେବ ବୋଲି ଜଣାଯାଇଛି। ବିକାଶକୁ ନେଇ ୨ ଦଳ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ବିଜେଡିରୁ ପ୍ରାର୍ଥୀ ହୋଇଥିବା ଇଂ. ନଳିନୀକାନ୍ତ ପ୍ରଧାନ ଗତ ୨୦୧୯ ନିର୍ବାଚନରେ ସମ୍ବଲପୁର ଲୋକସେବା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରି ଖୁବ କମ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ସେହିଭଳି ୨୦୧୯ ରେ ବିଜେଡିରୁ ସଂଜୀବଙ୍କ ଟିକଟ କଟିବା ପରେ ସେ ବିଜେଡି ଛାଡ଼ି ବିଜେପିରେ ମିଶି ସଂଗଠନ ଆରମ୍ଭ କରିଥିଲେ। ବର୍ତ୍ତମାନ ଆସନ୍ତା ନିର୍ବାଚନରେ ବିଜେପି ତାଙ୍କୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ କରିସାରିଛି। ସେ



ମଧ୍ୟ ଗାଁ ଗାଁ ବୁଲି ନିଜ ସପକ୍ଷରେ ଲୋକସମ୍ପର୍କ ବଢ଼ାଇବାରେ ଲାଗିପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ନେଇ ସଂଜୀବ ତାଙ୍କ ପ୍ରଚାରର ମୁଦ୍ଦା କରିଥିବା ବେଳେ ନଳିନୀ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଆଠମଲ୍ଲିକରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଜନସାଧାରଣଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ ବିଜେପି ସାଂସଦ ପ୍ରାର୍ଥୀ

- ● ବିକାଶକୁ ନେଇ ଜୋର ଧରିଛି ରାଜନୀତି
- ● କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନକୁ ନେଇ ବ୍ୟାକ୍‌ଫୁଟ୍‌ରେ ବିଜେପି

ହୋଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥାଇ ମଧ୍ୟ ଏହା ହୋଇ ନ ପାରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଠମଲ୍ଲିକ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଇ ନଥିବା ଅଭିଯୋଗ ହେଉଛି। ସେହିପରି କେନ୍ଦ୍ର



ସରକାରଙ୍କ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟ କରାଯାଇନାହିଁ। ତେଣୁ ବିଜେପି ଚଳିତ ନିର୍ବାଚନରେ ବ୍ୟାକଫୁଟରେ ରହିଛି ବୋଲି ଆଲୋଚନା ହେଉଛି। କିନ୍ତୁ ସଂଜୀବ ବିଜେଡି ସରକାରରେ ମନ୍ତ୍ରୀ ଥିବାବେଳେ ଆଠମଲ୍ଲିକର ବହୁ ଉନ୍ନତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଅନେକ ସହଯୋଗ କରିଛନ୍ତି। ନଳିନୀଙ୍କ କ୍ଷେତ୍ରରେ ବିଜେଡି ଗତ ଅଢ଼େଇ ବର୍ଷ ମଧ୍ୟରେ ଆଠମଲ୍ଲିକ ବ୍ଲକରେ ୮୦ କୋଟି, କିଶୋରନଗର ବ୍ଲକରେ ୭୦ କୋଟି ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅନୁଗୋଳ ବ୍ଲକର ୯ ଟି ପଞ୍ଚାୟତରେ ୨୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଛି। କେତେକାଂଶରେ କାର୍ଯ୍ୟ ଆରମ୍ଭ ହୋଇସାରି ଥିବାରୁ ବିକାଶରେ ବିଜେଡି ଆଗୁଆ ଥିବା ବିଧାୟକ ପ୍ରାର୍ଥୀ ନଳିନୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଗତ ୫ ବର୍ଷରେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆକାଶଛୁଆଁ ବିକାଶ ହୋଇଛି ଓ ଆହୁରି ବିକାଶ ଶିଖର ଛୁଇଁବ ବୋଲି ନଳିନୀ କହିଛନ୍ତି। ଆଠମଲ୍ଲିକ ବିଧାନସଭା ପାଇଁ ୨୪୯ ମତଦାନ କେନ୍ଦ୍ରରେ ସମୁଦାୟ ୨ ଲକ୍ଷ ୮ ହଜାର ୩ ଶହ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ ଲକ୍ଷ ୫ ହଜାର ୬ ଶହ ୯୭ ପୁରୁଷ ମତଦାତା, ୧ ଲକ୍ଷ ୨ ହଜାର ୫ ଶହ ୯୮ ମହିଳା ମତଦାତା ଥିବାବେଳେ ୫ ଜଣ ତୃତୀୟ ଲିଙ୍ଗ ରହିଥିବା ଜଣାଯାଇଛି। ସେଥିମଧ୍ୟରୁ ୩୩୧୯ ଜଣ ବରିଷ୍ଠ ନାଗରିକ, ୭୧୭୪ ଜଣ ଯୁବ ମତଦାତା ଓ ୨୬୦୪ ଜଣ ଶାରୀରିକ ଅକ୍ଷମତା ମତଦାତା ରହିଥିବା ଜଣାଯାଇଛି। ୨୪୯ ମତଦାନ କେନ୍ଦ୍ରରୁ ଆଠମଲ୍ଲିକ ବ୍ଲକରେ ୧୦୦ ଟି, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୦ ଟି, କିଶୋରନଗର ବ୍ଲକରେ ୧୦୪ ଟି ଓ ଅନୁଗୋଳ ବ୍ଲକର ୯ ଟି ପଞ୍ଚାୟତରେ ୩୫ଟି ମତଦାନ କେନ୍ଦ୍ର ରହିଥିବା ଜଣାଯାଇଛି। ଅପରପକ୍ଷେ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପାଉ ନଥିବା ଶୁଣିବାକୁ ମିଳିଛି। ମୋଟାମୋଟି ଦେଖିବାକୁ ଗଲେ ନବୀନ ପଟ୍ଟନାୟକଙ୍କ ବିଗତ ୨୪ବର୍ଷର ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆଠମଲ୍ଲିକର ରାସ୍ତା ଘାଟ, ଜଳସେଚନଠୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ କ୍ଷେତ୍ରରେ ଆଶାତୀତ ଭାବେ ଉନ୍ନତି ହେଇଛି। ଏ ନିର୍ବାଚନ ମଣ୍ଡଳୀରୁ ବିଜେଡି ବହୁବାର ବିଜୟ ଲାଭ କରିଛି। ତେଣୁ ମୋଟାମୋଟି ଭାବେ କହିବାକୁ ଗଲେ ବର୍ତ୍ତମାନ ସୁଦ୍ଧା ନଳିନୀ ପ୍ରଧାନ ବହୁ ଆଗରେ ଥିବା ଦେଖିବାକୁ ମିଳିଛି।



୨୦୨୩-୨୪ ଆର୍ଥିକ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସର୍ବୋତ୍କୃଷ୍ଟ ବ୍ରାଞ୍ଚ ଭାବେ ଅନୁଗୋଳ ଜିଲ୍ଲା ବନ୍ତଲା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପଙ୍କଜଲୋଚନ ନାୟକଙ୍କୁ ଜିଲ୍ଲାପାଳ ପୁରସ୍କୃତ କରୁଛନ୍ତି।

## ତାଳଚେର ତାପମାତ୍ରା ୪୨ ଡିଗ୍ରୀ ଟପିଲା; ଜନଜୀବନ ଅସ୍ତବ୍ୟସ୍ତ

**ତାଳଚେରସଦର, ୫।୪(ସମିସ):** ଶିଳ୍ପନଗରୀ ତାଳଚେରରେ ଗତକାଲି ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ଆଜି ଏହା ବୃଦ୍ଧି ପାଇଁ ୪୨.୪ରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁସାରେ ଏହି ହିସାବ ରହିଥିବା ବେଳେ ବେସରକାରୀ ଭାବେ ଏହା କଳକାରଖାନା ଓ କୋଇଲା ଖଣି ଯୋଗୁଁ ୪୪ ଡିଗ୍ରୀ ରହିଥିବା କୁହାଯାଉଛି। ଏପରିଭାବେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇଲେ ସକାଳ ୮ଘଟିକା ଠାରୁ ପଦାକୁ ବାହାରିବା ସମ୍ଭବପର ହୋଇପାରୁନାହିଁ। ଆଜି ପ୍ରାୟ ସକାଳ ୯ଘଟିକା ସମୟରେ ପ୍ରଚଣ୍ଡ ଖରା ସହ ଅଗ୍ନିବର୍ଷା ଓ ଭିଷଣ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ମଧ୍ୟାହ୍ନ ସମୟରେ ଦୋକାନ, ବଜାର ବନ୍ଦ ରହିଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଅନ୍ୟ ଜିଲ୍ଲା ଅପେକ୍ଷା ଅନୁଗୋଳ ଜିଲ୍ଲାର ତାଳଚେର ଅଞ୍ଚଳଟି ଖରା ପ୍ରଖର ଯୋଗୁଁ ନଦୀ, ନାଳ, କୂଅ ପୋଖରୀ, ଜଳାଶ୍ରୟ ଇତ୍ୟାଦି ଶୁଖି ଯାଇଥାଏ। ଫଳରେ ପଶୁପକ୍ଷୀ, ଜୀବଜନ୍ତୁମାନେ ଜଳ ଟୋପାଏ ପାଇଁ ହାହାକାର ହୋଇଥାନ୍ତି। ଖଣି ଖାଦାନ ଯୋଗୁଁ ତାଳଚେର ଉପଖଣ୍ଡରେ ଜଳସ୍ତର ନିମ୍ନଗାମୀ ରହିଥିବାରୁ ଉତ୍କଟ ଜଳସଙ୍କଟ ଦେଖାଦେଇଛି। ସେହିଭଳି ଏପରିସ୍ଥଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୀରବଛିନ୍ନ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ପାୱାର କଟ ଓ ଲୋ ଭୋଲଟେଜ୍ ଖେଳ ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ ଦିନ ଥାଉ ଥାଉ ବିଦ୍ୟୁତ ବିଭାଗ ଓ ଜଳ ଯୋଗାଣ ବିଭାଗ ଏନେଇ ପ୍ରସ୍ତୁତ ରହିବା ଆବଶ୍ୟକ ରହିଛି। ସରକାରଙ୍କ ପକ୍ଷରୁ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୭ଘଟିକାରୁ ୧୧.୩୦ମିନଟ୍ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରାଯିବ ବୋଲି ନିର୍ଦ୍ଦେଶନାମା ରହିଥିବା ବେଳେ ତାଳଚେରରେ ଅସହ୍ୟୟ ଗୁଳୁଗୁଳି ସହ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାରୁ କୁନି କୁନି ଛାତ୍ରଛାତ୍ରୀମାନେ ସକାଳ ୭ଘଟିକା ଠାରୁ ୧୦ଘଟିକା ପର୍ଯ୍ୟନ୍ତ ପାଠପଢ଼ା ବିଦ୍ୟାଳୟ ଖୋଲା ରଖିବାକୁ ଅଭିଭାବକ ମହଲରେ ଦାବି ହେଉଛି। ସେହିଭଳି ଅଧିକ ଖରାରେ କୋଇଲା ଖଣିଠାରୁ ଆରମ୍ଭ କରି ବେସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନେ ଢ଼ହଢ଼ହ ଖରାରେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ତୁରନ୍ତ ସରକାରୀ ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କୁ ଚିକିତ୍ସାପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରିବା ଆବଶ୍ୟକ। ତେବେ ସ୍ଥାନୀୟ ଶ୍ରମବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଜେପି ଛାଡିଲେ ଭାଗୀରଥି

**ଆଠମଲ୍ଲିକ, ୫।୪(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଭାଗିରଥି ପ୍ରଧାନ ଶୁକ୍ରବାର ବିଜେପିରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ବିଜେପି ରାଜ୍ୟ ସଭାପତି



ମନମୋହନ ସାମଲଙ୍କୁ ଇସ୍ତଫା ପତ୍ର ଦେଇଛନ୍ତି। ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଅନୁଗୋଳ ଜିଲ୍ଲା ବଇଣ୍ଡା ଅଞ୍ଚଳର ପ୍ରାଥମିକ ସଦସ୍ୟ ଅଟେ। ଦଳ ମଣ୍ଡଳ ସଭାପତି, ଦୁଇଥର ଜିଲ୍ଲା ସଭାପତି, ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ଓ ବିଭିନ୍ନ ପଦବିରେ କାର୍ଯ୍ୟ ତୁଲାଇଥିଲେ। ତାଙ୍କୁ କିନ୍ତୁ ଦଳ ୨୦୨୦ ମସିହାରୁ ଅବହେଳା କରିଥିବାରୁ ସେ ଆଜି ଇସ୍ତଫା ଦେଇଛନ୍ତି।

● ବଢୁଛି ଲୁଟେରାଙ୍କ ଦୌରାତ୍ମ୍ୟ

## ଯୁବକଙ୍କୁ ମାଡ଼ମାରି ସୁନାଚେନ୍ ଓ ମୋବାଇଲ୍ ଝାମ୍ପିନେଲେ

**ଅନୁଗୋଳ, ୫।୪(ସମିସ):** ଅନୁଗୋଳ ନିଶା ଥାନା ଅଞ୍ଚଳରେ ବଢ଼ିଚାଲିଛି ଲୁଟେରାଙ୍କ ଦୌରାତ୍ମ୍ୟ। ପରଙ୍ଗଠାରେ ୨ ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କୁ ଲୁହାଛଡ଼ରେ ପିଟି ସୁନାଚେନ୍ ଓ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ମୁତାବକ, ଲୁଟ୍ ର ଶିକାର ହୋଇଥିବା ଯୁବକ ହେଲେ ଦେବାନନ୍ଦ ଦାଶ(୪୨)। ସେ ପରଙ୍ଗ ସ୍ଥିତ ଏକ ପ୍ଲାଣ୍ଟରେ ଚାକିରି କରିଛନ୍ତି। ସକାଳ ପ୍ରାୟ ୮ଟା ବେଳେ ଦେବାନନ୍ଦ ପରଙ୍ଗଠାରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ତାଙ୍କ ଆଡ଼କୁ ମଡ଼ାଇ ଆଣିଥିଲେ। ଭୟଭୀତ ଦେବାନନ୍ଦ ଠିକ୍ ସେ ଗାଡ଼ି ଚଳାଇବାକୁ କହିଥିଲେ। ଏତିକିରେ ଦୁର୍ବୃତ୍ତ ଦ୍ୱୟ ଚିହିଁକି ଉଠିବା ସହିତ ଲୁହାଛଡ଼ ଆଣି ତାଙ୍କ ମୁଣ୍ଡକୁ ଓ ହାତକୁ ଆକ୍ରମଣ କରିଥିଲେ। ସେ ଖସି ପଡ଼ିଥିବା ବେଳେ ତାଙ୍କ ବେକରୁ ୪୦ ଗ୍ରାମର ସୁନା ଚେନ୍ ଓ ମୋବାଇଲ୍ ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଜେଡିର ମିଶ୍ରଣ ପର୍ବ ସହ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ପାଲଲହଡା, ୫।୪(ସମିସ):** ଅନଗୁଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ପକ୍ଷରୁ ପୁଣିଥରେ ବିଧାୟକ ମୁକେଶ ପାଲଙ୍କୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯିବା ପରେ ନବୀନ ପଟ୍ଟନାୟକ ସରକାରର ଜନକଲ୍ୟାଣ ଯୋଜନା ଏବଂ ବିଗତ ପାଞ୍ଚ ବର୍ଷର ପାଲଲହଡ଼ାର ବିକାଶ ଗାଥାକୁ ନେଇ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡି ନିଜର ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ପ୍ରାରମ୍ଭିକ ଭାବେ ନିର୍ବାଚନ ମଣ୍ଡଳୀ ସଦର ମହକୁମା ଠାରେ ନୂତନ ବିଜୁ ଜନତା କାର୍ଯ୍ୟାଳୟର ଉଦଘାଟନ କରାଯାଇଛି। ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ନବୀନ ସରକାରଙ୍କ ବିକାଶ ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ସହିତ ନିର୍ବାଚନ ପ୍ରଚାର ପ୍ରସାରର ରୂପରେଖ ଏହି ନୂତନ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ ବୋଲି ବିଧାୟକ ମୁକେଶ ପାଲ ପ୍ରକାଶ କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ମୁକେଶ ପାଲଙ୍କ ଆଦର୍ଶ ଓ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ ୮ ନମ୍ବର ଜୋନର ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ଦିଲ୍ଲୀପ କୁମାର ବେହେରା ଓ ଡେରେଙ୍ଗ ଗ୍ରାମ ପଞ୍ଚାୟତର ନରୋତ୍ତମ ସାହୁ, ବିଦେଶୀ ସାହୁ ବିଜେଡିରେ ଯୋଗଦାନ କରିଥିଲେ। ସେହିପରି ଡେରେଙ୍ଗ ଗ୍ରାମ ପଞ୍ଚାୟତ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ବିଷ୍ଣୁଚରଣ ସାହୁ, ସୁଶାନ୍ତ କୁମାର ସାହୁ, ସତ୍ୟ ନାରାୟଣ ସାହୁ, ବାବୁଲାଲ ସାହୁ, ଚିତ୍ତରଞ୍ଜନ ବେହେରା, ଚକ୍ରଧର ବେହେରା, ଦଣ୍ଡଧର ବେହେରା, ପିଣ୍ଟୁ ବେହେରା, ଉମାକାନ୍ତ ସାହୁ, ପ୍ରତାପ ଚନ୍ଦ୍ର ସାହୁ, ସତ୍ୟଜିତ ବେହେରା, ଉତ୍ତମ ସାହୁ, ବାପି ସାହୁ, ଲକି ସାହୁ, ଅମର ସାହୁ, ମନୋଜ ବାରିକ, ଲିଟୁ ସାହୁ, ଚଗଲା ସାହୁ, ଚତୁର ବେହେରା, ପ୍ରଦୀପ ସାହୁ, ସୁମନ୍ତ ସାହୁ, ଜିତୁ ସାହୁ, ଶ୍ରୀଧର ସାହୁଙ୍କ ସହିତ ୩୫ ରୁ ଊର୍ଦ୍ଧ୍ୱ କର୍ମୀ ବିଜେପି ଓ କଂଗ୍ରେସକୁ ତ୍ୟାଗକରି ପାଲଲହଡ଼ା ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟ ଠାରେ ବିଧାୟକ ମୁକେଶ କୁମାର ପାଳଙ୍କ ଉପସ୍ଥିତରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ଉତ୍ସବରେ ନୂତନ ଭାବେ ବିଜେଡିରେ ମିଶିଥିବା କର୍ମୀମାନଙ୍କୁ ବିଧାୟକ ମୁକେଶ କୁମାର ପାଳ ପୁଷ୍ପଗୁଚ୍ଛ ଓ ବିଜେଡି ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ପାଲଲହଡ଼ା ଓ କଣିହାଁ ବ୍ଲକର ବିଜେଡି ସଭାପତିଙ୍କ ସମେତ ଅନେକ ଦଳୀୟ କର୍ମୀ ଯୋଗଦେଇଥିଲେ।



## ଲଙ୍ଗୁଳିଆବେଢ଼ା ଗ୍ରାମରେ ଦଶଦୋଳ ଯାତ୍ରା

**ବଁଅରପାଳ, ୫।୪(ସମିସ):** ବଁଅରପାଳ ବ୍ଲକ ଅନ୍ତର୍ଗତ ଲଙ୍ଗୁଳିଆବେଢ଼ା ଗ୍ରାମରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଦଶଦୋଳ ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିଲେ ଗ୍ରାମବାସୀ। ପୂର୍ବଦିନ ଗ୍ରାମର ଅକ୍ଷୟ କୁମାର ବିଶୋଇଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଏକ ସୁସଜ୍ଜିତ ବିମାନରେ ବସାଇ ଗୋପାଳ ଭାଇମାନେ ସମସ୍ତ ଗ୍ରାମରେ ଚାଁଚେରୀ ବୁଲେଇଥିଲେ। ମା' ମାଉସୀମାନେ ନିଜ ନିଜ ଘର ସମ୍ମୁଖରେ ଝୋଟିକାଟି ବନ୍ଦାପନା କରିଥିଲେ। ଯାତ୍ରାଦିନ ପୂର୍ବାହ୍ନରେ ଗ୍ରାମର ବ୍ରଜେନ୍ଦ୍ର ବିଶ୍ୱାଳଙ୍କ ବାସଭବନରୁ ତ୍ରିନାଥ ଠାକୁରଙ୍କୁ ଘଣ୍ଟବାଦ୍ୟ ମଧ୍ୟରେ ଯତନନଗର ସାହିସ୍ଥିତ ଦୋଳମଣ୍ଡପକୁ ନିଆଯାଇଥିଲା। ଅପରାହ୍ନରେ ଗ୍ରାମବାସୀ ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସମେତ ଯାତ୍ରାର ମୁଖ୍ୟ ସୂତ୍ରଧର ସ୍ୱର୍ଗତ ବାବା ନରହରି ଦାସଙ୍କ ଫଟୋଚିତ୍ର ଧରି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ମୁଖ୍ୟରାସ୍ତା ପରିକ୍ରମା କରି ଦୋଳମଣ୍ଡପରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଗୋପାଳଭାଇମାନଙ୍କ ଆକର୍ଷଣୀୟ ଲଉଡ଼ିଖେଳ, ଦୁଲୁକିବାଦ୍ୟ, ଘୋଡ଼ାନାଚ, ମୁଖାଧାରୀ କଳାକାରଙ୍କ ଅଭିନୟ, ତୋପବାଣ ଓ ଡିଜେ ସାଉଣ୍ଡ ଆଦି ସ୍ଥାନ ପାଇଥିଲା। ପଥ ମଧ୍ୟରେ ଗ୍ରାମର ଶିବମନ୍ଦିରରେ ହରିହର ଭେଟ କରାଯାଇଥିଲା। ଶୋଭାଯାତ୍ରା ଦୋଳମଣ୍ଡପରେ ପହଞ୍ଚିବା ପରେ ପୂଜକ ସୌମ୍ୟରଞ୍ଜନ କର, ନିରୋଦ ମହାପାତ୍ର ଓ ମନ୍ଦିର ପୂଜକ ଗୋଲେଖ ମହାପାତ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ତ୍ରିନାଥ ମେଳା ଓ ନୂତନ ପାଞ୍ଜିପଢ଼ା ଆଦି କର୍ମମାନ କରିଥିଲେ। ଏହି ଅବସରରେ ଯାତ୍ରା ପଡ଼ିଆରେ ଚାର୍ଟ, ଫାଷ୍ଟଫୁଡ୍, ମନୋହରୀ, ଗୃହୋପକରଣ ସାମଗ୍ରୀ ଓ ଜଳଖିଆ ଦୋକାନ ଭଳି ଅସ୍ଥାୟୀ ଦୋକାନମାନ ଖୋଲିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ରାତିରେ ଗଡ଼ସନ୍ତ୍ରୀ ଦଣ୍ଡପାର୍ଟି ଦଣ୍ଡ ପରିବେଷଣ କରିଥିଲେ। ଯାତ୍ରା କମିଟି ସଭାପତି ବିରାଜ ସାହୁ, କାହ୍ନୁ ଦାଶ, ସନ୍ତୋଷ କୁମାର ଦାଶ, ପ୍ରଫୁଲ୍ଲ ସାହୁ, ଅରୁଣ ଦାଶ, ବିନୋଦ ବିଶୋଇ, ଯଶୋବନ୍ତ ସାହୁ, ଲିଟୁ ସାହୁ, ବିରେନ ସାହୁ, ଜିତେନ୍ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ଆଠମଲ୍ଲିକ ଗସ୍ତ

**ଆଠମଲ୍ଲିକ, ୫।୪(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଇଂ ନଳିନୀକାନ୍ତ ପ୍ରଧାନଙ୍କୁ ଦଳ ଘୋଷଣା କରିଛି। ଯାହାକି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀଙ୍କ ମହଲରେ ଉତ୍ସାହ ଆଣିଦେଇଛି। ଟିକେଟ ଘୋଷଣା ହେବା ପରେ ପ୍ରଥମେ ଆଠମଲ୍ଲିକ ଗସ୍ତ କରିଛନ୍ତି ଶ୍ରୀ ପ୍ରଧାନ। ଆଠମଲ୍ଲିକ ଆସି ଦେଉଳଝରି ଶୈବପୀଠ, ମାହେଶ୍ୱରୀ ମନ୍ଦିର, ବିନିକେୟୀ ମନ୍ଦିରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଆଠମଲ୍ଲିକର ଯୁବନେତା ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶା କୁମାରୀ



ସାହୁ, ଦୁଃଖିଶ୍ୟାମ ରାଉଳ, ଦୁଃଶାସନ ରାଉଳ, ମହେଶ୍ୱର ଦେହୁରୀ, ସନ୍ତୋଷ ପ୍ରଧାନ, ବିଶ୍ୱମ୍ବର ବେହେରାଙ୍କ ସମେତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଜଳଛତ୍ର କେନ୍ଦ୍ରକୁ ଗାଈ ଓ କୁକୁର ପଶି ଭାଙ୍ଗୁଛନ୍ତି

**ଛେଣ୍ଡିପଦା, ୫।୪(ସମିସ):** ଛେଣ୍ଡିପଦା ବ୍ଲକ ଏରିଆରେ ଗତ ୭ ଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସୋମବାର ସର୍ବାଧିକ ୪୨° ସେଲସିୟସ ହୋଇଥିବା ଦେଖିବାକୁ ମିଳିଛି। ପ୍ରଚଣ୍ଡ ଖରା ଓ ଗରମ ଯୋଗୁଁ ସକାଳ ୯ଟା ପରଠାରୁ ସାଧାରଣ ଲୋକଙ୍କ ଯାତାୟାତ କମିଯିବା ସହ ୧୨ ଟା ସୁଦ୍ଧା ରାସ୍ତାଘାଟ ସମ୍ପୂର୍ଣ୍ଣ ଶୂନଶାନ୍ ହୋଇପଡୁଛି। ଏପରିକି ଦିନ ୧୨ଟା ବାଗଡ଼ିଆର ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ହୋଇଯାଉଛି। ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନ, ରାସ୍ତାକଡ଼ ଏବଂ ଛକ ଜାଗାମାନଙ୍କରେ ଜଳଦାନ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଏହା ଦେଖିବାକୁ ମିଳୁନାହିଁ। ବାଗଡ଼ିଆ ପୁରୁଣା ହାଟପଦା ନିକଟରେ ନିର୍ମାଣ ହୋଇଥିବା ଜଳଛତ୍ର କେନ୍ଦ୍ର ରକ୍ଷଣାବେକ୍ଷଣ କେହି ଲୋକ କରୁ ନଥିବାରୁ ଜଳଛତ୍ର କେନ୍ଦ୍ରକୁ ଗାଈ ଓ କୁକୁର ପସି ମାଠିଆ ଭାଙ୍ଗି ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ଲାଗି ଦାବି ହୋଇଛି।

# ଢେଙ୍କାନାଳ ବିଜେପିରେ ବିଦ୍ରୋହର ପଦଧ୍ୱନି

▶ ବାରମ୍ବାର ହାରୁଥିବା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବାକୁ ନେଇ ବଢୁଛି ଅସନ୍ତୋଷ
▶ କେନ୍ଦ୍ରୀୟ କମିଟିକୁ ପୁନଃବିଚାର ପାଇଁ ନିବେଦନ କଲେ ପୂର୍ବତନ ବିଧାୟକ

**ଢେଙ୍କାନାଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲାରେ ବାରମ୍ବାର ହାରୁଥିବା ନେତାଙ୍କୁ ଟିକେଟ ଦେବାକୁ ନେଇ ବିଜେପିରେ ଅସନ୍ତୋଷ ଜାରି ରହିଛି। ସେଭଳି ପ୍ରାର୍ଥୀଙ୍କୁ ଟିକେଟ ନଦେବାକୁ ବିଜେପି କେନ୍ଦ୍ରୀୟ କମିଟିକୁ ନିବେଦନ କରି ତାଙ୍କର ପ୍ରାର୍ଥିତ୍ୱର ପୁନର୍ବିଚାର କରିବାକୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଅନୁରୋଧ କରିଥିବା ଜଣାପଡ଼ିଛି।

ଗୁରୁବାର ଭାରତୀୟ ଜନତା ପାର୍ଟିର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାରଙ୍କୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଭେଟିବା ସହିତ ନିଜର ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ଗତ ୨୦୦୪ ମସିହାରୁ ଆଜି ପର୍ଯ୍ୟନ୍ତ ବିଗତ ୨୦ ବର୍ଷ ଧରି ହାରି ବାରମ୍ବାର ପରାଜୟ ବରଣ କରିଆସୁଥିବା ପ୍ରାର୍ଥୀଙ୍କୁ ଢେଙ୍କାନାଳ ବିଧାନସଭା ଲାଗି ଟିକେଟ ମିଳିବା ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଢେଙ୍କାନାଳ ବିଧାନସଭା ଆସନ ଲାଗି ଆଶାୟୀ ଥିବା ନବୀନ ନନ୍ଦଙ୍କ ଲାଗି ବିଜେପିର ରାଜ୍ୟ ନିର୍ବାଚନ କମିଟି କେନ୍ଦ୍ରୀୟ ନିର୍ବାଚନ କମିଟିକୁ ପ୍ରସ୍ତାବ ଦେଇଥିଲା। ରାଜ୍ୟ ନିର୍ବାଚନ କମିଟି ଢେଙ୍କାନାଳ ବିଧାନସଭା ପାଇଁ ୩ ଟି ନାମକୁ ସୁପାରିସ କରିଥିଲା। ସେଥିରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ସମେତ ଢେଙ୍କାନାଳ ପୌର ପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର ଓ ପୂର୍ବତନ ନଗରପାଳ ସୁନିଲ ଶର୍ମାଙ୍କ ନାମ ଅନୁମୋଦନ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେହି ତାଲିକାରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନାମକୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଚେଷ୍ଟାରେ ତାଲିକାରେ ଯୋଗ କରାଯାଇଥିଲା ବୋଲି ଶୁଣିବାକୁ ମିଳୁଛି। ଏହାକୁ ନେଇ ଢ଼େଢେଙ୍କାନାଳରେ ନବୀନ ନନ୍ଦଙ୍କ ସମର୍ଥକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଢେଙ୍କାନାଳର ଜନସାଧାରଣ ଚଳିତ ନିର୍ବାଚନରେ ବିଜେପିରୁ ନୂଆ ପ୍ରାର୍ଥୀ ଦେବାକୁ ମଧ ଆଶା ବାନ୍ଧିଥିଲେ। ଚଳିତ ନିର୍ବାଚନରେ ଯଦି ନବୀନ ନନ୍ଦଙ୍କୁ ଟିକେଟ ମିଳିଥନ୍ତା ତେବେ ଢେଙ୍କାନାଳ ଆଉ ଏକ ରୋଚକ ଲଢେଇ ଦେଖିଥାନ୍ତା। ରାଜ୍ୟ ବିଜେପିରେ ଟିକେଟ ପ୍ରଦାନକୁ ନେଇ ଗତ ୩/୪ ଦିନ ଧରି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଛି। ଗତ ୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଢେଙ୍କାନାଳ ଦଳୀୟ କାର୍ଯ୍ୟାଳୟରେ ଜିଲ୍ଲା ସଭାପତିଙ୍କୁ ଆଉ ଜଣେ ଆଶାୟୀ ପ୍ରାର୍ଥୀ ନିରୋଦ ନଳିନୀ ମହାଲିକଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ତାଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରି ରାଜ୍ୟ ସମ୍ପାଦିକା ନିରୋଦ ନଳିନୀ ଗତ ୪ ତାରିଖରେ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ଘଟଣା ପରେ ଆଶାୟୀ ଥିବା ପୂର୍ବତନ ବିଧାୟକ ଓ ତାଙ୍କର ସମର୍ଥକମାନେ ରାଜ୍ୟ ପ୍ରଭାରୀ ଶ୍ରୀ ତୋମାରଙ୍କୁ ଭେଟି ଏହି ଘଟଣାରେ ହସ୍ତକ୍ଷେପ କରି ତାଙ୍କ ପ୍ରାର୍ଥିତ୍ୱକୁ ପୁନର୍ବିଚାର କରିବା ପାଇଁ କେନ୍ଦ୍ରୀୟ ସଭାପତିଙ୍କୁ ନିବେଦନ କରିଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରି ବିଜେପିର କେନ୍ଦ୍ରୀୟ ସଭାପତି ଢେଙ୍କାନାଳ ଘଟଣାରେ ହସ୍ତକ୍ଷେପ କରିବେ ବୋଲି ଆଶାବାଦୀ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ଶ୍ରୀ ନନ୍ଦ କେନ୍ଦ୍ରୀୟ କମିଟିର ନିଷ୍ପତ୍ତିକୁ ଅପେକ୍ଷା କରିବେ ବୋଲି କହିଛନ୍ତି। ଦଳ ଯାହା ନିଷ୍ପତ୍ତି ନେବ, ତାକୁ ସେ ଗ୍ରହଣ କରିବେ ବୋଲି କହିଛନ୍ତି। ଏସବୁ ଘଟଣାକୁ ଦେଖିଲେ ବିଜେପିରେ ଅସନ୍ତୋଷର ନିଆଁ କୁହୁଳୁଥିବା ଜଣାପଡୁଛି। ଦଳୀୟ କନ୍ଦଳ ବିଜେପି ପାଇଁ ବୁମେରାଂ ହେବ ବୋଲି ମଧ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ପାପମୋଚନ ଏକାଦଶୀ ନୀତି ପାଳିତ



**ଢେଙ୍କାନାଳ, ୫।୪ (ସମିସ)** : ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆଜି ପାପମୋଚନ ଏକାଦଶୀ ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର, ଫୁଲ ହାର ଲାଗି କରାଯାଇଥିଲା। ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ଦିନ ୧୦ଟା ବେଳେ ଖେଚୁଡ଼ି ଭୋଗ, ମଧାହ୍ନ ଅନ୍ନ ଧୂପ, ସନ୍ଧ୍ୟା ଆଳତି, ରାତ୍ରରେ ରାତ୍ରଧୂପ ଓ ଏକାଦଶୀ ବେଢ଼ା ସହ ମହାଦୀପ ଉଠିବ। ପୂଜକ ମଳୟ କର, ପାଳିଆସେବକ ଶମ୍ଭୁନାଥ ମହାପାତ୍ର, ପାଳିଆସେବକ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ପାପମୋଚନ ଏକାଦଶୀ ନୀତି ପାଳିତ ହୋଇଯାଇଛି।

## ୪୮ ବର୍ଷରେ ଦଣ୍ଡଯାତ୍ରା



**ଢେଙ୍କାନାଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ତରଭା ହଳଦିଗୁଣ୍ଡି ଗ୍ରାମରେ ମା' ମଙ୍ଗରଭୋଇ ଦଣ୍ଡପାଟି ୪୮ ବର୍ଷଧରି ଦଣ୍ଡ ପରମ୍ପରାକୁ ନିଷ୍ଠାର ସହ ପରିବେଷଣ କରାଯାଉଛି। ମଧାହ୍ନରେ ଧୂଳିଦଣ୍ଡ, ପୁଷ୍କରିଣୀରେ ପାଣି ଦଣ୍ଡ ଓ ରାତ୍ରରେ ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରନ୍ତି। ଆଜି ସ୍ଥାନୀୟ ଦୁର୍ଗା ବଜାର ଠାରେ ବିଭିନ୍ନ ପ୍ରକାରର ଧୂଳିଦଣ୍ଡ ପରିବେଷଣ କରିଥିଲେ। ଯଥା ଧାନତଳିମରା, ଧାନବୁହା, ଗଛକଟା, ମନ୍ଦିର ତୋଳା, ମା'ଙ୍କ ବନ୍ଦନା ଇତ୍ୟାଦି ପ୍ରକାରର ଧୂଳିଦଣ୍ଡ ପରିବେଷଣ କରିଥିଲେ।

## ଉହଡ଼ହ ଖରା; ହିନ୍ଦୋଳରେ ନାହିଁ ଜଳଛତ୍ର

**ହିନ୍ଦୋଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ହିନ୍ଦୋଳ ଉପଖଣ୍ଡରେ ଅନୁରୂପ ପ୍ରଚଣ୍ଡ ଖରାରେ ଏଠାରେ ପାନୀୟ ଜଳର ଉକ୍ରଟ ସମସ୍ୟା ଦେଖିବାକୁ ମିଳିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ପାଣି ଟୋପେ ନପାଇ ଉହଳ ବିକଳ ହୋଇପଡୁଛନ୍ତି। ପଥଚାରୀମାନେ ବାଟରେ ଜଳ ଟୋପେ ପାଇଁ ନାହିଁ ନଥିବାର ହୀନସ୍ଥା ଭୋଗୁଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାର ଏବଂ ଗ୍ରାମାଞ୍ଚଳରେ ଜଳଛତ୍ର ବ୍ୟବସ୍ଥା କରାଯାଇଥାଏ। ଏପରିକି ଜଳଛତ୍ର ପାଇଁ ଉପଖଣ୍ଡର ବିଭିନ୍ନ ଗ୍ରାମପଞ୍ଚାୟତକୁ ସତନ୍ତ୍ର ଅନୁଦାନ ଆସିଥାଏ। ସେହି ଅନୁଦାନରେ ପଞ୍ଚାୟତର ବିଭିନ୍ନ ଛକ, ବଜାର ଓ ଗ୍ରାମାଞ୍ଚଳରେ ଜଳଛତ୍ର ଖୋଲାଯାଏ ଏବଂ ସହରାଞ୍ଚଳ ପାଇଁ ମଧ ବିଜ୍ଞାପିତ ଅଞ୍ଚଳ ଭିତରେ ମଧ ଜଳଛତ୍ର ଖୋଲାଯାଏ। ହେଲେ ଚଳିତ ବର୍ଷ ଚୈତ୍ର ମାସ ସରି ବୈଶାଖ ମାସ ଅଧା ବିତିଥିବା ସମୟରେ ଉପଖଣ୍ଡର କୌଣସି ଗୋଟିଏ ସ୍ଥାନରେ ଜଳଛତ୍ରଟିଏ ନ ଖୋଲିଥିବାରୁ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପଖଣ୍ଡର ପ୍ରମୁଖ ଅଞ୍ଚଳ ସାତମାଇଲ ଛକ, ରାସୋଳ ବଜାର, ଖଜୁରିଆକଟା ବଜାର, ହାତୁରା ବଜାର, ନିମବାହାଲି ଛକ ହିନ୍ଦୋଳ ଟାଉନ ଭଳି ସ୍ଥାନଗୁଡ଼ିକରେ ଦୈନନ୍ଦିନ ହଜାର ହଜାର ଜନସାଧାରଣ ଯିବା ଆସିବା କରୁଥିଲେ ମଧ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛି। ବିଭିନ୍ନ ପଞ୍ଚାୟତ ପକ୍ଷରୁ ଗୋଟିଏ ହେଲେ ଜଳଛତ୍ର ଖୋଲାଯାଇ ନାହିଁ। ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜଳଛତ୍ର ଖୋଲିବା ସହିତ ଖରାଦିନ ସରିବାକୁ ବସିଲାଣି ଏପର୍ଯ୍ୟନ୍ତ କାହିକି ଜଳଛତ୍ର ଖୋଲାଯାଇନାହିଁ, ତାହାର ତଦନ୍ତ କରି ଦୃଢ଼ କାର୍ଯାନୁଷ୍ଠାନ ନେବାକୁ ହିନ୍ଦୋଳ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଆପ୍ ନେତା ବିଧୁରଞ୍ଜନଙ୍କ ପଦ୍ମ ମୋହ

**ହିନ୍ଦୋଳ, ୫।୪ (ସମିସ)** : ହିନ୍ଦୋଳ ବିଧାନସଭା ଆମ୍ ଆଦମି ପାର୍ଟିର ଜିଲ୍ଲା ସଂଗଠନ ସମ୍ପାଦକ ତଥା ହିନ୍ଦୋଳ ବିଧାନସଭାର ବିଧାୟକ ପ୍ରାର୍ଥୀ ବିଧୁରଞ୍ଜନ ନାୟକ ନିଜ ସମର୍ଥକଙ୍କୁ ନେଇ ବିଜେପିରେ ଯୋଗଦାନ କରିଛନ୍ତି। ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ଉପସ୍ଥିତରେ ପଦ୍ମ ଧରିଛନ୍ତି। ଆଗାମି ଦିନରେ ଦଳରେ ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ସଂଗଠନକୁ ଦୃଢ଼ କରିବେ ବୋଲି ପ୍ରକାଶ କରଛନ୍ତି। ଏନେଇ ରାସୋଳ ମଣ୍ଡଳ ବିଜେପି ତରଫରୁ ସଭାପତି ମନୋରଞ୍ଜନ ନାଥଙ୍କ ନେତୃତ୍ୱରେ ତାଙ୍କ ଯୋଗଦାନକୁ ସ୍ୱାଗତ କରାଯାଇଥିବା ଜଣାପଡ଼ିଛି।

## ଗଡ଼ନୃସିଂହପ୍ରସାଦ ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**ମାର୍ଥାପୁର, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଗଡ଼ନୃସିଂହପ୍ରସାଦ ଗ୍ରାମରେ ମଙ୍ଗଳାଙ୍କ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋଳ କୀର୍ତ୍ତନ, ହୁଳହୁଳି ଓ ହରିବୋଲରେ ଗଗନପବନ ପ୍ରକମ୍ପିତ ହୋଇଉଠିଛି। ହୋମଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ମା' ମଙ୍ଗଳାଙ୍କ ବାର୍ଷିକଉତ୍ସବ ପାଳନ କରାଯାଇଛି। ୩ ଦିନ ଧରି ପାଳନ କରାଯାଇଛି ମା'ଙ୍କ ଏହି ବାର୍ଷିକଉତ୍ସବ। ଦୀର୍ଘ ଦିନ ହେବ ଏହି ପୀଠରେ ମଙ୍ଗଳାଙ୍କ ଏଠାରେ ଆବିର୍ଭାବ ହୋଇଛି। ଭକ୍ତମାନଙ୍କର ମନସ୍କାମନା ପୂରଣ ହୋଇଥିବାରୁ ପ୍ରତିବର୍ଷ ଏହି ସମୟରେ ମହା ଆଡ଼ମ୍ବରରେ ପାଳନ କରାଯାଏ ମା'ଙ୍କ ଉତ୍ସବ। ମା'ଙ୍କ ଆଶିଷ ଲାଭ କରିବାକୁ



ଦୂରଦୂରନ୍ତାରୁ ଭକ୍ତମାନଙ୍କ ସୁଅ ଛୁଟିଥାଏ। ଏହି ଅବସରରେ ଗ୍ରାମ କମିଟର ସୁଶାନ୍ତ କୁମାର ଜେନା, ତପନ ମହାନ୍ତି, ବିରେନ୍ଦ୍ର କୁମାର ଜେନା, ପ୍ରତିଶି ଜେନା, ମାନସ ସେଠୀ, ଜଗନ୍ନାଥ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ଅଜୟ ଜେନା, ରାଜେଶ ଜେନା ପ୍ରମୁଖ ସଭ୍ୟମାନେ ସାମ୍ବାଦିକ ଉଦୟ କୁମାର ପ୍ରଧାନ, ପ୍ରମୋଦ ଗୁରୁ, କଳ୍ପତରୁ ଜେନା, ଶିବସୁନ୍ଦର ସେନାପତିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏହି ଗ୍ରାମର ପରିଚାଳନା କମିଟି ସଭାପତି ବିଭୁତି ମହାନ୍ତିଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ରମେଶ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଏନ୍ଏସି ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।

## ଢେଙ୍କାନାଳ ଓକିଲ ସଙ୍ଘର ନୂତନ କର୍ମକର୍ତ୍ତାଙ୍କ ଶପଥ




**ଢେଙ୍କାନାଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲା ଓକିଲ ସଙ୍ଘର ନୂତନ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ କୁମାର ମିଶ୍ର, ଉପସଭାପତି ସରୋଜ କମାର ପାଢ଼ୀ, ସମ୍ପାଦକ ଟଙ୍କଧର ବେହେରା, ଯୁଗ୍ମ ସମ୍ପାଦକ ଉତ୍ତମ କୁମାର ଦାସ, କୋଷାଧକ୍ଷ ଭାବେ ରାଜେନ୍ଦ୍ର ନାରାୟଣ ରାଉତ, କାଯ୍ୟକାରୀ ସଭ୍ୟ ଭାବରେ ଶକ୍ତିବ୍ରତ କେଶରୀ ଦେବ, ମଳୟ କୁମାର ପାଣିଗ୍ରାହୀ, ତ୍ରିଲୋଚନ ସାହୁ ପ୍ରମୁଖ ଶପଥ ପାଠ କରିଥିଲେ। ନିର୍ବାଚନ ଅଧିକାରୀ ଶ୍ରୀଧର ମିଶ୍ର ଶପଥ ପାଠ କରାଇଥିଲେ। ଏହି ଶପଥ ଉତ୍ସବରେ ଜିଲ୍ଲାର ସମସ୍ତ ଓକିଲ ଉପସ୍ଥିତ ଥିଲେ।

## କଂଗ୍ରେସରୁ ତ୍ରିନାଥ ବେହେରାଙ୍କ ଇସ୍ତଫା



**ହିନ୍ଦୋଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତ୍ରିନାଥ ବେହେରା ଆଜି ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ବେଳେ ଏହାର ଏକକିତା ନକଲ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, କେସି. ବେନୁଗୋପାଳ ଓ ଜିଲ୍ଲା ସଭାପତି ସୁନୀଲ ଦାସଙ୍କ ନିକଟକୁ ପଠାଇଛନ୍ତି। ବର୍ତ୍ତମାନ ଦଳର ଅବସ୍ଥା ଭଲ ନାହିଁ, କହିଲେ ମଧ କିଛି ଲାଭ ହେଉ ନାହିଁ, ଏଣୁ ସେ ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀ ବେହେରା ଗତ ୨୦୦୪ ଓ ୨୦୧୯ ରେ ଦଳୀୟ ଟିକେଟରେ ଲଢ଼ିଥିଲେ ହେଁ ପରାଜିତ ହୋଇଥିଲେ। ସେହିପରି ୨୦୧୪ ରେ ସେ ଆମ ଓଡ଼ିଶା ଦଳରୁ ମଧ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଅପରପକ୍ଷରେ ତ୍ରିନାଥଙ୍କ ସହଧର୍ମିଣୀ ସୁଲୋଚନା ବେହେରା ୨୦୧୩ ମସିହାରେ ହିନ୍ଦୋଳ ଏନଏସିରେ ଅଧକ୍ଷା ରହିବା ପରେ ଅନାସ୍ଥାରେ କଟିଯାଇଥିଲେ।

# ରଗଡା ଡ୍ୟାମ୍ ପଙ୍କୋଦ୍ଧାର ନାମରେ ହରିଲୁଟ୍

● ପଙ୍କ ବଦଳରେ ଚାଲିଛି ପାହାଡ଼ ଖୋଳା
● ନାହିଁ ସୂଚନା ଫଳକ; ନିର୍ବାଚନ ଆଚରଣ ବିଧି ସତ୍ତ୍ୱେ ଚାଲିଛି କାମ

**ଢେଙ୍କାନାଳ, ୫।୪ (ସମିସ)** : ଢେଙ୍କାନାଳ ଜିଲ୍ଲା ସୀମାରେ ଥିବା ରଗଡା ଡ୍ୟାମରୁ ପଙ୍କୋଦ୍ଧାର ନାମରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ପଙ୍କୋଦ୍ଧାର ନାମରେ ନିକଟସ୍ଥ ପାହାଡ଼କୁ ଖୋଳି ହରିଲୁଟ୍ କରାଯାଉଥିବା ଜଣାପଡ଼ିଛି।

ଓଡ଼ିଶାର ମହା ବିନାଶକାରୀ ମହାବାତ୍ୟା ପରେ ବିଗତ ୧୯୭୧/୭୨ ମସିହାରେ ଓଡ଼ିଶା ସରକାରଙ୍କ ତତ୍କାଳୀନ ମନ୍ତ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସମୟରେ ରଗଡା ଡ୍ୟାମ ନିର୍ମାଣ ହୋଇଥିଲା। ଏହି ଡ୍ୟାମ୍ ଦ୍ୱାରା ବର୍ତ୍ତମାନ ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୫ ହଜାର ଏକର ଜମିକୁ ଜଳସେଚନ ହୋଇପାରୁଛି। ପ୍ରାୟ ୫୦ ବର୍ଷ ଧରି ନିରନ୍ତର ଏହି ଡ୍ୟାମରୁ ଦୁଇଜିଲ୍ଲାର ଏକାଧିକ ପଞ୍ଚାୟତର ଚାଷୀକୁଳ ନିଜର ଭାତହାଣ୍ଡି ରୂପେ ବ୍ୟବହାର କରିଆସୁଛନ୍ତି। କିନ୍ତୁ କାଳକ୍ରମେ ଏହି ଡ୍ୟାମର ଜଳଧାରଣ କ୍ଷମତା ବା ଗର୍ଭସ୍ଥଳ ପୋତିହୋଇ ଯାଇଥିବା ବେଳେ ଏଥିରେ ପୂର୍ବାପେକ୍ଷା କମ ପାଣି ରହୁଥିବା ଦେଖିବାକୁ ମିଳିଛି। ଏହି କାରଣରୁ କିଛିବର୍ଷ ହେଲା ଏହାର ତଳିଆ ଅଞ୍ଚଳର ଶହ ଶହ ଜମି ଜଳସେଚନ ଅଭାବରୁ ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଏନେଇ ସ୍ଥାନୀୟ ଗଣମାଧ୍ୟମ ଗୁଡ଼ିକରେ ଅନେକ ବାର ଖବର ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଏହି ରଗଡା ଡ୍ୟାମର ଜଳଧାରଣ କ୍ଷମତା ବୃଦ୍ଧି କରାଯିବାର ବ୍ୟବସ୍ଥା କରିବାକୁ ଆଗେଇ ଆସିଛନ୍ତି। ତେବେ ଦୁଃଖର ବିଷୟ ଯେ, ଯେଉଁ ଠିକାଦାର ଏହି ଡ୍ୟାମର ପଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ଠିକା ନେଇଛନ୍ତି, ସେ ଏହାର ଜଳଧାରଣ କ୍ଷମତା ବୃଦ୍ଧିକରିବା ପରିବର୍ତ୍ତେ ଏହାକୁ ପୋତିବାର ବ୍ୟବସ୍ଥା କରିଚାଲିଛନ୍ତି। ରଗଡା ଡ୍ୟାମକୁ ସଂଯୋଗ କରୁଥିବା ଦୁଇଟି ନାଳ ଅର୍ଥାତ୍ ଢେଙ୍କାନାଳ ଜିଲ୍ଲା ପଟୁ ଆସିଥିବା ନାଳ ଏବଂ ଯାଜପୁର ଜିଲ୍ଲା ପଟୁ



ବୋହି ଆସିଥିବା ନାଳର ସଂଯୋଗ ସ୍ଥଳରେ ପ୍ରାୟ ଏକ କିଲୋମିଟର ବ୍ୟାସ ପରିମିତ ଜଳ ଭାଗକୁ ସମ୍ପୂର୍ଣ୍ଣ ପଙ୍କ ମାଡ଼ିଯାଇଥିବା ଦେଖିବାକୁ ମିଳୁଛି। ଠିକାଦାର ଡ୍ୟାମ୍ ମଧ୍ୟରୁ ପଙ୍କ ଉଦ୍ଧାର କରିବା ପରିବର୍ତ୍ତେ ଡ୍ୟାମକୁ ସଂଯୋଗ କରୁଥିବା ପାହାଡ଼ର ପାଦତଳ ସମତଳ ଅଞ୍ଚଳକୁ ବଡ଼ ବଡ଼ ଜେସିବି ମେସିନ, ଟ୍ରକ ଏବଂ ଟ୍ରାକ୍ଟର ମାଧ୍ୟମରେ ହଜାର ହଜାର ଘନଫୁଟ ମାଟି ଖୋଳି ଚାଲିଛନ୍ତି। ଯଦି ଏହିପରି ଭାବରେ ମେସିନ ମାଧ୍ୟମରେ ପାହାଡ଼ ଖୋଳା ଚାଲୁରୁହେ ଏବଂ ଗୋଟିଏ ବର୍ଷା ଜଳ ପାହାଡ଼ ଉପରୁ ମାଡିଆସେ ତେବେ ରଗଦା ଡ୍ୟାମର ଗର୍ଭସ୍ଥଳ ସମ୍ପୂର୍ଣ୍ଣ ଭାବେ ମାଟିରେ ପୋତି ହୋଇଯିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏହି କାର୍ଯ୍ୟ ପାଇଁ ଏଠାରେ କୌଣସି ସୂଚନା ଫଳକ ଲଗାଯାଇନାହିଁ ଏବଂ ଜେସିବି ମେସିନ, ବଡ଼ ବଡ଼ ଟ୍ରକ ଏବଂ ଟ୍ରାକ୍ଟର ମାଧ୍ୟମରେ ପାହାଡ଼ ଖୋଳା ହୋଇ ମାଟି ବୁହା ଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀ ଅର୍ଥାତ କାର୍ଯ୍ୟସ୍ଥଳରେ ନା ଆରଆଇ, ନା ତହସିଲଦାର, ନା ବିଭାଗୀୟ ଜେଇ ନା ରଗଦା ଡ୍ୟାମର କେହି ବିଭାଗୀୟ ଅଧିକାରୀ ଉପସ୍ଥିତି ଅଛନ୍ତି। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ କିଛି ସ୍ଥାନୀୟ କୁଜିନେତାଙ୍କ କୁଟ ଚକ୍ରାନ୍ତରେ ସ୍ଥାନୀୟ ଗରିବ ଖଟିଖିଆ ଓ ଦିନ ମଜୁରିଆଙ୍କ ପେଟକୁ ସିଧାସଳଖ ଗୋଇଠା ମାରିବାର ସୁଚିନ୍ତିତ ବ୍ୟବସ୍ଥା କରି ମେସିନ ମାଧ୍ୟମରେ ମାଟିଖୋଳା ଚାଲିଛି। ତେବେ ଦୁଇ ଜିଲ୍ଲାର ବୁଦ୍ଧିଜୀବୀଙ୍କ ମତ ଅନୁସାରେ ଏହା ଏକ ବିରାଟ ଷଡ଼ଯନ୍ତ୍ର, ଯାହାକି ରଗଦା ଡ୍ୟାମର ସ୍ଥାୟିତ୍ୱକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ ଏବଂ ଏହା ଫଳରେ ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ଆଲୋଚନା ହେଉଛି।

## ୪୦ ଲିଟର ମଦ ସହ ବାଇକ୍ ଜବତ



**ଭୁବନ, ୫।୪ (ସମିସ)** : ଭୁବନ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ରଗଡ଼ି ଛକରୁ ବାଇକ ଯୋଗେ ଚନ୍ଦାର ଗ୍ରାମର ଅଜିତ ମନ୍ତ୍ରୀଙ୍କ ଠାରୁ ୪୦ ଲିଟର ମଦ ଜବତ କରିଥିଲେ। ଚଢ଼ଉରେ ଭୁବନ ଅବକାରୀ ଅଧିକାରୀ ସୌରଭ କୁମାର ମିଶ୍ରଙ୍କ ସହ କର୍ମଚାରୀମାନେ ସହଯୋଗ କରିଥିଲେ।



ସମ୍ବାଦପତ୍ରର ସ୍ୱାଧୀନତା ଏଭଳି ଏକ ଦୁର୍ମୂଲ୍ୟ ଅଧିକାର, ଯାହାକୁ କୌଣସି ଦେଶ ଉପେକ୍ଷା କରିପାରିବେ ନାହିଁ।
-ମହାତ୍ମା ଗାନ୍ଧୀ


ସକାଳ
THE SAKALA


## ନନ୍ଦିଘୋଷ ଟିଭି ସାମ୍ବାଦିକଙ୍କ ଉପରେ ଆକ୍ରମଣ ନିନ୍ଦନୀୟ

# ଗଣମାଧ୍ୟମର କଣ୍ଠରୋଧ ସାମ୍ବିଧାନିକ ଅପରାଧ

ଭାରତ ସ୍ୱାଧୀନ ହେବାର ସତସ୍ତରୀ ବର୍ଷ ତଥା ଆମ ସମ୍ବିଧାନ ଲାଗୁ ହେବାର ଚଉସ୍ତରୀ ବର୍ଷ ପରେ ଭାରତ ଭଳି ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବାଦ ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏ କଥା କାହାର ଅବୁଝା ରହିବା ଉଚିତ ନୁହେଁ। ଯେଉଁଠି ଗଣମାଧ୍ୟମର ସ୍ୱରକୁ ଧମକ ଓ ମାଡ଼ ଦ୍ୱାରା ଦବାଇ ଦିଆଯାଏ, ସେଠାରେ ଗଣତନ୍ତ୍ର ବିପନ୍ନ ହୁଏ। ଭାରତ ଭଳି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମ୍ବାଦିକତା ଅଧିକ ଆବଶ୍ୟକ ହେବାର କାରଣ ହେଲା ଏଠାରେ ଲୋକଙ୍କ ସଂଖ୍ୟା ଅଧିକ ଓ ଏଠାକାର ଜନଜୀବନ ଘଟଣାବହୁଳ। ସେ ସବୁ ଘଟଣା ସମ୍ପର୍କରେ ତଥ୍ୟ ପାଇବା ବା ଜାଣିବା ଜନତାଙ୍କର ଏକ ମୌଳିକ ଅଧିକାର। ନାଗରିକଙ୍କୁ ତଥ୍ୟ ଦେଇ ସଶକ୍ତ କରିବା ସହିତ ସେମାନଙ୍କୁ ଅଜ୍ଞତା ଓ ଭୁଲ ଖବରରୁ ମୁକ୍ତ ରଖିବା ଗଣମାଧ୍ୟମର ପ୍ରମୁଖ ଦାୟିତ୍ୱ। ଦ୍ୱିତୀୟତଃ ସୂଚନା ବା ତଥ୍ୟର ଏକ ତଦାରଖକାରୀ ବା ଯାଞ୍ଚ କରିବା ଭୂମିକା ମଧ୍ୟ ଗଣମାଧ୍ୟମର। ନିର୍ବାଚିତ ଲୋକପ୍ରତିନିଧିମାନେ ଦେଇଥିବା ସାମ୍ବିଧାନିକ ଶପଥ ଆଧାରରେ ନାଗରିକ ତଥା ଦେଶ ପାଇଁ ସେମାନେ କିପରି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି, ତାହା ଲୋକଙ୍କୁ ଜଣାଇବା ଗଣମାଧ୍ୟମର କାମ। ସୁତରାଂ ଏହି ଗୁରୁଦାୟିତ୍ୱ ନିର୍ବାହରେ ସାମ୍ବାଦିକଟିଏ ନାଗରିକ ସମାଜର 'ଦୂତ' ରୂପେ କର୍ତ୍ତବ୍ୟ ନିର୍ବାହ କରିଥାଏ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗତ କିଛିକାଳ ଧରି ଭାରତରେ ଉଭୟ ସାମ୍ବାଦିକ ଓ ସାମ୍ବାଦିକତା ରାଜନୈତିକ ବିଚାର ଓ ଦୃଷ୍ଟିକୋଣରୁ ବିଭାଜିତ। ଏକ ବହୁଳବାଦୀ ସମାଜ ଓ ଶକ୍ତିଶାଳୀ ଗଣତନ୍ତ୍ରରେ ଏହା ହେବା ସ୍ୱାଭାବିକ। ସବୁ ସାମ୍ବାଦିକ ବା ଗଣମାଧ୍ୟମ ସରକାରଙ୍କ ସ୍ତାବକ କିମ୍ବା ବିରୋଧୀଙ୍କ ସମର୍ଥକ ବା ଅନୁଗତ ହୋଇ ରହିପାରିବେ ନାହିଁ। ସେହି ପୃଷ୍ଠଭୂମିରେ ସାମ୍ବାଦିକଙ୍କୁ ତାଙ୍କ ମୌଳିକ ଦାୟିତ୍ୱ ସୂଚନା ସେବା ନିର୍ବାହନ କରିବାକୁ ପଡ଼ିବ। ଏହା ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ଏଥିରେ କେହି ଅସନ୍ତୁଷ୍ଟ ବା ଉତ୍ତ୍ୟକ୍ତ ହୋଇ ବିଚରା ସାମ୍ବାଦିକଙ୍କୁ ଆକ୍ରମଣ କଲେ ଏହା ନିର୍ଦ୍ଦୋଷ ଦୂତକୁ ହତ୍ୟା କରିବା ସହିତ ସମାନ।

ଆମ ଓଡ଼ିଶାରେ ମଧ୍ୟ ଏଭଳି କିଛି ଘଟଣା ମଝିରେ ମଝିରେ ଘଟୁଛି, ଯାହା ଚିନ୍ତାଜନକ। ଦୁଇଦିନ ତଳେ ଏକ ଜାତୀୟ ରାଜନୈତିକ ଦଳର ଭୁବନେଶ୍ୱରସ୍ଥିତ ସଦର କାର୍ଯ୍ୟାଳୟରେ ଦଳର ଜଣେ ବରିଷ୍ଠ କର୍ମକର୍ତ୍ତା 'ନନ୍ଦିଘୋଷ' ଟିଭିର ରିପୋର୍ଟରଙ୍କୁ ଆକ୍ରମଣ କରିବା ସହିତ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ନିଷ୍କାସିତ କରି ଦେଇଥିଲେ। 'ନନ୍ଦିଘୋଷ' ଟିଭିର ପ୍ରତିନିଧିଙ୍କ ଉପରେ ଆଗରୁ ମଧ୍ୟ ଅନ୍ୟତ୍ର ଏଭଳି ଏକ ଆକ୍ରମଣ ହୋଇଥିଲା। ଅନ୍ୟ କେତେକ ଗଣମାଧ୍ୟମର ପ୍ରତିନିଧିଙ୍କ ଉପରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ମଧ୍ୟ ମଝିରେ ମଝିରେ ଆକ୍ରମଣ କରିବାର ସମ୍ବାଦ ନଜରକୁ ଆସୁଛି। ଏଠି ସାମ୍ବାଦିକ କିଏ ବା କେଉଁ ସଂସ୍ଥା / ସଂଗଠନର, ତାହା ବଡ଼ କଥା ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଲା ନିଜର ପେସାଦାର ଦାୟିତ୍ୱ ନିର୍ବାହ କରିବା ବେଳେ ସାମ୍ବାଦିକଙ୍କୁ ଆକ୍ରମଣ କରାଯିବା ଓ ଏଥିରେ ବାଧା ସୃଷ୍ଟି କରାଯିବା ଅପ୍ରିୟ ଘଟଣା।

ଲୋକସଭା ଓ ବିଧାନସଭା ନିର୍ବାଚନ ସମୟରେ ଦଳବଦଳ, ନିରାଶ ଟିକଟ ଆଶାୟୀଙ୍କ ବିକ୍ଷୋଭ, ଦଳ ମଧ୍ୟରେ ବିଦ୍ରୋହ, ଦଳୀୟ ଦପ୍ତର ଉପରେ ଅସନ୍ତୁଷ୍ଟଙ୍କ ଆକ୍ରମଣ ଓ ଭଙ୍ଗାରୁଜା ଘଟଣା ଏକ ସାଧାରଣ କଥା। ତେବେ ଏସବୁ ଘଟଣା ଯେତେବେଳେ ବିସ୍ଫୋରକ ପାଲଟେ, ସେତେବେଳେ ଏହା ଗଣମାଧ୍ୟମ ପାଇଁ ଖବର ପାଲଟେ ଏବଂ ଲୋକଙ୍କୁ ଜଣାଇବାର ଆବଶ୍ୟକତା ପଡ଼େ। ସମ୍ପୃକ୍ତ ରାଜନୈତିକ ଦଳର ରାଜ୍ୟ ଶାଖାର ଦଳୀୟ ଟିକଟ ବଣ୍ଟନ ଏବଂ ପ୍ରାର୍ଥୀ ମନୋନୟନକୁ କେନ୍ଦ୍ର କରି ଯେଉଁ ଘଟଣା ରାଜ୍ୟ ଶାଖା କାର୍ଯ୍ୟାଳୟରେ ଘଟିଲା, ତାହାର ବିବରଣୀ, ଫଟୋଚିତ୍ର ସଂଗ୍ରହ କରିବା ଆଦୌ ଅଯୌକ୍ତିକ, ଅସମୀଚୀନ ଏବଂ ଅଣପେସାଦାରୀ କାର୍ଯ୍ୟ ନୁହେଁ। କିନ୍ତୁ ସେହି ଘଟଣାର ବିବରଣୀ ସଂଗ୍ରହ କରିବା ସମୟରେ 'ନନ୍ଦିଘୋଷ' ଟିଭିର ପ୍ରତିନିଧି ଏବଂ କ୍ୟାମେରାଚାଳକଙ୍କୁ ଆକ୍ରମଣ କରାଯାଇଛି। ଏହା ନିନ୍ଦନୀୟ ଓ ଧର୍ତ୍ତବ୍ୟ ଅପରାଧ ବର୍ଗରେ ଯାଉଛି।

ସାମ୍ବାଦିକ ଓ ଗଣମାଧ୍ୟମକୁ ତା'କାମ କରିବାକୁ ଦିଆଯିବା କଥା ଆଇନସିଦ୍ଧ ଓ ସାମ୍ବିଧାନିକ। ସେମାନଙ୍କ କାମରେ ଅସହିଷ୍ଣୁତା ପ୍ରକାଶ କରି ରାଜନୀତିର ଗନ୍ଧ ବାରିବା ଏକ ରୁଗ୍ଣ ମାନସିକତା। କିଛିଦିନ ତଳେ ଜାତୀୟସ୍ତରରେ ଏଭଳି ଘଟଣା ଘଟିଥିଲା। କଂଗ୍ରେସ ନେତୃତ୍ୱରେ ପରିଚାଳିତ 'ଇଣ୍ଡି'ମେଣ୍ଟ ଦେଶର ପ୍ରମୁଖ ୧୪ଟିଭି ଚାନେଲର ଆଙ୍କର ଓ ପ୍ରତିନିଧିଙ୍କୁ ଖୋଲାଖୋଲି ନିଷିଦ୍ଧ ଘୋଷଣା କରିବା ସହ ସେମାନଙ୍କର ତାଲିକା ସର୍ବସାଧାରଣରେ ପ୍ରକାଶ କରିଥିଲା। ଅଭିଯୋଗ କରାଯାଇଥିଲା ଯେ ଏହି ଚାନେଲ୍, ଏହାର ଆଙ୍କର ଓ ସାମ୍ବାଦିକମାନେ 'ଇଣ୍ଡି' ମେଣ୍ଟର ବିରୋଧୀ ଏବଂ ଶାସକଦଳର ପ୍ରରୋଚନାରେ ନିଜ ଚାନେଲରେ 'ଇଣ୍ଡି' ମେଣ୍ଟ ଓ ଏହାର ନେତାମାନଙ୍କୁ ନ୍ୟୂନ ଭାବେ ଦର୍ଶାଉଛନ୍ତି। ସେମାନଙ୍କ ଅଭିଯୋଗ କେତେ ସତ କେତେ ମିଛ, ତାହା ଦର୍ଶକ ନିର୍ଣ୍ଣୟ କରିବେ। ସତ୍ୟ ସମ୍ବାଦ ପରିବେଷଣ କରି ଜନସାଧାରଣଙ୍କ ସୂଚନା ଅଧିକାରକୁ ସାବ୍ୟସ୍ତ କରୁଥିବା ପେସାଦାର ସାମ୍ବାଦିକମାନଙ୍କ ପ୍ରତି ନ୍ୟସ୍ତ ସ୍ୱାର୍ଥଜନିତ ପୂର୍ବାଗ୍ରହ ଦେଖାଇ ତାଙ୍କ କାର୍ଯ୍ୟରେ ବାଧା ଦେବା ତଥା ଶାରୀରିକ ବଳପ୍ରୟୋଗ ତଥା ଅଶାଳୀନ ବ୍ୟବହାର ଆଦି କୌଣସି ରାଜନୈତିକ ଦଳ ପାଇଁ ଶୋଭନୀୟ ନୁହେଁ। ନିଜକୁ ଖୋଲା ଅବାଧ ଗଣତାନ୍ତ୍ରିକ ଅଧିକାରର ପୃଷ୍ଠପୋଷକ ଘୋଷଣା କରୁଥିବା ଏହିଭଳି ରାଜନୈତିକ ଦଳମାନେ ଆମ ସମ୍ବିଧାନର ମୌଳିକ ଢାଞ୍ଚାର ଖୋଲାଖୋଲି ବିରୋଧ କରୁଛନ୍ତି। ସାମ୍ବାଦିକତାର କଣ୍ଠରୋଧ ଉଦ୍ୟମ ସର୍ବଦା ଗଣତନ୍ତ୍ର ପାଇଁ ବିପଦ। ଅବାଧ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ସବୁଦଳ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ। ●

# ମାତୃଭାଷାରେ ଗୁଣାତ୍ମକ ଶିକ୍ଷା




ଡ. ସତ୍ୟ ନାରାୟଣ ମିଶ୍ର
ଭୁବନେଶ୍ୱର, ମୋ: ୯୯୩୭୭୩୪୫୯୦୦


ପିଲାଟିଏ ଜନ୍ମ ହେଲେ ପିତାମାତା, ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନମାନଙ୍କର ପ୍ରଥମେ ଗୋଟିଏ ବିଷୟରେ ଆଲୋଚନା ହୋଇଥାଏ - ପିଲା କେଉଁ ମିଡିୟମ ବା ମାଧ୍ୟମରେ ଶିକ୍ଷାଲାଭ କରିବ। ଅର୍ଥାତ୍ ଓଡ଼ିଆ ସ୍କୁଲ୍‌ରେ ନା ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ। ବିଶେଷତଃ ବାପା ମା'ମାନେ ପିଲାର ଜ୍ଞାନ ଓ ଧୀମତ୍ତାକୁ ଦେଖି ଶିକ୍ଷାଦାନର ମାଧ୍ୟମକୁ ଗୁରୁତ୍ୱ ଦେଇ ତଦନୁଯାୟୀ ବିଦ୍ୟାଳୟ ଅନ୍ୱେଷଣ କରିଥା'ନ୍ତି। କିନ୍ତୁ ଏବେ ଅଧିକାଂଶ ପିତାମାତା ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଘରୁ ଦୂରରେ ଇଂରାଜୀ ମାଧ୍ୟମ ସ୍କୁଲ୍ ଥିଲେ ମଧ୍ୟ ଅଧିକ ଖର୍ଚ୍ଚାନ୍ତ ହୋଇ ପିଲାମାନଙ୍କୁ ସେଠାକୁ ପଠାଇ ଆତ୍ମସନ୍ତୋଷ ଲାଭ କରଥା'ନ୍ତି। ଉକ୍ତ ପିତାମାତାଙ୍କର ଗୋଟିଏ ଆକଳନ ଥାଏ ଯେ ଆମ ପିଲା ଘରୋଇ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରିବାର ଅର୍ଥ ନିଜ ଅଞ୍ଚଳରେ ନିଜ ଭାଷାରେ ଶିକ୍ଷା ଲାଭ କରୁଥିବା ପିଲାମାନଙ୍କଠାରୁ ଅଧିକ ମେଧାବୀ ଓ ଜ୍ଞାନୀ। ଉକ୍ତ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନରେ ପିତାମାତା ମାସକୁ ଦଶ/କୋଡ଼ିଏ ହଜାର ବା ତା'ଠାରୁ ଅଧିକ ଅର୍ଥ ଦେଉଥିବା ବେଳେ ଆଞ୍ଚଳିକ ଭାଷାରେ ବାସଗୃହ ନିକଟରେ ଥିବା ଶିକ୍ଷାନୁଷ୍ଠାନରେ ଦଶକୋଡ଼ିଏ ଟଙ୍କା ବା ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଥିବା ଶିକ୍ଷାକୁ ପସନ୍ଦ କରି ନଥିବା ଦେଖାଯାଉଛି। ଏହି ପୃଷ୍ଠଭୂମିରେ ପ୍ରଶ୍ନ ଉଠେ, ଶିକ୍ଷାର ମାନ କ'ଣ ସତରେ ଶିକ୍ଷାଦାନର ମାଧ୍ୟମ ଉପରେ ନିର୍ଭରଶୀଳ? ଭାଷା ସମସ୍ତ ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟକଳାପର କେନ୍ଦ୍ରରେ ରହିଛି। କାରଣ ଏହା ହେଉଛି ଜ୍ଞାନର ରୂପାନ୍ତର ପାଇଁ ମୁଖ୍ୟ ଉତ୍ସ ଓ ମାଧ୍ୟମ। ଯେକୌଣସି ସ୍ତରରେ ଶିକ୍ଷାଦାନ ପାଇଁ ଭାଷା ବ୍ୟବହାରକୁ ମାଧ୍ୟମ ନିର୍ଦ୍ଦେଶନାମା କୁହାଯାଏ। ଭାରତରେ ଶିକ୍ଷାର ମାଧ୍ୟମ ଇଂରାଜୀ, ହିନ୍ଦୀ ଓ ସମ୍ପୃକ୍ତ ରାଜ୍ୟର ସରକାରୀ ଭାଷା ଜରିଆରେ ହୋଇଥାଏ। ବେସରକାରୀ ବିଦ୍ୟାଳୟଗୁଡ଼ିକ ସାଧାରଣତଃ ଇଂରାଜୀ ଭାଷାକୁ ଶିକ୍ଷାଦାନର ମାଧ୍ୟମ ଭାବେ ପସନ୍ଦ କରନ୍ତି। ଅପରପକ୍ଷରେ ପିଲାର ପ୍ରଥମ ଭାଷା ବା ମାତୃଭାଷାର ଦକ୍ଷତା ମାଧ୍ୟମରେ ହିଁ ପଢ଼ିବା, ଲେଖିବା ଓ ସଂଖ୍ୟାକରଣର ମୌଳିକ ଶୈଳୀ ହାସଲ ହୁଏ।

ଶିକ୍ଷାଦାନର ମାଧ୍ୟମକୁ ବିଚାର କରିବା ପୂର୍ବରୁ ଏହାର ଉଦ୍ଦେଶ୍ୟ ଜାଣିବା ଅତ୍ୟନ୍ତ ଆବଶ୍ୟକ। ମଣିଷର ବୌଦ୍ଧିକ ଶକ୍ତି ଓ ଜ୍ଞାନଗରିମାକୁ ବୃଦ୍ଧି କରିବା ଓ ସଠିକ୍ ଦିଗରେ ବ୍ୟବହାର କରିବାର କ୍ଷମତା ହେଉଛି ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ। ଏହି ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ପୂରଣ କେବଳ ଯେକୌଣସି ଦେଶର ଶିକ୍ଷା ବ୍ୟବସ୍ଥା ଦ୍ୱାରା କରାଯାଇପାରିବ ଯଦି ଶିକ୍ଷାଦାନର ମାଧ୍ୟମ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷା ହୁଏ। ଏହା ହେଲେ ଶିକ୍ଷାର୍ଥୀ ଠିକ୍ ଭାବରେ ପାଠ ବୁଝି ପାରିବ। ପ୍ରାଚୀନ ଭାରତରେ ଗୁରୁକୁଳ ଶିକ୍ଷା ଗୋଟିଏ ଘରେ ଗୁରୁଙ୍କ ସହ ହେଉଥିଲା। ନାଳନ୍ଦାରେ ବିଶ୍ୱର ସର୍ବପୁରାତନ ବିଶ୍ୱବିଦ୍ୟାଳୟରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀମାନେ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରତି ଆକର୍ଷିତ ହେଉଥିଲେ। ସ୍ୱାଧୀନତା ପରେ ଧୀରେ ଧୀରେ ସଭ୍ୟତାର ଅଗ୍ରଗତି ସହିତ ମଣିଷର ଆଧୁନିକ ଜୀବନଶୈଳୀ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନର ମୋହରେ କବଳିତ ହେବାକୁ ଲାଗିଲା। ଜ୍ଞାନ ସବୁବେଳେ ସ୍ୱାଭିମାନକୁ ସମ୍ମାନ ଦେଇଥାଏ, ଆଭିଜାତ୍ୟର ଅହଙ୍କାରକୁ ଘୃଣା କରିଥାଏ। ମାତୃଭାଷାର ଶିକ୍ଷାଦାନକୁ ହେୟ ମନେ କରି ଇଂରାଜୀ ମାଧ୍ୟମରେ ଶିକ୍ଷାଦାନର ଅହମିକା ଯେ ମାନସିକ ଦାସତ୍ୱର ପରିଚୟ, ଏହା କହିହଲେ ଅତ୍ୟୁକ୍ତି ହେବ ନାହିଁ।

ପ୍ରାରମ୍ଭିକ ଶିକ୍ଷା ନିର୍ଦ୍ଦିଷ୍ଟ ଅଞ୍ଚଳର ମୁଖ୍ୟ ମାତୃଭାଷାରେ ହେବା ଉଚିତ୍ ଓ ପରେ ଅଷ୍ଟମରୁ ଇଂରାଜୀ ମାଧ୍ୟମର ଶିକ୍ଷାଦାନର ଅଧ୍ୟୟନ ଆରମ୍ଭ ଇଚ୍ଛାଧୀନ ହୋଇପାରେ। ଉଚ୍ଚ ଶିକ୍ଷା ପାଇଁ ଯେକୌଣସି ଭାଷା ମାଧ୍ୟମ ଭାବରେ ଗ୍ରହଣ କରାଯାଇପାରେ। ତେଣୁ ସମ୍ବିଧାନ ଅନୁମୋଦିତ ସର୍ବୋତ୍ତମ କଥିତ ଭାଷାରେ ଶିକ୍ଷାଦାନକୁ ନ୍ୟୂନ ମନେକରିବା ଉଚିତ ନୁହେଁ। ଭାରତରେ ଶିକ୍ଷା ମୁଖ୍ୟତଃ ରାଷ୍ଟ୍ରୀୟସ୍ତ ସର୍ବଶିକ୍ଷା ବ୍ୟବସ୍ଥା ଦ୍ୱାରା ପରିଚାଳିତ, ଯାହା କେନ୍ଦ୍ର, ରାଜ୍ୟ ତଥା ସ୍ଥାନୀୟ ଏପରି ତିନିଟି ସ୍ତରରେ ସରକାରଙ୍କ ଅଧୀନରେ ଥାଏ। ଭାରତୀୟ ସମ୍ବିଧାନ ଶିଶୁମାନଙ୍କର ଶିକ୍ଷା ଅଧିକାର ଅଧିନିୟମ -୨୦୦୯ରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ୬ ରୁ ୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ଏକ ମୌଳିକ ଅଧିକାର ଭାବରେ ପ୍ରଦାନ କରାଯାଇଛି। ୧୯୭୬ ମସିହା ପର୍ଯ୍ୟନ୍ତ ଭାରତୀୟ ସମ୍ବିଧାନ ଅନୁଯାୟୀ ବିଦ୍ୟାଳୟ ଶିକ୍ଷା ରାଜ୍ୟ ବିଷୟାଧିକାର ଥିଲା ଓ ଶିକ୍ଷା ନୀତି ପ୍ରସ୍ତୁତ ତଥା କାର୍ଯ୍ୟକାରୀ କରିବା ଦାୟିତ୍ୱ ରାଜ୍ୟଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା। ୧୯୭୬ ମସିହାରେ ଭାରତର ସମ୍ବିଧାନର ୪୨ ତମ ସଂଶୋଧନ ପାରିତ ହେବା ପରେ ଶିକ୍ଷାବ୍ୟବସ୍ଥା କେନ୍ଦ୍ର ସରକାର ଶିକ୍ଷା ନୀତି ତଥା କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ପରିଚାଳିତ ହେଲା ଏବଂ ରାଜ୍ୟମାନେ କେବଳ ଏହି କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବାର ଅଧିକାର ପାଇଲେ। ୨୦୦୫-୬ ମସିହାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରୁଥିବା ୮୩.୧୩ ପ୍ରତିଶତ ବିଦ୍ୟାଳୟ ସରକାରଙ୍କ ଦ୍ୱାରା ଏବଂ ୧୬.୮୬ ପ୍ରତିଶତ ବିଦ୍ୟାଳୟ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲା।

ଜାତୀୟ ପରିସଂଖ୍ୟାନ ଆୟୋଗ ଅନୁସାରେ ଭାରତରେ ଜାତୀୟ ସାକ୍ଷରତା ହାର ୨୦୧୭-୧୮ ରେ ୭୭.୭ ପ୍ରତିଶତ, ପୁରୁଷଙ୍କ କ୍ଷେତ୍ରରେ ୮୪.୭ ପ୍ରତିଶତ ଓ ମହିଳାଙ୍କ କ୍ଷେତ୍ରରେ ୭୦.୩ ପ୍ରତିଶତ। ୧୯୮୧ରେ ଏହି ହାର ଥିଲା ଯଥାକ୍ରମେ ୪୧ ପ୍ରତିଶତ, ୫୩ ପ୍ରତିଶତ ଓ ୨୯ ପ୍ରତିଶତ। ସେହିପରି ୧୯୫୧ ମସିହାରେ ଏହି ହାର ଯଥାକ୍ରମେ ୧୮ ପ୍ରତିଶତ, ୨୭ ପ୍ରତିଶତ ଓ ୯ ପ୍ରତିଶତ ଥିଲା। ଶିକ୍ଷାର ଅର୍ଥ ନୁହେଁ କେବଳ ଦସ୍ତଖତ କରିବା ବା ଶିକ୍ଷିତ ତାଲିକାରେ ଅନ୍ତର୍ଭୁକ୍ତ ହେବା। ଶିକ୍ଷାରୁ ଜ୍ଞାନର ଉତ୍ପତ୍ତି। ମାତ୍ର ଜ୍ଞାନକୁ ପରିଚାଳନା କରିବାକୁ ହେଲେ ମଣିଷ ନିଶ୍ଚିତ ଭାବରେ ଜ୍ଞାନର ଗଭୀରତାକୁ ବିଶ୍ଳେଷଣ କରିବା ଉଚିତ, ଯାହା ଶିକ୍ଷାଦାନର ମାଧ୍ୟମ ଉପରେ ନିର୍ଭର କରିନଥାଏ, ବରଂ ଶିକ୍ଷା ଗ୍ରହଣ କରିବାର ବୌଦ୍ଧିକ ଇଚ୍ଛା ଉପରେ ନିର୍ଭର କରିଥାଏ। ଘରୋଇ ବା ବେସରକାରୀ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନରେ ଯେ ସମସ୍ତ ପିଲା ମେଧାବୀ ଓ ଆଞ୍ଚଳିକ ଭାଷାର ମାଧ୍ୟମରେ ଯେ ସମସ୍ତ ପିଲା ସ୍ୱଳ୍ପ ବୁଦ୍ଧିସମ୍ପନ୍ନ ତାହା ଭାବିବା ଗୁରୁତର ଭୁଲ୍। ଆଜିର ସମୟରେ ସମାଜକୁ, ଦେଶକୁ, ଜାତିକୁ ଶାସନ କରୁଥିବା ବା ସମାଜକୁ ଅଧିକ ସେବା ଦେଉଥିବା ବ୍ୟକ୍ତିମାନେ ଏକଦା ଆଞ୍ଚଳିକ ବା ମାତୃଭାଷାରେ ଶିକ୍ଷା ଗ୍ରହଣ କରିଥିଲେ। ଶିକ୍ଷାଦାନର ମାଧ୍ୟମ ନୁହେଁ, ବରଂ ଅଧ୍ୟବସାୟ, ପରିଶ୍ରମ, ନିଷ୍ଠା ଓ କର୍ମ ପ୍ରବୃତ୍ତି ଉପରେ ଉତ୍କର୍ଷ ନିର୍ଭର କରେ। ଶିକ୍ଷାର ମାନକ ନିରୂପଣ ପାଇଁ ଆବଶ୍ୟକ ହୋଇଥାଏ ଜ୍ଞାନର ଗଭୀରତା, ଦାୟିତ୍ୱବୋଧ, ନିଷ୍ଠା, ସମୟାନୁବର୍ତ୍ତିତା ତଥା ଉତ୍ତମ ସ୍ୱଭାବ। ଶିକ୍ଷା ଓ ଜ୍ଞାନ ଆହରଣ ପାଇଁ ଅଧିକ ଅର୍ଥ ଖର୍ଚ୍ଚ ଓ ଆଭିଜାତ୍ୟସମ୍ପନ୍ନ ପୋଷାକ ତଥା ଆଧୁନିକ ବାତାବରଣ ଯେ ଏକ ମାନକ, ତାହା ଅଯୌକ୍ତିକ। ଆର୍ଥିକ ଅନଟନ ଓ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ଜଣେ ପିଲା ଶିକ୍ଷାରେ ଉତ୍କର୍ଷ ଲାଭ କରି ଉଦାହରଣ ସୃଷ୍ଟି କରିପାରେ। ●

# ଚଷମାର ଦୃଷ୍ଟିକୋଣ




ହିତାଂଶୁ ଶେଖର ମହାନ୍ତ
ଭୁବନେଶ୍ୱର, ମୋ: ୯୪୩୭୮୭୨୯୦୪


ମୋର ଜଣେ ସହକର୍ମୀ ଥରେ ପରିହାସ ଛଳରେ କହିଲେ, 'ଯେଉଁମାନେ ଚଷମା ପିନ୍ଧୁଛନ୍ତି, ସେମାନଙ୍କୁ ଦୟା କର। ସିନେମା ହଲ୍, ଥିଏଟର, ଷ୍ଟାଡିଅମ୍, ସଭାସମିତି ଓ ପ୍ରଦର୍ଶନୀ ମଞ୍ଚ ଆଦି ସ୍ଥାନରେ ସେମାନଙ୍କୁ ଅଗ୍ରାଧିକାର ଦିଅ। କାରଣ ସେମାନେ ତୁମକୁ ଦେଖିବା ପାଇଁ ମଧ୍ୟ ପଇସା ଦେଉଛନ୍ତି। ଖାଲି ତୁମକୁ ନୁହେଁ, ପୂରା ଦୁନିଆ ଦେଖିବାକୁ ବି ପଇସା ଦେଉଛନ୍ତି।' ଏ କଥାଟି ମୋତେ କାହିଁକି କେଜାଣି ଭାରି ପସନ୍ଦ ଆସିଲା। କାରଣ ଚଷମା ମୁଁ ବି ଆଜିକୁ ପ୍ରାୟ ୩୦ ବର୍ଷ ତଳୁ ପିନ୍ଧି ଆସୁଛି। ଯେଉଁ ଚଷମା ଯେତେ ନୂଆ, ତା'ର କାଚଦେଇ ଦେଖିବା ସେତେ ମହଙ୍ଗା। ପୁଣି ଚଷମା ଲେନ୍ସର ପାୱାରକୁ ନେଇ ମଧ୍ୟ ଦାମ୍ ଅଲଗା ଅଲଗା ହୋଇଥାଏ। ଏବେ ତ ପୁଣି 'କଣ୍ଟାକ୍ଟ ଲେନ୍ସ' ଏକ ସାଧାରଣ କଥା ପାଲଟିଗଲାଣି। ମାନେ ସେଥିରେ ଦେଖିଲେ ଆହୁରି ଅଧିକ ଅର୍ଥ ଖର୍ଚ୍ଚ।

ଗୋଟିଏ ନୂଆ ଚଷମାର ଦାମ୍ ହାରାହାରି ଧରାଯାଉ ୫ ହଜାର ଟଙ୍କା। ହୋଇଛି ମାତ୍ର ଦୁଇମାସ। ତେଣୁ ୫ ହଜାର ହରଣ ଷାଠିଏ ହେଲେ ଯେତେ ହେବ, ତାହା ହେଉଛି ସେହି ଚଷମା କାଚ ବାଟ ଦେଇ ଦୁନିଆ ଦେଖୁଥିବା ବ୍ୟକ୍ତିଙ୍କର ଏପର୍ଯ୍ୟନ୍ତ ଦୈନିକ ଦେଖିବା ବାବଦ ଖର୍ଚ୍ଚ। ପ୍ରକାରାନ୍ତରେ ଯେଉଁଟା ଯେତେ ପୁରୁଣା, ସେଥିରେ ଦେଖିବା ସେତେ ଶସ୍ତା। ତଥାପି ଗତ ୩୦ ବର୍ଷ ଭିତରେ ଯଦି ବର୍ଷକୁ ଗୋଟାଏ ଲେଖାଏଁ ଚଷମା ବଦଳାଇଥିବି, ତେବେ ସୁଦ୍ଧା ୩୦ଟି ଚଷମା, ସର୍ବନିମ୍ନ ହାରାହାରି ୩ ହଜାର ଟଙ୍କା ହିସାବରେ ଖର୍ଚ୍ଚ ୯୦ ହଜାର ଟଙ୍କା। ମାନେ ଜନ୍ମଠାରୁ ଚଷମା ପିନ୍ଧିବା ସମୟତକ ବାଦ୍ ଦେଲେ ମୁଁ ଦୁନିଆକୁ ଦେଖିବା ପାଇଁ ଖର୍ଚ୍ଚ କରିଛି ଅତିକମ୍‌ରେ ୯୦ ହଜାର ଟଙ୍କା। ଅବଶ୍ୟ ଆଖିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଇଁ ଏତିକି ସମୟ ମଧ୍ୟରେ ୯୦ ହଜାର ଟଙ୍କା ଖର୍ଚ୍ଚ ହେବା କିଛି ବହୁତବଡ଼ କଥା ନୁହେଁ।

ତେବେ କଥାଟା ସେଇଆ ନୁହେଁ। ଅସଲ କଥା ହେଉଛି, ଯେତେବେଳେ ଦେଖିବାକୁ ପଇସା ଦେବାକୁ ପଡୁଛି, ସେତେବେଳେ ଆମେ କିଛି ଭଲ ଜିନିଷ ନ ଦେଖିବା ବା କାହିଁକି? କାହିଁକି 'ନ ଦେଖିବା ଜିନିଷ' ବା ଖରାପ ଜିନିଷ ଦେଖି ଆମ ପଇସାର ଅବମୂଲ୍ୟାୟନ କରିବା? କହିବା କଥା ହେଉଛି, ଖରାପ ଜିନିଷ ବୋଇଲେ ଆମେ ଅଶ୍ଳୀଳ ଦୃଶ୍ୟ, ଆଖି ଆଗରେ ହେଉଥିବା ଅପରାଧ, କୌଣସି ଦୁର୍ନୀତି, ଦୁରାଚାର, ଗୁରୁଜନଙ୍କ ଉପରେ ହେଉଥିବା ଅତ୍ୟାଚାର, ଶିଶୁ ନିର୍ଯାତନା, ବିଭିନ୍ନ ପଦାର୍ଥରେ ହେଉଥିବା ଅପମିଶ୍ରଣ, ଦରିଦ୍ର ବ୍ୟକ୍ତିଙ୍କୁ କାର୍ଯ୍ୟକ୍ଷେତ୍ରରେ ଶୋଷଣ, ଗରିବ ମହିଳାଙ୍କୁ ଧନିକଙ୍କ ନିର୍ଯାତନା, ପତି ଦ୍ୱାରା ପତ୍ନୀ କିମ୍ବା ପତ୍ନୀ ଦ୍ୱାରା ପତିକୁ ଦିଆଯାଉଥିବା ମାନସିକ ଅଥବା ଶାରୀରିକ ନିର୍ଯାତନା, ପଶୁପକ୍ଷୀଙ୍କ ଉପରେ ଅତ୍ୟାଚାର, ଖାଦ୍ୟ ପାଇଁ ପଶୁହତ୍ୟା, ଅଯଥାରେ ବୃକ୍ଷଚ୍ଛେଦନ ଭଳି ଆହୁରି ଅନେକକୁ ବୁଝୁ। ଏହାକୁ ନ ଦେଖିଲେ ଆମର କିଛି କ୍ଷତି ହେବ ନାହିଁ। ବରଂ ଅର୍ଥ ଦେଇ ଦୁନିଆକୁ ଦେଖୁଥିବାରୁ ମନ୍ଦ ଅପେକ୍ଷା ଭଲକୁ ଅଧିକରୁ ଅଧିକ ଦେଖିବା ଉଚିତ୍। ଏହା କେବଳ ଆମେ ଚଷମା ବାବଦରେ ବିନିଯୋଗ କରୁଥିବା ଟଙ୍କାର ସଠିକ୍ ମୂଲ୍ୟାୟନ ହେବନାହିଁ, ଅଧିକନ୍ତୁ ଭଲ ଭଲ ଜିନିଷ ବା ଦୃଶ୍ୟ ଦେଖିଲେ ଏହା ଆମ ମନରେ ବି ସକାରାତ୍ମକ ପ୍ରଭାବ ପକାଇବ।

ମନରେ ସକାରାତ୍ମକ ଚିନ୍ତାଧାରା ଆସିଲେ ଆପଣଙ୍କ ଦିନଟି କେତେ ଭଲ ଭାବରେ କଟେ, ସେକଥା ଆଉ ବୁଝାଇ କହିବାକୁ ପଡ଼ିବ ନାହିଁ। ଗୋଟେ ସୁସ୍ଥ ଶରୀର ପାଇଁ ଯେମିତି ଭଲ ଓ ସୁଷମ ଖାଦ୍ୟ ଆବଶ୍ୟକ, ଗୋଟେ ଭଲ ମନ ପାଇଁ ମଧ୍ୟ ସେହିପରି ଭଲ ଖାଦ୍ୟ ଆବଶ୍ୟକ। ତେବେ କଥା ହେଉଛି, ମନ ପାଇଁ କାହାକୁ ଭଲ ଭାବି ଗ୍ରହଣ କରିବା ଓ କାହାକୁ ଖରାପ ବିଚାରି ବର୍ଜନ କରିବା ସେ ବିଚାର ସମ୍ପୂର୍ଣ୍ଣ ରୂପେ ଆମ ହାତରେ ରହିଛି। ଲୋକେ ଆତ୍ମଶୁଦ୍ଧି, ଉତ୍ତମ ବିଚାରଧାରା, ସର୍ବୋପରି ମାନସିକ ଶାନ୍ତି ପାଇଁ କେତେ ନା କେତେ ଉପାୟ କରୁଛନ୍ତି। ବିଭିନ୍ନ ପ୍ରବଚକଙ୍କ ସଶୁଳ୍କ ପ୍ରବଚନ ଶୁଣିବାକୁ କେତେ ନା କେତେ ଦୂରକୁ ମଧ୍ୟ ଅର୍ଥ ଖର୍ଚ୍ଚ କରି ଛୁଟି ଯାଉଛନ୍ତି। ତେବେ କେବଳ ନିଜ ଚଷମାଟିମାନ କଥା ମନରେ ରଖି ଭଲ ଦୃଶ୍ୟ ଦେଖିଲେ ତାହା ମନ ଓ ଆତ୍ମାକୁ ସଞ୍ଚରି ଯାଇ ଆପଣଙ୍କ ଦିନର ଆରମ୍ଭଟିକୁ ମଧ୍ୟ ଶୁଭ କରିଦେବ। ସାଧାରଣ ବ୍ୟକ୍ତିଟିଏ ମାଗଣାରେ ଦୃଶ୍ୟ ଦେଖୁଥିବା ବେଳେ ଚଷମା ଧାରଣ କରିଥିବା ବ୍ୟକ୍ତିଟିଏ ଏଥିପାଇଁ ଅର୍ଥ ଖର୍ଚ୍ଚ କରିଥିବାରୁ 'ବଛା ବଛା ଜିନିଷ ଦେଖିବି' ବୋଲି ତା' ହୃଦୟରୁ ଏକ ଅନ୍ତଃସ୍ୱର ବାହାରିବା ଆବଶ୍ୟକ। ନହେଲେ ତ ଧୁଆ ମୂଳା-ଅଧୁଆ ମୂଳା ସବୁ ସମାନ ହୋଇଯିବ।

ଯେହେତୁ ଚଷମା ପିନ୍ଧୁଥିବା ଲୋକମାନେ ସେଥିପାଇଁ ପଇସା ଖର୍ଚ୍ଚ କରି ସାରାଦିନର ଯାବତୀୟ ଦୃଶ୍ୟ ଦେଖୁଛନ୍ତି, ସେମାନେ ଅନ୍ୟମାନଙ୍କ ପାଇଁ ବି ଯତ୍ନବାନ୍ ହେବା ଉଚିତ। ଅର୍ଥାତ୍ ଅନ୍ୟମାନେ କିପରି ଭଲ ଦୃଶ୍ୟ ଓ ଭଲ ଜିନିଷ ଦେଖିବାକୁ ପାଇବେ, ତା' ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଖରାପ ଜିନିଷ ଓ ଦୃଶ୍ୟ ବିରୋଧରେ ପ୍ରତିବାଦ କରିବା ଆବଶ୍ୟକ। କେଉଁଠି ଅନ୍ୟାୟ, ଅତ୍ୟାଚାର ହେଉଥିଲେ ବାଟଭାଙ୍ଗି ଚାଲି ନ ଯାଇ ତା'ର ପ୍ରତିବାଦ କରିବା ବିଧେୟ। ବସ୍ତୁତଃ ଏଇଠୁ ରାମରାଜ୍ୟର ପରିକଳ୍ପନାକୁ ସଂଯୋଗ କରାଯାଇପାରେ। ମାନେ ମୋର ସିଧା ସିଧା କହିବା କଥା, ଚଷମା ପିନ୍ଧୁଥିବା ଲୋକମାନେ ହେଉଛନ୍ତି ସମାଜରେ ଭଲ କିଛି କରିବାର, ଭଲ କିଛି ସୃଷ୍ଟି ହେବାର ମଙ୍ଗୁଆଳ। ତେଣୁ ସେମାନଙ୍କ ଉପରେ ଏ ଗୁରୁ ଦାୟିତ୍ୱ ରହୁଥିବାରୁ ଯଦି ଚଷମା ପିନ୍ଧୁଥିବା ଶତ ପ୍ରତିଶତ ବ୍ୟକ୍ତି କେଉଁଠି କିଛି ଖରାପ ଚାଲିଥିବା ବା ହେଉଥିବା ଦେଖିଲେ ତୁରନ୍ତ ପ୍ରତିବାଦ କରନ୍ତି, ତେବେ ଅନ୍ୟମାନଙ୍କ ଚିନ୍ତାଧାରାରେ ବି ପରିବର୍ତ୍ତନ ସମ୍ଭବ ହେବ। ତେବେ ଯାଇ ଦୁନିଆ ବଦଳିବ! ●

## ଲୋକମତ

### ଗ୍ରୀଷ୍ମ ଋତୁରେ ସତର୍କତା

ଓଡ଼ିଶାରେ ସାଧରଣତଃ ଏପ୍ରିଲ୍ ଓ ମେ' ମାସକୁ ଗ୍ରୀଷ୍ମ ଋତୁ କୁହାଯାଏ। ଏହି ଋତୁରେ ନଦୀ, ନାଳ, ପୋଖରୀ ସବୁ ଶୁଖିଯାଏ। ଦିନ ଆଠଟା ପରେ ଘରୁ ବାହାରିବା ମୁସ୍କିଲ ହୋଇ ପଡ଼େ। ଏହି ସମୟରେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଘରୁ ବାହାରିବା ଉଚିତ ନୁହେଁ। ଜରୁରୀ କାମରେ ବାହାରକୁ ଗଲେ ସାଙ୍ଗରେ ପାଣି ବୋତଲ, ଛତା, କଳା ଚଷମା, ଜୋତା, ଓଦା ଗାମୁଛା ନେଇଯିବା ଉଚିତ। ମୁଣ୍ଡ ବୁଲାଇଲେ କିମ୍ବା ହାଲିଆ ଲାଗିଲେ ଗଛ ତଳ କିମ୍ବା ଛାଇ ଜାଗାରେ ବିଶ୍ରାମ ନେବା ଆବଶ୍ୟକ। ଶରୀରକୁ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା କରିବା ପାଇଁ ଢିଲା ତଥା ସୂତା ପୋଷାକ ପିନ୍ଧିବା ଦରକାର। ପର୍ଯ୍ୟାପ୍ତ ପରିମାଣର ଦହି, ତୋରାଣି, ଫଳରସ, ତରଭୁଜ, କାକୁଡ଼ି ଆଦି ଖାଇବା ଆବଶ୍ୟକ, ଯାହା ଶରୀରର ଜଳୀୟ ଅଂଶ ବଢ଼ାଇବାରେ ସହାୟକ ହୋଇଥାଏ। ବେଲ ପଣା, ଆଖୁରସ ଆଦି ଶରୀର ପାଇଁ ଅତୀବ ଆବଶ୍ୟକ। ମନୁଷ୍ୟ ଜଳବାୟୁ ସହ ଖାପଖୁଆଇ ସନ୍ତୁଳିତ କରିବା ପାଇଁ ମସ୍ତିଷ୍କରେ ହାଇପୋଥାଲମସ ନାମକ ଏକ ଗ୍ରନ୍ଥି ରହିଛି। ଯେତେବେଳେ ଶରୀରରେ ଉକ୍ତ ରାସାୟନିକ ପ୍ରକ୍ରିୟାର ନିୟନ୍ତ୍ରଣ ଠିକ୍ ଭାବେ ହୋଇପାରେ ନାହିଁ, ସେତେବେଳେ ମଣିଷ ଅଂଶୁଘାତ ଶିକାର ହୁଏ। କେବଳ ମନୁଷ୍ୟ ନୁହେଁ, ଜୀବଜନ୍ତୁ ମଧ୍ୟ ଖରାଦିନେ ଅନେକ କଷ୍ଟ ପାଇଥା'ନ୍ତି। ତେଣୁ ଆମେ ଛାଇ ସ୍ଥାନରେ ମାଟିପାତ୍ରରେ ଖାଦ୍ୟ ଶସ୍ୟ ଓ ପାଣି ବ୍ୟବସ୍ଥା କରିବା ଆବଶ୍ୟକ। ଗଛପତ୍ର ପାଇଁ ମଧ୍ୟ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରିବା ଦରକାର। ନିଜେ ସତର୍କତା ଅବଲମ୍ବନ କରିବା ସହ ଲୋକଙ୍କୁ ସଚେତନ କରାଇ ଆନୁଷଙ୍ଗିକ ବ୍ୟବସ୍ଥା କରିପାରିଲେ ଆମେ ଆମ ନିଜକୁ ଓ ପୃଥିବୀକୁ ରକ୍ଷା କରିପାରିବା। ●

**ବୈଷ୍ଣବ ଚରଣ ଦାଶ**
**ବୁଗୁଡ଼ା, ମୋ: ୯୭୭୬୫୩୪୯୩୦**

### ନିର୍ବାଚନ ସମୟରେ ଦଳବଦଳ

ନିଜ ଦଳପ୍ରତି ବିଦ୍ରୋହ ମନୋଭାବ ପୋଷଣ କରି ଦଳବଦଳ କରୁଥିବା ନେତାମାନେ କେବଳ ସମଗ୍ର ଗଣତନ୍ତ୍ର ରାଜନୀତିକୁ ବଦନାମ କରୁନାହାନ୍ତି, ବରଂ ନିଜର ରାଜନୈତିକ ଜୀବନର ଆତ୍ମପରିଚୟ ଓ ଆତ୍ମବିଶ୍ୱାସକୁ ମଧ୍ୟ କ୍ଷତି ପହଞ୍ଚାଉଛନ୍ତି। କ୍ଷମତା ଲୋଭରେ ବଶୀଭୂତ ହୋଇ ଯେଉଁ ପ୍ରାର୍ଥୀମାନେ ଦଳ ପରିତ୍ୟାଗ କରୁଛନ୍ତି ସେମାନେ ଦେଶସେବାରେ କେତେ ପରିମାଣରେ ବ୍ରତୀ ସେ ସମ୍ପର୍କରେ ପ୍ରଶ୍ନ ଉଠୁଛି। କ୍ଷମତା ରାଜନୀତିରେ ଆଜି ଦଳବଦଳ କରିଥିବା ରାଜନେତାମାନେ ଏକଦା ଯେଉଁ ଦଳ ପାଇଁ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି ନିଜ ନିର୍ବାଚନ ମଣ୍ଡଳୀ ତଥା ରାଜ୍ୟ ଏବଂ ଦେଶର ପ୍ରଗତି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିଲେ ସେମାନେ ଦଳ ବଦଳାଇବା ପୂର୍ବରୁ ପୁନର୍ବାର ଆତ୍ମସମୀକ୍ଷା କରିବା ଉଚିତ୍। ନୂତନ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱକୁ ସମର୍ଥନ କରି ସାମୂହିକ ଭାବେ ଦଳ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଯେଉଁ ଦଳକୁ ଦିନେ ନିନ୍ଦା କରୁଥିଲେ ସେହି ଦଳରେ କ୍ଷମତା ପାଇଁ ଯୋଗ ଦେବା କେତେ ସ୍ପୃହଣୀୟ ତାହା ଚିନ୍ତା କରିବା ଉଚିତ। ନେତାମନ୍ତ୍ରୀମାନେ ନିଜ ନିଜର ଦକ୍ଷତା, ଶକ୍ତି ଓ ସାମର୍ଥ୍ୟ ପ୍ରତିପାଦନ କରିବାରେ ବାସ୍ତବଧର୍ମୀ ହେବାର ଆବଶ୍ୟକତା ଅଛି। ଦଳ ବଦଳ କରି ନ ଥିବା ରାଜନେତାମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶବୋଧ ନିଶ୍ଚିତଭାବେ ମହାନ୍। ●

**ଅଶୋକ କୁମାର ଆଢ୍ୟ**
**ପୁରୀ, ମୋ: ୯୦୪୦୨ ୯୪୫୭୮**

### ଫ୍ଲାଏଓଭର୍‌ରେ ଅଧିକ ବିବରଣୀ ରହୁ

କେତେକ ଫ୍ଲାଏଓଭର୍ ଫଳକରେ ବିବରଣୀର ଅଭାବ ହେତୁ କିଛି ମୋଟର ଚାଳକ ଫ୍ଲାଏଓଭର୍‌ର ଶେଷ ସ୍ଥାନ, ଦୂରତା, ବିଭାଜନକାରୀ ପଥ (ଯଦି ଫ୍ଲାଏଓଭରରେ ଥାଏ) ଆଦିକୁ ଜାଣି ନ ପାରି ଦ୍ୱନ୍ଦ୍ୱରେ ପଡ଼ି ଦିଗହରା ହୋଇଯାଆନ୍ତି। ତେଣୁ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ପ୍ରତ୍ୟେକ ଫ୍ଲାଏଓଭର୍‌ର ଆରମ୍ଭରେ ଉକ୍ତ ବିବରଣୀମାନ ଦର୍ଶାଯାଉ। ଫ୍ଲାଏଓଭର୍‌ର ଶେଷଭାଗରେ ସମାପ୍ତିକୁ ମଧ୍ୟ ସୂଚିତ କରାଯାଉ। ପାର୍ଶ୍ୱ ରାସ୍ତା, ଅଣ୍ଡରପାସ୍ ଆଦିକୁ ଇଙ୍ଗିତ କରାଯାଉ। ଫଳସ୍ୱରୂପ ଜନସାଧାରଣଙ୍କ ଫ୍ଲାଏଓଭର୍ ବିଷୟରେ ଅଧିକ ସୂଚନା ପାଇ ସଠିକ୍ ପଥରେ ଯାତ୍ରା କରିପାରିବେ। ●

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ବରଫର ମାନ ନିର୍ଦ୍ଧାରଣ ବ୍ୟବସ୍ଥା

ଖରାଦିନେ ସମସ୍ତେ ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ସହିତ ଲସି, ସର୍ବତ, ଆଖୁରସ ଆଦି ପିଇବାକୁ ମନ ବଳାଇ ଥାଆନ୍ତି। ତେବେ ଅଧିକାଂଶ ଜାଗାରେ ଥଣ୍ଡା ପାନୀୟମାନଙ୍କରେ ବ୍ୟବହୃତ ବରଫର ମାନ ଠିକ୍ ନଥାଏ ବୋଲି ଅଭିଯୋଗ ଆସିଥାଏ। ଯାହାଫଳରେ ଅନେକ ଲୋକ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ମଧ୍ୟ ହୋଇ ଥାଆନ୍ତି। ଅଭିଯୋଗ ଅନୁଯାୟୀ ମାଛ, ପନିପରିବା ତଥା ଫଳମୂଳ ସଂରକ୍ଷଣ କରି ରଖିବା ପାଇଁ ଯେଉଁ ମାନର ବରଫ ବ୍ୟବହୃତ ହୁଏ କେତେକ ଅସାଧୁ ବ୍ୟବସାୟୀ ସେହି ମାନର ବରଫକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି, ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। କର୍ତ୍ତୃପକ୍ଷ ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ନେବା ଦରକାର। ●

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଗଣଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ

# ୨ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ସୁନ୍ଦରଗଡ଼, ୫।୪ (ସମିସ): ଚାରିବର୍ଷ ତଳେ ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ସଂଘଟିତ ଗଣଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମାମଲାର ବିଚାର କରି ୨ ଅଭିଯୁକ୍ତ ରାଜେନ କୁଜୁର (୨୦) ଏବଂ ରବି ଓରାମ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ଦୁହିଁଙ୍କୁ ୫ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୯ ଜୁନ ୧୮ରେ ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ରାଜେନ୍ ଓ ରବି କୁଲବା ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲେ। ତେବେ ରାଜେନଙ୍କ ମା' ଆନ୍ନା କୁଜୁର ଜଣେ ପ୍ରତିଷ୍ଠିତ ଆଦିବାସୀ ନେତ୍ରୀ ହୋଇଥିବାରୁ ସେ ତାଙ୍କ କ୍ଷମତାର ଅପବ୍ୟବହାର କରି ପୀଡ଼ିତାଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏଥିସହ ଗ୍ରାମର ଅନ୍ୟ ସାକ୍ଷୀମାନଙ୍କୁ ପୀଡ଼ିତାଙ୍କ ସପକ୍ଷରେ ସାକ୍ଷୀ ନ ଦେବାକୁ ଧମକ ମଧ୍ୟ ଦେଇଥିଲେ। କିନ୍ତୁ ପୀଡ଼ିତା ଏଥିରେ ଭୟଭୀତ ନ ହୋଇ ତାଙ୍କ ପ୍ରତି ହୋଇଥିବା ବର୍ବର କାଣ୍ଡ ସଂପର୍କରେ ଥାନା ଦ୍ୱାରସ୍ଥ ହୋଇଥିଲେ। ସଦର ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ବୃନ୍ଦାବତୀ ତାଣ୍ଡି ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତଦନ୍ତ ଅଧିକାରୀ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରି ଅଦାଲତରେ ଚାର୍ଜସିଟ ଦାଖଲ କରିବା ପରେ ମାମଲାର ଶୁଣାଣି ହୋଇଥିଲା। ୨୨ଜଣ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ ତଥା ସରକାରୀ ଓକିଲଙ୍କ ଦୃଢ଼ ଯୁକ୍ତି ଭିତ୍ତିରେ ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଜିଲ୍ଲା ମୁଖ୍ୟ ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ମାମଲା ପରିଚାଳନା କରୁଥିଲେ। ଅପରପକ୍ଷରେ, ପୀଡ଼ିତା ମାମଲାରୁ ନ ଓହରିବାରୁ ତାଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରି ଦିଆଯାଇଛି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ଜିରାଳ ହାଟରେ ଗୁଳି ଓ ବୋମାମାଡ଼

# ଗୋରୁ ବ୍ୟବସାୟୀଙ୍କଠାରୁ ୧୪ ଲକ୍ଷ ଲୁଟିନେଲେ

କାମାକ୍ଷାନଗର, ୫।୪ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଜିରାଳ ସାପ୍ତାହିକ ହାଟରେ କେତେକ ଲୁଟେରା ଘନଘନ ବୋମାମାଡ଼ ଏବଂ ଗୁଳିମାଡ଼ କରି ଗୋରୁ ବ୍ୟବସାୟୀଙ୍କଠାରୁ ନଗଦ ୧୪ଲକ୍ଷ ଟଙ୍କା ଲୁଟ୍ କରି ବୋଲେରୋ ସହିତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦିନକୁ ଦିନ କାମାକ୍ଷାନଗର ଅଶାନ୍ତ ହୋଇପଡୁଥିବା ବେଳେ ନେତାଠାରୁ ଜନତା କେହି ଏଠାରେ ସୁରକ୍ଷିତ ନୁହଁନ୍ତି



ବୋଲି ଚର୍ଚ୍ଚା ହେଉଛି। କାମାକ୍ଷାନଗର ଥାନା ଜିରାଳ ସାପ୍ତାହିକ ହାଟରେ ପ୍ରତି ହାଟପାଳି ଭଳି ଆଜି ମଧ୍ୟ ଗୋରୁ ବ୍ୟବସାୟୀ ଏବଂ ଚାଷୀମାନଙ୍କର ଭିଡ଼ ଲାଗି ରହିଥିଲା। ହାଟ ଆରମ୍ଭ ହେବା ପୂର୍ବରୁ ହଠାତ୍ ଏଭଳି ଅଭାବନୀୟ କାଣ୍ଡ ଘଟିଥିଲା। ହାଟରେ କ୍ରେତା ଏବଂ ବିକ୍ରେତାମାନେ ବୋମା ଓ ଗୁଳିମାଡ଼ ଶୁଣି ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ହାଟ ଚାଲିଥିବା ବେଳେ ୫ ଜଣ ଦୁର୍ବୃତ୍ତ ୩ଟି ମୋଟର ସାଇକଲରେ ଆସି ହାଟରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧି ଗୋରୁ ବେପାରୀଙ୍କ ଉପରେ ଅତର୍କିତ ଭାବରେ ୨ରାଉଣ୍ଡ ଗୁଳି ଓ ବୋମାମାଡ଼ କରିଥିଲେ। ଏକ ବୋଲେରୋ ସହିତ ୧୪ ଲକ୍ଷ ଟଙ୍କା ସେମାନଙ୍କଠାରୁ ଲୁଟିନେଇ ବୋଲେରୋ ସହିତ ଫେରାର ହୋଇଯାଇଥିଲେ। ଜିରାଳ ସାପ୍ତାହିକ ହାଟକୁ ଗୋରୁ କିଣିବା ପାଇଁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଞ୍ଚଳରୁ ୫ ଜଣ ବ୍ୟବସାୟୀ ଏକ ବୋଲେରୋ ଯୋଗେ ଆସିଥିଲେ। ବ୍ୟବସାୟୀମାନେ ଗୋରୁ କିଣିବାକୁ ଅପେକ୍ଷା କରିଥିବା ବେଳେ ହଠାତ୍ ୫ଜଣ ଦୁର୍ବୃତ୍ତ ୩ଟି ବାଇକରେ ଆସି ପ୍ରଥମେ ଗାଡ଼ିରେ ବସିଥିବା ଡ୍ରାଇଭର ଏବଂ ଜଣେ ସହଯୋଗୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଦୁର୍ବୃତ୍ତମାନେ ଗାଡ଼ିରେ ଥିବା ଟଙ୍କା ବ୍ୟାଗ ସହ ବୋଲେରୋକୁ ଲୁଟି ନେଇଥିଲେ। ଖବର ପାଇ ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଧ୍ୟାହ୍ନରେ ବୋଲେରୋଟିକୁ ପୁଲିସ ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ବଉଳପୁର ଅଞ୍ଚଳରୁ ଠାବ କରିଥିବା ବେଳେ କୌଣସି ଅପରାଧୀଙ୍କ ସୁରାକ ପାଇପାରିନାହିଁ। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନା କେସ ନଂ ୨୨୩/୨୪ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହେଇଛି।

# ମୋନିଦୀପା ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି



## ଏନ୍. ଭାସ୍କର ରାଓ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ନିଯୁକ୍ତ

## ସୁଧୀରଙ୍କୁ ସାଧାରଣ ସମ୍ପାଦକ ପଦ ସହ ବିଷମ କଟକ ଦାୟିତ୍ୱ

ଭୁବନେଶ୍ୱର, ୫।୪ (ସମିସ): କିଛି ଦିନ ପୂର୍ବେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ପାରାଦ୍ୱୀପ ଅଞ୍ଚଳର ପୂର୍ବତନ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲଙ୍କ ପତ୍ନୀ ମୋନିଦୀପା ସର୍ଖେଲଙ୍କୁ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ରୂପେ ନିଯୁକ୍ତି ଦିଆଯାଇଛି। ସେହିପରି ଏନ୍ ଭାସ୍କର ରାଓ ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଦାୟିତ୍ୱ ପାଇଥିବା ବେଳେ କୃଷ୍ଣ ମହାପାତ୍ର ରାୟଗଡ଼ା ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ଦାୟିତ୍ୱ ଦିଆଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ଏହି ନିଯୁକ୍ତି ଦିଆଯାଇଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି।

ଏହା ବ୍ୟତୀତ ସାଗର କୁମାର ପାଇକରାୟଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତି ପ୍ରଦାନ କରାଯାଇଛି। ବିଷ୍ଣୁ ପ୍ରସାଦ କେଡିଆଙ୍କୁ ଝାରସୁଗୁଡ଼ା ବିଜେଡିରେ ଜିଲ୍ଲା ସଂଯୋଜକ ନିଯୁକ୍ତ କରାଯାଇ ଥିବା ବେଳେ ସୁଧୀର ଦାସ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତି ପାଇଛନ୍ତି। ଏଥିସହ ଶ୍ରୀ ଦାସ ରାୟଗଡ଼ା ଜିଲ୍ଲା ବିଷମ-କଟକ ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ଦାୟିତ୍ୱରେ ରହିବେ। ଅପରପକ୍ଷେ ଗଜପତି ଜିଲ୍ଲା ବରିକୋଟ୍ ଅନ୍ତର୍ଗତ ମୋସା ମାଝୀଙ୍କୁ ଯୁବ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇ ଥିବା ନେଇ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ସେହିପରି ହରେକୃଷ୍ଣ ଷଡ଼ଙ୍ଗୀଙ୍କୁ ବ୍ରଜରାଜନଗର ବିଧାନସଭା କ୍ଷେତ୍ର ପାଇଁ ସହ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit sworn before the Executive Magistrate, Puri. dated 20.03.2024 I Ajaya Barik, S/o- Nakul Barik, Vill- Chamankena, Po- Basudevpur, Ps/Puri- Sadar, Dist.- Puri, Odisha declare that I ahve changed my surname from Kalu Barik to Ajaya Barik. Henceforth I shall be known as Ajaya Barik for all purposes.

Sd/- Ajaya Barik

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-DRAWING-KUR-374, ତା.02.04.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକର ଷ୍ଟେସନ ନିର୍ମାଣ ହୁକଂଗୁଡ଼ିକର ଉନ୍ନୟନ।

ଟେଣ୍ଡର ମୂଲ୍ୟ (₹): 43,79,654.00, EMD (₹): 87,600.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.04.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.04.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-05/P/24-25


# ଦ୍ୱିତୀୟ ପର୍ଯ୍ୟାୟ +୨ ଖାତାଦେଖା ଆଜିଠାରୁ

ଭୁବନେଶ୍ୱର, ୫।୪(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ +୨ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଆସନ୍ତାକାଲି ଅର୍ଥାତ ଶନିବାର ଠାରୁ ଆରମ୍ଭ ହେବ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ଖାତାଦେଖାରେ ସମୁଦାୟ ୮୬୧୧ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ତନ୍ମଧ୍ୟରୁ ୩୧୪୮ ଜଣ ଅନ୍‌ଲାଇନ୍‌ରେ ଓ ୫୪୬୩ ଶିକ୍ଷକ ଅଫ୍‌ଲାଇନ୍‌ରେ ଖାତା ଦେଖିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ୪ ତାରିଖରୁ ଆରମ୍ଭ ହେବାର ଥିଲା। ହେଲେ ପ୍ରଥମ ପର୍ଯ୍ୟାୟ ଖାତାଦେଖା ସମୟରେ ଅନେକ ଛୁଟି ପଡ଼ିବାରୁ ଖାତାଦେଖା ୨ଦିନ ବିଳମ୍ବିତ ହୋଇଛି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେଉଛି। ସମୁଦାୟ ୬୯ଟି ଜୋନ୍‌ରେ ଅଫ୍‌ଲାଇନ ମୂଲ୍ୟାୟନ ଓ ୪୧ ଟି ଜୋନ୍‌ରେ ଅନ୍‌ଲାଇନ୍ ମୂଲ୍ୟାଙ୍କନ କରାଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମୂଲ୍ୟାୟନ ପ୍ରକ୍ରିୟା ସାରି ମେ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କୁହାଯାଉଛି।

## ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ମାମଲା

# ସାଂସଦ ଭର୍ତ୍ତୃହରିଙ୍କ ବିରୋଧରେ ଶୁଣାଣି ୧୯ରେ

କଟକ, ୫।୪(ସମିସ): ଜଣେ କର୍ତ୍ତବ୍ୟରତ ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ସହ କର୍ତ୍ତବ୍ୟ ସମ୍ପାଦନରେ ବାଧା ଦେଇଥିବା ଅଭିଯୋଗରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଆସନ୍ତା ୧୯ ତାରିଖରେ ହେବ। କଟକ ଜେଏମ୍ଏଫସି ଅଦାଲତ ଏହି ମାମଲାର ଶୁଣାଣିକୁ ଘୁଞ୍ଚାଇଛନ୍ତି। ପରବର୍ତ୍ତୀ ତାରିଖରେ ଏତଲା ଦେଇଥିବା ସମ୍ପୃକ୍ତ ପୁଲିସ ଅଧିକାରୀ ଅମିତାଭ ମହାପାତ୍ର ଓ ଅନ୍ୟମାନଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରେ। ଗତ ମାର୍ଚ୍ଚ ୨୧ରେ ଜେଏମ୍ଏଫ୍ସି ଅଦାଲତରେ ଶ୍ରୀ ମହତାବ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ବେଳେ ଏହି ମାମଲାରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ପ୍ରକାଶ ଯେ ଗତ ୨୦୧୧, ଜାନୁଆରି ୨୩ରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାକୁ ଆସିଥିବା ବେଳେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ ତତ୍କାଳୀନ ପୁଲିସ୍ ଏସ୍ଆଇ ବର୍ତ୍ତମାନର ଏସିପି ଅମିତାଭ ମହାପାତ୍ର। ଏହି ସମୟରେ ଶ୍ରୀ ମହତାବ ସମ୍ପୃକ୍ତ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣାକୁ ନେଇ ଦରଘାବଜାର ଥାନାରେ ଶ୍ରୀ ମହାପାତ୍ର ଏତଲା ଦେଇଥିଲେ। ୨୦୧୮, ମାର୍ଚ୍ଚ ୧୯ରେ ଶ୍ରୀ ମହତାବଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ଅଫ୍ରୋଜ୍ ଅହମ୍ମଦ ମାମଲା ପରିଚାଳନା କରୁଛନ୍ତି।

## ■ ସାଇକଲରେ ଭାରତ ଭ୍ରମଣ

# ସୁବର୍ଣ୍ଣପୁରରୁ ସତ୍ୟନାରାୟଣଙ୍କ ଯାତ୍ରା ଆରମ୍ଭ

ସୋନପୁର, ୫।୪(ସମିସ): ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ମୂଳମନ୍ତ୍ର। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଏକ ହୋଇଗଲେ ପୃଥିବୀରେ ଭାରତ ହିଁ ସର୍ବଶ୍ରେଷ୍ଠ ଦେଶ ହେବ। ଏଭଳି ଏକ ମହାନ ବାର୍ତ୍ତାକୁ ନେଇ ସାଇକଲରେ ଭାରତ ଭ୍ରମଣରେ ବାହାରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ଯୁବକ ସତ୍ୟନାରାୟଣ ବାଘ। 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ନେଇ ଶୁକ୍ରବାର ସୋନପୁରରୁ ସତ୍ୟନାରାୟଣ ଯାତ୍ରା ଆରମ୍ଭ କରିଛନ୍ତି। ମତଦାନ ନିଶ୍ଚୟ




## 'ଏକ ଭାରତ ଶ୍ରେଷ୍ଠ ଭାରତ' ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟ

କରନ୍ତୁ, ଦେଶର ସମୃଦ୍ଧି ପାଇଁ ମତଦାନ ଆବଶ୍ୟକ ବୋଲି ଯାତ୍ରା ସମୟରେ ଲୋକଙ୍କୁ ସତ୍ୟନାରାୟଣ ବୁଝାଉଛନ୍ତି। ଲଛିପୁର ଅସୁରମୁଣ୍ଡା ଗାଁର ୨୨ ବର୍ଷୀୟ ସତ୍ୟନାରାୟଣ ୪ମାସ ମଧ୍ୟରେ ସାରା ଭାରତ ପରିଭ୍ରମଣର ଲକ୍ଷ୍ୟ ରଖିଛନ୍ତି। ସତ୍ୟନାରାୟଣଙ୍କ ସାଇକଲରେ ଶୋଭା ପାଉଛି ତ୍ରିରଙ୍ଗା ପତାକା। ଶୁକ୍ରବାର ସମ୍ବଲପୁରରେ ରହଣି କରି ଶନିବାର ଭୋରରୁ ଝାଡ଼ଖଣ୍ଡ ଦେଇ ଦିଲ୍ଲୀ ଅଭିମୁଖେ ସେ ଯାତ୍ରା କରିବେ। ସ୍ଥାନୀୟ ସୋନପୁର ମହାବିଦ୍ୟାଳୟର ଏହି ପ୍ରାକ୍ତନ ଏନ୍‌ସିସି କ୍ୟାଡେଟଙ୍କୁ ଜିଲ୍ଲା ପ୍ରଶାସନ ତଥା ବିଭିନ୍ନ ନାଗରିକ ସଂଗଠନ ତରଫରୁ ସମ୍ବର୍ଦ୍ଧନା ଦେଇ ବିଦାୟ ଦିଆଯାଇଥିଲା। ସତ୍ୟନାରାୟଣଙ୍କ ଏହି ଦୁଃସାହସିକ ଯାତ୍ରାକୁ ଶୁକ୍ରବାର ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଏବଂ ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ ପୂର୍ବକ ସତ୍ୟନାରାୟଣଙ୍କୁ ଶୁଭ କାମନା ଜଣାଇ ଉତ୍ସାହିତ କରିଥିଲେ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଆହୁରି ସଶକ୍ତ କରିବା ପାଇଁ ଶତପ୍ରତିଶତ ନିଶ୍ଚିତ ମତଦାନ କରିବାକୁ ସବୁଠି ଯୁବ ଭୋଟର ଓ ନାଗରିକଙ୍କୁ ସଚେତନ କରି ପ୍ରେରଣା ଦେବାକୁ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପରାମର୍ଶ ଦେଇଥିଲେ।

# ଅବଶିଷ୍ଟାଂଶ

## ଅଗ୍ନିବର୍ଷା...

ତାପମାତ୍ରା ଅଧିକ ରହିପାରେ। ତେବେ ଏପ୍ରିଲ୍ ୭ରୁ ଉଭୟ ଆଭ୍ୟନ୍ତରୀଣ ଓ ଉପକୂଳରେ ପାଗ ପରିବର୍ତ୍ତନ ହେବ। ରାଜ୍ୟକୁ ଦକ୍ଷିଣା ପବନ ସହିତ ମଧ୍ୟ ଓ ଉପର ବାୟୁମଣ୍ଡଳରେ ମେଘୁଆ ପାଗ ରହିବା ସହ ଆର୍ଦ୍ର ଓ ଶୁଷ୍କ ବାୟୁର ମିଶ୍ରଣ ଯୋଗୁଁ ଉପର ବାୟୁମଣ୍ଡଳରେ ଅସ୍ଥିରତା ଦେଖାଯିବ। ଏହାଦ୍ୱାରା ପବନ, ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ବର୍ଷାର ସମ୍ଭାବନା ହେତୁ ତାପମାତ୍ରା କମିବ। ସେହିପରି ୭ ଓ ୮ ତାରିଖ, ୧୦ ଓ ୧୧ ତାରିଖ ଏବଂ ୧୩ ଓ ୧୪ରେ କାଳବୈଶାଖୀର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ତାପମାତ୍ରା ହ୍ରାସ ପାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

ଅନ୍ୟପଟେ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ। ଖୋର୍ଦ୍ଧା, କଟକ, କେନ୍ଦୁଝର, ବୌଦ୍ଧ, ମାଲକାନଗିରି, ନୟାଗଡ଼, ଅନୁଗୁଳ, ବଲାଙ୍ଗୀର, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ହିଟ୍ ୱେଭ୍ ଆଲର୍ଟ ଜାରି କରିଛି। ତେବେ ଶନିବାର ଉପର ଓଲି କିଛି ଜିଲ୍ଲାରେ କାଳବୈଶାଖୀ ଆଶଙ୍କା ଥିବା ବେଳେ ରବିବାର ଏହାର ପ୍ରକୋପ ବୃଦ୍ଧି ହେବା ଆଶଙ୍କା ରହିଛି।

## ଲୋକଙ୍କ ମୁଖ୍ୟମନ୍ତ୍ରୀ...

ସେମାନଙ୍କ ଅଞ୍ଚଳରେ ଯେଉଁ ମନ୍ଦିର, ଚର୍ଚ୍ଚ ତଥା ଧାର୍ମିକ ଅନୁଷ୍ଠାନର ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା, ତାହାର କାର୍ଯ୍ୟ କେତେ ଅଗ୍ରଗତି ହୋଇଛି; ବିଦ୍ୟାଳୟ ଗୁଡ଼ିକର ୫-ଟି ରୂପାନ୍ତରଣ ପରେ ପିଲାମାନଙ୍କ ପାଠ ପଢ଼ା କିପରି ଚାଲିଛି, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ କେତେଦୂର ସଫଳ ହୋଇଛି ତାହା ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ସମାପ୍ତି, ଏହାର ମାନ, ସ୍ଥାନୀୟ ଜନସାଧାରଣ ସନ୍ତୁଷ୍ଟି ଓ ଅନୁଭବ ସମ୍ପର୍କରେ ସାଧାରଣ ଲୋକଙ୍କଠାରୁ ମତ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତରରେ ସମସ୍ତେ ନିଜର ସନ୍ତୁଷ୍ଟି ପ୍ରକାଶ କରିବା ସହିତ ଏ ସବୁ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଫୋନ୍ କରି ଉନ୍ନୟନ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ସମ୍ଭବତଃ ଏକ ବିରଳ ଘଟଣା। ସରକାରୀ ସେବାକୁ ନେଇ ଲୋକଙ୍କ ସନ୍ତୁଷ୍ଟି ଜାଣିବା ଲାଗି 'ମୋ ସରକାର' ବ୍ୟବସ୍ଥା ଆରମ୍ଭ କରି ସମଗ୍ର ଦେଶରେ ଲୋକାଭିମୁଖୀ ଶାସନର ନୂଆ ପରିଭାଷା ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ସହ ଆଲୋଚନା କରିବା ଜନକୈନ୍ଦ୍ରିକ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥାର ଏକ ଅନନ୍ୟ ଉଦାହରଣ ବୋଲି କୁହାଯାଉଛି। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜନତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କଥା ହେବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ୟକ୍ତିଗତ ଭାବେ ଲୋକଙ୍କ ଠାରୁ ସେମାନଙ୍କ ଲିଖିତ ସମସ୍ୟା, ଆପତ୍ତି, ଅଭିଯୋଗ ଗ୍ରହଣ କରିଥିଲେ। ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସବୁ ସମସ୍ୟା ଉପସ୍ଥାପନ କରିବା ପରେ ପର୍ଯ୍ୟାୟକ୍ରମେ ସମସ୍ୟା ଦୂର ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଥିଲେ। ଏଥିସହ ଗତ ୫ ବର୍ଷ ଭିତରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ଅଭୂତପୂର୍ବ ପଦକ୍ଷେପ ସବୁ ନେଇଛନ୍ତି। 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସବୁ ଜିଲ୍ଲାର ଲୋକଙ୍କ ଠାରୁ ସରକାରୀ ସେବାକୁ ନେଇ ମତାମତ ନିଆଯାଉଛି।

ଲୋକଙ୍କ ସୁବିଧା ପାଇଁ, ରାଜ୍ୟର ବିକାଶ ପାଇଁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ଯୋଜନା ପରେ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ସବୁ ସରକାରଙ୍କ ପାଇଁ ଏହା ସ୍ୱାଭାବିକ କଥା। ତେବେ ସେହି ଯୋଜନା ଓ କାର୍ଯ୍ୟକ୍ରମ ଦ୍ୱାରା ଲୋକେ କେତେ ଉପକୃତ ହେଉଛନ୍ତି ତାହା ଜାଣିବା ଲାଗି ୨୦୧୯ ମସିହାରେ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ଦ୍ୱାରା କଲ୍ ସେଣ୍ଟର କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କୁ ଫୋନ୍ କରି ସେମାନଙ୍କ ମତାମତ ନେଉଛନ୍ତି। ଲୋକଙ୍କ ମତ ଆଧାରରେ ହିଁ ବ୍ୟବସ୍ଥାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହା ମୋର ନୁହେଁ, ଲୋକଙ୍କ ସରକାର ବୋଲି କହୁଥିବା ମୁଖ୍ୟମନ୍ତ୍ରୀ ବାସ୍ତବରେ ତାହା କରି ଦେଖାଉଛନ୍ତି। ମୋ ସରକାର ଭଳି ଅଭିନବ ବ୍ୟବସ୍ଥା ଜରିଆରେ ଶାସନ ବ୍ୟବସ୍ଥାକୁ ଜନକୈନ୍ଦ୍ରିକ କରିବା ଲାଗି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ଆଜି ନିଜେ ୫-ଟି ରୂପାନ୍ତରଣ ସମ୍ପର୍କରେ ମତାମତ ନେଇ ଆଉ ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି।

## ସଂଜୟ କୌଶଲ...

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଆଇଏଏସ୍ ଅନୁପମ ଶାହଙ୍କୁ ଜଗତସିଂହପୁର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କଟକ ଜିଲ୍ଲାପାଳ ଭାବେ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ନିଯୁକ୍ତି ମିଳିଛି। ଆଇପିଏସ୍ ବ୍ରିଜେଶ କୁମାର ରାଏଙ୍କୁ ରାଉରକେଲା ଏସ୍‌ପି, ଡଃ ଉମାଶଙ୍କର ଦାସଙ୍କୁ ଅନୁଗୁଳ ଏସ୍‌ପି ଓ ପ୍ରକାଶ ଆର୍‌ଙ୍କୁ କଟକ ଡିସିପି ଭାବେ ନିଯୁକ୍ତି ଦିଆଯାଇଛି।

ଗତ ୨ ତାରିଖରେ ଜାତୀୟ ନିର୍ବାଚନ କମିଶନ ରାଜ୍ୟର ୮ଜଣ ସର୍ବଭାରତୀୟସ୍ତର ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଦେଇଥିଲେ। ଏହା ସହ ସମ୍ପୃକ୍ତ ଅଧିକାରୀଙ୍କ ପରିବର୍ତ୍ତେ ନୂଆ ନିଯୁକ୍ତି ନିମନ୍ତେ ୩ ଜଣିଆ ଅଫିସରଙ୍କ ପ୍ୟାନେଲ ପଠାଇବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ୩ ତାରିଖରେ ଏହି ପ୍ୟାନେଲ ପଠାଇବା ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ନୂତନ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ଜିଲ୍ଲାରେ ଏସପି ଭାବେ ନିଯୁକ୍ତି ପାଇଥିବା ଉପରୋକ୍ତ ୩ ଜଣ ଆଇପିଏସ୍ ଅଫିସର ଏବେ ଡିଆଇଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟ କରୁଥିବା ଆଇପିଏସମାନଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

## ୯ ଆସନରେ...

ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି କେନ୍ଦୁଝର ବିଧାନସଭା ଆସନ ନିମନ୍ତେ ଜଣେ ମହିଳା ପ୍ରାର୍ଥୀଙ୍କୁ ବାଛିଛନ୍ତି ବିଜେଡି ସୁପ୍ରିମୋ। ମୀନା ମାଝି କେନ୍ଦୁଝରରୁ ଦଳୀୟ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହେବେ । ୧୦୮ ବିଧାନସଭା ଆସନ ମଧ୍ୟରୁ ମୀନାଙ୍କୁ ମିଶାଇ ୨୦ଜଣ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଲାଣି ।

ଅପରପକ୍ଷରେ ବୀରମିତ୍ରପୁର ବିଧାନସଭା ଆସନରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ପ୍ରାର୍ଥୀ କରିଛି ବିଜେଡି । ଜର୍ଜ ତିର୍କୀ ପୂର୍ବରୁ ବିଜେଡି ବିଧାୟକ ରହିଥିଲେ। ଏହାପରେ ସେ ନିଜର ଦଳ ଗଢ଼ିଥିଲେ ଓ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହିପରି ରାଇରଙ୍ଗପୁରରୁ ରାଇସେନ ମୁର୍ମୁ, ରେଙ୍ଗାଲିରୁ ସୁଦର୍ଶନ ହରିପାଲ ଓ ଜୟଦେବରୁ ନବ କିଶୋର ମଲ୍ଲିକଙ୍କୁ ଦଳ ପ୍ରାର୍ଥୀ କରିଛି । ବିଜେପି ଛାଡ଼ି ଦଳରେ ଯୋଗ ଦେଇଥିବା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କୁ ବାରବାଟି-କଟକରୁ ବିଜେଡି ପ୍ରାର୍ଥୀ କରିଛି । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୨ଆସନ ପାଇଁ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ। ତୃତୀୟ ପର୍ଯ୍ୟାୟରେ ଆଉ ୯ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ମୋଟ ଘୋଷିତ ଆସନ ସଂଖ୍ୟା ୧୦୮ ରେ ପହଞ୍ଚିଛି ।

## ଥମୁନି ଅସନ୍ତୋଷ...

ଭାବେ କିଛି ଅସନ୍ତୁଷ୍ଟଙ୍କୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇଥିବା ନେଇ ଆଲୋଚନା ହେଉଛି। ଏଥିରେ ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା କରିଥିବା ଖୋର୍ଦ୍ଧାର କାଳୁଚରଣ ଖଣ୍ଡାୟତରାୟ ଏବଂ ଧର୍ମଶାଳାର ହିମାଂଶୁ ସାହୁ ରହିଥିବା ଜଣାପଡ଼ିଛି। ଟିକଟ ମିଳିବା ନେଇ କୁଆଡ଼େ ମନମୋହନ କାଲୁଙ୍କୁ ପ୍ରତିଶ୍ରୁତି ଦେଇଥିବା ତାଙ୍କ ସମର୍ଥକ କହି ବୁଲୁଛନ୍ତି। ସେହିପରି ହିମାଂଶୁଙ୍କ ଜୋରଦାର ବିରୋଧ ପରେ ନିଜେ ମନମୋହନ ତାଙ୍କ ଦାବିକୁ ଦିଲ୍ଲୀର ଶୀର୍ଷ ନେତୃତ୍ୱ ନିକଟକୁ ପଠାଇ ଦେଇଥିବା ବେଳେ ୨-୩ ଦିନ ଅପେକ୍ଷା କରିବାକୁ କହି ଆଶ୍ୱାସନା ପ୍ରଦାନ କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ତେବେ ମନମୋହନଙ୍କ ଏପରି ପ୍ରତିଶ୍ରୁତି ଆଗାମୀ ଦିନରେ ଦଳ ପାଇଁ ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୀତିକ ମହଲରେ ଆକଳନ କରାଯାଉଛି। ଏପରିକି ଟିକଟରୁ ବଞ୍ଚିତ ଅନ୍ୟ ଅସନ୍ତୁଷ୍ଟ ନେତାମାନଙ୍କୁ ଏହା ବଳ ଯୋଗାଇବା ସହ ଦଳୀୟ ନିଷ୍ପତ୍ତି ବିରୋଧରେ ବିଦ୍ରୋହର କାରଣ ସାଜିବାରେ ସହାୟକ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି। ତେଣୁ ସମ୍ପ୍ରତି ରାଜ୍ୟ ବିଜେପି ନେତୃତ୍ୱ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିଛନ୍ତି। ଦଳୀୟ ଅସନ୍ତୋଷ ରୋକିବା ସହ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବା ରାଜ୍ୟ ବିଜେପି ପାଇଁ ପ୍ରାଥମିକତା ପାଲଟିଥିବା ବେଳେ କାହାକୁ ଟିକଟ ଦେବେ, କାହା ଟିକଟ ବଦଳାଇବେ ତାହା ଏବେ ଦଳପାଇଁ ଆହ୍ୱାନ ସୃଷ୍ଟି କରିଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଏସ୍ଏବିଟି ନିକଟରେ...

ହାସଲ କରିବାରେ ସକ୍ଷମ ହୋଇପାରିଛି। ଏୟାରପୋର୍ଟ ଭଳି ସୁବିଧାସୁଯୋଗ ମଧ୍ୟରେ ରହିଛି ଯାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଡର୍ମିଟୋରୀ, ପ୍ରତିକ୍ଷାଳୟ, ଆହାରକେନ୍ଦ୍ର, ଫୁଡକୋର୍ଟ ଶୌଚାଳୟ ଓ ପର୍ଯ୍ୟାପ୍ତ ପରିମାଣର ପାର୍କିଂ ବ୍ୟବସ୍ଥା। ଏହା ସହ ବିଏସ୍ଏବିଟିର ଇଣ୍ଟେରିୟର କାର୍ଯ୍ୟ ମଧ୍ୟ ଯାତ୍ରୀଙ୍କ ମନ ମୋହୁଛି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି, ବିଏସ୍ଏବିଟିକୁ ମୁଖ୍ୟମନ୍ତ୍ରୀଙ୍କ '୫-ଟି' ଉପକ୍ରମରେ ନିର୍ମାଣ କରାଯାଇଛି। ଏହାକୁ ନେଇ ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଏବଂ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ବେଶ ଖୁସି ଅଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ଟର୍ମିନାଲରେ ବାବା ସାହେବ ଭିମ ରାଓ ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଗ୍ୟାଲେରୀ ଉତ୍ସର୍ଗୀକୃତ କରାଯାଇଛି। ଯାହା ଭବିଷ୍ୟତ ପିଢିଙ୍କୁ ପ୍ରେରଣା ଯୋଗାଇ ଦେବ। ଯେଉଁମାନେ ଉନ୍ନତ ଯାତ୍ରା ଅନୁଭବ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଲାଉଞ୍ଜ, ଆରାମଦାୟକ ବସିବା ସୁବିଧା, ଟିଭି ସୁବିଧା ଏବଂ ରିଫ୍ରେସମେଣ୍ଟ ବ୍ୟବସ୍ଥା କରାଯାଇଛି। ଯେଉଁମାନେ ପିଲାମାନଙ୍କୁ ନେଇ ଯାତ୍ରା କରୁଛନ୍ତି, ଏଠାରେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ଲେ ଜୋନ ନିର୍ମାଣ କରାଯାଇଛି। ଏୟାରପୋର୍ଟ ଭଳି ବସଟର୍ମିନାଲର ଅନୁଭବ ପାଇଁ ବହୁତ ଖୁସି ବୋଲି ଜଣେ ଯାତ୍ରୀ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

## ୬ ଆଇପିଏସ୍...

ଏମ୍‌ଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି।

ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ମୁଖ୍ୟ ପ୍ରଶାସକ ଆଇଏଏସ୍ ସମର୍ଥ ବର୍ମାଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଶ୍ରୀ ବର୍ମା ସମ୍ପ୍ରତି ଅତିରିକ୍ତ ଭାବେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅନୁରୂପ ଭାବରେ କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ୨୦୧୮ ବ୍ୟାଚ୍ ଆଇଏଏସ୍ ଶୁଭଙ୍କର ମହାପାତ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ରୂପେ ନିଯୁକ୍ତି ମିଳିଛି । ଏନେଇ ରାଜ୍ୟ ସାଧାରଣ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


**AFFIDAVIT**

I MURALI HARIJAN, aged about 37 years, son of Sri Gopinath harijan, permanent resident of at : Bishaguda po: Pujariguda,ps - Tentulikhunti, district Nabarangpur, do hereby solemnly affirm on oath and state as follows:- I am willing to change my surname from Harijan to BHATRA today onwards, from today onwards my wife Hemanti Harijan ,son Musteriyam Harijan and my Daughter Meri Harijan they will also change their surname from HARIJAN to BHATRA and today onwards their surname will known as BHATRA for all purposes.hence in the Notari public Nabarangpur affidavit dt - 04/04/2024 .

**AFFIDAVIT**

I, SK Shahbaz S/o- Sk. Lal Babu residing At plot No-356, Rupali Square saheed nagar Bhubaneswar- 751007 Odisha have changed my name to Raman David vide affidavit dated 04.03.2024 before the executive magistrate, Bhubaneswar dist: Khurda, Odisha. Henceforth I shall be known as **RAMAN DAVID** for all purposes.

**AFFIDAVIT**

I GOPAL HARIJAN, aged about (45) years, son of Sri Late Rahinu harijan, permanent resident of at : New Street, Dasaharapada, po/dist - Nabarangpur, do hereby solemnly affirm on oath and state as follows:- I have two sons namely AAHAN HARIJAN AND ANURAG HARIJAN and I intend to change my son's surname from Harijan to DONGRI in their school all records and today onwards they will called AAHAN DONGRI in place of Aahan Harijan and ANURAG DONGRI in place of Anurag Harijan .hence in the Court of the Exicutive Magistrate Nabarangpur affidavit dt - 02/04/2024 .

इसरो isro

भारत सरकार - अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

**संक्षिप्त ई–निविदा सूचना / Brief E-TENDER NOTICE**

ई–निविदा सूचना सं. / e- Tender Notice No.CMG/C/CON248701 — तिथि/ Date. 03.04.2024

भारत के राष्ट्रपति की ओर से "चांदीपुर, उड़ीसा में पर्यावरणीय एवं अंतरिक्ष विज्ञान अनुसंधान सुविधा (ए एस आर एफ) का निर्माण–सिविल एवं जन स्वास्थ्य कार्य।" (₹566 लाख); के लिए ई–निविदा के माध्यम से मद दर निविदाएं आमंत्रित की जाती हैं।निविदा दस्तावेज 22.04.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जाएं।

On behalf of President of India, Item Rate tenders are invited through e-tendering for **"Construction of Atmospheric & Space Science Research Facility (ASRF) Building at Chandipur, Odisha - Civil & PH works."** (₹566 Lakhs); Tender documents can be downloaded up to 22.04.2024, 14:30 hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

# ରାତି ହେଲେ ଟ୍ରକ୍ ଚାଳକଙ୍କ କବ୍‌ଜାରେ ମୁଖ୍ୟଛକ

## ମନଇଚ୍ଛା ରାସ୍ତାରେ ପାର୍କିଂ; ଘଣ୍ଟା ଘଣ୍ଟା ଯାତ୍ରୀ ହନ୍ତସନ୍ତ

ପାରାଦୀପ, ୫।୪(ସମିସ)

ଅଠରବାଙ୍କୀରୁ ନେହେରୁବଙ୍ଗଳା ରାସ୍ତାରେ ଚାଲିଛି ଲୁହାପଥର ବୋଝେଇ ଟ୍ରକ୍‌ଙ୍କ ରାଜୁତି। ଟ୍ରକ୍‌ଚାଳକଙ୍କ କବ୍‌ଜାକୁ ଚାଲି ଯାଉଛି ମୁଖ୍ୟଛକ। ରାତି ହେଲେ ଟ୍ରକ ଗୁଡିକୁ ରାସ୍ତା ଘାଟରେ ଏଭଳି ଜାମ୍ କରିଦେଉଛନ୍ତି ନେହୁରବଙ୍ଗଳା ଅଞ୍ଚଳକୁ ଯାଉଥିବା ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ମୁଖ୍ୟତଃ ବନ୍ଦରର ୨ ନମ୍ବର ଗେଟ୍ ସମ୍ମୁଖରେ ଜାମ ସବୁବେଳେ ଲାଗି ରହୁଛି। ପୋର୍ଟ ଭିତରକୁ ଯିବାକୁ ଥିବା କର୍ମଚାରୀମାନଙ୍କ ପାଇଁ ସମସ୍ୟା ଉପୁଜିଥିବା ବେଳେ ନେହେରୁବଙ୍ଗଳା ମାଛଧରା ବନ୍ଦର ଅଞ୍ଚଳକୁ ଯାଉଥିବା ଗାଡି ଓ ସାଧାରଣ ଲୋକେ




ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନେହେରୁ ବଙ୍ଗଳାକୁ ଯାଉଥିବା ଜେଏସ୍‌ଡବ୍ଲ୍ୟୁର ମାଲବାହୀ ଟ୍ରକଗୁଡିକ ରାସ୍ତା ଉପରେ ୪ ଲାଇନ୍ କରି ଛିଡା ହେଉଛନ୍ତି। ଫଳରେ ମୁଖ୍ୟରାସ୍ତା ପୁରା ଜାମ୍ ହେବାସହ ଗମନାଗମନ ବନ୍ଦ ହୋଇଯାଉଛି।

ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ସକାଳ ୬ ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଅଠରବାଙ୍କୀ ନିକଟରେ ଦେଖିବାକୁ ମିଳୁଛି। ଏହା ବ୍ୟତୀତ କିଛି ଲୁହାପଥର ବୋଝେଇ ଟ୍ରକ ତଞ୍ଚକତା କରି ଦଲାଲଙ୍କ ମାଧ୍ୟମରେ ଭୁତମୁଣ୍ଡାଇରୁ ସିଧା ସିଧା ବନ୍ଦର ଗେଟ ମୁହଁକୁ ଆସି ରାସ୍ତା ଜାମ କରୁଛନ୍ତି। ପୁଲିସ ପ୍ରଶାସନ ଏ ସବୁ ଦୃଶ୍ୟକୁ ଦେଖି ମଧ୍ୟ ନ ଦେଖିଲା ଭଳି ଚାଲିଯାଉଥିବା ଅଭିଯୋଗ ହେଉଛି। ବିଶେଷ କରି ଖାଲି ଅଠରବାଙ୍କୀ ନିକଟ ମୁଖ୍ୟରାସ୍ତା ନୁହେଁ ଭୁତମୁଣ୍ଡାଇରୁ ଅଠରବାଙ୍କୀ ସବୁ ମୁଖ୍ୟ ଛକ ଅବସ୍ଥା ଏହିଭଳି। ପୁଲିସ ପ୍ରଶାସନ ଏଭଳି ରାସ୍ତାଜାମ କରୁଥିବା ଟ୍ରକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାରତୀୟ ଜଳସୀମାରୁ ବାଂଲାଦେଶ ମାଛଧରା ବୋଟ୍ ଉଦ୍ଧାର

**ପାରାଦୀପ, ୫।୪(ସମିସ):** ଭାରତୀୟ ଜଳସୀମା ମଧ୍ୟକୁ ପଶି ଆସିଥିବା ବାଂଲାଦେଶର ଏକ ମାଛଧରା ବୋଟ୍‌କୁ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ଦ୍ୱାରା ଉଦ୍ଧାର କରାଯାଇ ପରେ ବାଂଲାଦେଶ ତଟରକ୍ଷୀ ବାହିନୀକୁ ହସ୍ତାନ୍ତରିତ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ପ୍ରକାଶିତ ପ୍ରେସ୍




ଇସ୍ତାହାରରୁ ଜଣା ପଡ଼ିଛିଯେ, ଗୁରୁବାର ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଅମୋଘ ଭାରତ-ବାଂଲାଦେଶ ଆନ୍ତର୍ଜାତୀୟ ଜଳସୀମା ନିକଟରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଭାରତୀୟ ଜଳସୀମା ରେଖା ଭିତରେ ବାଂଲାଦେଶର ସାଗର-୨ ନାମକ ଏକ ମାଛଧରା ବୋଟ୍ ପଶି ଆସିଥିବାର ଦେଖିବାକୁ ପାଇଥିଲେ। ଅମୋଘ ଜାହାଜର କର୍ମଚାରୀମାନେ ସଂପୃକ୍ତ ମାଛଧରା ବୋଟ୍ ମଧ୍ୟକୁ ଯାଇ ତଦନ୍ତ କରିଥିଲେ। ସଂପୃକ୍ତ ମାଛଧରା ବୋଟ୍‌ଟିରେ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ସେଠାରେ ତୁରନ୍ତ ମରାମତି କରାଯିବା ପରେ ବାଂଲାଦେଦେଶୀ ମାଛଧରା ବୋଟ୍‌ଟିକୁ ତାଙ୍କ ଦେଶର ତଟରକ୍ଷୀ ବାହିନୀକୁ ହସ୍ତାନ୍ତର କରାଯାଇଥିଲା। ଏହି ବୋଟ୍‌ରେ ମୋଟ୍ ୨୭ ଜଣ ମତ୍ସ୍ୟଜୀବୀ ଥିଲେ। ଉଭୟ ଦେଶର ଚୁକ୍ତିନାମା ଅନୁସାରେ ଭାରତୀୟ ତଟରକ୍ଷୀ ବାହିନୀ ବାଂଲାଦେଶର ତଟରକ୍ଷୀ ବାହିନୀକୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି।

# ପିପିପିଏଲ୍ ତରଫରୁ ରାସନ ସାମଗ୍ରୀ ବଣ୍ଟନ

**ତିର୍ତ୍ତୋଲ, ୫।୪(ସମିସ):** ତିର୍ତ୍ତୋଲ ବ୍ଲକ ବିଶନପୁର ପଞ୍ଚାୟତ ନଦାମହଲାଠାରେ ପାରାଦୀପ ପରିବହନ ପ୍ରାଇଭେଟ ଲିମିଟେଡର ପରିଚାଳନ ନିର୍ଦ୍ଦେଶକ ଖାଲିଦ ଖାନ୍‌ଙ୍କ ଖାନ୍ ଫାଉଣ୍ଡେସନ ସହଯୋଗରେ ଅସହାୟ ଗରିବ ପରିବାରଙ୍କୁ ରାସନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ପରିବହନ ନିର୍ଦ୍ଦେଶକ




ପ୍ରଭାତ କୁମାର ନନ୍ଦୀ, କାର୍ଯ୍ୟନିବାହୀ ଅଧିକାରୀ ଫଇସଲ ଖାନ, ସେକ୍ ଶୁଭାନୀ, ମହମ୍ମଦ ସୈଫ ଖାନ୍, ଜିଏମ୍ କର୍ପୋରେଟ କାର୍ଯ୍ୟାଳୟ ଆଜମ ଅଲ୍ଲୀ, ସେକ୍ ମହସିନ ଅଲ୍ଲୀ, ସେକ୍ ସଲାଉଦ୍ଦିନ, ସେକ୍ ସୈଫତ ଅଲ୍ଲୀ, ସେକ୍ ଇମ୍ରାନ ଅଲ୍ଲୀ, ସେକ୍ ସାକିବ ଅଲ୍ଲୀ, ସେକ୍ ଆକିବ ଅଲ୍ଲୀ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗରିବ ଅସହାୟ ପରିବାରକୁ ଏହି ରାସନ ସାମଗ୍ରୀ ପ୍ୟକେଟ ବଣ୍ଟନ କରିଥିଲେ।

# ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ

**ପାରାଦୀପ, ୫।୪(ସମିସ):** ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ୧୫ତମ ପ୍ରତିଷ୍ଠା ଦିବସ ଆଜି ବଡପଡ଼ିଆସ୍ଥିତ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟକୁ ରଙ୍ଗୀନ ବେଲୁନ୍ ଏବଂ ପୁଷ୍ପମାଲ୍ୟରେ ସଜାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଜେଏନ୍‌ଭି ଶ୍ରୀକୃଷ୍ଣ ମହାପାତ୍ର, ରାହାମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଙ୍କଜ ଭରସାନି, ଅଧ୍ୟକ୍ଷ କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ପୋର୍ଟ, ସଞ୍ଜୀବ କୁମାର ସାହୁ, ଅଧ୍ୟକ୍ଷ, ଡିଏଭି ପିପିଏଲ, ପାରାଦୀପ ପୋର୍ଟ ଏବଂ ସମ୍ବିତ୍ ସୁକୁମାର ଚିନ୍ନାରା, ଅଧ୍ୟକ୍ଷ, ଡିଏଭି ଇଫ୍‌କୋ ପ୍ରମୁଖ ଉପସ୍ଥିତ ଥିଲେ। ବିଦୁଶ୍ରୀ ମହାନ୍ତି, ଅଧ୍ୟକ୍ଷା, ଡିଏଭି ପିପିଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଗୋଷ୍ଠୀ ନୃତ୍ୟ, ଏକକ ଗୀତ, ବକ୍ତବ୍ୟ, ଅତିଥିମାନଙ୍କ ପ୍ରେରଣାଦାୟୀ ଶବ୍ଦ ଏବଂ ବିଦ୍ୟାଳୟର




ଅଧ୍ୟକ୍ଷା ଶ୍ରୀମତୀ ବିଦୁଶ୍ରୀ ମହାନ୍ତିଙ୍କ ପ୍ରେରଣାଦାୟକ ଶବ୍ଦ ବୟସ ଏବଂ ବୃଦ୍ଧି ନିର୍ବିଶେଷରେ ସମସ୍ତଙ୍କୁ ଉତ୍ସାହିତ ଓ ଆନନ୍ଦିତ କରିଥିଲା। ବିଭିନ୍ନ ଶ୍ରେଣୀର ଛାତ୍ରମାନେ ବର୍ଷସାରା ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଏବଂ ସହ-ପାଠ୍ୟକ୍ରମରେ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ସଫଳତା ପାଇଁ ଉତ୍ସାହିତ ହୋଇଥିଲେ। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସମନ୍ୱିତ ବିକାଶ ପାଇଁ ପୋଷଣ ତଥା ପୃଷ୍ଠପୋଷକତା ପାଇଁ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ଶ୍ରୀମତୀ ପ୍ରୀତିପ୍ରଜ୍ଞା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିଲ ସଂଘର ଶପଥଗ୍ରହଣ ଉତ୍ସବ

**ଜଗତସିଂହପୁର, ୫।୪(ସମିସ):** ଜଗତ୍‌ସିଂହପୁର ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧିମାନଙ୍କର ଶପଥଗ୍ରହଣ ଉତ୍ସବ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲ୍ଲା ଜଜ୍ ଅନୁପ କୁମାର ଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଚେୟାରମ୍ୟାନ୍ ସୀତାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଓଡ଼ିଶା ଆଇନଜୀବୀ ପରିଷଦ ସଭ୍ୟ ଦୀନେଶ୍ ରାୟ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଓକିଲାତି ବୃତ୍ତି ସହିତ ଜଡିତ ବ୍ୟକ୍ତିମାନଙ୍କ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ କାନୁନ୍‌ଗୋ ସଭାପତି, ରବୀନ୍ଦ୍ରନାଥ ମହାନ୍ତି ଉପସଭାପତି, ସରୋଜ କୁମାର ବିଶ୍ୱାଳ ସଂପାଦକ, ନରେଶ ଦାସ ଯୁଗ୍ମ ସମ୍ପାଦକ, ଅମୀୟ କୁମାର ମହାପାତ୍ର କୋଷାଧ୍ୟକ୍ଷ, ଦୁର୍ଯୋଧନ ରାଉତଙ୍କୁ ଶପଥ ପାଠ କରାଇଥିବା ବେଳେ ଅନ୍ୟତମ ବରିଷ୍ଠ ଆଇନଜୀବୀ ଅତ୍ୟୁଲ ଚନ୍ଦ୍ର ଦାସ, କାର୍ଯ୍ୟକାରିଣୀ କମିଟି ସଦସ୍ୟା ପ୍ରମିଳା ମହାରାଜ, ସଦସ୍ୟ ପର୍ଶୁରାମ ରାଉତ, ରୁଦ୍ରନାରାୟଣ ନାୟକ, ପ୍ରକାଶ ଚନ୍ଦ୍ର ରାୟ, ସୁଦର୍ଶନ ଭୋଇ, ବିଭୁପ୍ରସାଦ ନନ୍ଦ ଓ ସ୍ମୃତି ରଞ୍ଜନ ପଣ୍ଡାଙ୍କୁ ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ପୂର୍ବତନ ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ନନ୍ଦ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିଥିଲେ। ନୂତନ ସଭାପତି ରବୀନ୍ଦ୍ରନାଥ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସଂପାଦକ ନରେଶ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣ ଭିଡୁଥିବା ବେଳେ ବିସ୍ଫୋରଣ; ଯୁବକ ଗୁରୁତର

**ରଘୁନାଥପୁର, ୫।୪(ସମିସ):** ରଘୁନାଥପୁର ଥାନା ଗୁଆଲିପୁର ଗ୍ରାମରେ ବାଣ ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଗୁଆଲିପୁର ଗ୍ରାମର ବାଣ ବ୍ୟବସାୟୀ ଚିରିଞ୍ଜିବୀ ପଟ୍ଟନାୟକ (୨୦) ତାଙ୍କ ବାସଭବନରେ ଆଜି ମଧ୍ୟାନରେ ବାଣ ଭିଡୁଥିବା ବେଳେ ହଠାତ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ଯୁବକ ଲିପୁନ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ବାଣ ବିସ୍ଫୋରଣର ଶବ୍ଦ ଶୁଣି ପହଞ୍ଚି ଗୁରୁତର ଲିପୁନକୁ ଉଦ୍ଧାର କରି କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିସ୍ଫୋରଣର ଏତେ ଭୟଙ୍କର ଥିଲା ଯେ ଗ୍ରୀଲ୍ ଛିଣ୍ଡି ଦାଣ୍ଡରେ ପଡ଼ିଥିଲା। ଖବର ପାଇ ରଘୁନାଥପୁର ଅଗ୍ନିଶମ ବାହିନୀ ପହଞ୍ଚି ତଦନ୍ତ କରିଥିଲା। ଖବର ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବନ୍ଦର ପକ୍ଷରୁ ସାମୁଦ୍ରିକ ଦିବସ ପାଳିତ

**ପାରାଦୀପ, ୫।୪(ସମିସ):** ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମେରାଇନ୍ ସାଇଟ୍ ୱେଟ ବେସିନ ଠାରେ ୬୧ ତମ ସାମୁଦ୍ରିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରନାଧନାଦ ଯୋଗଦେଇ କହିଥିଲେ ଯେ, ବନ୍ଦର ପରିବାରର ଅଦମ୍ୟ ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଯୋଗୁ ବନ୍ଦରର ୫୭ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଦୀନଦୟାଲ ବନ୍ଦରକୁ ପଛରେ ପକାଇ ଦେଶର ୧ ନମ୍ବର ବୃହତ ବନ୍ଦର ହେବାର ସଫଳତା ହାସଲ କରିପାରିଛି। ସମ୍ମାନିତ ଅତିଥି ଭାବେ ବନ୍ଦରର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗଦେଇ ବନ୍ଦରକୁ ମାନବ ଶରୀର ସହିତ ତୁଳନା କରି ସାମୁଦ୍ରିକ ବିଭାଗ ଏହାର ହୃଦୟ ବୋଲି କହିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ. କେ. ବୋଷ, ବନ୍ଦର ଉପ ସଂରକ୍ଷକ କ୍ୟାପ୍ଟେନ ଏ. ସି. ସାହୁଙ୍କ ସମେତ ବହୁ ଉଚ୍ଚପଦସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଭାରତୀୟ ସାମୁଦ୍ରିକ ଶିଳ୍ପରେ ସେବା ତଥା ଅତୁଳନୀୟ ଅବଦାନ ପାଇଁ ବନ୍ଦର ମେରାଇନ ମାଷ୍ଟର କ୍ୟାପ୍ଟେନ ତୁଷାରକାନ୍ତି ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

ଜାତୀୟ ସାମୁଦ୍ରିକ ଦିବସ ଅବସରରେ ସନ୍ତରଣ, ହେଭିଂ ଲାଇନ ଥ୍ରୋ ଏବଂ ଦଉଡି ଚଢା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ଦର ହାରବର ମାଷ୍ଟର କ୍ୟାପ୍ଟେନ ଇନ୍ଦ୍ରନିଲ ମୁଖାର୍ଜୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ମେରାଇନ ଯନ୍ତ୍ରୀ ବବଲୁ ସିକଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଉଳିସାହି ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା

**ରଘୁନାଥପୁର, ୫।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରଭାବ ମାଡି ଆସୁଥିବାରୁ ରାଜ୍ୟ ସରକାର ବିଦ୍ୟାଳୟ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ସକାଳୁଆ ଘୋଷଣା କରିବା ସହିତ ବିଦ୍ୟାଳୟ ଗୁଡିକରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଘଣ୍ଟି ମାଧ୍ୟମରେ ସୂଚନା ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି। ହେଲେ ସରକାରଙ୍କ ନିର୍ଦ୍ଦେଶକୁ ପାନୀୟ ଜଳ ବିଭାଗ ଅଣଦେଖା କରି ଚାଲିଛନ୍ତି। ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକର ପୁରୁଣାବସନ୍ତ ପଞ୍ଚାୟତର ଦେଉଳିସାହି ଗ୍ରାମରେ ଥିବା ସିଦ୍ଧେଶ୍ୱରୀ ଓ ଅନ୍ତଦ୍ୱୟ ବିଦ୍ୟାଳୟରେ।

ପ୍ରକାଶ ଥାଉକି ଦେଉଳିସାହି ସିଦ୍ଧେଶ୍ୱରୀ ଉ.ପ୍ରା ବିଦ୍ୟାଳୟ ଓ ଅନ୍ତଦ୍ୱୟ ଉଚ୍ଚ ବିଦ୍ୟାଳୟରେ ନଳକୂପ ବସିଛି, ପାଣିଟାଙ୍କି ନିର୍ମାଣ କରାଯାଇ ପାଇପ ଲାଇନ ସଂଯୋଗ କରାଯାଇ ଟ୍ୟାପ୍ ଲାଗିଛି, ହେଲେ ନଳକୂପରୁ ମଟର ଯୋଗେ ପାଣି ଟାଙ୍କିକୁ ଉଠୁନଥିବାରୁ ଟ୍ୟାପକୁ ପାଣି ଆସୁନାହିଁ। ଯାହା ଫଳରେ ଛାତ୍ରଛାତ୍ରୀ ମାନେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଘଟଣା ସମ୍ପର୍କରେ ସିଦ୍ଧେଶ୍ୱରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ସରୋଜିନୀ ସାହୁ ଓ ଅନ୍ତଦ୍ୱୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଅସୁବିଧା ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି କହି ନିଜ ମୁଣ୍ଡରୁ ଦୋଷ ଓହ୍ଲାଇ ଦେଇଛନ୍ତି। ହେଲେ ବିଦ୍ୟାଳୟରେ ୩ ଦିନ ହେବ ଛାତ୍ରଛାତ୍ରୀମାନେ ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ପାନୀୟ ଜଳର ଘୋର ଅସୁବିଧାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

# ଶିକ୍ଷକ ସମାଜ ପ୍ରତି ଅର୍ଜୁନ ସାର୍‌ଙ୍କ ଅବଦାନ ଅବିସ୍ମରଣୀୟ



**ଜଗତସିଂହପୁର, ୫।୪(ସମିସ):** ବିଶିଷ୍ଟ ଶିକ୍ଷକନେତା ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ସଭାପତି ଅର୍ଜୁନ ଚରଣ ଦାଶଙ୍କ ଏକାଦଶ ଶ୍ରାଦ୍ଧୋତ୍ସବ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ସ୍ଥିତ ତିହୁଡା ଗ୍ରାମର ବାବା ସତ୍ୟାନନ୍ଦ ଦାସଙ୍କ ଗୁରୁକୃପା ଆଶ୍ରମ ପରିସରରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏହି ସଭାରେ ଅଧ୍ୟକ୍ଷତା କରି ଶିକ୍ଷକ ସମାଜ ପ୍ରତି ସ୍ୱର୍ଗତ ଅର୍ଜୁନ ଦାଶଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ପ୍ରାଥମିକ ଶିକ୍ଷକମାନେ ହିଁ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ଓ ସ୍ୱର୍ଗତ ଅର୍ଜୁନ ଦାଶ ଶିକ୍ଷକମାନଙ୍କ ସମସ୍ୟା ସାମାଧାନରେ ପ୍ରମୁଖ ଭୂମିକା ନେଇଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଶିକ୍ଷକନେତା ବିଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ମହେଶ ଚୌଧୁରୀ, ଦୁର୍ଯ୍ୟୋଧନ ରାଉତ, ହୃଷୀକେଶ ଚଇନି, ନିମ୍ନମାଧମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ଶାରଦାପ୍ରସନ୍ନ ସିଂହ, ସଭାପତି ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ସାହୁ, ମନ୍ଦରଧର ଲେଙ୍କା, ପବିତ୍ର କୁମାର ନାୟକ ଓ ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗନେଇ ଶିକ୍ଷକମାନଙ୍କୁ ଚାକିରି ସର୍ତ୍ତାବଳୀ, ପ୍ରତ୍ୟକ୍ଷ ଅନୁଦାନ ଓ ପେନ୍‌ସନ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ଅର୍ଜୁନ ଦାଶଙ୍କର ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମତ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଦୁଇ ବରିଷ୍ଠ ଶିକ୍ଷକ ଓ ଦକ୍ଷ ସଂଗଠକ ଲକ୍ଷ୍ମୀଧର ବସ୍ତିଆ ଓ ଜୟକୃଷ୍ଣ ଲେଙ୍କାଙ୍କୁ ଚଳିତ ବର୍ଷ ପାଇଁ "ଅର୍ଜୁନ ଦାଶ ସ୍ମୃତି ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଶେଷରେ ନାଉଗାଁ ବ୍ଲକ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପାରାଦୀପ ବନ୍ଦର ଶ୍ରମିକ ୟୁନିୟନ୍‌ର ବାର୍ଷିକ ସମ୍ମିଳନୀ

# କେନ୍ଦ୍ର ଯୋଗୁ ଘରୋଇ ମାଲିକ ପାଉଛନ୍ତି ଲାଭର ସିଂହଭାଗ

ପାରାଦୀପ, ୫।୪(ସମିସ)

ପାରାଦୀପ ବନ୍ଦରର ଏକ ଛାମୁଆ ଶ୍ରମିକ ସଂଗଠନ ଭାବେ ପାରାଦୀପ ବନ୍ଦର ଶ୍ରମିକ ୟୁନିୟନ ପ୍ରତିଷ୍ଠା ଲାଭ କରିଛି। ଏହାର ୪୦ ତମ ବାର୍ଷିକ ସମ୍ମିଳନୀ ମଧୁବନ ସ୍ଥିତ ୟୁନିୟନ କାର୍ଯ୍ୟାଳୟ ପରିସରରେ ବର୍ଷିୟାନ ବାମପନ୍ଥୀ କୃଷକ ନେତା ଶଶିକାନ୍ତ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଆରମ୍ଭରୁ ୟୁନିୟନ ପକ୍ଷରୁ ପତାକା ଉତ୍ତୋଳନ ସହ ପ୍ରଥମେ ସହିଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଂଗଠନର ସମସ୍ତ ପ୍ରତିନିଧି ଭକ୍ତିର ସହ ପୁଷ୍ପ ପ୍ରଦାନ କରିଥିଲେ। ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଜୟ କୁମାର ସାହୁ ଆୟବ୍ୟୟ ବିବରଣି ଉପସ୍ଥାପନା କରିଥିଲେ।




ସମ୍ମିଳନୀରେ ଶତାଧିକ ବନ୍ଦର କର୍ମଚାରୀ ଏବଂ ପେନସନରମାନେ ପ୍ରତିନିଧି ଭାବେ ଯୋଗଦେଇ ୧୦ ଜଣ ଆଲୋଚନାରେ ଭାଗ ନେଇଥିଲେ। ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଏବଂ କର୍ପୋରେଟ ପୋଷା ନୀତି ଯୋଗୁ ବନ୍ଦର କର୍ମଚାରୀ ଏବଂ ପେନସନରମାନଙ୍କର ମଜୁରୀ ରାଜିନାମା ହୋଇ ପାରୁନ ଥିବାବେଳେ ବ୍ୟାପକ ଘରୋଇକରଣ ଯୋଗୁ ସ୍ଥାୟୀ ନିଯୁକ୍ତି ବନ୍ଦ ହେବା ସହ ବନ୍ଦର ଲାଭର ସିଂହଭାଗ ଘରୋଇ ମାଲିକମାନଙ୍କ ପକେଟକୁ ଯାଉଛି। ଶେଷରେ ବେକାରୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଥିବା ବେଳେ ଦରଦାମ ବୃଦ୍ଧିରେ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବାକୁ ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ଆହ୍ୱାନ ଦେଇଥିଲେ। ଆଗାମୀ ବର୍ଷ ପାଇଁ ଶ୍ରୀ ନିମାଇଁ ଚରଣ ବରାଳ- ସଭାପତି, ଶିଶିର କୁମାର ପତି- ଉପସଭାପତି, କୁଶ ଚରଣ ସୂତାର- ସାଧାରଣ ସମ୍ପାଦକ, ଅଜୟ କୁମାର ବେହେରା- ସହ ସାଧାରଣ ସମ୍ପାଦକ ଏବଂ ଅଜୟ କୁମାର ସାହୁ- କୋଷାଧ୍ୟକ୍ଷଙ୍କ ସମେତ ୩୯ ଜଣିଆ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କମ୍ରେଡ଼ ଅଜୟ ରାଉତ, ୟୁନିୟନର ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

# କେନ୍ଦ୍ରାପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତିଙ୍କ ଇସ୍ତଫା



**କେନ୍ଦ୍ରାପଡା,୫।୪(ସମିସ):** କେନ୍ଦ୍ରାପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଆଜି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କୁ ସେ ଇସ୍ତଫା ପତ୍ର ପଠାଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଲେ ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀ ସାମଲ ୨୦୦୮ ମସିହାରେ ଚାନ୍ଦୋଲ କଲେଜ ଛାତ୍ର କଂଗ୍ରେସ ତରଫରୁ ସାଂସ୍କୃତିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ କେନ୍ଦ୍ରାପଡା ଲୋକସଭା ସୋସିଆଲ ମିଡିଆ ସଂଯୋଜକ ଓ କେନ୍ଦ୍ରାପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିବା କହିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସମର୍ଥନ କରି ସେ ଇସ୍ତଫା ଦେଇଥିବା କହିଛନ୍ତି।

## କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ

# କଂଗ୍ରେସ କର୍ମକର୍ତ୍ତାଙ୍କ ସମୂହ ଇସ୍ତଫା

**କେନ୍ଦ୍ରାପଡା,୫।୪(ସମିସ):** କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡା ନଗର କଂଗ୍ରେସ କମିଟି କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର କଂଗ୍ରେସ କର୍ମକର୍ତ୍ତାମାନେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ସମର୍ଥନରେ ଦଳର ପ୍ରାଥମିକ ସଭ୍ୟପଦରୁ ସମୂହ ଇସ୍ତଫା ଦେଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଇସ୍ତଫା ପତ୍ର ପଠାଇ ତୁରନ୍ତ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ବିଭିନ୍ନ ଦଳୀୟ ପଦପଦବୀରେ ନିଯୁକ୍ତି ଦେଇ ଦଳରେ ସେବା କରିବାର ସୁଯୋଗ ଦେଇଥିବାରୁ କଂଗ୍ରେସ ଦଳ ଓ ପିସିସି ସଭାପତିଙ୍କୁ ସମସ୍ତ କର୍ମକର୍ତ୍ତା କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର କେନ୍ଦ୍ରାପଡା ନଗର କଂଗ୍ରେସ କମିଟିର ନଗର ସଭାପତି ରାଜେଶ ମହାନ୍ତି, ଡିସିସି ଉପସଭାପତି ସୌମେନ୍ଦ୍ର ପୃଷ୍ଟି, ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପରଭେଜ ଅଖତର, ଡିସିସି କୋଷାଧ୍ୟକ୍ଷ ଉମାଶଙ୍କର ଜେନା, ପୂର୍ବତନ କାଉନ୍‌ସିଲର ହିବଜୁର ରହେମାନ, ଲକ୍ଷ୍ମୀପ୍ରିୟା ବାରିକ, ସେକ୍ ଚାନ୍ଦ, ସୁଜୟ କୁମାର ଦାସ, ଡିସିସି ସାଧାରଣ ସମ୍ପାଦକ ଆଶିଷ ମେକାପ, ଡିସିସି ପୂର୍ବତନ କୋଷାଧ୍ୟକ୍ଷ କୃଷ୍ଣପ୍ରସାଦ ଦାସ, ଡିସିସି ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଜେନା, ନାରାୟଣ ପଣ୍ଡା, ସୁବାଷ ମାହାଳିକ, କାଳୀପ୍ରସାଦ ପଣ୍ଡା, ଡିସିସି ସାଧାରଣ ସମ୍ପାଦକ କମଳାକାନ୍ତ ବେହେରା, ଉତ୍କଳ କେଶରୀ ଜେନା, ଆଦିତ୍ୟ ନାରାୟଣ ପତି, ଗଣେଶ ମେକାପ, ନିରଞ୍ଜନ ସେନାପତି ଏବଂ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର କର୍ମକର୍ତ୍ତାମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜିନତ୍ ପ୍ରିୟଦର୍ଶନୀ ରାଉତ, ବଗଡା ପଞ୍ଚାୟତ ସଭାପତି ସୁବନି ସାହୁ, ଜିଲ୍ଲା କିଷସନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ଶାରଦା ପ୍ରସନ୍ନ ରାଉତ, ଧୂମାତ ପଞ୍ଚାୟତ ସଭାପତି ସଚ୍ଚିଦାନନ୍ଦ ନାୟକ, କୋରୋ ପଞ୍ଚାୟତ ସରପଞ୍ଚ ଦୀପାଞ୍ଜଳି ଜେନା, ପୂର୍ବତନ ସରପଞ୍ଚ ତପୋଇ ମଲ୍ଲିକ, କୋରୋ କୃଷି ସମବାୟ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, କୋରୋ ପଞ୍ଚାୟତ କଂଗ୍ରେସ ସମ୍ପାଦକ ରାମଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ହିମାଂଶୁ ବେହେରା, ବାରୋ ପଞ୍ଚାୟତ ସଭାପତି ପୀତାମ୍ବର ଜେନା, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉତ, ଚାରିଗାଁ ପଞ୍ଚାୟତ ସଭାପତି କଳାକାର ମଲ୍ଲିକ, ଢୋଲ ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲାଇ, ବ୍ଲକ କଂଗ୍ରେସ ଯୁବ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପୀତବାସ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଅରମାନ, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ଉଡାଣସିଂହ ଇସ୍ତଫା ଦେଇଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକର ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ କାଙ୍ଗାଳି ସେଠୀ, ପୂର୍ବତନ ସରପଞ୍ଚ କୁଳମଣୀ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ଡିସିସି ସାଧାରଣ ସମ୍ପାଦକ ଅଭିଷେକ ବିଶ୍ୱାଳ, ୧୫ନଂ ଜୋନ ସଭାପତି ଜ୍ୟୋତିରଞ୍ଜନ ପ୍ରଧାନ, ଅଳପୁଆ ପଞ୍ଚାୟତ ଯୁବ ସଭାପତି ଉମାକାନ୍ତ ବିହାରୀ, ସୌମ୍ୟରଞ୍ଜନ ସାହୁ, ଅଭୟ ଜେନା, ଚାନ୍ଦୁ ମହାଳିକ, କିଶୋର ଦାସ, ଶ୍ରୀକାନ୍ତ ସାମଲ, ପ୍ରତାପ ବିଶ୍ୱାଳ, କୈଳାସ ଦାସ, ବିଶ୍ୱଜିତ ମହାନ୍ତି, ଚିଣ୍ଟୁ ସ୍ୱାଇଁ, ନିରଞ୍ଜନ ପାଢ଼ି, ରାକେଶ ବେହେରା, ଦୀପକ ଭଦ୍ର, ଦୀପକ ନାୟକ, ସୁରେଶ ଚନ୍ଦ୍ର ଦାସ, ବାବାଜୀ ମଲ୍ଲିକ, ଚକ୍ରଧର ରାଉତ, ବିକାଶ ଦାସ, ପ୍ରଶାନ୍ତ ରାଉତ ପ୍ରମୁଖ ଦେଢଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପଦ ପଦବୀରେ ଥାଇ ପ୍ରାଥମିକ ସଦସ୍ୟ ପଦରୁ ସମୂହ ଇସ୍ତଫା ଦେଇଛନ୍ତି।

# ହାଇକୋର୍ଟରେ ହାଜର ହେଲେ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ

**କେନ୍ଦ୍ରାପଡା,୫।୪(ସମିସ):** ସ୍ଥିତିବାନ୍ ଜମିକୁ ଖୋଲି ନଦୀରେ ମିଶାଇବା ଘଟଣାରେ ରୁଜୁ ଅଦାଲତଙ୍କ ଆଦେଶ ଅବମାନନା ମାମଲାର ଶୁଣାଣି ଗୁରୁବାର ଉଚ୍ଚ ନ୍ୟାୟାଳୟରେ ହୋଇଥିଲା। କେନ୍ଦ୍ରାପଡା ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବ୍ୟକ୍ତିଗତ ହାଜର ହୋଇ ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଏଥିସହ ୪ମାସ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଚାରପତି ବିଭୂ ପ୍ରସାଦ ରାଉତରାୟଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। କେନ୍ଦ୍ରାପଡାରେ ଗୋବରୀ ନଦୀ ଖନନବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ଖୋଲି ନଦୀରେ ମିଶାଇ ଦେଇଥିଲେ। ଏ ନେଇ ଜମି ମାଲିକ ଲକ୍ଷ୍ମୀକାନ୍ତ ନାୟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାସେ ମଧ୍ୟରେ ପଥର ପ୍ୟାକିଂ କରି ଉକ୍ତ ଜମିକୁ ପୋତିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଅଦାଲତଙ୍କ ଆଦେଶ ଅବମାନନା କରିବାରୁ ଆବେଦନକାରୀ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ପଥର ପ୍ୟାକିଂରେ ବିଳମ୍ବ ହୋଇଥିବାରୁ ଏପ୍ରିଲ୍ ୪ରେ ନିର୍ବାହୀ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି।

# ୯ ମାସର ଶିଶୁକନ୍ୟାକୁ ଧରି ନଦୀକୁ ଡେଇଁଲା ମା'

## ଉଭୟ ସୁରକ୍ଷିତ ଉଦ୍ଧାର; ପାରିବାରିକ କଳହ କାରଣ

**ଆଳି,୫।୪(ସମିସ):** ଆଳି ବ୍ଲକ ବାଳକାଟି ଠାରେ ଥିବା ଗଡ଼ଗଡି ସେତୁ ଉପରୁ ଶୁକ୍ରବାର ଅପରାହ୍ନରେ ଖରସ୍ରୋତା ନଦୀକୁ ଜଣେ ମହିଳା ତାଙ୍କର ୯ ମାସର ଶିଶୁକନ୍ୟାକୁ



ଧରି ଡେଇଁ ପଡିଥିଲେ। ମହିଳା ଜଣକ ନଦୀକୁ ଡେଇଁ ପଡିବା ଦେଖି ନଦୀକୂଳରେ ଥିବା ଲୋକମାନେ ସଙ୍ଗେସଙ୍ଗେ ଡ଼ଙ୍ଗା ସାହାଯ୍ୟରେ ନଦୀକୁ ଯାଇ ମହିଳା ଓ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ମେଡିକାଲ ପଠାଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ କେନ୍ଦ୍ରାପଡ଼ା ମେଡିକାଲ ଓ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଖଦୋଳ ଗ୍ରାମର ବିଶ୍ୱରଞ୍ଜନ ବେହେରାଙ୍କ ପତ୍ନୀ ମୋନାଲିସା ବେହେରା ତାଙ୍କର ୯ ମାସର ଝିଅକୁ ନେଇ ଗଡ଼ଗଡି ପୋଲ ଉପରୁ ଅପରାହ୍ନରେ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ପଛରେ ଆସୁଥିବା ତାଙ୍କ ସ୍ୱାମୀ ମଧ୍ୟ ନଦୀକୁ ଡେଇଁ ପଡ଼ିଥିଲେ ସେମାନଙ୍କୁ ଉଦ୍ଧାର କରିବାକୁ। ସ୍ଥାନୀୟ ଲୋକମାନେ ସଙ୍ଗେସଙ୍ଗେ ଏକ ଭୁଟ୍‌ଭୁଟି ନେଇ ନଦୀ ମଧ୍ୟରୁ ମହିଳାଙ୍କ ସେମେତ ତାଙ୍କ ସ୍ୱାମୀ ଓ ତାଙ୍କ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ପାରିବାରିକ କଳହରୁ ଏପରି ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି।

# ଉତ୍କଳ ଦିବସ ଅନୁଚିନ୍ତା ସମ୍ପର୍କିତ ଆଲୋଚନାଚକ୍ର




**ରାଜନଗର,୫।୪(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ପ୍ରବର୍ତ୍ତନା ପକ୍ଷରୁ ଉତ୍କଳ ଦିବସ ଅନୁଚିନ୍ତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ପ୍ରବର୍ତ୍ତନାର ଉପଦେଷ୍ଟା ଅଧ୍ୟାପିକା ଭଗବତୀ ରାଉତଙ୍କ ଆବାହକତ୍ୱ ଏବଂ କଥାକାର ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା କବି ହେମନ୍ତ କୁମାର ରାଉ. ସମ୍ମାନୀତ ଅତିଥିଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ପ୍ରମୁଖ ଯୋଗଦେଇ ଓଡିଆର ଅସ୍ମିତା ଓ ଓଡିଆ ଭାଷା ପ୍ରୀତି ନରହିଲେ ସମଗ୍ର ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଓଡିଶା ଗଠନର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା।

## ● ଦେଉଳି ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

# ୬୦ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ; ପାଠପଢ଼ା ବ୍ୟାହତ

**କେନ୍ଦ୍ରାପଡ଼ା,୫।୪(ସମିସ):** ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ରହିଛନ୍ତି ଜଣେ ମାତ୍ର ଶିକ୍ଷକ। ପାଠପଢା ଠିକ୍‌ରେ ହୋଇପାରୁନାହିଁ। ଜଣେ ଶିକ୍ଷକ ଥିବାରୁ ଶିକ୍ଷା ବିଭାଗ କାର୍ଯ୍ୟଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ଥିବାରୁ ପାଠପଢ଼ା ହୋଇପାରୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ନିର୍ବାଚନ ସମୟରେ କୌଣସି ନେତା ଭୋଟ ପାଇଁ ଯଦି ଗ୍ରାମକୁ ଆସନ୍ତି ତେବେ ଆଗ ଶିକ୍ଷକ ନିଯୁକ୍ତ କଲେ ଭୋଟ ଦେବୁ ବୋଲି ଦାବି ରଖିବା ନେଇ କହିଛନ୍ତି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୋହନପୁର ଗ୍ରାମ ପଞ୍ଚାୟତର ଦେଉଳି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ଏହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ବୋଲି




ଅଭିଭାବକମାନେ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି।

ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସରକାରୀ ନିୟମ ଅନୁଯାୟୀ ୩ ଜଣ ଶିକ୍ଷକ ବଦଳରେ କେବଳ ଜଣେ ମାତ୍ର ଶିକ୍ଷକ ପାଠ ପଢାଇବା ଦ୍ୱାରା ବହୁ ବାଧା ସୃଷ୍ଟି ହେଉଛି। ପଞ୍ଚମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଏକପ୍ରକାର ବିପର୍ଯ୍ୟସ୍ତ ହୋଇ ପଡିଛି। ଏନେଇ ଜିଲ୍ଲାପାଳ, ଶିକ୍ଷା ଅଧିକାରୀ ଏହି ବିଦ୍ୟାଳୟର ସମସ୍ୟା ପ୍ରତି ଅବଗତ ହୋଇ ଏହାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିବା ସହ ୧୫ଦିନ ମଧ୍ୟରେ ୨ଜଣ ଶିକ୍ଷକ ନିଯୁକ୍ତି ନ ହେଲେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।

ଏନେଇ ଉତ୍କଳମଣି ଯୁବକ ସଙ୍ଘ ସଭାପତି ଗୌତମ ବେହେରା ଶିକ୍ଷକ ନିଯୁକ୍ତି ପାଇଁ ଇମେଲ ଏବଂ ହ୍ୱାଟ ଆପ୍ସ ଜରିଆରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ଏ ଦିଗରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଶ୍ରୀ ବେହେରା କହିଛନ୍ତି। ତୁରନ୍ତ ୨ଜଣ ଦକ୍ଷ ଶିକ୍ଷକ ନିଯୁକ୍ତି କରାଯିବାକୁ ସଂଘ ଦାବି କରିଛି।

# ୪ ନେତାଙ୍କ ନିଲମ୍ବନ ଉଠାଇଲା ବିଜେଡି

**ତିର୍ତ୍ତୋଲ,୫।୪(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ତିର୍ତ୍ତୋଲ ବ୍ଲକର ୩ଜଣ ପୂର୍ବତନ ସରପଞ୍ଚଙ୍କ ସମେତ ୪ଜଣ ନେତାଙ୍କଠାରୁ ବିଜୁ ଜନତା ଦଳ ଶୁକ୍ରବାର ନିଲମ୍ବନ ପ୍ରତ୍ୟାହାର କରିନେଇଛି। ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ମୂଳିସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ତେନ୍ତୁଳିପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା ଓ କଟରା ପଞ୍ଚାୟତର ଅଶୋକ ମଲ୍ଲଙ୍କଠାରୁ ଏହି ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ନେଇ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ଏକ ପତ୍ର ଯୋଗେ ଜିଲ୍ଲା ବିଜେଡି ସଭାପତିଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଏହି ୪ଜଣ ନେତାଙ୍କୁ ଦଳ ତରଫରୁ ନିଲମ୍ବିତ କରାଯାଇଥିଲା।

## ■ ହେନ୍ତାଳବନ ସୁରକ୍ଷା ପାଇଁ ନିଆରା ପ୍ରୟାସ

# ଏକାଠି ହେଲେ କବି, ଲେଖକ, ସାହିତ୍ୟିକ ଓ ଶିକ୍ଷାବିତ୍

**ମହାକାଳପଡ଼ା,୫।୪(ସମିସ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଉପକୂଳରେ ପରିବେଶସୁରକ୍ଷା ପାଇଁ ହେନ୍ତାଳବଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ହେନ୍ତାଳବଣ ମହୋତ୍ସବ ନାମରେ କାର୍ଯ୍ୟକ୍ରମ କରି ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି ଏହି ଅଞ୍ଚଳର କବି, ଲେଖକ, ସାହିତ୍ୟିକ, ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ। ଏହି ଅବସରରେ ମହାକାଳପଡ଼ା ବ୍ଲକ ହେମନ୍ତ ରାଉତଙ୍କ ସଭାପତିତ୍ୱରେ ଲାଞ୍ଜୁଡା ପଞ୍ଚାୟତର ଅଧିଷ୍ଠାତ୍ରୀଦେବୀ ଅଲେଖ ନାହାକଣୀ ପୀଠ ଉପ୍ରା ବିଦ୍ୟାଳୟ ପରିସରରେ ହେନ୍ତାଳବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ନୀଳମଣି ଲେଙ୍କା, ସାମ୍ବାଦିକ ଅଶୋକ କୁମାର ସ୍ୱାଇଁ, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ବାବାଜୀ ଧଳ, କବି ରାମକୃଷ୍ଣ ଦାସ, ମେଜର ଭରତ ଚନ୍ଦ୍ର ଜେନା, ଶ୍ରୀଧର କୁମାର ଭୋଳ, ସରୋଜକାନ୍ତ ବିଶ୍ୱାଳ, ନାରାୟଣ ପତି, ବନପାଳ ହେମନ୍ତ କୁମାର ମଲିକ, ବିଭୂତି ଭୂଷଣ ତରାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପକୂଳର ପରିବେଶ ସୁରକ୍ଷାରେ ହେନ୍ତାଳ ବଣର ଆବଶ୍ୟକତା ଏବଂ ଏହାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ କବିୟତ୍ରୀ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ଖୁଣ୍ଟିଆ, ସୁରେନ୍ଦ୍ର କୁମାର ଦାସ, ଗାୟତ୍ରୀ ଦାସ, ବିଭୂତି ଭୂଷଣ ଦାସ, ନୃସିଂହ ଚରଣ ମଲ୍ଲ, ସ୍ୱପ୍ନାଂଶୁ ଦାସ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ପଲ୍ଲୀ ରଘୁନାଥପୁର ଗ୍ରାମରେ ପାନୀୟଜଳ ସଂକଟ

# ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**କେନ୍ଦ୍ରାପଡା,୫।୪(ସମିସ):** ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏଭଳି ସମସ୍ୟାରେ ଉବୁଟୁବୁ ହେଉଥିବା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ପଲ୍ଲୀରଘୁନାଥପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି। ଏହି ଗାଁର ଲୋକମାନେ ଦୀର୍ଘଦିନ ଧରି ଡେରାବିଶ ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରାପଡା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଗୁରୁବାର ଗ୍ରାମର ୧ ଓ ୨ନମ୍ବର ୱାର୍ଡର ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ପାନୀୟ ଜଳ ସମସ୍ୟା ଉପରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଓଭରହେଡ୍ ପାଣିଟାଙ୍କି ରହିଛି। ଏହି ଟାଙ୍କିରୁ ପାଇପ ଯୋଗେ ୪ଟି ୱାର୍ଡକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଗ୍ରାମର ୧ ଓ ୨ନମ୍ବର ୱାର୍ଡର ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଚକିତ ବିଷୟ ହେଉଛି ଏହି ଜଳ ଯୋଗାଣ ବ୍ୟବସ୍ଥାରୁ କେତେକ ଅସାଧୁ ବ୍ୟକ୍ତି ଚୋରାରେ ମଟର ଲଗାଇ ନିଜ ଚାଷଜମିକୁ ପାଣି ମଡାଉଥିବାରୁ ଏହି ଦୁଇ ୱାର୍ଡବାସୀ ଜଳକ୍ଲିଷ୍ଟ ଭାବେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ଗ୍ରାମର ମହିଳାମାନେ ଏଥିନିମନ୍ତେ ଗ୍ରାମ ଠାରୁ ବହୁ ଦୂରକୁ ପାଣି ଆଣିବାକୁ ଯିବାକୁ ପଡୁଛି। ବ୍ଲକରେ କାର୍ଯ୍ୟରତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ କେବଳ ସମୟ ଗଡାଇ ଚାଲିଛନ୍ତି ବୋଲି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ବିଷୟରେ ଡେରାବିଶ ବ୍ଲକ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୁଦ୍ରମାଧବ ସେଠୀଙ୍କୁ ଯୋଗାଯୋଗ କରାଯିବାରେ ସେ କହିଥିଲେ ଯେ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇବା ପରେ ଗୁରୁବାର ସଂପୃକ୍ତ ଗ୍ରାମକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବ।




# ମୌଲବୀଙ୍କ ପରଲୋକ

**କେନ୍ଦ୍ରାପଡା,୫।୪(ସମିସ):** କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ପୂର୍ବତନ ଉର୍ଦ୍ଦୁ ଶିକ୍ଷକ ତଥା ସହରର ଫକିରାବାଦର ମୌଲନା ଅଲ୍ଲୀ ଆକବର ମିଫତାହୀ(୮୫)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି। ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଫକିରାବାଦ ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତରାବି ନମାଜ ପରେ ଜନଜା କରାଯାଇ ସ୍ଥାନୀୟ କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି।

# ବିଶିଷ୍ଟ ବେହେଲା ବାଦକଙ୍କ ସ୍ମୃତିଚାରଣ ସଭା

**ଡେରାବିଶ,୫।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ବିଶିଷ୍ଟ ବେହେଲା ବାଦକ ସୁରେଶ ଚନ୍ଦ୍ର ରଥଙ୍କ ଦ୍ୱାଦଶାହ ତିଥି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଲିଆ ସ୍ଥିତ ବୀଣାପାଣି ସଙ୍ଗୀତ ସଦନ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ଶିକ୍ଷାବିତ୍ତ ନିରନ ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ମାଳିକା ପ୍ରବଚକ ପ୍ରମୋଦ କୁମାର ପୃଷ୍ଟି, ଦାସରଥି ଦାସ, ପ୍ରେମରଞ୍ଜନ ରାଉତ, ପ୍ରଭାକର ମଲିକ, ସତ୍ୟଭାମା ନାୟକ, ପଣ୍ଡିତ ଅଭୟ ଦାସ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୀଣାପାଣି ସଙ୍ଗୀତ ସଦନର ପ୍ରଦୀପ ରଞ୍ଜନ ମିଶ୍ର, ଅଜୟ କୁମାର ମିଶ୍ର, ମହେଶ୍ୱର ମଣ୍ଡଳ, କ୍ଷୀରୋଦ କୁମାର ନାଥ, ଶୁକଦେବ ତ୍ରିପାଠୀ, ସୁରେନ୍ଦ୍ର ସାହୁ, ବିକାଶ ଜେନା, ରଙ୍ଗାଧର ପ୍ରଧାନ, ଅଜୟ କୁମାର ପୋଥାଳଙ୍କ ସମେତ ଗ୍ରାମର ବରିଷ୍ଠ ବ୍ୟକ୍ତି ବିଜୟ କୁମାର ମିଶ୍ର, ବିମ୍ବାଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭୁବନମୋହନ ମିଶ୍ର, ମଦନ ମୋହନ ବେହେରା, ଗୌରାଙ୍ଗ ଚରଣ ଜେନା ଓ ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ରଥ କେବଳ ଜଣେ ବେହେଲା ବାଦକ ନଥିଲେ ,ତାଙ୍କର କଳା ସଂସ୍କୃତି ପ୍ରତି ଥିବା ଅନ୍ୟାନ୍ୟ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ପରେ ପୁତ୍ର ବିକାଶ କୁମାର ରଥ ଓ ଜ୍ୟୋତିରଞ୍ଜନ କର, ପରିବାରର ସଦସ୍ୟ ନଟବର ରଥ ସଭାରେ ଯୋଗ ଦେଇଥିବା ଅତିଥିମାନଙ୍କୁ ଆତିଥେୟତା ପ୍ରଦାନ କରିଥିଲେ।

ସକାଳ THE SAKALA



www.sakalaepaper.com

## ପାଇପ୍ ଚୋରି ଅଭିଯୋଗରେ ଜଣେ ଅଟକ; ୪ ଫେରାର୍

**କଣିହାଁ,୫।୪(ସମିସ):** କଣିହାଁ ଥାନା ପୁଲିସ୍ ପାଇପ୍ ଚୋରି ଅଭିଯୋଗରେ ଶୁକ୍ରବାର ଡେରେଙ୍ଗ ଗ୍ରାମର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ରାଜୁ ସାହୁ(୨୭)। ଡେରେଙ୍ଗ ଗ୍ରାମ ନିକଟସ୍ଥ ଏନ୍‌ଟିପିସି ଆଶପଣ୍ଡ ପାଇପ୍ ଲାଇନରୁ ଗତକାଲି ରାତିରେ ୫ଜଣ ଅଭିଯୁକ୍ତ ୧୨ଫୁଟ୍ ଲମ୍ବ ବିଶିଷ୍ଟ ୫ଖଣ୍ଡ ପାଇପ୍ ଚୋରି କରି ପିକଅପ୍ ଭ୍ୟାନରେ ଲୋଡିଂ କଲାବେଳେ ସିଆଇଏସ୍ଏଫ୍ ହାବୁଡ଼ରେ ପଡିଥିଲେ। ଘଟଣାସଳରୁ ୪ ଅଭିଯୁକ୍ତ ଚମ୍ପଟ୍ ମାରିଥିବା ବେଳେ ଅଭିଯୁକ୍ତ ରାଜୁକୁ ସିଆଇଏସ୍ଏଫ୍ ଗିରଫ କରିଥିଲା। ଏନେଇ ଆଜି ସିଆଇଏସ୍ଏଫ୍ ଏସ୍ଆଇ ଦିନବନ୍ଧୁ ନାଏକ( ୫୨) ଥାନାରେ ଅଭିଯୋଗ କରିଥିଲେ। ଏଥିସହିତ ପାଇପ ଲୋଡିଂ ପିକ୍‌ଅପ୍ ଭ୍ୟାନ୍ (ଓଡି- ୧୯ ୟୁ- ୩୯୨୦) ସହିତ ଅଭିଯୁକ୍ତ ରାଜୁକୁ ସିଆଇଏସ୍ଏଫ୍ ପକ୍ଷରୁ କଣିହାଁ ଥାନାକୁ ହସ୍ତାନ୍ତର କରାଯାଇଥିଲା। ଆଜି ଥାନାରେ ଅଭିଯୁକ୍ତ ରାଜୁକୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ବୁଡ଼ିଯାଇ ଯୁବକ ନିଖୋଜ



**ପାଲଲହଡ଼ା, ୫।୪(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଡିମିରିଆ ପଞ୍ଚାୟତ ରଞ୍ଜନା ଗ୍ରାମର ଖଳିଆ ବନ୍ଧରେ ଗାଧୋଇବାକୁ ଯାଇ ପାଣିରେ ନିଖୋଜ ହୋଇଯାଇଛନ୍ତି ଜଣେ ଯୁବକ। ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଖୋଜାଖୋଜି କରାଯିବା ପରେ ମଧ ଉଦ୍ଧାର ହୋଇପାରିନାହାନ୍ତି ସେହି ଯୁବକ। ଘଟଣା ଅନୁସାରେ ରଞ୍ଜନା ଗ୍ରାମର ରାଜା ନାଏକ( ୧୯) ସାଙ୍ଗ ସାଥୀଙ୍କ ସହ ଦିନ ୧୨ ଟା ବେଳକୁ ଗାଁ ନିକଟରେ ଥିବା ଖଳିଆ ବନ୍ଧକୁ ଗାଧୋଇବାକୁ ଯାଇଥିଲା। ମାତ୍ର ଅସାବଧାନତାବଶତଃ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗ ସାଥିଙ୍କଠାରୁ ଖବର ପାଇ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚି ପାଣିରେ ରାଜାକୁ ଖୋଜିଥିଲେ, ମାତ୍ର ପୋଖରୀରେ ଅଧିକ ପାଣି ହେତୁ ବର୍ତ୍ତମାନ ଯାଏ ରାଜାଙ୍କ ସୂଚନା ମିଳିପାରିନାହିଁ। ରାଜା ବାପା- ମା' ଛେଉଣ୍ଡ ହୋଇଥିବା ବେଳେ ଅଜା ଦୁଃଶାସନ ନାଏକଙ୍କ ପାଖରେ ରହୁଥିଲେ।

### ଢେଙ୍କାନାଳରେ ଜୋର୍ ଧରୁଛି ନିର୍ବାଚନ ତାତି

# ଅବିନାଶଙ୍କ ବିଶାଳ ମୋଟର ସାଇକଲ ଶୋଭାଯାତ୍ରା

**ଢେଙ୍କାନାଳ, ୫।୪ (ସମିସ)**

ଢେଙ୍କାନାଳ ସହରରେ ସାଂସଦ ପ୍ରାର୍ଥୀ ଅବିନଶ ସାମଲଙ୍କୁ ହଜାର ହଜାର ଯୁବକ ଏକ ମୋଟର ସାଇକଲ ରାଲିରେ ସହର ପରିକ୍ରମା କରାଯାଇଛି। ରାଜନୀତିରେ ସୁଧୀର ସାମଲ ମୋର ଗୁରୁ ବୋଲି କହିବା ସହ ନିର୍ବାଚନରେ ଯୁବବର୍ଗ ସାମି ଲହୋଇ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ଅବିନାଶ ଆହ୍ୱାନ ଦେଇଛନ୍ତି।

ଶୁକ୍ରବାର ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କୁ ଗୋବିନ୍ଦପୁର ଠାରୁ ହଜାରରୁ ଅଧିକ ଯୁବକ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶୋଭାଯାତ୍ରା ପରେ ଗଣେଶ ମଣ୍ଡପଠାରେଏକ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣଙ୍କ ସହିତ ନେତା ଏବଂ କର୍ମୀମାନେ ଯୋଗ ଦେଇଥିଲେ। ଅବିନାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋତେ ସହରବାସୀ ପୁଅ ବୋଲି କହି ଆପଣେଇ ନେଇଛନ୍ତି। ଆଗକୁ ବଢ଼ିବାକୁ ହେଲେ ଆମକୁ ପ୍ରଥମେ କ୍ୟାଡର ବେସଡ କାର୍ଯ୍ୟ କରିବାକୁ ପଡ଼ିବ। ଜିଲ୍ଲାରେ ଖେଳ ପ୍ରତି ଆକର୍ଷଣ ଥିବା



### ସୁଧୀର ସାମଲ ମୋର ଗୁରୁ: ଅବିନାଶ

ବେଳେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରକୁ ନେବାକୁ ହେଲେ ଖେଳର ବିକାଶ କରିବାକୁ ହେବ।

ସେହିପରି କଳା, ସଂସ୍କୃତିର ବିକାଶ କରିବାକୁ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କ ଦ୍ୱାରା ସ୍କୁଲ, କଲେଜର ବିକାଶ ସହିତ ପ୍ରତିକ୍ଷେତ୍ରରେ ଗାଁଠୁ ସହର ସବୁଠାରେ ବିକାଶର ବାର୍ତ୍ତା ଦେଖାଦେଇଛି। ନୂଆ ନୂଆ ଶିଳ୍ପାନୁଷ୍ଠାନ ସହିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ ବୋଲି କହିଛନ୍ତି। ସେହିପରି ବିଧାନସଭା ପ୍ରାର୍ଥୀ ସୁଧୀର କୁମାର ସାମଲ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକାଶର କାର୍ଯ୍ୟ ଚାଲୁ ରହିଛି। ସମସ୍ତେ ଏକ ହୋଇ କାର୍ଯ୍ୟ କଲେ ସବୁକିଛି ସମ୍ଭବ ବୋଲି କହିଥିଲେ। ପ୍ରକାଶଥାଉ କି, ଚଳିତ ନିର୍ବାଚନ ପାଇଁ ବିଧାନସଭା ପ୍ରାର୍ଥୀ ଭାବରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଡ.ନୃସିଂହ ଚରଣ ସାହୁ, କାମାକ୍ଷାନଗର ବିଧାୟକ ତଥା ବିଜେଡିର ତୁଙ୍ଗନେତା ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଟିକେଟ ମିଳିଛି। ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, ତାଳଚେର, ପାଲଲହଡ଼ା ଏବଂ ଅନୁଗୋଳ ରହିଥିବା ବେଳେ ଚଳିତଥର ଲୋକସଭା ପାଇଁ ପୁଣି ଥରେ ନୂତନ ପ୍ରାର୍ଥୀ ଦେଖିବାକୁ ମିଳିଛି। ୨୦୧୯ରେ ବିଜେଡିର ମହେଶ ସାହୁ ୫ଲକ୍ଷ ୨୨ ହଜାର ୮୮୪ ଖଣ୍ଡ ଭୋଟ ପାଇଥିବା ବେଳେ ରୁଦ୍ରନାରାୟଣ ପାଣୀ ପରାଜିତ ହୋଇଥିବା ବେଳେ ବିଜେପିର ଗୋଷ୍ଠୀ କନ୍ଦଳ ବିଜେପି ପାଇଁ ବୁମେରାଂ ସାଜିଛି। ଯୁବନେତା ତଥା ସମାଜସେବୀ ଅବିନାଶ ସାମଲଙ୍କୁ ଯୁବ ଭୋଟରଙ୍କ ଠାରୁ ଆରମ୍ଭ କରି ସମସ୍ତେ ସହଜରେ ଗ୍ରହଣ କରୁଥିବାର ନିର୍ବାଚନରେ ପୁଣି ଥରେ ବିଜୟ ଲାଗି କରିବ ବୋଲି ଭୋଟର ମତବ୍ୟକ୍ତ କରିଛନ୍ତି।

## ଦଶଦୋଳ ଉତ୍ସବରେ କମ୍ପିଲା ତେଲିସିଂହା ଓ ଅର୍କିଳ ଗ୍ରାମ



**କଣିହାଁ, ୫।୪(ସମିସ):** କଣିହାଁ ବ୍ଲକର ତେଲିସିଂହା ଓ ଅର୍କିଳ ଗ୍ରାମରେ ଦଶଦୋଳ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି। ରାଧାକୃଷ୍ଣଙ୍କ ଶେଷଦୋଳ ଉତ୍ସବକୁ ନେଇ ଉଭୟ ଗ୍ରାମରେ ଗୁରୁବାର ଓ ଶୁକ୍ରବାର ଜନସମାଗମ ହୋଇଥିଲା। ତେଲିସିଂହା ଗ୍ରାମରେ ଅପରାହ୍ନରେ ରାଧାକୃଷ୍ଣଙ୍କୁ ବିମାନରେ ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯିବା ସହିତ ସନ୍ଧ୍ୟାରେ ବାଜା, ବାଣ, ଲଉଡ଼ି ଖେଳ, ଘଣ୍ଟ ବାଦ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହା ପରେ ଦର୍ଶକ ମନୋରଞ୍ଜନ ନିମନ୍ତେ ମେଲୋଡି କାର୍ଯ୍ୟକ୍ରମକୁ ନେଇ କଣ୍ଠ ଶିଳ୍ପୀ ଇରା ମହାନ୍ତି, ସତ୍ୟଜିତ ପ୍ରଧାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ବିମୋହିତ ହୋଇଥିଲେ। ବିଳମ୍ବିତ ରାତିରେ ଯାତ୍ରା ପାର୍ଟି ଦ୍ୱାରା ଅପେରା ପରିବେଷଣ ହୋଇଥିଲା। ଶୁକ୍ରବାର ସକାଳ ୭ଟାରେ ପଡ଼ିଶା ଅଞ୍ଚଳର ୧୦ରୁ ଅଧିକ ଓଡ଼ିଶୀ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କୀର୍ତ୍ତନ କରିଥିଲେ। ପୂର୍ଣ୍ଣାହୁତି ପରେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦ ସେବନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ରାଜନୈତିକ ଦଳର ନେତୃମଣ୍ଡଳୀ ଯୋଗଦେଇଥିଲେ। ସେହିପରି ଅର୍କିଳ ଗ୍ରାମରେ ଦଶଦୋଳ ଉତ୍ସବ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ ପାଳଙ୍କ ସହିତ ବିଭିନ୍ନ ଦଳୀୟ ରାଜନେତା ଓ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

## ତାଳଚେର ବ୍ଲକ୍ ବହ୍ଲର ଗ୍ରାମର ସ୍ୱାଗତିକାଙ୍କ ସଫଳତା

**ତାଳଚେରସଦର, ୫।୪(ସମିସ):** କଠିନ ପରିଶ୍ରମ ଯେ ସଫଳତା ଆଣିପାରେ, ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି ତାଳଚେର ବ୍ଲକ ଅନ୍ତର୍ଗତ ବହ୍ଲର ଗ୍ରାମର ଜ୍ଞାନୀନ୍ଦ୍ର ଦାସଙ୍କ ସୁପୁତ୍ରୀ ସ୍ୱାଗତିକା। ଦଶମଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ ମଧ୍ୟ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଆଗକୁ ବଢ଼ିପାରି ନଥିଲେ। ନିଜେ କିଛି କାମ କରି ଅର୍ଥ ରୋଜଗାର କରିବା ତଥା ଘର ଖର୍ଚ୍ଚ ତୁଲାଇବା ଓ ସାନଭାଇ ପାଇଁ ପାଠପଢ଼ା ଖର୍ଚ୍ଚ ଉଠାଇବା ପାଇଁ ପ୍ରସାଧନ ଅଥବା ବିୟୁଟି ପାର୍ଲର୍ ଖୋଲିବା ଲାଗି ମନସ୍ଥ କଲେ। ନିକଟସ୍ଥ ସାମାଜିକ ଅନୁଷ୍ଠାନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନର କର୍ମକର୍ତ୍ତାଙ୍କଠୁ ଏନଟିପିସି ତାଳଚେର ଥର୍ମାଲ୍‌ର ପାରିପାର୍ଶ୍ୱିକ ଯୋଜନାରେ ଗ୍ରାମାଞ୍ଚଳର ମହିଳାଙ୍କ ଉନ୍ନତି ପାଇଁ ତାଲିମ୍ ବାବଦରେ ଅବଗତ ହେବା ସହ ପ୍ରସାଧନ ଅଥବା ବିୟୁଟି ପାର୍ଲର୍ କାର୍ଯ୍ୟକ୍ରମ ଉପରେ ନାମ ପଞ୍ଜୀକରଣ କରି ୧୫ଦିନିଆ ତାଲିମ ନେଇ ନିଜକୁ ଦକ୍ଷ ଭାବେ ଗଢ଼ିତୋଳିଛି। ସ୍ୱାଗତିକାକୁ ଆଖପାଖର ଗ୍ରାମରେ ବେଶ୍ ପରିଚିତ ମଧ୍ୟ କରାଇପାରିଛି। ନିଜସ୍ୱ ଉଦ୍ୟମରେ ଏବଂ ସ୍ୱଳ୍ପ ଅର୍ଥ ବିନିଯୋଗ କରି ପ୍ରସାଧନ ସାମଗ୍ରୀ ସହିତ ଅନ୍ୟାନ୍ୟ ସରଞ୍ଜାମ କିଣିବା ସହିତ ଚାହିଦା ମୁତାବକ ଗ୍ରାମାଞ୍ଚଳରେ ବେଶ୍ ଭଲ ଭାବେ ରୋଜଗାର କରି ଆଗ୍ରହ ପ୍ରକାଶ କରୁଥିବା ଝିଅମାନଙ୍କୁ ନିଜ ଘରେ ସେ ତାଲିମ୍ ଦେଉଛନ୍ତି। ଚୁଟି କଟା ହେଉ ଅଥବା ବ୍ରାଇଡାଲ ଏବଂ ପାର୍ଟି ମେକଅପ୍ , ଆଖପାଖ ଗାଁରେ ସ୍ୱାଗତିକାକୁ ଖୋଜା ପଡୁଛି। ଝିଅର ଏତାଦୃଶ୍ୟ ସଫଳତାରେ ବାପା ଜ୍ଞାନୀନ୍ଦ୍ର ଓ ମା' ସଞ୍ଜୁ ଖୁସି କହିଲେ ନସରେ। ପ୍ରତି ମାସରେ ସମସ୍ତ ଖର୍ଚ୍ଚକୁ ବାଦ ଦେଇ ମାସକୁ ୫୦୦୦ ରୁ ୭୦୦୦ ଟଙ୍କା ସେ ଲାଭ ପାଉଛନ୍ତି। ସ୍ୱାଗତିକାଙ୍କ ଏତାଦୃଶ୍ୟ ସଫଳତା ଅନ୍ୟାନ୍ୟ ମହିଳା ତଥା ଝିଅମାନଙ୍କ ଭିତରେ ଏକ ଆଲୋଡନ ସୃଷ୍ଟି କରିଛି। ଏହି ସବୁ ସଫଳତା ପଛରେ ତାଲିମଦାତ୍ରୀ ସୁନୀତା ବାରିକଙ୍କ ଅକ୍ଳାନ୍ତ ପରିଶ୍ରମ, ସାମାଜିକ ଅନୁଷ୍ଠାନର ପ୍ରୋଗ୍ରାମ୍ ଅଫିସର ମମତା ଦାସଙ୍କ ସହଯୋଗ, ଏନଟିପିସି ତାଳଚେର ଥର୍ମାଲର କର୍ମକର୍ତ୍ତାଙ୍କ ସାହାଯ୍ୟ ଓ ସହଯୋଗ ସ୍ୱାଗତିକାଙ୍କୁ ବେଶ୍ ଉତ୍ସାହିତ କରିଛି। ସ୍ଥାନୀୟ ବହ୍ଲର ଛକରେ ବିୟୁଟି ପାର୍ଲର ଖୋଲିବା ସହିତ ପାଞ୍ଚ ଜଣଙ୍କୁ ରୋଜଗାର ଦେବା ପାଇଁ ଆଶା ରଖିଛନ୍ତି। ଏଥିପାଇଁ ସ୍ଥାନୀୟ ବ୍ୟାଙ୍କ୍, ପ୍ରଶାସନ, କର୍ପୋରେଟ ସର୍ଭିସେସ୍ ସଂସ୍ଥାଙ୍କ ସେ ସହଯୋଗ କାମନା କରିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**କାମାକ୍ଷାନଗର, ୫।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ତାଳଗୋରଡ଼ ଗାଁରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧାଙ୍କ ନାମ



ରଇବାରୀ ସେଣ ବୋଲି ଜଣାପଡ଼ିଛି। ରଇବାରୀ ଗାଧୋଇବା ପାଇଁ ଘର ପାଖ ଗାଁ ପୋଖରୀକୁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଁ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁଙ୍କ ସହଯୋଗରେ ଶବ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

### ବିଦ୍ୟୁତ୍ ସଂଯୋଗ ପାଇଁ ଶାବଳଭଙ୍ଗା କେଳାସାହି ବାସିନ୍ଦାଙ୍କ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

**ଅନୁଗୋଳ, ୫।୪(ସମିସ):** ବିଦ୍ୟୁତ ସଂଯୋଗ ପାଇଁ ଆଜି ଅନୁଗୋଳ ଜିଲ୍ଲା ଶାବଳଭଙ୍ଗା ଗ୍ରାମର କେଳା ସାହି ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ଶାବଳଭଙ୍ଗା ଗ୍ରାମର କେଳା ସାହିରେ ପାଖାପାଖି ଶହେ ପରିବାର ବସବାସ କରିଆସୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ ବିଦ୍ୟୁତ୍ ସେବା ପାଇ ପାରୁନାହାନ୍ତି।

ପିଲାଙ୍କ ପାଠ ପଢ଼ାରେ ଅସୁବିଧା ହେଉଥିବା ବେଳେ ରାତି ହେଲେ ଜୀବଜନ୍ତୁଙ୍କ ଭୟରେ ଘର ତାଟି କବାଟ ପକାଉଛନ୍ତି। କିଛିଦିନ ହେଲା ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ଖୁଣ୍ଟ ପଡ଼ିଥିଲେ ମଧ କିଛି ଖଳ ପ୍ରକୃତିର ଲୋକ ଏହାକୁ ବିରୋଧ କରି କାର୍ଯ୍ୟ କରାଇ ଦେଉ ନ ଥିବା କେଳା ସାହିବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବନ୍ତଳ ସେକ୍ସନର ଜେଇ ମାଧବନନ୍ଦ ସାହୁଙ୍କୁ ପଚାରିବାରୁ ସେଠାରେ କିଛି ଖଳ ପ୍ରକୃତିର ଲୋକ ବିରୋଧ କରୁଥିବାରୁ କାମ ହୋଇପାରୁ ନଥିବା ସେ କହିଛନ୍ତି। ଏଣୁ ଲୋକେ ବାଧ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମରେ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ଲାଗି ଦାବି ହୋଇଛି।



## ଗାଡ଼ି ସୋ'ରୁମ୍ ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର, ୫।୪(ସମିସ):** ବାଲିଚନ୍ଦ୍ରପୁର ବଜାରସ୍ଥ ସଂସ୍କୃତ କଲେଜ ସମ୍ମୁଖରେ ଏମ୍ପିୟର କମ୍ପାନୀର (ଇଭି ସ୍କୁଟି) ସୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାସେବିକା ସୁଇଟି କିନ୍ନର ଯୋଗଦେଇ ନୂତନ ଭାବେ ଖୋଲିଥିବା ବ୍ୟବସାୟ ପ୍ରତିଷ୍ଠାନକୁ ଉଦଘାଟନ କରିଥିଲେ। ବାଲିଚନ୍ଦ୍ରପୁର ତଥା ଆଖପାଖ ଅଞ୍ଚଳର ଲୋକେ ଭୁବନେଶ୍ୱର, କଟକ ମହାନଗରକୁ ନ ଯାଇ ଇଭି ସ୍କୁଟି ସୁବିଧାରେ କିଣିପାରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କିନ୍ନର ପଦି ଅପା ଯୋଗ ଦେଇଥିଲେ। ଏମ୍ପିୟର ଏଭି ସ୍କୁଟିର ମ୍ୟାନେଜର ତପନ ସେନାପତି ଯୋଗ ଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଏହି ପ୍ରତିଷ୍ଠାନ ଅଞ୍ଚଳବାସୀଙ୍କ ସୁବିଧାରେ ସମର୍ପିତ ବୋଲି କହିଥିଲେ। ଏହି ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ଦାମୋଦର ଦାସ ସମସ୍ତଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଅବିନାଶ ଦାସ ଓ ଅରବିନ୍ଦ ଦାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ଆହତ

**ଟମକା, ୫।୪(ସମିସ):** ଟମକା ଥାନା ଅନ୍ତର୍ଗତ ଖଣ୍ଡୁରାଇ ମନ୍ଦିର ସମ୍ମୁଖରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିଯିବାରୁ ଚାଳକ ଉପର ଟମକା ଗ୍ରାମର ରାମ କ୍ରିଙ୍କେଲ୍ ଗୁରୁତର ଆହତ ହୋଇଛନ୍ତି। ପୁଲିସ୍ ପହଞ୍ଚି ରାମଙ୍କୁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

## ବାଇକ୍-ସ୍କୁଟି ଧକ୍କା, ଜଣେ ଗୁରୁତର

**ପାଣିକୋଇଲି, ୫।୪ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ନିକଟରେ ଶୁକ୍ରବାର ସକାଳ ୧୦ଟା ସମୟରେ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ ସ୍କୁଟି ଆରୋହୀ ମହିଳା ଗୁରୁତର ଆହତ ହୋଇଛନ୍ତି। କଟକରୁ ସ୍କୁଟିରେ ଭାଗ୍ୟଶ୍ରୀ ସାହୁ ତାଙ୍କ ଭାଇ ମିଳନଙ୍କ ସହିତ ପାଣିକୋଇଲି ଆସୁଥିବାବେଳେ ବାଇକ୍‌ରେ ଆସୁଥିବା ପ୍ରଦୀପ ମଲ୍ଲିକ ନାମକ ଜଣେ ବ୍ୟକ୍ତି ହାଟସାହିରୁ ଚଢେଇଧରା ଅଭିମୁଖେ ଯାଉଥିଲେ। ପ୍ରଦୀପ ସର୍ଭିସ ରୋଡ୍‌ର ରଙ୍ଗରୁଟ୍‌ରେ ଯାଉଥିବାବେଳେ ଉଭୟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଭାଗ୍ୟଶ୍ରୀଙ୍କ ମୁହଁରେ କ୍ଷତ ହେବା ସହିତ ଦାନ୍ତ ମାଢି ଭାଙ୍ଗିଯାଇଥିଲା। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଭାଗ୍ୟଶ୍ରୀଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ସୁକିନ୍ଦା ପୁଲିସ ଓ ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ସୁକିନ୍ଦା, ୫।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୁକିନ୍ଦା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ପାଇଁ ସୁକିନ୍ଦା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।

ସୁକିନ୍ଦା ଥାନା ଅନ୍ତର୍ଗତ ଖରଡ଼ି, ବର୍ତ୍ତଣ୍ଡା, କନ୍ତିରା ଓ ବାହାବଳପୁର ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ ସୁକିନ୍ଦା ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ନେତୃତ୍ୱରେ ସିଆର୍‌ପିଏଫ୍‌ର ସଶସ୍ତ୍ର ଯବାନ ଓ ପୁଲିସ କର୍ମଚାରୀ ସାମିଲ ଥିଲେ। ଚଳିତ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା କ୍ଷେତ୍ରରେ ପୁଲିସ ଓ ସୁରକ୍ଷା ବାହିନୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ପ୍ରଶାସନ ପକ୍ଷରୁ ଏଭଳି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# ବାଗଡ଼ିଆ ଥାନାଞ୍ଚଳରେ ଗଡୁଛି ବହୁ ଚୋରାଗାଡ଼ି ଓ ଅନ୍‌ଫିଟ୍ ଟ୍ରାକ୍ଟର

**ଛେଣ୍ଡିପଦା, ୫।୪(ସମିସ)**

ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଧୀନରେ ଥିବା ଗ୍ରାମ ଗୁଡିକରେ ଗଡୁଛି ଅନେକ ଅନଫିଟ୍ ଓ ବେଆଇନ ଟ୍ରାକ୍ଟର, ଚୋରା ୨ ଚକିଆ ଓ ୪ ଚକିଆ ଗାଡ଼ି। ପୁଲିସ କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରାକୁ ନେଇ ଉଠିଛି ପ୍ରଶ୍ନ। ବାଗଡ଼ିଆ ଥାନା ଅଧୀନରେ ଥିବା ଗ୍ରାମଗୁଡିକରେ ଦୈନିକ ଶହ ଶହ ଟ୍ରାକ୍ଟର ଓ ଛୋଟ ଛୋଟ ଗାଡ଼ି ଚଳପ୍ରଚଳ କରୁଛି। ସେମାନଙ୍କ ମଧ୍ୟରୁ କିଛି ଗାଡ଼ି ମାଲିକଙ୍କ ନିକଟରେ ଏହାର ଆବଶ୍ୟକ ପରମିଟ୍ ନାହିଁ। ଏ ନେଇ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଜାଣି ମଧ ନିରବତା ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଏନେଇ



ନୂଆ ମୋଟର ଯାନ ଆଇନ୍ ଲାଗୁ ହେବାର ୪ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି, ନୂତନ ଆଇନ୍ ଲାଗୁ ହେବା ପରେ ପ୍ରଥମେ ପ୍ରଥମେ ଗାଡ଼ି ମାଲିକଙ୍କ ମଧ୍ୟରେ ଛନକା ପଶିଥିଲା। ବାଗଡ଼ିଆ ଥାନା ଏରିଆରେ ପରିବହନ ବିଭାଗ ପକ୍ଷରୁ ସେପରି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଜଣାପଡିଛି। ଏବେ ବି ବାଗଡ଼ିଆ ଥାନା ଏରିଆରେ ବହୁ ବେଆଇନ ଗାଡ଼ି ଚଳପ୍ରଚଳ ହେଉଛି। ଗ୍ରାମାଞ୍ଚଳ ଗୁଡ଼ିକରେ ଯାତ୍ରୀବାହୀ ବସ୍ ବ୍ୟତିତ ଶହ ଶହ ଛୋଟ ଛୋଟ ଗାଡ଼ି ଯିବା ଆସିବା କରୁଛି।

ବିଶେଷ କରି ବାଗଡ଼ିଆ ଥାନା ଏରିଆରେ ବିନା କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସରେ ଅନେକ ଟ୍ରାକ୍ଟର ଚଳପ୍ରଚଳ ହେଉଛି ଓ ଏଥିରୁ ଅନେକ ଚୋରା ଟ୍ରାକ୍ଟର ରାସ୍ତାରେ ଗଡୁଥିବା ପରିଲକ୍ଷିତ ହେଉଛି। ଅଧିକାଂଶ ଟ୍ରାକ୍ଟର ମାଲିକଙ୍କ ନିକଟରେ ରୋଡ ପରମିଟ୍ ନାହିଁ। ୮୦% ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ କି ବୀମା ମଧ ନାହିଁ। ଅନେକ ବିପଦପୂର୍ଣ୍ଣ ଭାବରେ ପ୍ରତ୍ୟେକ ଦିନ ରାସ୍ତାରେ ବାଲି, ଇଟା, ପଥର ନେବା ଆଣିବା କରୁଛନ୍ତି। ଅଧାରୁ ଅଧିକ ଟ୍ରାକ୍ଟର ମାଲିକ ଜାଲ୍ କାଗଜପତ୍ରରେ ଗାଡ଼ି ଚଳାଉଛନ୍ତି। ପରିବହନ ବିଭାଗ ଓ ପୁଲିସ ପ୍ରଶାସନର ଜାଣତରେ ଅନେକ ଗାଡ଼ି ରାସ୍ତାରେ ଗଡୁଛି ବୋଲି ଚର୍ଚ୍ଚା ହେଉଛି।

ଗାଡ଼ି ମାଲିକଙ୍କ ଦାୟିତ୍ୱ ହୀନତା, ପରିବହନ ବିଭାଗ ଓ ପୁଲିସ ପ୍ରଶାସନର ଉଦାସୀନତା ହେତୁ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ଏବେ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ହେଉନାହିଁ କାଗଜପତ୍ର ଯାଞ୍ଚ୍ , ଯାହାଫଳରେ ଶହ ଶହ ଚୋରା ଗାଡ଼ି ଗାଁ ଗୁଡିକରେ ବୁଲୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଗାଡ଼ିଚାଳକଙ୍କ ଲାଇସେନ୍ସ ମଧ ନାହିଁ, ବାଗଡ଼ିଆ ଥାନା ପକ୍ଷରୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଯାହା ଫଳରେ କି ବୁଦ୍ଧୀଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

## ଫସର ଫାଟିବ କି 'ଇଣ୍ଡି'ର 'ଏନ୍‌ଡିଏ' ହଟାଅ ଯୋଜନା

# ନିର୍ବାଚନ ପୂର୍ବରୁ ବିରୋଧୀ ମହାମେଣ୍ଟ ନିଷ୍ପ୍ରଭ

୨୦୨୪ ସାଧାରଣରେ ନିର୍ବାଚନରେ ବିଜେପିକୁ କେନ୍ଦ୍ରରୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ପ୍ରାୟ ବର୍ଷକ ତଳେ ଆରମ୍ଭ ହୋଇଥିଲା ଭାରତୀୟ ରାଷ୍ଟ୍ରୀୟ ବିକାଶଶୀଳ ସମାବେଶୀ ମହାମେଣ୍ଟ ବା 'ଇଣ୍ଡି' (ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନକ୍ଲୁସିଭ୍ )ଆଲାଏନ୍ସ। ଯଦିଓ ଜାତୀୟ ସ୍ତରରେ ଶାସକ ବିଜେପି ନେତୃତ୍ୱରେ ରହିଥିବା ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ(ଏନଡିଏ)କୁ ମୁକାବିଲା କରିବା ଲାଗି କଂଗ୍ରେସ ନେତୃତ୍ୱ ୟୁନାଇନାଇଟେଡ୍ ପ୍ରୋଗ୍ରେସିଭ୍ ଆଲାଏନ୍ସ(ୟୁପିଏ) ରହିଥିଲା, ତଥାପି ବିରୋଧୀ ମେଣ୍ଟକୁ ଆହୁରି ସଶକ୍ତ କରିବାକୁ ପ୍ରସ୍ତୁତ ହୋଇଥିଲା ଏହି ମହାମେଣ୍ଟ। ୨୦୨୩ ଜୁନ୍ ୨୩ରେ ପ୍ରଥମ ପାଟନା ଠାରେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ଆବାହକତ୍ୱରେ ଆୟୋଜିତ ଏକ ବୈଠକରେ ମୁଖ୍ୟ ବିରୋଧୀ କଂଗ୍ରେସ ସହିତ ୧୬ ବିରୋଧୀ ଦଳର ନେତା ଏକାଠି ହୋଇଥିଲା। ବହୁ ଉତ୍ସାହ ଓ ଉଦ୍ଦୀପନା ସହ ରଣ ହୁଙ୍କାର ଦେଇ ବିରୋଧୀ ନେତାମାନେ ବିଜେପିକୁ ୨୦୨୪ରେ ନିର୍ମୂଳ କରିବାକୁ ପଣ କରିଥିଲେ। ଏହାପରେ ୧୮ ଜୁଲାଇ ୨୦୨୩ରେ ଔପଚାରିକ ଭାବେ ଏହି ମହାମେଣ୍ଟ ସମ୍ପର୍କରେ ଘୋଷଣା କରାଯିବା ପରେ ଜାତୀୟ ରାଜନୀତିରେ ଏକ ଝଡ଼ ସୃଷ୍ଟି ହୋଇଥିଲା। ବିରୋଧୀ ନେତାମାନେ ବିଜେପିକୁ ୨୦୨୪ ଲୋକସଭା ନିର୍ବାଚନରେ ୨୦୦, ୧୫୦ କିମ୍ବା ୧୦୦ ଆସନ ମଧ୍ୟରେ ସୀମିତ ରଖିବାକୁ ହୁଙ୍କାର ଦେଇ ବୈଠକ, ରାଲି କରି ଚାଲିଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ, ଏହି ମହାମେଣ୍ଟରେ ପରବର୍ତ୍ତୀ ସମୟରେ ଆହୁରି ଦଳ ଯୋଡି ହେବା ସହିତ ମହାମେଣ୍ଟର ମୋଟ ସଦସ୍ୟ ସଂଖ୍ୟା ୨୮ ରେ ପହଞ୍ଚିଥିଲା। ହେଲେ ଠିକ୍ ନିର୍ବାଚନ ପୂର୍ବରୁ ସବୁ କିଛି ଯେମିତି ଫସର ଫାଟିଯାଇଛି।

ଚଳିତ ମାସ ୧୯ ତାରିଖରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିଲା ବେଳେ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଇଥିବା ଖୋଦ୍ କଂଗ୍ରେସ ନିଜ ନେତାମାନଙ୍କୁ ଅନ୍ୟ ଦଳକୁ ଡେଇଁବା ସ୍ଥିତିରୁ ରୋକିପାରୁ ନାହିଁ। ସବୁଠୁ ବଡ଼ କଥା ହେଲା, ଯେଉଁ ବିରୋଧୀ ଦଳର ନେତାମାନେ ୨୦୨୪ରେ ବିଜେପିକୁ ୧୫୦ କିମ୍ବା ୧୦୦ ଆସନ ମଧ୍ୟରେ ସୀମିତ ରଖିବାକୁ ରଣହୁଙ୍କାର ଦେଇଥିଲେ ଏହି ନିର୍ବାଚନରେ ଇଣ୍ଡିଆ ମେଣ୍ଟ କେତେ ଆସନ ହାସଲ କରିବ ତାହା କହିବାକୁ ୟୁ' ପାଉ ନାହିଁ। ସେପଟେ ମହାମେଣ୍ଟକୁ ସଂଗଠିତ କରିବା ନେଇ ପ୍ରଥମ ପ୍ରୟାସ ଆରମ୍ଭ କରିଥିବା ନୀତୀଶ କୁମାର ଏନଡିଏରେ ସାମିଲ ହୋଇ ବିଜେପି ସହ ମସଗୁଲରେ ମାତିଥିବା ବେଳେ ଇଣ୍ଡିଆ ମେଣ୍ଟର ନାମକରଣ କରିଥିବା ଟିଏମସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଂଗ୍ରେସକୁ ନିଜ ରାଜ୍ୟରେ ନ ପୁରାଇ ଦେବାକୁ ଭୋଟରଙ୍କୁ କହିଛନ୍ତି। ଟିଏମସି ଏଥର ସବୁ ଆସନ(୪୨)ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଗୋଟିଏ ବି ଆସନ ଇଣ୍ଡିଆ ମେଣ୍ଟର ଦୁଇ ସଦସ୍ୟ କଂଗ୍ରେସ କିମ୍ବା ସିପିଏମକୁ ଦେଇ ନାହିଁ। କେବଳ ସେତିକି ନୁହେଁ, ଏହି ଦୁଇ ଦଳକୁ ଆଦୌ ଭୋଟ ନ ଦେବାକୁ ସେ ଭୋଟରମାନଙ୍କୁ ଅପିଲ କରିଛନ୍ତି। ଏହି ଦୁଇ ଦଳକୁ ଭୋଟ୍ ଦେବା ଅର୍ଥ ବିଜେପିକୁ ସମର୍ଥନ କରିବା ସହିତ ସମାନ ବୋଲି ସେ କହିଛନ୍ତି। ଏହା ତ' ଥିଲା ଇଣ୍ଡିଆ ମେଣ୍ଟର ଦୁଇ ପ୍ରମୁଖ ନେତାଙ୍କ କଥା। ଯଦି କନ୍ୟାକୁମାରୀରୁ କାଶ୍ମୀର ଯାଏ ଇଣ୍ଡିଆ ମେଣ୍ଟର ସ୍ଥିତିକୁ ନେଇ ବିଚାର କରାଯାଏ ତେବେ ଗୋଟେ, ଦୁଇଟି ରାଜ୍ୟକୁ ବାଦ୍ ଦେଇ ଏହି ମେଣ୍ଟ ଯେ ନିଷ୍ପ୍ରଭ ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଦକ୍ଷିଣ ଭାରତର ୫ ରାଜ୍ୟ ତାମିଲନାଡୁ, କର୍ଣ୍ଣାଟକ, କେରଳ, ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନାକୁ ନେଇ ବିଚାର କଲେ କେବଳ ତାମିଲନାଡୁକୁ ବାଦ୍ ଦେଲେ ଅନ୍ୟ ସବୁ ରାଜ୍ୟରେ ଇଣ୍ଡିଆ ମେଣ୍ଟର ସ୍ଥିତି ଅତ୍ୟନ୍ତ ଦୁଃସ୍ଥ। ତାମିଲନାଡୁରେ କଂଗ୍ରେସ ସହିତ ଡିଏମକେର ମେଣ୍ଟ ୨୦୨୪ ନିର୍ବାଚନରେ କିଛିଟା ସକରାତ୍ମକ ଫଳ ଦେଇପାରେ। କିନ୍ତୁ କେରଳରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଏଠାରେ ଇଣ୍ଡିଆ ମେଣ୍ଟର ଦୁଇ ପ୍ରମୁଖ ସଦସ୍ୟ କଂଗ୍ରେସ ଏବଂ ବାମପନ୍ଥୀଙ୍କ ମଧ୍ୟରେ ସମ୍ମୁଖସମ୍ମୁଖି ଲଢେଇ। କର୍ଣ୍ଣାଟକ, ଆନ୍ଧ୍ର ଏବଂ ତେଲଙ୍ଗାନା ସ୍ଥିତି ନ କହିଲେ ଭଲ। ପୂର୍ବ ଭାରତରେ ଓଡିଶାରେ ଏହି ମେଣ୍ଟର କିଛି ବି ପ୍ରଭାବ ନଥିଲା ବେଳେ ପଶ୍ଚିମବଙ୍ଗ ସ୍ଥିତି ତ' ସମସ୍ତଙ୍କୁ ଜଣା। କେବଳ ଝାଡଖଣ୍ଡରେ ଏହି ମେଣ୍ଟର କିଛି ପ୍ରଭାବ ରହିବା ସହିତ ୨୦୨୪ରେ କଂଗ୍ରେସ ଏବଂ ଜେଏମଏମ କିଛିଟା ସୁଫଳ ଆଣିପାରନ୍ତି ବୋଲି ଆଶା କରାଯାଉଛି।

ବିହାରରେ ଆସନ ବଣ୍ଟା ବୁଝାମଣା କିଛି ପରିମାଣରେ ସଫଳ ହୋଇଥିଲେ ହେଁ କଂଗ୍ରେସରେ ସାମିଲ ହୋଇଥିବା ପପୁ ଯାଦବଙ୍କ ବିରୋଧରେ ପୂର୍ଣ୍ଣିଆ ଲୋକସଭା କ୍ଷେତ୍ରରେ ଆରଜେଡି ପ୍ରାର୍ଥୀ ଦେବାକୁ ପପୁ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିବା ଉଭୟ କଂଗ୍ରେସ ଏବଂ ଆରଏଜଡି ପାଇଁ ସମସ୍ୟା ଆଣିଛି। ପୂର୍ବ ଭାରତକୁ ବାଦ୍ ଦେଲେ ଉତ୍ତର ପୂର୍ବାଞ୍ଚଳରେ ଏହି ମେଣ୍ଟର ସ୍ଥିତି ସମ୍ପୂର୍ଣ୍ଣ ଶୂନ ବୋଲି କୁହାଯାଇପାରେ। ବାକି ରହିଲା ଉତ୍ତର ଏବଂ ପଶ୍ଚିମ ଭାରତ। ଜମ୍ମୁ କାଶ୍ମୀରରେ ଦୁଇ ମେଣ୍ଟ ସଦସ୍ୟ ନ୍ୟାସନାଲ କନଫରେନ୍ସ ଏବଂ ପିଡିପି ମଧ୍ୟରେ ବିବାଦ ଯୋଗୁଁ ଉଭୟ ଦଳ ପୃଥକ ଭାବେ ନିର୍ବାଚନ ଲଢିବାକୁ ଘୋଷଣା କରିଛନ୍ତି। କେବଳ କଂଗ୍ରେସ ସହ ଏନସି ୫ଟି ଆସନରେ ଲଢିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ହରିୟାଣାରେ ମେଣ୍ଟ ସ୍ଥିତି ଶୂନ କହିଲେ ଚଳିବ। ପଶ୍ଚିମ ଭାରତରେ ଗୁଜରାଟ, ରାଜସ୍ଥାନ, ଗୋଆ ଏବଂ ମହାରାଷ୍ଟ୍ରରେ ମେଣ୍ଟ ସ୍ଥିତି ସମସ୍ତଙ୍କୁ ଜଣା। ରାଜସ୍ଥାନରେ କଂଗ୍ରେସରେ ପାଇଲଟ୍ ଏବଂ ଗେହଲଟ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ ଥମି ନଥିବା ବେଳେ ଏଠାରେ କଂଗ୍ରେସ ନେତା ନିଜ ନେତାମାନଙ୍କୁ ହରାଇବା ଚକ୍କରରେ କାର୍ଯ୍ୟ କରୁଛନ୍ତି। ମହାରାଷ୍ଟ୍ରରେ ଗୋଟିଏ ପରେ ଗୋଟିଏ କଂଗ୍ରେସ ନେତା ଦଳ ଛାଡି ବିଜେପିରେ ସାମିଲ ହେବା ଘଟଣା ମେଣ୍ଟର ଦୁଇ ପ୍ରମୁଖ ସଦସ୍ୟ ଏନସିପି ଏବଂ ଶିବସେନା(ୟୁବିଟି) ପାଇଁ ସମସ୍ୟା ଛିଡା କରିଛି। ସେହିପରି ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମଧ୍ୟ 'ଇଣ୍ଡି' ମେଣ୍ଟର ସ୍ଥିତି ପ୍ରଭାବହୀନ ରହିଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ମହାମେଣ୍ଟ ଏକପ୍ରକାର ନିଷ୍ପ୍ରଭ ହେବାକୁ ବସିଛି।



**୨୦୨୪ ସାଧାରଣରେ ନିର୍ବାଚନରେ ବିଜେପିକୁ କେନ୍ଦ୍ରରୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ପ୍ରାୟ ବର୍ଷକ ତଳେ ଆରମ୍ଭ ହୋଇଥିଲା ଭାରତୀୟ ରାଷ୍ଟ୍ରୀୟ ବିକାଶଶୀଳ ସମାବେଶୀ ମହାମେଣ୍ଟ ବା 'ଇଣ୍ଡି' (ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନକ୍ଲୁସିଭ୍ )ଆଲାଏନ୍ସ। କିନ୍ତୁ ସାଂପ୍ରତିକ ସ୍ଥିତିରେ ବିଭିନ୍ନ ରାଜ୍ୟରେ ମେଣ୍ଟର ସ୍ଥିତି ଯେଭଳି ବଦଳିବାକୁ ଲାଗିଛି; ତଦ୍ଦ୍ୱାରା ନିର୍ବାଚନ ପୂର୍ବରୁ ଇଣ୍ଡି ମହାମେଣ୍ଟ ଯେ ନିଷ୍ପ୍ରଭ ହୋଇଯିବ, ତାହା ଏବେ ରାଜନୀତିକ ମହଲ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଯାଏ ଆଲୋଚ୍ୟର ବିଷୟ ପାଲଟିଛି।**



**'ଇଣ୍ଡି'ର ମୁଖ୍ୟ ସଂଗଠକ ନୀତୀଶ ଏବେ ଏନ୍‌ଡିଏରେ**

**ଗୋଟିଏ ବି ଆସନ ଛାଡ଼ିଲେନି ନାମକରଣ କରିଥିବା ମମତା**



## ୨୦୨୪ ଲୋକସଭା ନିର୍ବାଚନ : ସ୍ଥିତି ଓ ସମ୍ଭାବନା

# ପରିବର୍ତ୍ତିତ ରାଜନୀତି ଆଣିପାରେ ଭିନ୍ନ ଫଳାଫଳ

ପରିବର୍ତ୍ତିତ ପରିସ୍ଥିତିରେ ପଞ୍ଜାବ ଲୋକସଭା ନିର୍ବାଚନ ରୋଚକ ହେବାକୁ ଯାଉଛି। ୨୦୧୯ ତୁଳନାରେ ଚଳିତ ବର୍ଷ ଏଠାକାର ରାଜନୈତିକ ସମୀକରଣ ଯେଭଳି ରହିଛି ତାହା ୨୦୨୪ ପାଇଁ ଭିନ୍ନ ଫଳାଫଳ ଦେଇପାରେ ବୋଲି ଆକଳନ କରାଯାଉଛି। ଚଳିତ ବର୍ଷ କଂଗ୍ରେସ ସମେତ ବିଜେପି, ଆପ୍, ଶିରୋମଣି ଅକଳୀ ଦଳ(ଏସଏଡି) ଭଳି ୪ଟି ପ୍ରମୁଖ ଦଳଙ୍କ ପ୍ରଦର୍ଶନ ଉପରେ ଫଳାଫଳ ନିର୍ଦ୍ଧାରଣ ହେବ। ପଞ୍ଜାବର ମୋଟ ଲୋକସଭା ଆସନ ସଂଖ୍ୟା ୧୩ ରହିଥିଲା ବେଳେ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରମୁଖ ଦଳ ଭାବେ ସର୍ବାଧିକ ୮ଟି ଆସନରେ ବିଜୟୀ ହେବା ସହିତ ୪୦.୧୨ ପ୍ରତିଶତ ଭୋଟ ହାସଲ କରିଥିଲା। କଂଗ୍ରେସ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ଏବଂ ଶିରୋମଣି ଅକାଳୀ ଦଳ ଏନଡିଏ ମେଣ୍ଟ ପ୍ରତ୍ୟେକ ଦୁଇଟି ଲେଖାଏ ଆସନରେ ବିଜୟୀ ହେବା ସହିତ ମୋଟ ୪ଟି ଆସନରେ ବିଜୟୀ ହୋଇଥିଲେ। ବିଜେପିକୁ ମାତ୍ର ୯.୬୩ ପ୍ରତିଶତ ଭୋଟ ମିଳିଥିଲା ବେଳେ ଅକାଳୀ ଦଳକୁ ୨୭.୭୬ ପ୍ରତିଶତ ଭୋଟ ମିଳିଥିଲା। ସେହିପରି ଆପ୍କୁ ମାତ୍ର ଗୋଟିଏ ଆସନରେ ସଫଳତା ମିଳିବା ସହିତ ଦଳକୁ ୭.୩୮ ପ୍ରତିଶତ ଭୋଟ ମିଳିଥିଲା। କିନ୍ତୁ ବର୍ତ୍ତମାନ ୨୦୧୯ ନିର୍ବାଚନ ତୁଳନାରେ ପଞ୍ଜାବର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ୧୯୮୪ ମସିହାର ଶିଖ ଦଙ୍ଗା ଘଟଣାକୁ ନେଇ ପଞ୍ଜାବବାସୀଙ୍କ ମଧ୍ୟରେ କଂଗ୍ରେସ ବିରୋଧରେ ଏକ ବିରୋଧୀ ମନୋଭାବ ରହିଆସିଥିଲା ବେଳେ ପରବର୍ତ୍ତୀ ସମୟରେ ବିଜେପି-ଅକାଳୀ ଦଳ ମେଣ୍ଟକୁ ରାଜ୍ୟବାସୀ କିଛିଟା ସକାରାତ୍ମକ ଭାବେ ଦେଖିଥିଲେ। କିନ୍ତୁ ୨୦୧୫ରେ ପଞ୍ଜାବରେ ଗୁରୁ ଗ୍ରନ୍ଥ ସାହିବକୁ ନେଇ ହୋଇଥିବା ଅପମାନଜନକ ଘଟଣା('ବୁରଗାଦି ଘଟଣା' ଭାବେ ପରିଚିତ) ଶିଖଙ୍କ ମନରେ ଆହୁରି ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି କରିଥିଲା। ଅକାଳୀ ଦଳ ଏକ ସ୍ଥାନୀୟ ଦଳ ଭାବେ ଏଥିପାଇଁ କିଛି କରିବ ବୋଲି ରାଜ୍ୟବାସୀ ଆଶା କରିଥିଲେ ହେଁ ମେଣ୍ଟ ଦଳ ପକ୍ଷରୁ ସେଭଳି କିଛି ମିଳି ନଥିଲା। ଯାହାକୁ ନେଇ ରାଜ୍ୟବାସୀ ଏହି ମେଣ୍ଟରୁ ବିମୁଖ ହେବାକୁ ଲାଗିଥିଲେ। ଏହି ସମୟରେ ଆମ ଆଦମୀ ପାର୍ଟିକୁ ରାଜ୍ୟବାସୀ ଆଦରି ନେଇଥିଲେ। ସେପଟେ ଏକ ହିନ୍ଦୁ ଦଳ ଭାବେ ବିଜେପି ଶିଖ ଭୋଟ ହାତେଇବାରୁ ବଞ୍ଚିତ ହେଉଥିଲା ବେଳେ ଅକାଳୀ ଦଳ ସହ ମେଣ୍ଟ କରିଥିବାରୁ ହିନ୍ଦୁ ଭୋଟ ପାଇବାରେ ମଧ୍ୟ ସମସ୍ୟା ଥିଲା। ବିଜେପିକୁ କୌଣସି ସ୍ଥିତିରୁ ଫାଇଦା ନ ମିଳିବାରୁ ଦଳ ମେଣ୍ଟ ଛାଡିବାକୁ ଚିନ୍ତା କରୁଥିଲା। ତେବେ କିଷାନ ଆନ୍ଦୋଳନ ପରେ ସୁଖବୀର ସିଂ ଏହାକୁ ସମାପ୍ତ କରିଥିଲେ। କିନ୍ତୁ ପରବର୍ତ୍ତୀ ସ୍ଥିତିରେ କ୍ୟାପେଟେନ ଅମରିନ୍ଦର ସିଂ କଂଗ୍ରେସରୁ ଇସ୍ତଫା ଦେବା ଏବଂ କଂଗ୍ରେସ ରାଜ୍ୟ ସଭାପତି ରହିଥିବା ସୁନୀଲ ଝାଖଡ଼ ବିଜେପିରେ ସାମିଲ ହେବା ଏଠାକାର ସ୍ଥିତିରେ ଅନେକ ପରିବର୍ତ୍ତନ ଆଣିଛି। ସେପଟେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଜେଲ ଯିବା ଘଟଣାକୁ ନେଇ ଦଳୀୟ ସ୍ଥିତିରେ ଘଡ଼ିକେ ଘୋଡା ଛୁଟୁଥିବା ବେଳେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ ମଧ୍ୟ ଅଡୁଆ ସ୍ଥିତିରେ ପଡ଼ିଛନ୍ତି। ଇତିମଧ୍ୟରେ ଏକମାତ୍ର ଆପ୍ ସାଂସଦଙ୍କ ସମେତ ବହୁ ଦଳୀୟ ନେତା ବିଜେପିରେ ସାମିଲ ହେବା ଘଟଣା ସ୍ଥିତିକୁ ନୂଆ ମୋଡ ଦେଇଛି।




**ମୁଖ୍ୟ ରାଜନୈତିକ ଦଳ**

ଆପ୍, କଂଗ୍ରେସ, ବିଜେପି, ଶିରୋମଣି ଅକାଳୀ ଦଳ, ପଞ୍ଜାବ ଡେମୋକ୍ରାଟିକ୍ ଆଲାଏନ୍ସ

**୨୦୧୯ ନିର୍ବାଚନ ସ୍ଥିତି**

( ମୋଟ ଆସନ ସଂଖ୍ୟା ୧୩)

| ଦଳ | ସଂଖ୍ୟା | ଭୋଟ(%) |
|---|---|---|
| କଂଗ୍ରେସ | ୦୮ | ୪୦.୧୨ |
| ବିଜେପି | ୦୨ | ୯.୬୩ |
| ଏସ୍ଏଡି | ୦୨ | ୨୭.୭୬ |
| ଆପ୍ | ୦୧ | ୭.୩୮ |

# ୯୯% ସ୍ୱାଧୀନ ପ୍ରାର୍ଥୀ ହରାଉଛନ୍ତି ଅମାନତ

**୨୦୧୯ ଲୋକସଭା ନିର୍ବାଚନରେ ୧%ବି ସ୍ୱାଧୀନ ପ୍ରାର୍ଥୀ ଜିତିବାକୁ ସମର୍ଥ ହୋଇନାହାନ୍ତି।**
**୨୦୧୯ ଲୋକସଭା ନିର୍ବାଚନରେ ମାତ୍ର ୪ଜଣ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ।**
**ସ୍ୱାଧୀନ ପ୍ରାର୍ଥୀମାନଙ୍କ ମଧ୍ୟରୁ ୯୯.୬% ଅମାନତ ରାଶି ହରାଇଥିଲେ।**



**ନୂଆଦିଲ୍ଲୀ:** ସ୍ୱାଧୀନ ପ୍ରାର୍ଥୀମାନଙ୍କ ଉପରେ ଭୋଟରଙ୍କ ବିଶ୍ୱାସ ୧୯୯୧ ପରଠାରୁ ଏତେ କମିଗଲାଣି ଯେ ୯୯%ରୁ ଅଧିକ ସ୍ୱାଧୀନ ପ୍ରାର୍ଥୀ ଅମାନତ ଜମା ରାଶି ହରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହେଉଛନ୍ତି ସେହିମାନେ ଯିଏ କୌଣସି ସ୍ୱୀକୃତିପ୍ରାପ୍ତ ଦଳ ସହ ନାହାନ୍ତି। ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ, ଯେଉଁ ପ୍ରାର୍ଥୀ ମୋଟ ନାକଚ ହୋଇନଥିବା(ଭ୍ୟାଲିଡ) ଭୋଟର ଏକଷଷ୍ଠାଂଶ ଭୋଟ ପାଇନଥିବେ ତେବେ ସେ ଜମା ଦେଇଥିବା ଅମାନତ ରାଶି ଫେରସ୍ତ ପାଇବେ ନାହିଁ। ତାହା ରାଜକୋଷ(ଟ୍ରେଜେରୀ)କୁ ପଠାଇଦିଆଯିବ।

ଇଲେକ୍ସନ କମିଶନ ଅଫ୍ ଇଣ୍ଡିଆ (ଇସିଆଇ)ଙ୍କ ଦ୍ୱାରା ସଙ୍କଳିତ ଡାଟା ଅନୁଯାୟୀ, ସ୍ୱାଧୀନତାପ୍ରାପ୍ତି ପରଠାରୁ ସାଧାରଣ(ଲୋକସଭା) ନିର୍ବାଚନଗୁଡ଼ିକରେ ବହୁ ସଂଖ୍ୟାରେ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି। ପରିଲକ୍ଷିତ ହୋଇଛି ଯେ ସ୍ୱାଧୀନ ପ୍ରାର୍ଥୀମାନଙ୍କ ଜିତିବା ହାର ୧୯୯୧ ପରଠାରୁ ଲଗାତାର କମିବାରେ ଲାଗିଛି। ୧୯୫୧ ସାଧରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରୁ ୬% ଜିତିବାକୁ ସକ୍ଷମ ହୋଇଥିବା ବେଳେ ୧୯୫୭ରେ ତାହା ବଢ଼ି ୮%ରେ ପହଞ୍ଚିଥିଲା ଓ ପରବର୍ତ୍ତୀ କାଳରେ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ହାର କ୍ରମାଗତ ଭାବେ ହ୍ରାସ ପାଇ ୨୦୧୯ରେ ତାହା ୦.୧୧%କୁ ଖସିଛି। ଅର୍ଥାତ ୨୦୧୯ ଲୋକସଭା ନିର୍ବାଚନରେ ୧%ବି ସ୍ୱାଧୀନ ପ୍ରାର୍ଥୀ ଜିତିବାକୁ ସମର୍ଥ ହୋଇନାହାନ୍ତି, ସେମାନଙ୍କ ପରାଜୟ ହାର ୯୯%ରୁ ଅଧିକ ହୋଇଛି। ୨୦୧୯ ଲୋକସଭା ନିର୍ବାଚନରେ ମାତ୍ର ୪ଜଣ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ। ସ୍ୱାଧୀନ ପ୍ରାର୍ଥୀମାନଙ୍କ ମଧ୍ୟରୁ ୯୯.୬% ଅମାନତ ରାଶି ହରାଇଥିଲେ।

୧୯୫୧-୫୨ରେ ଅନୁଷ୍ଠିତ ଦେଶର ପ୍ରଥମ ସାଧାରଣ ନିର୍ବାଚନରେ ମୋଟ ୫୩୩ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଥିଲେ ଓ ସେମାନଙ୍କ ମଧ୍ୟରୁ ୩୭ ଜଣ ଜିତିଥିଲେ। ଅର୍ଥାତ, ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ହାର ଥିଲା ୬.୯୦%। ସେତେବେଳେ ଅମାନତ ଜମା ରାଶି ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୫୦୦ ଟଙ୍କା ଥିଲା ବେଳେ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି) ବର୍ଗର ପ୍ରାର୍ଥୀଙ୍କ ପାଇଁ ଥିଲା ୨୫୦ଟଙ୍କା। ଅମାନତ ରାଶି ବଢ଼ି ବର୍ତ୍ତମାନ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୨୫୦୦୦ ଟଙ୍କା ରହିଥିବା ବେଳେ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି) ବର୍ଗର ପ୍ରାର୍ଥୀଙ୍କ ପାଇଁ ତାହା ୧୨୫୦୦ଟଙ୍କା ରହିଛି।

୧୯୫୭ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୧୫୧୯। ସେମାନଙ୍କ ମଧ୍ୟରୁ ୪୨ ଜଣ ଜିତିଥିଲେ। ଅର୍ଥାତ ସେମାନଙ୍କ ବିଜୟହାର ଥିଲା ୮.୭%। କିନ୍ତୁ ୧୯୫୧ ଓ ୧୯୫୭ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ସ୍ୱାଧୀନ ପ୍ରାର୍ଥୀମାନଙ୍କ ମଧ୍ୟରୁ ୬୭% ସେମାନଙ୍କ ଅମାନତ ଜମା ରାଶି ହରାଇଥିଲେ। କାଳକ୍ରମେ ଦେଶରେ ଅନେକ ଆଞ୍ଚଳିକ ରାଜନୈତିକ ଦଳ ଉଭା ହେବାରୁ ସ୍ୱାଧୀନ ପ୍ରାର୍ଥୀମାନଙ୍କ ବିଜୟ ହାର କମିବାରେ ଲାଗିଛି। ୧୯୬୨ ଲୋକସଭା ନିର୍ବାଚନରେ ୨୦ଜଣ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ହାର ୪.୨% ଥିବା ବେଳେ ୭୮% ପ୍ରାର୍ଥୀ ଅମାନତ ଜମା ରାଶି ହରାଇଥିଲେ। ତେବେ ଇନ୍ଦିରା ଗାନ୍ଧୀଙ୍କ ନିଧନ ପରେ ୧୯୮୪ ନିର୍ବାଚନରେ ୧୩ଜଣ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ହାର ୦.୩୦% ରହିଥିବା ବେଳେ ୯୬% ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ଅମାନତ ଜମା ରାଶି ହରାଇଥିଲେ। ଏଥିରୁ ଜଣାପଡ଼େ ଯେ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟରଙ୍କ ବିଶ୍ୱାସ ଜିତିବାକୁ ସକ୍ଷମ ହେଉନାହାନ୍ତି।

ଦଳୀୟ ଟିକେଟ ନପାଇଲେ ଜଣେ ନେତା ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାନ୍ତି, ପୁଣି କେତେକ କ୍ଷେତ୍ରରେ ବିରୋଧୀ ପକ୍ଷର ଭୋଟ କାଟିବାକୁ ଏକ ରାଜନୈତିକ ଦଳ ସ୍ୱାଧୀନ ପ୍ରାର୍ଥୀଙ୍କୁ ଯୋଗାଡ଼ କରି ପ୍ରତିଦ୍ୱନ୍ଦ୍ୱିତାକୁ ଉତାରିଥାଏ। ଯଦି ଜିତିଯାନ୍ତି ତେବେ ସଂଖ୍ୟାଗରିଷ୍ଠତା ନଥାଇ ବି ସରକାର ଗଢ଼ିବାକୁ ଚାହୁଁଥିବା ଦଳ ସହ ସମର୍ଥନ ଦେବା ନେଇ ମୂଲଚାଲ କରି ଫାଇଦାରେ ରହିବେ, ଏହା ଭାବି ମଧ୍ୟ କେହି କେହି ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ସଚେତନତା ବଢ଼ିଥିବାରୁ ଭୋଟର ଏବେ ଅଧିକରୁ ଅଧିକ ଆଶା କରି ବିଭିନ୍ନ ରାଜନୈତିକ ଦଳଙ୍କ ପ୍ରତିଶ୍ରୁତିକୁ ତଉଲୁଛନ୍ତି, ସ୍ୱାଧୀନ ପ୍ରାର୍ଥୀ ଯେ କିଛି କରିପାରିବେ ଏ ବିଶ୍ୱାସ ଭୋଟରଙ୍କର ରହୁନାହିଁ। ତେଣୁ ଲୋକସଭା ନିର୍ବାଚନରେ ଏବେ ନିର୍ଣ୍ଣାୟକ ଜନମତ ମିଳୁଛି।

**ବିଜେପି ପ୍ରାର୍ଥୀ ଅରୁଣ ଗୋଭିଲଙ୍କ ଲୋକପ୍ରିୟତା ସମାଜବାଦୀ ପାର୍ଟି ପାଇଁ ଚିନ୍ତାର କାରଣ ହୋଇଛି। ମିରଟ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଆସନରେ ବିଜେପିକୁ ଟକ୍କର ଦେବା ସପା ପାଇଁ ସମସ୍ୟାବହୁଳ ହୋଇପଡ଼ିଥିବା ବେଳେ ସପା ତିନି ତିନି ଥର ପ୍ରାର୍ଥୀ ବଦଳାଇବାକୁ ବାଧ ହୋଇଛି।**

## 'ଟିଭି ରାମ୍' ଅରୁଣ ଗୋଭିଲଙ୍କ ବିପକ୍ଷରେ ପ୍ରାର୍ଥୀ ପାଉନି ସପା

**ଦୁଇଥର କଲାଣି ପ୍ରାର୍ଥୀ ବଦଳ**



**ଲକ୍ଷ୍ନୌ:** ମିରଟ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ହେଉଛନ୍ତି ଅରୁଣ ଗୋଭିଲ। ସେ ରାମାନନ୍ଦ ସାଗରଙ୍କ ପ୍ରସିଦ୍ଧ ରାମାୟଣ ଧାରାବାହିକ(ସିରିଏଲ)ରେ ରାମ ଚରିତ୍ରରେ ଅଭିନୟ କରି ସୁଖ୍ୟାତି ଓ ଲୋକପ୍ରିୟତା ଅର୍ଜିଛନ୍ତି। ଗୋଭିଲଙ୍କ ବିପକ୍ଷରେ କାହାକୁ ପ୍ରାର୍ଥୀ କରିବ ଏନେଇ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି(ସପା) ଦ୍ୱନ୍ଦ୍ୱରେ ପଡ଼ିଛି। ଦୁଇ ଥର ପ୍ରାର୍ଥୀ ବଦଳା ଗଲାଣି ତଥାପି ସପା ନେତୃତ୍ୱ ଅନିଶ୍ଚିତାର ଜାଲରୁ ମୁକୁଳିନାହାନ୍ତି। ସପା ମିରଟରେ ଦଳର ପ୍ରାର୍ଥୀ ଭାବେ ଭାନୁପ୍ରତାପ ସିଂହଙ୍କୁ ପ୍ରଥମେ ବାଛିଥିଲା। ପରେ ଭାନୁପ୍ରତାପଙ୍କ ସ୍ଥାନରେ ସାରଧାନା ବିଧାୟକ ଅତୁଲ ପ୍ରଧାନଙ୍କୁ ଦଳର ମିରଟ ଲୋକସଭା ପ୍ରାର୍ଥୀ ଭାବେ ବଛାଗଲା। ଅତୁଲ ଟିକେଟ ପାଇବା ପରେ ସପା ପ୍ରାର୍ଥୀ ଭାବେ ଗତ ୩ ତାରିଖ((ବୁଧବାର) ନାମାଙ୍କନପତ୍ର ଦାଖଲ କରିଥିଲେ। ତଥାପି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଅତୁଲଙ୍କ ବଦଳରେ ପୂର୍ବତନ ବିଧାୟକ ଯୋଗେଶ ବର୍ମାଙ୍କ ପତ୍ନୀ ସୁନିତା ବର୍ମାଙ୍କୁ ପ୍ରାର୍ଥୀ କରିବାକୁ ସପା ନେତୃତ୍ୱ ନିଷ୍ପତ୍ତି ନେଇଥିଲା। ଏପରି ହେବାରୁ ଅତୁଲ ଭୀଷଣ ଅସନ୍ତୋଷ ପ୍ରକାଶ କରି ବିଧାୟକ ପଦରୁ ଇସ୍ତଫା ଦେଇଦେବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ପରେ ସବୁ ଦିଗରୁ ବିଚାରି ଅତୁଲ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ଯେ ଦଳର ଜାତୀୟ ସଭାପତି ଭାବେ ଅଖିଳେଶ ଯେଉଁ ନିଷ୍ପତ୍ତି ନେବେ ତାହା ସେ ମାନିବେ। ମିରଟରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି(ବିଏସପି) ପକ୍ଷରୁ ଦେବବ୍ରତ ତ୍ୟାଗୀଙ୍କୁ ପ୍ରାର୍ଥୀ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପି-ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ)ର ବହୁସଂଖ୍ୟକ ନେତା, କର୍ମୀ ଓ ସମର୍ଥକଙ୍କ ପ୍ରବଳ ଉତ୍ସାହ, ଉଦ୍ଦୀପନା ଓ ଜୟଜୟକାର ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାସ ୩୧ ତାରିଖରେ ମିରଟରୁ ବିଜେପିର ଲୋକସଭା ନିର୍ବାଚନ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଥିଲେ। ବିଜେପି-ଆରଏଲଡିର ସେହି ନିର୍ବାଚନ ପ୍ରଚାର ସଭାରେ ପ୍ରଧାନମନ୍ତ୍ରୀଙ୍କ ସହ ଅନ୍ୟମାନଙ୍କ ସମେତ ମଞ୍ଚରେ ଥିଲେ ରାଷ୍ଟ୍ରୀୟ ଲୋକ ଦଳ(ଆରଏଲଡି)ର ମୁଖ୍ୟ ଜାଠ ନେତା ଜୟନ୍ତ ଚୌଧୁରୀ ଓ ମିରଟ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଅରୁଣ ଗୋଭିଲ। ପ୍ରଧାନମନ୍ତ୍ରୀ ମୋଦୀ ୨୦୧୪ ଓ ୨୦୧୯ରେ ମଧ୍ୟ ମିରଟରୁ ବିଜେପିର ଲୋକସଭା ନିର୍ବାଚନ ପ୍ରଚାର ଅଭିଯାନ ଶୁଭାରମ୍ଭ କରିଥିଲେ। ମିରଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ରାଜେନ୍ଦ୍ର ଅଗ୍ରୱାଲ ବିଜେପି ପ୍ରାର୍ଥୀ ଭାବେ ଲଗାତାର ୩ଥର ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ସେ ସଂସଦରେ ଅତ୍ୟନ୍ତ ସକ୍ରିୟ ଅଛନ୍ତି। ତାଙ୍କ ଉପସ୍ଥାନ ୯୮% ରହିଛି(ଜାତୀୟ ହାରାହାରି ହେଉଛି ୮୦%)। ସଂସଦରେ ସେ ୧୭୨ଟି ଡିବେଟରେ ଭାଗ ନେଇଛନ୍ତି(ଜାତୀୟ ହାରାହାରି ୬୭.୧%)। ସଂସଦରେ ସେ ୨୯୮ଟି ପ୍ରଶ୍ନ କରିଛନ୍ତି ଓ ୮ଟି ଘରୋଇ ବିଲ୍ ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ତାଙ୍କୁ ୭୨ବର୍ଷ ବୟସ। ବିଜେପିର ନୀତି ଅନୁଯାୟୀ ଯେଉଁମାନଙ୍କର ବୟସ ୭୫ ପାଖ ହେଲାଣି ସେମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦଳୀୟ ଟିକେଟ ମିଳିବନାହିଁ। ସମ୍ଭବତଃ ସେହି କାରଣରୁ ମିରଟରେ ଅଗ୍ରୱାଲଙ୍କୁ ଏଥର ପ୍ରାର୍ଥୀ କରାନଯାଇ ତାଙ୍କ ସ୍ଥାନରେ ବିଜେପି ଜଣେ ଲୋକପ୍ରିୟ ଅଭିନେତା ଅରୁଣ ଗୋଭିଲଙ୍କୁ ପ୍ରାର୍ଥୀ କରିଛି।

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com



## କ୍ରିତିଙ୍କ ମିଷ୍ଟ୍ରି ମ୍ୟାନ୍‌କୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଏବେ ତାଙ୍କ ଫିଲ୍ମ 'କ୍ରୁ'କୁ ନେଇ ଚର୍ଚ୍ଚାରେ । ଏଥିରେ କ୍ରିତିଙ୍କ ସହ ଲିଡ୍ ରୋଲରେ କରିନା କପୁର, ତବୁ ନଜର ଆସିଛନ୍ତି । ବକ୍ସ ଅଫିସ୍‌ରେ ଏହି ଫିଲ୍ମ ବେଶ୍ ଭଲ ବ୍ୟବସାୟ କରିଛି । ଇତିମଧ୍ୟରେ କ୍ରିତି ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଖବରରେ ରହିଛନ୍ତି । ହୋଲି ଅବସରରେ କ୍ରିତି ଏକ ଫଟୋ ପୋଷ୍ଟ କରିଥିଲେ । ଫଟୋରେ ସେ ଲଣ୍ଡନର ସଡ଼କରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ହାତ ଧରି ବୁଲୁଥିବାର ଦେଖାଯାଇଥିଲେ । ଏହି ଫଟୋ ଭାଇରାଲ୍ ହେବା ପରେ ବ୍ରିଟେନ୍‌ର ବିଜିନେସ୍‌ମ୍ୟାନ୍ କବୀର୍ ବହିଆଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି । ଏହାପୂର୍ବରୁ ମଧ୍ୟ କବୀର ଓ କ୍ରିତି ଏକାଠି ଦୁବାଇରେ ପାର୍ଟି କରୁଥିବାର ଫଟୋ ଭାଇରାଲ୍ ହୋଇଛି । ଏଯାବତ୍ କିନ୍ତୁ କ୍ରିତି ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି । କବୀର୍‌ଙ୍କ ବାପା କୁଲଜିନ୍ଦର ବହିଆ ଇଂଲଣ୍ଡର ଜଣେ ଆଗଧାଡ଼ିର ବିଜିନେସ୍‌ମ୍ୟାନ୍ । ଏହାପୂର୍ବରୁ କ୍ରିତିଙ୍କ ନାମ ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ସହ ଯୋଡ଼ା ଯାଇଥିଲା ।

## ମୁଖଗହ୍ୱର କର୍କଟ ଚିହ୍ନଟରେ ଲଲିପପ୍



ବର୍ତ୍ତମାନ ସମୟରେ ମୁଖଗହ୍ୱର କର୍କଟ ରୋଗର ଚିହ୍ନଟ ବାୟୋପ୍ସି ପ୍ରକ୍ରିୟାରେ କରାଯାଉଛି । ଏହି ପ୍ରକ୍ରିୟାରେ ନାକ କିମ୍ବା ପାଟି ମଧ୍ୟରେ କ୍ୟାମେରା ପ୍ରବେଶ କରି ରୋଗ ଚିହ୍ନଟ କରାଯାଇଥାଏ । ଯାହାକି ଖୁବ୍ ଯନ୍ତ୍ରଣାଦାୟକ । ଏହି ଯନ୍ତ୍ରଣାରୁ ମୁକ୍ତି ପାଇଁ ବର୍ମିଘମ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ଲଲିପପ୍ ବିକାଶ କରୁଛନ୍ତି । ଏଥିରେ ସାମିଲ ବୈଜ୍ଞାନିକମାନଙ୍କ କହିବାନୁଯାୟୀ, ଏହି ଲଲିପପ୍ ସହଜ ଉପାୟରେ ନମୁନା ସଂଗ୍ରହ କରିବାରେ ସହାୟକ ହୋଇପାରିବ । ଯାହା ଫଳରେ କର୍କଟ ରୋଗ ଚିହ୍ନଟ ପ୍ରକ୍ରିୟା ସୁବିଧାଜନକ ହୋଇପାରିବ । ସମୟ ଅନୁସାରେ ରୋଗ ଚିହ୍ନଟ କରାଯାଇ ଚିକିତ୍ସା ହେବା ଦ୍ୱାରା ମୃତ୍ୟୁହାରକୁ ରୋକା ଯାଇପାରିବ । ଏହି ଲଲିପପ୍‌ରେ ସ୍ମାର୍ଟ ହାଇଡ୍ରୋଜେଲ ଭଳି ପଦାର୍ଥର ଉପଯୋଗ କରାଯାଇଛି । ଯେତେବେଳେ ରୋଗୀ ଏହାକୁ ପାଟି ଭିତରକୁ ନେବେ, ସେହି ସମୟରେ ରୋଗୀର ଲାଳ ସେହି ଲଲିପପ୍‌ରେ ଲାଗିଯିବ । ପରେ ଏହାକୁ ଲ୍ୟାବ୍‌ରେ ପରୀକ୍ଷା କରାଯାଇ କ୍ୟାନସର୍ କାରକ ପ୍ରୋଟିନ ରହିଛି କି ନାହିଁ ତାହା ଜଣାପଡ଼ିବ । ତେବେ ବର୍ତ୍ତମାନ ସମୟରେ ଏହି ପ୍ରକଳ୍ପଟି ପ୍ରାଥମିକ ପର୍ଯ୍ୟାୟରେ ରହିଛି । ଏହି ଲଲିପପ୍ ସମ୍ପୂର୍ଣ୍ଣ ଭାବେ ବିକଶିତ ହେବା ପରେ କ୍ଲିନିକାଲ ଟ୍ରାଏଲରେ ଏହାର ପରିଣାମ ଭଲ ଆସିଲେ , ଏହା ନିହାତି ଭାବେ ଆଗାମୀ ଦିନରେ ମୁଖଗହ୍ୱର କର୍କଟ ରୋଗର ଚିହ୍ନଟ ପାଇଁ ଫଳପ୍ରଦ ହୋଇପାରିବ ।

### ଆଜିର ଇତିହାସ

- ୧୬୭୨- ଫ୍ରାନ୍ସ ନେଦରଲ୍ୟାଣ୍ଡ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୮୯୬- ପ୍ରଥମ ଆଧୁନିକ ଅଲିମ୍ପିକ୍ ଏଥେନ୍ସରୁ ଆରମ୍ଭ ହେଲା ।
- ୧୯୫୫-ଆମେରିକା ପରମାଣୁ ପରୀକ୍ଷା କଲା ।
- ୧୯୮୦- ଭାରତୀୟ ଜନତା ପାର୍ଟିର ସ୍ଥାପନା ।
- ୨୦୦୯- ଇଟାଲୀରେ ୬.୯ ତୀବ୍ରତାର ଭୂମିକମ୍ପ ଯୋଗୁଁ ୨୫୩ ଲୋକଙ୍କ ମୃତ୍ୟୁ ।
- ୨୦୧୪-ଶ୍ରୀଲଙ୍କା ଟିମ୍ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଭାରତକୁ ୬ ୱିକେଟ୍‌ରେ ହରାଇ ପ୍ରଥମ ଥର ଚାମ୍ପିଅନ୍ ହେଲା ।

## ଗଛ ଓ ଥାଳି

### ହାଟ ମଝିରେ ବ୍ରହ୍ମଜ୍ଞାନ

### ଗଛ



ବିରାଟ ଗଛ । ବହୁ ପୁରୁଣା ଗଛଟିଏ ବୋଲି ପୁରୁଣା କାଳିଆ ଲୋକେ କହନ୍ତି । ଭାରି ଝଙ୍କାଳିଆ । ଏଇ ଗଛ ମୂଳେ ଷଣ୍ଢ ସମେତ ଆଉ କିଛି ପ୍ରାଣୀ ସବୁବେଳେ ରହିଥାଆନ୍ତି । କେହି କେହି କହନ୍ତି ଯେ ଏ ପ୍ରାଣୀମାନେ ଗଛକୁ ଜଗିଚନ୍ତି । ଆଉ କେହି କହନ୍ତି ଯେ ଏ ଗଛଟି ଏମାନଙ୍କର ଏକମାତ୍ର ଆଶ୍ରୟ ।

ଏ ଗଛଟି ସାଧାରଣ ଗଛ ନୁହେଁ । କଳ୍ପ ବୃକ୍ଷ ବି ନୁହେଁ । ତେବେ ଗଛଟି ଅତୀବ ବିଚିତ୍ର । ସବୁଗଛ ପରି ଏହା ମଧ୍ୟ ଫଳ ଧାରଣ କରେ । କିନ୍ତୁ ଫଳ ପ୍ରତିବର୍ଷ ଫଳି ନ ଥାଏ । ପାଞ୍ଚ ବର୍ଷରେ ଥରଟିଏ ଫଳ ଫଳେ । ବିରାଟ ବିରାଟ ଫଳ । ପ୍ରାୟ ଦେଢ଼ ଶହ ସରି ସୁନ୍ଦର ସୁନ୍ଦର ଫଳ ।

ଫଳଭର୍ତ୍ତି ଗଛଟି ସମସ୍ତଙ୍କୁ ଆକର୍ଷିତ କରେ । ଅନ୍ୟ ଗଛର ଡାଳରୁ କପିଗଣ ଏଇ ଗଛକୁ ଡିଆଁ ମାରି ଆସନ୍ତି । ପକ୍ଷୀମାନେ ଏ ଗଛକୁ ଏଇ ସମୟରେ ହିଁ ଉଡ଼ିଉଡ଼ି ଆସନ୍ତି ।

ବିଡ଼ମ୍ବନାର କଥାଟି ହେଉଛି – ଏ ଗଛକୁ ଜଗିଥିବା ବା ତା' ମୂଳରେ ଆଶ୍ରୟ ନେଇଥିବା ଷଣ୍ଢାଦି ପ୍ରାଣୀଙ୍କ ଭାଗ୍ୟରେ ଫଳଭକ୍ଷଣର ସୁଯୋଗ ଅଳ୍ପ ମିଳେ । ପ୍ରାୟତଃ ଡେଇଁଥିବା କପି ଓ ଚଢ଼େଇଙ୍କୁ ହିଁ ଏ ଫଳ ଭକ୍ଷଣର ସୁଯୋଗ ମିଳିଥାଏ ।

ଗଛ ଓ ଫଳର ବର୍ଣ୍ଣନା କଲୁ ମାତ୍ର । ଏହାକୁ ଯଦି କେହି ରାଜନୀତି ଗଛ ବୋଲି ଭାବେ, ଏ ଲେଖକ ଦାୟୀ ନୁହେଁ ।

### ଥାଳି

ରାଗ ହେଉଛି ବ୍ରହ୍ମଚଣ୍ଡାଳ । ମଣିଷ ରାଗିଗଲେ କ'ଣ କ'ଣ ଯେ କହିଯାଏ, ସେକଥା ସେ କେବେ ଭାବେନି । ଅପରପକ୍ଷକୁ କେଉଁ କଥାଟି କହିଲେ ତାକୁ ସବୁଠୁ ବେଶୀ ବାଧିବ, ସେଇ ସବୁକଥା କହେ ।

ଆମ ଗାଁ ସୁଶାନ୍ତ ଆଉ ପ୍ରଦୀପ ସେମିତି ଆଜି ଗୋଟେ ଲୋକକୁ ଗାଳି ଦେଉଥା'ନ୍ତି । ମୋ ଉପସ୍ଥିତି ସହ ଗାଁରେ ଗୁରୁଜନ ସମ୍ମୁଖରେ ଏଭଳି ଶବ୍ଦରେ ଦିହେଁ ଗାଳିଦେବେ ବୋଲି ମୁଁ କେବେ ଭାବି ନ ଥିଲି । ସେଇଠି ତାଙ୍କୁ କିଛି କହିବା ଉଚିତ ବି ମଣି ନ ଥିଲି ।



ସଞ୍ଜରେ ଠାକୁରାଣୀ ଯାତ୍ରା ଥାଏ । ଦିହେଁ ସେଇଠିକି ଆସିଥାନ୍ତି । ଆମେ ଗାଁ କମିଟି ସଦସ୍ୟ ଭାବେ ବସିଥାଉ । ଦିହେଁ ଠାକୁରାଣୀ ମନ୍ଦିର ସାମ୍ନାରେ ଥିବା ଥାଳିରେ ଦଶଟଙ୍କା ଲେଖାଏଁ ଦେଇ ମୁଣ୍ଡିଆ ମାରି ଚାଲି ଯାଉଥା'ନ୍ତି । ମୁଁ ତାଙ୍କୁ ଅଟକେଇ ପଦଟିଏ କବିତା ଶୁଣେଇଲି:-

କିଛି ଦିଅକି ନ ଦିଅ ତମେ
କେବେ ମାଆ ଥାଳିରେ,
ମାଆ ଏକ ପବିତ୍ର ଶବ୍ଦ
ସେଇ ମାଆ ଶବ୍ଦଟି ନ ଆସୁ
କେବେ କାହା ଗାଳିରେ ॥ ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

### ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ମିଳିବ । ସମାଜସେବା କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବେ ।

**ବୃଷ:** ଧନପ୍ରାପ୍ତି ପାଇଁ ଦିନଟି ବହୁତ ଭଲ । ଉଧାର ଟଙ୍କା ମଧ୍ୟ ଆଜି ଫେରି ପାଇବେ । ଘରର ସାଜସଜ୍ଜା ପାଇଁ ଖର୍ଚ୍ଚ କରିପାରନ୍ତି । ପୈତୃକ ସମ୍ପତ୍ତିକୁ ନେଇ ଚିନ୍ତାରେ ରହିବେ ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି । ଦିନଟି ବହୁତ ଶାନ୍ତିପୂର୍ଣ୍ଣ ରହିବ । ସୁନା ଅଳଙ୍କାର କିଣିବାର ଯୋଗ ରହିଛି । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପାରିବାରିକ ଜୀବନ ସୁଖମୟ ହେବ ।

**କର୍କଟ:** ନିଜ ମନର ବିଚାରକୁ ନିୟନ୍ତ୍ରଣରେ ରଖିବା ଭଲ । ବିଦ୍ୟାର୍ଥୀମାନେ ପାଠପଢ଼ାରେ ମନ ଦେବେ । ଉଦରଜନିତ ସମସ୍ୟା ଦେଖାଦେଇପାରେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ସିଂହ:** ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ । ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭାଗ୍ୟଶାଳୀ । ପରିଶ୍ରମର ଉତ୍ତମ ଫଳ ପାଇବେ । ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ମିଶ୍ର ଫଳ ପ୍ରଦାନ କରିବ । ନିଷ୍ଠାର ସହ ସମସ୍ତ କାର୍ଯ୍ୟ କରନ୍ତୁ । କର୍ମକ୍ଷେତ୍ରରେ ବସ୍ ଆପଣଙ୍କୁ ପ୍ରଶଂସା କରିପାରନ୍ତି । ଜୀବନସାଥୀଙ୍କ ସହ ସମୟ ବିତାଇବେ ।

**ତୁଳା:** ଆଜିର ଦିନଟି ସାମାନ୍ୟ ମଧ୍ୟମ ରହିବ । କୌଣସି ଦିଗରୁ ନିରାଶ ହୋଇ ପାରନ୍ତି । ହଠାତ୍ ଖର୍ଚ୍ଚ ବଢ଼ିପାରେ ।। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ନୂତନ ଯାନବାହନ କିଣିପାରନ୍ତି ।

**ବିଛା:** କର୍ମକ୍ଷେତ୍ରରେ ନେତୃତ୍ୱ ନେବାର ସୁଯୋଗ ମିଳିବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ସମାଜ ସେବା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ । ବିବାହ ସମସ୍ୟା ସମାଧାନ ହେବ ।

**ଧନୁ:** ମନର କଥାକୁ ଜୀବନସାଥୀଙ୍କ ଆଗେ ପ୍ରକାଶ କରନ୍ତୁ । ପରିବାର ଲୋକଙ୍କ ସହଯୋଗ ମିଳିବ । କୌଣସି ନୂଆ କାମ ଆରମ୍ଭ କରିପାରନ୍ତି । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ । ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ । ଚାକିରିରେ ବଦଳି ସମ୍ଭାବନା ଅଛି । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ ।

**ମୀନ:** ମନ ପ୍ରସନ୍ନ ରହିବ । ଏକାଗ୍ରତା ଏବଂ କାର୍ଯ୍ୟ କରିବାର ନିଷ୍ଠା ଯୋଗୁଁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଯାତ୍ରା କରି ଥକ୍କା ଅନୁଭବ କରିବେ ।

# ସୁମନ

## ଆସିଲାଣି ଟାଣ ଖରା



ଅନସୂୟା ପଣ୍ଡା

ଆସିଲାଣି ଟାଣ ଖରା
ଜଳିଯିବ ସୁନ୍ଦର ଧରା
ଜଳଦ ରୂପେ ଆକାଶ ସାରା
ଏବେ ବାଦଲ ଭରା ।
ଯିବନି ବୁଲି ଖାଲି ପାଦରେ
ଖରା କାଟିଲାଣି ପଦାରେ
ବାହାରିବନି ଦିନ ଦଶଟା ପରେ
ଖେଳିବ ବସି ଘରେ
ଖରା ଧାସରେ ଝାଉଁଳି ଯିବ
ତୁମ କଅଁଳ ସୁନାବଦନ
ପାଞ୍ଚଟା ପରେ ଖରା କମିଲେ
ଖୁସିରେ ଖେଳି କାଟିବ ଦିନ ।
ଫ୍ରିଜ୍ ପାଣି ଭାରି ସୁଆଦ
ଦେହକୁ ନୁହେଁ ହିତ
ଥଣ୍ଡା ଜରରେ ପଡ଼ିବ ପିଲେ
ପଇସା ଖର୍ଚ୍ଚରୁ ରୁହ ବିରତ ।
ଖାଇବ ଯେତେ ତରଭୁଜ, କାକୁଡ଼ି
ପିଇବ ଯେତେ ମାଠିଆ ପାଣି
ଲେମ୍ବୁ ଦହି ବେଲ ଆମ୍ବର ପଣା
କୋଲ୍ଡଡ୍ରିଙ୍କ୍ସ ନ ଯିବ ଦୋକାନୁ ଆଣି ।
ଥଣ୍ଡାଲାଗି ରୋଜ୍ ଜିଦି କରିବନି
ପିତାମାତାଙ୍କୁ କଷ୍ଟ ଦେବନି
ଖାଇଲେ ବଢ଼ିବ ଦେହେ ରୋଗ
ଡାକ୍ତର ପଇସା ନେବ ଗଣି ।
ପଇଡ଼ ପାଣି ଭାରି ମଧୁର
ନିଇତି ଖାଇବ ଦହି ପଖାଳ
ଦେହ ମନ ରହିବ ସୁସ୍ଥ
ଆସିବ କେତେ ଦେହରେ ବଳ । ■

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୯୭୧

### ପହେଲି

- ବୃହତ୍ ଗଛ ସେ ଛୋଟିଆ ଫଳ
ତା' ଡାଳରେ ଝୁଲୁଥାଏ ଓହଳ
ଗ୍ରୀଷମ କାଳେ ସେ ଦିଅଇ ଛାଇ
ତା'ମୂଳେ ବସିଲେ ନିଦ ଆସଇ
ଭକ୍ତିରେ ତାହାକୁ ପୂଜନ୍ତି ଜନେ
ପୁଣ୍ୟ ଗଛ ବୋଲି ଜଗତ ଜାଣେ
ଯିଏ କହି ଦେବ ସେ ଗଛ ନାମ
ଚତୁର ବାଳକ ସିଏଟି ଜାଣ ।
ଉତ୍ତର-ବରଗଛ
- ଆଲୋକ ଅଥବା ଖରା ପରଶେ
ପଛେ ପଛେ ସିଏ ସର୍ବଦା ଆସେ
ଦେଖି ହୁଏ ତାକୁ ହୁଏନା ଛୁଇଁ
ତା'ବିଷୟରେ କୁହେ ବିଜ୍ଞାନ ବହି
ଅନ୍ଧାରରେ ତାକୁ ହୁଏନା ବାରି
କୁହ ତା'ର ନାମ ନ କରି ଡେରି ।
ଉତ୍ତର-ଛାଇ
- ବସନ୍ତ ଋତୁ ଯେବେ ଆସଇ
ବାଡ଼ି ବଗିଚାରେ ସିଏ ଦିଶଇ
ଫୁଲ ନୁହେଁ ସିଏ ବିହଙ୍ଗଟିଏ
ହଳଦୀ ରଙ୍ଗ ତା' ମନକୁ ମୋହେ
ନାଲି ଥଣ୍ଟ ତା'ର ଭାରି ସୁନ୍ଦର
କହି ପାରିବ କି ନାମଟି ତା'ର ।
ଉତ୍ତର-ହଳଦୀ ବସନ୍ତ

-ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ଚତୁର କୁକୁର ଓ ବୋକା ସିଂହ





ଶିବ ପ୍ରସାଦ ରାଉତ

ଗାଁର ଗହଳ ପରିବେଶରୁ ବାହାରି କୁକୁର ସେଦିନ ଜଙ୍ଗଲର ଶାନ୍ତ ପରିବେଶ ଆଡ଼େ ଟିକେ ବୁଲି ବାହାରିଥାଏ । ଆହା କି ସୁନ୍ଦର ! ସୁଶୀତଳ ଛାୟା, ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ, କେତେ ଗଛ, ଲତା ଓ ଲମ୍ବା ଲମ୍ବା ଘାସ ଜଙ୍ଗଲରେ । ଜାତିଜାତିକା ଫୁଲ ଓ ମନମତାଣିଆ ପରିବେଶ ଦେଖି କାହିଁ କେତେ ବାଟ ଜଙ୍ଗଲରେ ପଶି ସାରିଛି । ହଠାତ୍ ଏକ ସିଂହ କୁକୁରକୁ ଦେଖି ଭାବିଲା, ଏ ନିଶ୍ଚୟ ଏକ ନୂଆ ଜୀବ । ମୁଁ ଜଙ୍ଗଲରେ ଅନେକ ପଶୁପକ୍ଷୀର ମାଂସ ଖାଇଛି, ଆଜି ଏ ନୂଆ ଜୀବର ମାଂସ ଟିକେ ଚାଖିବା । ଏହା ଭାବି ସିଂହ କୁକୁର ଆଡ଼କୁ ଦୌଡ଼ିଲା । କୁକୁର ଦେଖିଲା ପଶୁରାଜ ସିଂହ ତା' ଆଡ଼କୁ ଝପଟି ଆସୁଛନ୍ତି । କୁକୁର ଚିନ୍ତା କଲା - ସିଂହଠାରୁ ଦୌଡ଼ି ପଳେଇ ଯାଇ ଜୀବନ ବଞ୍ଚାଇବା ସମ୍ଭବ ନୁହେଁ । ତେଣୁ ସେ କ'ଣ କରିବ, ଭାବିବାକୁ ଲାଗିଲା । ପାଖରେ ପଡ଼ିଥିବା କିଛି ହାଡ଼କୁ ଦେଖି ଚତୁରତା ସହ ବଡ଼ ପାଟିରେ କହିଲା-" ଆହା ! ସିଂହର ମାଂସ କେତେ ସୁନ୍ଦର ଥିଲା , ଏହା ଖାଇ ମୁଁ ବହୁତ ଆନନ୍ଦିତ ।" ଏହା ଶୁଣି ସିଂହ ଅଟକି ଗଲା ଏବଂ ଏହା ନିଶ୍ଚୟ ମୋ ଠାରୁ ଶକ୍ତିଶାଳୀ ହୋଇଥିବ, ତେଣୁ ଏଠାରୁ ମୋତେ ଜୀବନ ନେଇ ଫେରିଯିବାକୁ ହେବ ବୋଲି ମନେ ମନେ ଚିନ୍ତାକଲା ।

ଏ ସବୁ ଘଟଣା ଗଛ ଉପରେ ଥିବା ମାଙ୍କଡ଼ ଦେଖୁଥିଲା । ସେ ଏହି ପରିସ୍ଥିତିରେ ଫାଇଦା ଉଠାଇବା ପାଇଁ ସିଂହ ପାଖକୁ ଗଲା ଏବଂ କହିଲା - "ମହାରାଜ, ମୁଁ ଆପଣଙ୍କୁ ଏକ କଥା କହିବି, ଯଦି ଆପଣ ମୋତେ ସୁରକ୍ଷା ଦେବେ ଏବଂ ଆପଣଙ୍କର ରାଜସଭାରେ ଏକ ପଦବୀ ଦେବେ ।" ସିଂହ କହିଲା - "ତୁ ପ୍ରଥମେ ମୋତେ ସେ କଥା କ'ଣ କହ, ଯଦି କଥାଟି ମୋର ପସନ୍ଦ ହୁଏ, ତେବେ ମୁଁ ତୋତେ ମନ୍ତ୍ରୀ କରାଇଦେବି ।" ମାଙ୍କଡ଼ ଯାହା ସବୁ ଦେଖିଥିଲା, ସତ କଥା କହିଦେଲା । ସିଂହ ଭାବିଲା, ସାମାନ୍ୟ ଏକ ଜୀବ ମୋତେ ଡରାଇଦେଲା । ତେଣୁ ସେ ମାଙ୍କଡ଼କୁ କହିଲା - "ହେ ବନ୍ଧୁ , ମୋ ପିଠିରେ ବସ, ଆମେ ଦୁଇଜଣ ତା' ପାଖକୁ ଯିବା ।" ସେମାନେ କୁକୁର ଆଡ଼କୁ ଦୌଡ଼ିବା ଆରମ୍ଭ କରିଦେଲେ । ଦୂରରୁ ମାଙ୍କଡ଼ ଓ ସିଂହକୁ ଦେଖି କୁକୁର ଭାବିଲା ଏହା ନିଶ୍ଚୟ ମାଙ୍କଡ଼ର କାମ । ତେଣୁ ସେ ଡରି ନ ଯାଇ ଏକ ଉପାୟ ଚିନ୍ତା କଲା ଏବଂ ବଡ଼ ପାଟିରେ କହିଲା -" କୁଆଡ଼େ ଗଲା ସେ ମାଙ୍କଡ଼, ମୁଁ ଘଣ୍ଟାଏ ହେଲା ତାକୁ ଏକ ସିଂହ ଡାକି ଆଣିବା ପାଇଁ କହିଥିଲି, ଭୋକ ହେଲାଣି ବୋଲି, ଆସୁଛି ଏବେ ।" ସିଂହ ଭାବିଲା, ଆରେ ଏ ମାଙ୍କଡ଼ଟା ମୋତେ ଫସେଇବା ପାଇଁ ନେଇ ଆସିଛି । କୁକୁରର ଏକଥା ଶୁଣି ସିଂହ ପିଠିରୁ ମାଙ୍କଡ଼ ଡେଇଁପଡି ଜୋରରେ ଦୌଡ଼ିଲା । ସିଂହ ମଧ୍ୟ ଜୀବନ ବିକଳରେ ଧାଇଁ ପଳେଇଲା ।

ତେଣୁ ବିପଦ ସମୟରେ ଡରି ନ ଯାଇ ସମସ୍ତ ବିଦ୍ୟାବୁଦ୍ଧି ଲଗାଇ ଧୈର୍ଯ୍ୟ ସହିତ ମୁକାବିଲା କରିବା ଦରକାର । ଯେ ଡରି ଯାଏ, ସେ ହାରିଯାଏ । ■

ବଛଦା, ଭଦ୍ରକ
ମୋ- ୯୪୩୭୭୯୬୬୨୧

## ହସକଥା



- ପପୁ- ବାପା! କାଲିଠାରୁ ମୁଁ ସ୍କୁଲ୍ ଯିବି ନାହିଁ ।
ବାପା- ଆରେ କାହିଁକି?
ପପୁ- ଶିକ୍ଷକଙ୍କୁ କିଛି ଆସୁନି, ସେ ସବୁ ପ୍ରଶ୍ନ ମୋତେ ପଚାରୁଛନ୍ତି ।
- ବାପା- ନୀଲୁ, ତୁ ଜେଜେମାଙ୍କ ଜନ୍ମଦିନରେ କ'ଣ ଉପହାର ଦେବୁ?
ନୀଲୁ- ମୁଁ ଜେଜେମାଙ୍କୁ ଫୁଟବଲ୍ ଦେବି ।
ବାପା- ସେ ଏ ବୟସରେ ଫୁଟବଲ୍ କ'ଣ କରିବେ!
ନୀଲୁ- ସେ ବି ତ ମୋ' ଜନ୍ମଦିନରେ ଭଗବଦ୍ ଗୀତା ଉପହାରରେ ଦେଇଥିଲେ ।

### ସକାଳ ଶିଶୁ କୁଇଜ୍-୧୧୩

(୧) ବାରାଣସୀ ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର : ____________

(୨) ବରଫରେ ତିଆରି ଘରକୁ କ'ଣ କୁହାଯାଏ?
ଉତ୍ତର : ____________

(୩) ଜାପାନର ରାଜଧାନୀର ନାମ କ'ଣ?
ଉତ୍ତର : ____________

(୪) ପୁରୀ ଜିଲ୍ଲା କେଉଁ ନୃତ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି?
ଉତ୍ତର : ____________

(୫) ସୀମାନ୍ତ ଗାନ୍ଧୀ ଭାବେ କିଏ ପରିଚିତ?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଆରତି ମେହେର, ଭଟଲୀ, ବରଗଡ଼
- ଆଶୁତୋଷ ପାଣିଗ୍ରାହୀ, ଯୋଡ଼ା, କେନ୍ଦୁଝର
- ଦିବ୍ୟାଂଶୀ ପ୍ରିୟଦର୍ଶିନୀ, ଚକେଇସିଆଣି, ଭୁବନେଶ୍ୱର

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ମୋ ତୂଳୀରୁ





**ସାଇସିଆ ପୃଷ୍ଟି**
ଚତୁର୍ଥ ଶ୍ରେଣୀ
ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍
ବାଲେଶ୍ୱର





**ଗୁଞ୍ଜନ ଚନ୍ଦନ**
ପ୍ରଥମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭବାନୀପାଟଣା, କଳାହାଣ୍ଡି





**ନୀହାରିକା ନାୟକ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ ଆଜିଠାରୁ

# ଅଷ୍ଟ୍ରେଲିଆର ଚ୍ୟାଲେଞ୍ଜ ଲାଗି ଭାରତ ପ୍ରସ୍ତୁତ

ପର୍ଥ, ୫।୪(ଏଜେନ୍ସି)

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ପୁରୁଷ ହକି ଦଳ ଶନିବାରଠାରୁ ଏକ ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ ଖେଳିବ। ପର୍ଥରେ ସମସ୍ତ ୫ଟି ଯାକ ମ୍ୟାଚ୍ ଖେଳାଯିବ। ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ଆଗାମୀ ଜୁଲାଇ- ଅଗଷ୍ଟରେ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜନ ହେବ। ତେଣୁ ଭାରତ ପାଇଁ ଏହି ହାଇପ୍ରୋଫାଇଲ ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ଏହି ସିରିଜ ଖେଳି ଅଲିମ୍ପିକ୍ସ ପାଇଁ ଉପଯୁକ୍ତ ପ୍ରସ୍ତୁତି କରିବା ସୁଯୋଗ ପାଇବ। ଭାରତ ଏହି ସିରିଜରେ ପରୀକ୍ଷାର ସମ୍ମୁଖୀନ ହେବ।

### ଏଫ୍ଆଇଏଚ୍ ମାନ୍ୟତା: ଭାରତ ୪ର୍ଥ, ଅଷ୍ଟ୍ରେଲିଆ ୫ମ

୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ରୌପ୍ୟ ପଦକ ହାସଲ କରିଥିଲା। ବିଶ୍ୱ ହକିରେ ଅଷ୍ଟ୍ରେଲିଆ ଅନ୍ୟତମ ଶକ୍ତିଶାଳୀ ଦଳ ରୂପେ ପରିଗଣିତ ହେଉଛି। ଅଲିମ୍ପିକ୍ସ ପୂର୍ବରୁ ଏହି ସିରିଜରେ ଭାରତ ନିଜର ଦକ୍ଷତା, ସାମର୍ଥ୍ୟ, ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣିବାକୁ ସୁଯୋଗ ପାଇବ ଏବଂ ଏଥିରେ ସୁଧାର ଆଣିବାକୁ ପ୍ରୟାସ କରିବ। କେଉଁ ବିଭାଗରେ ଉନ୍ନତି ଆଣିବାକୁ ହେବ ସେ ନେଇ ସମ୍ପୂର୍ଣ୍ଣ ଦଳ ସହ ପୂରା ଟିମ୍ ମ୍ୟାନେଜମେଣ୍ଟ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଏହି ସିରିଜରେ ଭଲ ଫଳ ମିଳିବ ଓ ଅଲିମ୍ପିକ୍ସ ପ୍ରସ୍ତୁତିରେ ଏହା ସହାୟ ହେବା ନେଇ ଫୁଲଟନ ବେଶ୍ ଆଶାବାଦୀ ଅଛନ୍ତି। ଫର୍ମରେ ଥିବା ଭାରତୀୟ ଦଳ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ମାନ୍ୟତାର ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୫ମ ସ୍ଥାନରେ ରହିଛି। ତାରକା ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଭାରତର ନେତୃତ୍ୱ ନେବେ। ୨୦୨୩ ବର୍ଷରେ ହକି ଇଣ୍ଡିଆନ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିବା ହାର୍ଦ୍ଦିକ ସିଂ ତାଙ୍କ ଡେପୁଟି ଭାବେ ଏହି ସିରିଜ୍‌ରେ ଦାୟିତ୍ୱ ସମ୍ପାଦନ କରିବେ। ଚଳିତ ବର୍ଷ ଦୁଇ ଦଳ ପରସ୍ପରକୁ ଦୁଇଥର ଏଫ୍ଆଇଏଚ୍ ପ୍ରୋ ଲିଗ୍ ଭେଟିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ୬-୪ ଗୋଲରେ ଭାରତକୁ ପରାସ୍ତ କରିଥିଲା। କିନ୍ତୁ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଥିଲା। କିନ୍ତୁ ସୁଟ୍ଆଉଟ୍‌ରେ ଭାରତ ୦-୩ ଗୋଲରେ ପରାସ୍ତ ହୋଇ ବୋନସ ପଏଣ୍ଟ ହରାଇଥିଲା।



### ହକି ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ସ୍ଥାନ |
|---|---|---|---|
| ଏପ୍ରିଲ ୬ | ପ୍ରଥମ | ଅପରାହ୍ଣ ୨ଟା | ପର୍ଥ |
| ଏପ୍ରିଲ ୭ | ଦ୍ୱିତୀୟ | ଅପରାହ୍ଣ ୨ଟା | ପର୍ଥ |
| ଏପ୍ରିଲ ୧୦ | ତୃତୀୟ | ଅପରାହ୍ଣ ୩ଟା | ପର୍ଥ |
| ଏପ୍ରିଲ ୧୨ | ଚତୁର୍ଥ | ଅପରାହ୍ଣ ୩ଟା | ପର୍ଥ |
| ଏପ୍ରିଲ ୧୩ | ପଞ୍ଚମ | ଅପରାହ୍ଣ ୨ଟା | ପର୍ଥ |

### ଏକ ଦଶନ୍ଧି ତଳେ ଭାରତ ସିରିଜ ଜିତିଥିଲା

ଗତ ଏକ ଦଶନ୍ଧି ହେବ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ହାସଲ କରିପାରିନାହିଁ। ୨୦୧୪ରେ ଶେଷଥର ପାଇଁ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିଲା। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ଦଳର ମନୋବଳ ବେଶ୍ ଉଚ୍ଚ ରହିଛି। ଖେଳାଳିମାନେ ଆତ୍ମ ବିଶ୍ୱାସରେ ଭରପୂର ରହିଛନ୍ତି। ଅଲିମ୍ପିକ୍ସରେ ଦୁଇ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନିତ ହୋଇଛନ୍ତି। ଏହି ସିରିଜକୁ ଆମେ ଚ୍ୟାଲେଞ୍ଜ୍ ଭାବେ ଗ୍ରହଣ କରିଛୁ ବୋଲି ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। ଏଥିରେ ଆମର ଦକ୍ଷତା ଓ କୌଶଳ ପ୍ରମାଣିତ କରିବାର ସୁଯୋଗ ପାଇବୁ ଓ ସଂଘବଦ୍ଧ ଭାବେ ଖେଳିବାକୁ ପ୍ରୟାସ କରିବୁ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ହେଉଛି ଆମର ମୂଳ ଲକ୍ଷ୍ୟ ବୋଲି ହରମନପ୍ରୀତ କହିଛନ୍ତି।

୨୦୧୩ ପରଠାରୁ ଦୁଇ ଦଳ ପରସ୍ପରକୁ ୪୩ଥର ଭେଟିଛନ୍ତି। ଏଥିରେ ଅଷ୍ଟ୍ରେଲିଆ ୨୮ଟି ମ୍ୟାଚ୍‌ରେ ବିଜୟୀ ହୋଇ ଯଥେଷ୍ଟ ଆଗରେ ରହିଛି। ଭାରତ ମାତ୍ର ୮ଟି ଗେମ୍‌ରେ ବିଜୟୀ ହୋଇଛି। ୭ଟି ମ୍ୟାଚ୍ ଅମୀମାଂସିତ ରହିଛି। କିନ୍ତୁ ଏବେ ଭାରତୀୟ ହକିରେ ବହୁତ ଉନ୍ନତୀ ହୋଇଛି ଓ ଅଷ୍ଟ୍ରେଲିଆକୁ ତା'ର ମାଟିରେ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଆଶା କରାଯାଉଛି। ମୋଟ୍‌ମୋଟି ଉପରେ ଏହି ସିରିଜରେ ହକି ଦୁଇ ପାୱାର ହାଉସ୍‌ଙ୍କ ମଧ୍ୟ କଡ଼ା ଟକ୍କର ଓ ରୋମାଞ୍ଚ ଦେଖିବାକୁ ମିଳିବ।

### ଭାରତୀୟ ଦଳ

**ଗୋଲରକ୍ଷକ-** କ୍ରିଷନ ବାହଦୂର ପାଠକ, ପିଆର ଶ୍ରୀଜେସ୍, ସୁରଜ କେର୍କେରା।

**ରକ୍ଷଣଭାଗ-** ହରମନପ୍ରୀତ ସିଂ (ଅଧିନାୟକ), ଜରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଅମୀର ଅଲି।

**ମଧ୍ୟଭାଗ-** ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ସମଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପଲ, ବିଷ୍ଣୁକାନ୍ତ ସିଂ।

**ଅଗ୍ରଭାଗ-** ଆକାଶଦୀପ ସିଂ, ମନଦୀପ ସିଂ, ଲଳିତ ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ ମୌସିନ, ବବି ସିଂ ଧାମି ଓ ଅରଜିତ ସିଂ ହୁଣ୍ଡାଲ।

■ ଆଇପିଏଲ୍: ସର୍ବାଧିକ ଥର ୨୦୦ରୁ ଊର୍ଦ୍ଧ୍ୱ ରନ୍ ପିଛା

# ମୁମ୍ବାଇକୁ ପଛରେ ପକାଇଲା ପଞ୍ଜାବ



ଅହମ୍ମଦାବାଦ, ୫।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଗୁରୁବାର ରାତିରେ ଖେଳାଯାଇଥିବା ଏକ ହାଇସ୍କୋରିଂ ମୁକାବିଲାରେ ପଞ୍ଜାବ କିଙ୍ଗସ ୩ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଥିଲା। ଅଧିନାୟକ ଶୁଭମାନ ଗିଲ୍ (୮୯ରନ)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୪ ୱିକେଟ୍‌ରେ ୧୯୯ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଶିଖର ଧାୱନଙ୍କ ନେତୃତ୍ୱାଧୀନ ପଞ୍ଜାବ ୧୯.୫ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶଶାଙ୍କ ସିଂ ୨୯ ବଲରେ ୬୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏଥିସହ ଆଇପିଏଲ୍ ଇତିହାସରେ ସର୍ବାଧିକଥର ୨୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନକୁ ସଫଳତାର ସହ ପିଛା କରିବାରେ ପଞ୍ଜାବ ରେକର୍ଡ କରିଛି। ଆଇପିଏଲ୍‌ରେ ସର୍ବାଧିକ ୬ଷ୍ଠଥର ଲାଗି ପଞ୍ଜାବ ୨୦୦ କିମ୍ବା ଏହାଠାରୁ ଅଧିକ ରନକୁ ସଫଳତାର ସହ ପିଛା କରିଛି। ଏହିକ୍ରମରେ ପଞ୍ଜାବ ମୁମ୍ବାଇ ଇଣ୍ଡିଆନ୍ସ (୫ଥର) ନାମରେ ରହିଥିବା ରେକର୍ଡକୁ ପଛରେ ପକାଇଦେଇଛି।

# ଆଇଏସ୍ଏଲ୍: ଗୋଆର ୧୧ତମ ବିଜୟ



ପଣଜୀ, ୫।୪ (ଏଜେନ୍ସି): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ୧୦ମ ସଂସ୍କରଣରେ ଏଫ୍‌ସି ଗୋଆ ଏହାର ଚମତ୍କାର ଫର୍ମ ଜାରି ରଖି ଏକାଦଶ ବିଜୟ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ଫାର୍ତୋଡା ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ଘରୋଇ ଗୋଆ ୪-୦ ଗୋଲରେ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମରକ୍କୋ ଖେଳାଳି ନୋଆ ସାଦୌଇ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେ ୪୭ତମ, ୫୪ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇଥିଲେ। ଏଥିସହ ଗୋଆ ୨୦ତମ ମ୍ୟାଚରୁ ୧୧ତମ ବିଜୟ ସହ ୩୯ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଉଠିଛି। ଅପରପକ୍ଷରେ ହାଇଦ୍ରାବାଦ୍ ୨୧ତମ ମ୍ୟାଚରୁ ୯ମ ପରାଜୟ ସହ ୮ ପଏଣ୍ଟ ପାଇ ୧୨ ଦଳୀୟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହିଛି।

# ମୋଣ୍ଟେକାର୍ଲୋ ମାଷ୍ଟର୍ସ ଖେଳିବେନି ନାଦାଲ

ମୋଣ୍ଟେକାର୍ଲୋ, ୫।୪(ଏଜେନ୍ସି): ସ୍ପେନ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ଏଠାରେ ଖେଳାଯିବାକୁ ଥିବା ମୋଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ଏହି ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟ ଆସନ୍ତା ୭ରୁ ୧୪ ତାରିଖ ମଧ୍ୟରେ ଆୟୋଜନ ହେବ। ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ନାଦାଲ ଦୀର୍ଘଦିନ ପରେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ତାଙ୍କ ପ୍ରଶଂସକମାନଙ୍କୁ ନିରାଶ କରିଛି। ଫିଟ୍‌ନେସ କାରଣରୁ ସେ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ମୋ ଶରୀର ଏବେ ଖେଳିବାକୁ ଅନୁମତି ଦେଉନାହିଁ ବୋଲି ୩୭ ବର୍ଷୀୟ ନାଦାଲ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ନାଦାଲ ରେକର୍ଡ ସର୍ବାଧିକ ୧୧ଥର ମୋଣ୍ଟେକାର୍ଲୋ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ଆଘାତ ସମସ୍ୟା କାରଣରୁ ସେ ସେ ଗତବର୍ଷ ମଧ୍ୟ ଖେଳିବାକୁ ସକ୍ଷମ ହୋଇପାରି ନଥିଲେ। ଦୀର୍ଘଦିନ ଧରି ଟେନିସରୁ ଦୂରେଇ ରହିବା ଫଳରେ ନାଦାଲ ଏବେ ଏଟିପି ମାନ୍ୟତାରେ ତଳକୁ ଖସି ୬୪୯ତମ ସ୍ଥାନରେ ରହିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସେ ହିପ୍ ଅର୍ଥାତ କୋହ୍ଲାରେ ଆଘାତ ପାଇ ଓହରିଯାଇଥିଲେ ଓ ଏହାପରେ ସେ ସାରା ସିଜନ ଖେଳିପାରି ନଥିଲେ।



■ ମାରାକେକ୍ ଓପନ୍ ଟେନିସ୍

# ଯୁଗଳ ସେମିରେ ୟୁକି ଭାମ୍ବ୍ରୀ

ମାରାକେକ୍, ୫।୪(ଏଜେନ୍ସି): ମରକ୍କୋର ମାରକେକ୍‌ରେ ଚାଲିଥିବା ଏଟିପି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ୟୁକି ଭାମ୍ବ୍ରୀ ପୁରୁଷ ଯୁଗଳ ପ୍ରତିଯୋଗିତାର ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଅଣସିଡ୍ ଭାମ୍ବ୍ରୀ ଓ ତାଙ୍କ ଫ୍ରେଞ୍ଚ୍ ସାଥି ଅଲବାନୋ ଓଲିଭେଟି ୭-୬, ୬-୭, ୧୦-୭ ସେଟ୍‌ରେ କଲମ୍ବିଆ ଓ ବ୍ରାଜିଲ ଯୋଡି ନିକୋଲାସ ବ୍ୟାରିଏଣ୍ଟୋସ ଓ ରାଫାଏଲ ମାତୋସଙ୍କୁ କ୍ୱାର୍ଟର ଫାଇନାଲରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ଏହି ଇଣ୍ଡୋ- ଫ୍ରେଞ୍ଚ ଯୋଡି ଅଷ୍ଟ୍ରେଲିଆର ଦ୍ୱିତୀୟ ସିଡ୍ ଯୋଡି ଲୁକାସ ମିଡ୍‌ଲେର ଓ ଆଲେକଜାଣ୍ଡର ଏଲେରଙ୍କୁ ଭେଟିବେ। ପୂର୍ବରୁ ଭାମ୍ବ୍ରୀ ନେଦରଲାଣ୍ଡସର ରବିନ ହାସଙ୍କ ସାଥି ହୋଇ ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିଲେ। କିନ୍ତୁ ଏବେ ସେ ଓଲିଭେଟିଙ୍କ ସହ ସାଥି ହୋଇ ପ୍ରଥମଥର ପାଇଁ ଖେଳୁଛନ୍ତି। ଏଟିପି ଯୁଗଳ ମାନ୍ୟତାରେ ୩୧ ବର୍ଷୀୟ ଭାମ୍ବ୍ରୀ ଏବେ ୬୨ତମ ସ୍ଥାନରେ ରହିଛନ୍ତି। ପ୍ୟାରସ୍ ଅଲିମ୍ପିକ୍ସରେ କିନ୍ତୁ ଅଭିଜ୍ଞ ରୋହନ ବୋପାନ୍ନା ଓ ଭାମ୍ବ୍ରୀ ସାଥି ହୋଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ବୋପାନ୍ନା ଯୁଗଳ ମାନ୍ୟତାରେ ଶ୍ରେଷ୍ଠ -୧୦ରେ ରହିଥିବାରୁ ନିଜ ସାଥି ଖେଳାଳି ବାଛିବାକୁ ସ୍ୱାଧୀନତା ପାଇଛନ୍ତି।



ରାଜମାତା ଜିଜାବାଇ ଟ୍ରଫି

# ଗ୍ରୁପ୍-ବି'ରେ ଓଡ଼ିଶା

ଭୁବନେଶ୍ୱର, ୫।୪ (ସମିସ): ଜାତୀୟ ବରିଷ୍ଠ ମହିଳା ଫୁଟ୍‌ବଲ ପ୍ରତିଯୋଗିତା ରାଜମାତା ଜିଜାବାଇ ଟ୍ରଫିର ଫାଇନାଲ ରାଉଣ୍ଡ ମେ ୧ରୁ ପଶ୍ଚିମବଙ୍ଗରେ ଆରମ୍ଭ ହେବ। ଏଥିଲାଗି ଗ୍ରୁପ୍ ତାଲିକା ପ୍ରକାଶ ପାଇଛି। ମୋଟ୍ ୧୨ ଗୋଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗତ ସଂସ୍କରଣର ଉପବିଜେତା ହରିୟାଣା ସମେତ ଓଡ଼ିଶା, ସିକ୍କିମ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଣିପୁର ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ତାମିଲନାଡୁ, ଘରୋଇ ପଶ୍ଚିମବଙ୍ଗ, ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ରେଳବାଇ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ଘରୋଇ ପଶ୍ଚିମବଙ୍ଗ ସହ ତାମିଲନାଡୁ ଓ ହରିୟାଣା ସିଧାସଳଖ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ରାଉଣ୍ଡରେ ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ଏହାପରେ ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ମେ ୧୫ରେ ଫାଇନାଲ ଖେଳାଯିବ।

ଖେଲୋ ଇଣ୍ଡିଆ ଉପକନିଷ୍ଠ ବାଳିକା ହକି

# ଫାଇନାଲରେ ଓଡ଼ିଶା ନାଭାଲ ଟାଟା ଏକାଡେମୀ



ଭୁବନେଶ୍ୱର, ୫।୪ (ସମିସ)

ଲକ୍ଷ୍ନୌରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ଉପକନିଷ୍ଠ ବାଳିକା ହକି ଲିଗ୍ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଓ ସାଇ ଶକ୍ତି ଟିମ୍ ମଧ୍ୟରେ ଶନିବାର ଫାଇନାଲ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଓ ସୋନେପତ୍‌ର ପ୍ରୀତମ୍ ସିୱାଚ୍ ହକି ଏକାଡେମୀ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ୩-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଥିଲେ। ଓଡ଼ିଶା ନାଭାଲ ଟାଟା ପକ୍ଷରୁ ଡଲି ଭୋଇ ଦ୍ୱିତୀୟ କ୍ୱାର୍ଟର ତଥା ୩୦ତମ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ପାୟଲ ସୋଙ୍କର (୫୦ତମ) ଓ ଦ୍ରୁପତି ନାୟକ (୫୭ତମ) ଗୋଟିଏ ଲେଖାଏ ଗୋଲ୍ ଦେବାରୁ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ୩-୦ରେ ସହଜ ବିଜୟ ହାସଲ କରିଥିଲା।

ଏଥିପୂର୍ବରୁ ପ୍ରଥମ ସେମିଫାଇନାଲରେ ସାଇଶକ୍ତି ଟିମ୍ ଓ ସାଇ ବାଲ୍ ଟିମ୍ ପରସ୍ପରକୁ ଭେଟିଥିଲେ। ଏଥିରେ ଭବ୍ୟାଙ୍କ ଡବଲ୍ ଗୋଲ୍ ବଳରେ ସାଇ ଶକ୍ତି ଟିମ୍ ୫-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା। ଶନିବାର ଅପରାହ୍ଣ ୩ଟାରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ସାତ୍ତ୍ୱିକ-ଚିରାଗ ଓହରିଲେ

ନୂଆଦିଲ୍ଲୀ, ୫।୪(ଏଜେନ୍ସି): ଆସନ୍ତା ୯ରୁ ୧୪ ତାରିଖ ମଧ୍ୟରେ ଚୀନ୍‌ର ନିଙ୍ଗବୋଠାରେ ଆୟୋଜନ ହେବାକୁ ଯାଉଥିବା ବ୍ୟାଡମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରୁ ଭାରତୀୟ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଓହରିଯାଇଛନ୍ତି। ଆଘାତ କାରଣରୁ ବିଶ୍ୱର ଏହି ୧ ନଂ ପୁରୁଷ ଯୋଡି ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। କାନ୍ଧରେ ଆଘାତ ସମସ୍ୟା ଦେଇ ସାତ୍ତ୍ୱିକ ଗତି କରୁଛନ୍ତି ଓ ଏଥିରୁ ମୁକୁଳିବାକୁ ପ୍ରୟାସ ଜାରି ରଖିଛନ୍ତି। ତେଣୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଭାଗ ନେବେ ନାହିଁ। ଗତବର୍ଷ ଏପ୍ରିଲ୍‌ରେ ଦୁବାଇରେ ଅନୁଷ୍ଠିତ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଯୁଗଳ ଟାଇଟଲ ଜିତିଥିଲେ। ୧୯୬୫ ପରେ ପ୍ରଥମ ଭାରତୀୟ ଯୋଡି ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଥିଲେ। ଏବେ ଏହି ଟୁର୍ଣ୍ଣାମେଣ୍ଟରେ ଏଚ୍ ପ୍ରଣୟ, ଲକ୍ଷ୍ୟ ସେନ୍ ଓ ପିଭି ସିନ୍ଧୁ ଅଂଶଗ୍ରହଣ କରିବେ। ସାତ୍ତ୍ୱିକ- ଚିରାଗ କ୍ରମାଗତ ୧୦ ସପ୍ତାହ ବିଶ୍ୱ ମାନ୍ୟତାରେ ଶୀର୍ଷରେ ରହି ରେକର୍ଡ କରିବା ସହ ସାନିଆ ମିର୍ଜା(୯ ସପ୍ତାହ)ଙ୍କୁ ଟପିଥିଲେ।

କଳାହାଣ୍ଡି କପ୍ କ୍ରିକେଟ୍

# ରାଘବେନ୍ଦ୍ରଙ୍କ ଶତକ; ବଲାଙ୍ଗିରର ବୃହତ୍ ବିଜୟ

କଟକ, ୫।୪(ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିଲଭର-ଏ ଏବଂ ବି ଗ୍ରୁପର ଏକ ଲିଗ୍ ମ୍ୟାଚ୍‌ରେ ବଲାଙ୍ଗିର ୨୨୪ ରନରେ କଳାହାଣ୍ଡିକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚରେ ବଲାଙ୍ଗିର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ରାଘବେନ୍ଦ୍ର ତ୍ରିପାଠୀ ୧୨୯ ବଲରୁ ୧୩୧ ରନର ଶତକୀୟ ପାଳି ଖେଳିଥିଲେ। ଏହାଛଡ଼ା ଶୁଭାଶିଷ ମିର୍ଦ୍ଧାଙ୍କ ଦ୍ରୁତ (୭୮ ରନ) ବ୍ୟାଟିଂ ବଳରେ ଦଳ ୯ ୱିକେଟ ବିନିମୟରେ ୩୧୬ ରନ ସଂଗ୍ରହ କରିଥିଲା। କଳାହାଣ୍ଡିର ସୁଖମୀତ ଗିଲ୍ ୪ ଏବଂ ସାଇ ପ୍ରସାଦ ପଟ୍ଟନାୟକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କଳାହାଣ୍ଡି ମାତ୍ର ୯୨ ରନରେ ଅଲଆଉଟ ହୋଇଥିଲା। ଆଶୁତୋଷ କୁମାର ସର୍ବାଧିକ ୩୫ ରନ ସଂଗ୍ରହ କରିଥିଲେ। ବଲାଙ୍ଗିର ପକ୍ଷରୁ ଗୌରବ କୁମ୍ଭାର ୩ ଏବଂ ବିକି ନାଗ ଓ ଆୟୁଷ୍ମାନ ଦାସ ୨ଟି ଲେଖାଏ ୱିକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ଆଠଗଡ଼ସ୍ଥିତ ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ହାଇସ୍କୋରିଂ ମ୍ୟାଚରେ ଦେବଗଡ଼ ୪୧ ରନରେ ଜଗତସିଂହପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଦେବଗଡ଼ ଆଶିଷ ପରିଜା (୯୨ ରନ), ଶୁଭମ ବିଶ୍ୱାଳ (୭୫) ଓ ପ୍ରକାଶ ସାହୁ (୫୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୩୦୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ସମୀର ମହାନ୍ତିଙ୍କ ୫୪ ରନ ସତ୍ତ୍ୱେ ଜଗତସିଂହପୁର ୯ ୱିକେଟ୍‌ରେ ୨୬୬ ରନ କରିବାକୁ ସମର୍ଥ ହୋଇଥିଲା। ଶୁଭମ ୩ ଓ ଲିପୁ ନାୟକ ୨ଟି ୱିକେଟ୍ ନେଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଗଞ୍ଜାମ ୯ ୱିକେଟରେ ନବରଙ୍ଗପୁରକୁ, ନିମପୁର ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୮ ୱିକେଟରେ ଗଜପତିକୁ, ବାରବାଟୀ ଷ୍ଟାଡିୟମରେ ନୂଆପଡ଼ା ୫୫ ରନରେ ମାଲକାନଗିରିକୁ, ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁର-ବି ୭୭ ରନରେ ରାୟଗଡ଼ାକୁ ପରାସ୍ତ କରିଥଲା। ଗଞ୍ଜାମର ଓମ୍ ଟି, ମୁଣ୍ଡେ (୬୫ ରନ ଓ ଗୋଟିଏ ୱିକେଟ୍), କେନ୍ଦ୍ରାପଡ଼ାର ରାକେଶ ଦାସ (୨ ୱିକେଟ), ନୂଆପଡ଼ାର ପ୍ରତୀକ ପଟ୍ଟନାୟକ (୪ ୱିକେଟ) ଓ ସମ୍ବଲପୁର-ବି'ର ଶ୍ରେଷ୍ଠ ସିଂ (୮୧ ରନ ଓ ଗୋଟିଏ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।



ରାଘବେନ୍ଦ୍ର ତ୍ରିପାଠୀ



ଶୁଭମ ବିଶ୍ୱାଳ



ପ୍ରତୀକ ପଟ୍ଟନାୟକ

# ଅଭିଷେକଙ୍କ ବିସ୍ଫୋରଣ
# ଚେନ୍ନାଇ ଚିତ୍‌ପଟାଙ୍ଗ



ହାଇଦରାବାଦ୍, ୫।୪(ଏଜେନ୍ସି)

ଯୁବ ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଓ ଆଇଡେନ ମାର୍କରାମଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ୧୮ତମ ଆଇପିଏଲ୍ ମ୍ୟାଚ୍‌ରେ ଘରୋଇ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୬ ୱିକେଟରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ହାଇଦ୍ରାବାଦ୍ ଚତୁର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଥିଲାବେଳେ ୪ର୍ଥ ମୁକାବିଲାରୁ ଚିତପଟାଙ୍ଗ ହୋଇଥିବା ଚେନ୍ନାଇ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ଘରୋଇ ଦଳର ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ମାତ୍ର ୧୬୫ ରନ୍ କରିଥିଲା। ଜବାବରେ ଅଭିଷେକ ଶର୍ମା ମାତ୍ର ୧୨ଟି ବଲ୍‌ରେ ୩ ଚୌକା ଓ ୪ଛକା ସହାୟତାରେ ୩୭ ରନ୍ କରି ବିଜୟ ରାସ୍ତା ପରିଷ୍କାର କରିଥିଲେ। ତାଙ୍କ ଆଉଟ ପରେ ମାର୍କରାମ ୩୬ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୫୦, ଟ୍ରାଭିସ୍ ହେଡ୍ ୨୪ ବଲ୍‌ରେ ୩୧ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଘରୋଇ ଦଳ ୧୧ଟି ବଲ ଓ ୬ ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଚେନ୍ନାଇ ପକ୍ଷରୁ ମୋଇନ୍ ଅଲି ୨ଟି ୱିକେଟ ପାଇଥିଲେ।

### ସିଏସ୍‌କେର ବ୍ୟାଟିଂ ବିଫଳତା

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ଆରମ୍ଭରୁ ବ୍ୟାଟିଂରେ ଫେଲ ମାରିଥିଲେ। ଦଳ ୨୫ ରନ୍‌ରେ ତାରକା ଖେଳାଳି ରାଚିନ ରବୀନ୍ଦ୍ରଙ୍କ ୱିକେଟ ହରାଇବା ପରେ ବଡ଼ ପାର୍ଟନରସିପ ଦେଖିବାକୁ ମିଳି ନଥିଲା। ଦ୍ୱିତୀୟ ୱିକେଟରେ ରାହାଣେ ଓ ଋତୁରାଜ ୨୪ ବଲ୍‌ରେ ୨୯ ରନ୍ ଉଠାଇଥିଲେ। କିନ୍ତୁ ହାଇଦ୍ରାବାଦ୍ ବୋଲିଂ ଆଗରେ କେହି ବେଶିସମୟ ତିଷ୍ଠି ପାରି ନଥିଲେ। ତୃତୀୟ ୱିକେଟରେ ରାହାଣେ ଓ ଶିବମ ଦୁବେ ୩୯ ବଲ୍‌ରେ ୬୫ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଆଡେ ନେଇଥିଲେ। କିନ୍ତୁ ଉଭୟ ଖେଳାଳି ଶୀଘ୍ର ଆଉଟ ହୋଇଥିଲେ। ଦୁବେ ଦଳ ପକ୍ଷରୁ ସର୍ବାଧିକ ୪୫ ଓ ରାହାଣେ ଦ୍ୱିତୀୟ ସର୍ବାଧିକ ୩୫ ରନ୍ କରିଥିଲେ। ଦୁବେ ମାତ୍ର ୨୪ ବଲ୍ ଖେଳି ୨ ଚୌକା ଓ ୪ ଛକା ମାରିଥିଲାବେଳେ ରାହାଣେ ୩୦ ବଲ୍‌ର ସହାୟତା ନେଇଥିଲେ। କିନ୍ତୁ ରବୀନ୍ଦ୍ର ଜାଡେଜାଙ୍କ ସହ ଡାରିଲ ମିଚେଲ ଯୋଗଦେବା ପରେ ରନ୍ ହାର ବଢ଼ିଥିଲା। ଏମାନେ ୫ମ ୱିକେଟରେ ୨୭ଟି ବଲ୍‌ରୁ ୩୩ ରନ୍ ଉଠାଇ ଦଳର ସ୍କୋରକୁ ୧୫୦ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲେ। ଜାଡେଜା ୪ ଚୌକା ସହ ୩୧ ଓ ମିଚେଲ ୧୧ ବଲ୍‌ରୁ ୧୩ ରନ୍ କରିଥିଲେ।

ହାଇଦରାବାଦ୍ ପକ୍ଷରୁ ସମସ୍ତ ବୋଲର କିଛି ନା କିଛି ସଫଳତା ପାଇଥିଲେ। କେବଳ ଟି ନଟରାଜନ ୪ ଓଭରରେ ସର୍ବାଧିକ ୩୯ ରନ୍ ଦେଇଥିଲେ। ଭୁବନେଶ୍ୱର କୁମାର, ନଟରାଜନ, ଅଧିନାୟକ ପ୍ୟାଟ କମିନ୍ସ, ଶାହାବାଜ ଅହମ୍ମଦ୍ ଓ ଜୟଦେବ ଉନାଦକତଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ | ୪ | ୨ | ୨ | ୪ | +୦.୫୧୭ |
| ଲକ୍ଷ୍ନୌ | ୩ | ୨ | ୧ | ୪ | +୦.୪୮୩ |
| ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ | ୪ | ୨ | ୨ | ୪ | -୦.୫୮୦ |
| ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ରାଜସ୍ଥାନ- ବେଙ୍ଗାଲୁରୁ**
ସ୍ଥାନ- ଜୟପୁର, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ମୋତେ କାହିଁକି ଛାଡ଼ିଲେ ଶାହରୁଖଙ୍କୁ ପଚାରିବେ: ଗିଲ୍



ଶୁବମାନ ଗିଲ୍ ଏବେ ଭାରତର ଜଣେ ଉଦୀୟମାନ କ୍ରିକେଟ ତାରକା। ଚଳିତ ସିଜନରେ ସେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଉଛନ୍ତି। ଗିଲ୍ ପ୍ରଥମେ ୨୦୧୮ ରୁ ୨୦୨୧ ଯାଏ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଖେଳିଥିଲେ। ଏହି ୪ଟି ସିଜନରେ ସେ ୫୮ ଟି ମ୍ୟାଚ୍ ଖେଳିଥିଲେ। କିନ୍ତୁ ୨୦୨୧ରେ ତାଙ୍କୁ ଦଳରୁ ବାଦ୍ ଦିଆଗଲା। ଏହି ବର୍ଷ ନିଲାମିରେ ଗୁଜରାଟ ଟାଇଟାନ୍ସ ତାଙ୍କୁ ୮ କୋଟି ଟଙ୍କା ବିନିମୟରେ କିଣିନେଇଥିଲା। ଗତବର୍ଷ ଗୁଜରାଟ ପକ୍ଷରୁ ଖେଳି ସେ ୧୭ଟି ମ୍ୟାଚ୍‌ରୁ ୫୯.୩୩ ହାରରେ ୮୯୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ୩ଟି ଶତକ ଓ ୪ଟି ଅର୍ଦ୍ଧଶତକ ଥିଲାବେଳେ ଅରେଞ୍ଜ କ୍ୟାପ୍ ପାଇଥିଲେ। ନିକଟରେ ସଙ୍ଗୀତଜ୍ଞ ଏଡ୍ ଶିରନଙ୍କ ସହ ସାକ୍ଷାତକାର ହୋଇଥିଲା। ଏଥିରେ କ୍ରିକେଟ ସହ ଅନ୍ୟ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ବଲିଉଡ ତାରକା ଶାହରୁଖ ଖାନଙ୍କ ମାଲିକାନାରେ ଥିବା କୋଲକାତା ପକ୍ଷରୁ ଖେଳୁଥିବା ସୂଚନା ଦେଇଥିଲେ। ଏହା ପରେ ଶାହରୁଖଙ୍କ ସହ ଶିରନ ସାକ୍ଷାତ କରିବେ ବୋଲି କହିଥିଲେ। ଶାହରୁଖ ମୋତେ କାହିଁକି ଛାଡିଲେ, ତାଙ୍କୁ ପଚାରିବେ ବୋଲି ଗିଲ୍ କହିଥିଲେ। ଏଥିରେ କିଛି ସମୟ ହାସ୍ୟରୋଳ ସୃଷ୍ଟି ହୋଇଥିଲା। କିନ୍ତୁ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

## ଅଭ୍ୟାସ କଲେ ସୂର୍ଯ୍ୟକୁମାର

ଚଳିତ ଆପିଏଲ୍‌ର ପ୍ରଥମ ଦୁଇ ସପ୍ତାହରେ ଯେଉଁ ପ୍ରତିଷ୍ଠିତ ତଥା ଲୋକପ୍ରିୟ ଖେଳାଳିଙ୍କ ଖେଳ ଦେଖିବାକୁ ମିଳି ନ ଥିଲା ସେମାନଙ୍କ ମଧ୍ୟରେ ବିଶ୍ୱର ନମ୍ବର-୧ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଥିଲେ ଅନ୍ୟତମ। ତାଙ୍କ ଅନୁପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏହି ପରାଜୟକୁ ନେଇ ନାନା ବିବାଦ ସୃଷ୍ଟି ହେବା ସମୟରେ ସୂର୍ଯ୍ୟକୁମାର ଫିଟ୍ ହୋଇ ଦଳ ସହ ଯୋଗ ଦେଇଛନ୍ତି ଓ ଶୁକ୍ରବାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ବେଳେ ସେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା କଥା ଜଣାଯାଇଛି। ଏହା ଫଳରେ ରବିବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କର ଖେଳିବା ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ଫଳରେ ମୁମ୍ବାଇ ସନ୍ଦେହ ମଧ୍ୟରେ ରହିଛି। ଆଣ୍ଠୁରେ ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ନ୍ୟାସନାଲ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେଉଥିଲେ। ଏବେ ସେ ଫିଟ୍ ହୋଇଛନ୍ତି। ଶୁକ୍ରବାର ଏକ ଘଣ୍ଟାକାଳ ସେ ନେଟ୍ସରେ କଟାଇଥିଲେ। ଚିଫ୍ କୋଚ୍ ମାର୍କ ବାଉଚର ଓ ବ୍ୟାଟିଂ କୋଚ୍ କାଇରନ ପୋଲାର୍ଡଙ୍କ ସେ ଆଲୋଚନା ମଧ୍ୟ କରିଥିଲେ। ଶେଷଥର ଲାଗି ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍‌ରେ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ୫୬ ବଲ୍‌ରେ ୧୦୦ ରନ୍ କରିବା ସହ ଆହତ ହୋଇଥିଲେ। ଏହା ପରେ ତାଙ୍କର ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ କରାଯାଇଥିଲା। ଯାହା ଫଳରେ ଘରୋଇ ମାଟିରେ ଆଫଗାନିସ୍ତାନ ସହ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଖେଳି ନ ଥିଲେ। ଏବେ ସେ ପ୍ରଥମଥର ପଡ଼ିଆକୁ ଆସିଛନ୍ତି। ରବିବାର ମ୍ୟାଚ୍ ଖେଳିବାକୁ ସେ ଫିଟ୍ ଅଛନ୍ତି କି ନାହିଁ ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ।



## କୁଲଦୀପ ଯାଦବଙ୍କୁ ବିଶ୍ରାମ



ମୁମ୍ବାଇ, ୫।୪(ଏଜେନ୍ସି): ଭାରତର ବାମହାତୀ ସ୍ପିନ୍ ବୋଲର କୁଲଦୀପ ଯାଦବ ସାମାନ୍ୟ ଆହତ ହୋଇଛନ୍ତି। ଏହା ଫଳରେ ସେ ଦିଲ୍ଲୀ କ୍ୟାପିଟାଲ୍ସର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିବାକୁ ବଞ୍ଚିତ ହୋଇଛନ୍ତି। ତାଙ୍କ ଆଘାତ ସମସ୍ୟା ସମ୍ପର୍କରେ ବିଶେଷ କିଛି ସୂଚନା ନାହିଁ। କିମ୍ବା ସେ କେବେ ମ୍ୟାଚ୍ ଖେଳିବେ ତାହା ମଧ୍ୟ ଜଣାନାହିଁ। ଗତ ଦୁଇଟି ମ୍ୟାଚ୍‌ରେ ଦିଲ୍ଲୀ ଶୋଚନୀୟ ପରାଜୟ ବରଣ କରିଥିଲାବେଳେ କୁଲଦୀପଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ଏଭଳି ସ୍ଥିତିରେ ତାଙ୍କ ଫିଟ୍‌ନେସ ନେଇ ବିସିସିଆଇ ନଜର ରଖିଛି। ଆସନ୍ତା ଜୁନ୍ ମାସରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏଥିରେ କୁଲଦୀପ ଭାରତର ପ୍ରମୁଖ ସ୍ପିନର ଭାବେ ଖେଳିବେ। ଏଣୁ ତାଙ୍କ ଆଘାତ ସମସ୍ୟା ଉପରେ ଟିକି ନିଖି ବିବରଣୀ ଦେବାକୁ ବିସିସିଆଇ ଦିଲ୍ଲୀ କ୍ୟାପିଟାଲ୍ସକୁ କହିଛି। କିନ୍ତୁ ସେ ଦଳ ସହ ଯାଉଥିବାରୁ ଆଘାତ ସମସ୍ୟା ଗୁରୁତର ନୁହେଁ ବୋଲି କୁହାଯାଉଛି। ରବିବାର ମୁମ୍ବାଇ ଇଣ୍ଡିଆନ୍ସ ସହ ଦିଲ୍ଲୀ ତାହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ସେ ଖେଳିବା ନେଇ ଦିଲ୍ଲୀର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଆଶାବାଦୀ ଅଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ କୁଲଦୀପ ୪ଟି ମ୍ୟାଚ ଖେଳି ୧୯ଟି ୱିକେଟ ଅକ୍ତିଆର କରିଥିଲେ। ଏପରିକି ଧର୍ମଶାଳାରେ ଖେଳାଯାଇଥିବା ଶେଷ ଟେଷ୍ଟରେ ସେ ମଧ୍ୟ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହା ପରେ ଆଇପିଏଲ୍‌ରେ ସେ ଦିଲ୍ଲୀ ପକ୍ଷରୁ ପ୍ରଥମ ୨ଟି ମ୍ୟାଚ୍ ଖେଳି ୩ଟି ୱିକେଟ ନେବା ପରେ ଆହତ ହୋଇଛନ୍ତି।

## ସୋମନାଥ ମନ୍ଦିରରେ ପାଣ୍ଡ୍ୟାଙ୍କ ପୂଜାର୍ଚ୍ଚନା

ନୂଆଦିଲ୍ଲୀ, ୫।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେବା ପରେ ପ୍ରତିକୂଳ ସ୍ଥିତିର ସମ୍ମୁଖୀନ ହୋଇଥିବା ଭାରତୀୟ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଭଗବାନଙ୍କ ଶରଣ ନେଇଛନ୍ତି। ନିଜ ରାଜ୍ୟ ଗୁଜରାଟର ସୋମନାଥ ମନ୍ଦିରରେ ସେ ପୂଜାଅର୍ଚ୍ଚନା ଓ ପ୍ରାର୍ଥନା କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସୋମନାଥ ମନ୍ଦିର ଟ୍ରଷ୍ଟ ପାଣ୍ଡ୍ୟା ପୂଜା କରୁଥିବାର ଭିଡିଓ ସେୟାର କରିଛି। ପାଣ୍ଡ୍ୟା ଅଧିନାୟକ ହେବା ପରେ ମୁମ୍ବାଇ ବିଜୟ ପାଇଁ ସଂଘର୍ଷ କରୁଛି। ମୁମ୍ବାଇ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାଜୟ ବରଣ କରି ଅଙ୍କ ସାରଣୀର ନିମ୍ନତମ ଅର୍ଥାତ ୧୦ମ ସ୍ଥାନରେ ରହିଛି। ମୁମ୍ବାଇ ତା'ର ପ୍ରଥମ ମ୍ୟାଚ୍‌ରେ ୬ ରନରେ ଗୁଜରାଟ ଟାଇଟନ୍ସଠାରୁ ପରାସ୍ତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦଠାରୁ ୩୧ ରନ ଓ ତୃତୀୟ ମୁକାବିଲାରେ ରାଜସ୍ଥାନ ରୟାଲ୍ସଠାରୁ ୬ ୱିକେଟରେ ପରାସ୍ତ ହୋଇଛି। ରବିବାର ମୁମ୍ବାଇ ତା'ର ଚତୁର୍ଥ ମ୍ୟାଚ୍‌ରେ ଘରୋଇ ୱାଙ୍ଖେଡେ ଷ୍ଟାଡିୟମରେ ଋଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ।



**୧୮ ବର୍ଷରୁ କମ୍ ଏସ୍‌ଏସ୍ ଟେନିସ୍**

## ଆହାନଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୫।୪(ସମିସ)

ସ୍ଥାନୀୟ କଳିଙ୍ଗଷ୍ଟାଡିୟମରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଟିଏବି ଏଆଇଟିଏ ଓ ଓଟିଏ ବାଳିକା ସୁପର ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଆହାନ ଉଭୟ ଏକକ ଓ



ଯୁଗଳ ପ୍ରତିଯୋଗିତାରେ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ଏପ୍ରିଲ ୧ରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏକକ ପ୍ରତିଯୋଗିତାରେ ଆହାନ ୬-୦, ୬-୦ ସେଟ୍‌ରେ ଏକପାଖିଆ ଭାବେ ପଶ୍ଚିମବଙ୍ଗର ଋତୁଜା ଶାହାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ଯୁଗଳରେ ଆହାନ ଓ ପଶ୍ଚିମବଙ୍ଗ ସାଥି ଆକାଂକ୍ଷା ଘୋଷ ୬-୨, ୬-୨ ସେଟ୍‌ରେ ପଶ୍ଚିମବଙ୍ଗର ଋତୁଜା ଶାହା ଓ ଆନ୍ଧ୍ର ପ୍ରଦେଶର କୋଶିତା ଗୋଲିଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଥିଲେ।

### ବାଳକ ଏକକରେ ଦିଗନ୍ତ ଚାମ୍ପିଅନ

ବାଳକ ଏକକରେ କର୍ଣ୍ଣାଟକର ଏମ୍ ଦିଗନ୍ତ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ୭-୫, ୩-୦ ସେଟ୍‌ରେ ଓଡ଼ିଶାର ବରମାନ ଶୁଭ୍ରନିଲଙ୍କୁ ହରାଇ ବାଜି ମାରିଛନ୍ତି। ବାଳକ ଯୁଗଳରେ ମହାରାଷ୍ଟ୍ର ଯୋଡି ପ୍ରଦ୍ୟୁମ୍ନ ସିଂ ତୋମାର ଓ ଦ୍ରିକ୍ ଶାହା ୪-୬, ୬-୩ ସେଟ୍‌ରେ ନିଜ ରାଜ୍ୟର ନୀରଜ ରିଙ୍ଗାଙ୍ଗଙ୍କର ଓ ନୀଲ ଜୋଗଲେକରଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ।

## ଶ୍ରୁତି-ହର୍ଷିତା ଯୋଡ଼ିଙ୍କୁ କାଂସ୍ୟ

ଭୁବନେଶ୍ୱର, ୫।୪ (ସମିସ): କାଜାଖସ୍ତାନ ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ଓଡ଼ିଶାର ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ ପଦକ ସଫଳତା ପାଇଛନ୍ତି। ମହିଳା ଯୁଗଳ ବିଭାଗରେ ଶ୍ରୁତି ଓ ହର୍ଷିତା ଯୋଡ଼ି କାଂସ୍ୟ ପଦକ ହାସଲ କରିଛନ୍ତି। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ୧୩-୨୧, ୧୩-୨୧ ସିଧାସଳଖ ଗେମ୍‌ରେ ୟୁକ୍ରେନ ଯୋଡ଼ି ପୋଲିନା ଓ ୟେଭେନିଆଙ୍କ ନିକଟରୁ ପରାସ୍ତ ହୋଇଥିଲେ।

# ଅବିଶ୍ୱସନୀୟ ବିଜୟର ହିରୋ ଶଶାଙ୍କ

ଅହମ୍ମଦାବାଦ୍, ୫।୪(ଏଜେନ୍ସି)

ପ୍ରତିଦ୍ୱନ୍ଦ୍ୱିତା, ରୋମାଞ୍ଚ ଓ ଅନିଶ୍ଚିତତାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେଉଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସ୍ୱତନ୍ତ୍ର ପରିଚୟ। ଏହି ଟୁର୍ଣ୍ଣାମେଣ୍ଟର ଖେଳରେ ଭରି ରହିଛି ସ୍ୱତନ୍ତ୍ର ରୋମାଞ୍ଚ। ଗୋଟିଏ ମ୍ୟାଚ୍ ବା ଗୋଟିଏ ଇନିଂସରେ ଗୋଟିଏ ଦଳ କିମ୍ବା ଜଣେ ସାଧାରଣ ଖେଳାଳି ହିରୋରେ ପରିଣତ ହୋଇଯାଇଥାନ୍ତି। ଏଭଳି ଏକ ମ୍ୟାଚର ହିରୋ ହୋଇଛନ୍ତି ପଞ୍ଜାବ କିଙ୍ଗ୍‌ସର ଅଲରାଉଣ୍ଡର ଶଶାଙ୍କ ସିଂ। ଏକଦା ଭୁଲ୍‌ରେ ତାଙ୍କୁ ପଞ୍ଜାବ ଫ୍ରାଞ୍ଚାଇଜ୍ କିଣିଥିବା କଥା ସ୍ୱୀକାର କରିଥିଲେ। ଅହମ୍ମଦାବାଦ୍‌ର ୬୦, ୦୦୦ ଦର୍ଶକଙ୍କ ହୋ ହଲାକୁ ଚୁପ୍ କରିଦେଇଥିବା ପଞ୍ଜାବର ଏହି ୩୨ ବର୍ଷିୟ ଖେଳାଳି ଏବେ ଜଣେ ତାରକା ଖେଳାଳିରେ ରୂପାନ୍ତରିତ ହୋଇଛନ୍ତି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ୧୫ ଓଭର ଖେଳ ବେଳକୁ ଏକଦା ୫ ୱିକେଟରେ ୧୧୧ ରନ୍ କରି ବିପଦରେ ପଡ଼ିଥିଲା। ଏହା ପରଠାରୁ ମ୍ୟାଚ୍ ଶଶାଙ୍କ ସିଂ ନିୟନ୍ତ୍ରଣ କରିଥିଲେ। ଠିକ୍ ସମୟରେ ଉପଯୁକ୍ତ ସଟ୍ ମାରି ସେ ଘରୋଇ ମାଟିରେ ଗୁଜରାଟଠାରୁ ବିଜୟ ଛଡ଼ାଇଆଣିଥିଲେ। ସେ ମାରିଥିବା ଛକା ହେଉ କିମ୍ବା ସଟ୍‌ରେ ବିଶେଷ କଷ୍ଟ ସ୍ୱୀକାର କରିଥିବା ଜଣା ପଡ଼ି ନ ଥିଲା। ଏହି ସଟଚୟନ ଓ ଚାପକୁ ମୁକାବିଲା କରିବା ଫଳରେ ଏକଦା ପରାଜୟର ଦ୍ୱାରଦେଶରେ ପହଞ୍ଚିଥିବା ପଞ୍ଜାବ ବିଜୟର ସ୍ୱାଦ ଚାଖିଥିଲା। ଗତ ୧୬ ବର୍ଷରେ ପଞ୍ଜାବ ଏଭଳି ବିଜୟ ହାସଲ କରିପାରି ନଥିଲା। ଏହି ମ୍ୟାଚ୍‌ରେ ଶଶାଙ୍କ ମାତ୍ର ୨୯ଟି ବଲ୍‌ରୁ ୬ଟି କଷ୍ଟଶୂନ୍ୟ ଚୌକା ଓ ୪ଟି ବିଶାଳ ଛକା ସହାୟତାରେ ୬୧ ରନ୍ କରିବା ସହ ଦଳକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଥିଲେ। ଅଧିନାୟକ ଶିଖର ଧାୱନଙ୍କ ମତରେ ଶଶାଙ୍କ ଯେଉଁ ସଟ୍ ମାରିଥିଲେ ସେଥିରେ ବିଶେଷ ଶ୍ରମ ସ୍ୱୀକାର କରି ନ ଥିଲେ। ପୂର୍ବରୁ ସେ ନଂ-୭ରେ ବ୍ୟାଟିଂ କରିବାକୁ ଆସୁଥିଲେ, ଏବେ ତାଙ୍କ ଅର୍ଡରରେ ଉନ୍ନତି



ହୋଇଛି। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲର ନୁର ଅହମ୍ମଦ୍‌ଙ୍କୁ ମାରିଥିବା ଛକାଟି ଥିଲା ସର୍ବୋତ୍କୃଷ୍ଟ। ରଶିଦ୍ ଖାନ୍‌ଙ୍କୁ ଛକା ମାରିବା କଷ୍ଟକର। ତାଙ୍କୁ ମଧ୍ୟ ଶଶାଙ୍କ ସହଜରେ ଛକା ମାରିଥିଲେ। ଏଣୁ ଉମେଶ ଯାଦବଙ୍କୁ ମାରିଥିବା ଛକାଟି ସ୍ୱପ୍ନ ନ ଥିଲା ବୋଲି ଜଣାପଡ଼ିଥିଲା। ମୋହିତ ଶର୍ମାଙ୍କୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଛକା ମାରି ଶଶାଙ୍କ ଏହି ମ୍ୟାଚ୍‌ର ଚାପ କମାଇ ଦେଇଥିଲେ।

- ବାପା ଆଇପିଏସ୍ ଅଫିସର୍
- ୧୫୦ ରନ୍ ଓ ୫ ୱିକେଟ୍ ନେବାରେ ଦେଶରେ ଏକମାତ୍ର କ୍ରିକେଟର୍

ଛତିଶଗଡ଼ର ଭିଲାଇରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟାଟର ଜଣଙ୍କ ଘରୋଇ କ୍ରିକେଟରେ ଛତିଶଗଡ଼, ମୁମ୍ବାଇ ଓ ପୁଡୁଚେରୀ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେହିପରି ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପରେ ପଞ୍ଜାବରୁ ଖେଳିବାକୁ ସୁଯୋଗ ପାଇଛନ୍ତି। କେବଳ ଦଳରେ ସ୍ଥାନ ପାଇବାରେ ତାଙ୍କ ଯାତ୍ରା ସୀମିତ ରହିଥିଲା। ମୁମ୍ବାଇ ଆସି କ୍ଲବ୍ କ୍ରିକେଟ ଖେଳିବା ପରେ ତାଙ୍କ ଖେଳରେ ପରିବର୍ତ୍ତନ ହୋଇଥିଲା। ଡିୱାଇ ପାଟିଲ ଗ୍ରୁପ୍‌ରେ ଚାକିରି ପାଇବା ପରେ ମୁମ୍ବାଇରେ କ୍ରିକେଟ ଖେଳୁଥିଲେ। ପ୍ରତିଷ୍ଠିତ ପ୍ରଶିକ୍ଷକ ବିଦ୍ୟା ପରାଡ଼କର ଓ ଆବେ କୁରୁଭିଲ୍ଲାଙ୍କ ଦ୍ୱାରା ସେ ବିଶେଷ ଭାବେ ଶିକ୍ଷା ଲାଭ କରିଛନ୍ତି। ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ସେ ଡିୱାଇ ପାଟିଲ-ବି' ଟିମ୍‌ର ନେତୃତ୍ୱ ନେଇଥିଲେ। ଏହି ଟିମ୍‌ରେ ଦିନେଶ କାର୍ତ୍ତିକ, ଆୟୁଷ ବଦୋନୀଙ୍କ ପରି ଖେଳାଳି ତାଙ୍କ ନିକଟରେ ଖେଳୁଥିଲେ।

ପେସାଦାର ଖେଳାଳିଭାବେ ଶିଖର ଧାୱନ ଖେଳିବାକୁ ଆସି ଶଶାଙ୍କ ସିଂଙ୍କ ଖେଳରେ ପ୍ରଭାବିତ ହୋଇଥିଲେ। ଫଳରେ ତାଙ୍କୁ ଦୁବାଇରେ ଅନୁଷ୍ଠିତ ନିଲାମିରେ ତାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କାରେ ପଞ୍ଜାବ କିଣିଥିଲା। ଏହା ପରେ ପଞ୍ଜାବ ତାଙ୍କୁ ଭୁଲରେ କିଣିଛି ବୋଲି କହିବା ପରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଶଶାଙ୍କ ନାମରେ ଆଉ ଜଣେ ଘରୋଇ ଖେଳାଳି ଅଛନ୍ତି। ଅବଶ୍ୟ ଏହି ମ୍ୟାଚ୍ ପରେ ପଞ୍ଜାବ କିଛି ତ୍ରୁଟି କରିଛି ବୋଲି ଆଉ ସ୍ୱୀକାର କରିବେ ନାହିଁ। ତାଙ୍କ ପିତା ଜଣେ ଆଇପିଏସ୍ ଅଫିସର ଓ ଏଥିଲାଗି ସେ ବିଭିନ୍ନ ସ୍ଥାନରେ କ୍ରିକେଟ ଖେଳିଛନ୍ତି। ଚଳିତବର୍ଷ ବିଜୟ ହଜାରେ ଟ୍ରଫିର ଗୋଟିଏ ମ୍ୟାଚ୍‌ରେ ୧୫୦ ରନ୍ କରିବା ସହ ୫ ୱିକେଟ ନେଇ ଘରୋଇ କ୍ରିକେଟରେ ବିରଳ ସଫଳତା ପାଇଥିଲେ। ଏହି ମ୍ୟାଚ୍ ପରେ ତାଙ୍କ ନାମକୁ ସମ୍ମାନର ସହ ନିଆଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର